# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୮/୨୦୨୨ (୧୪ ପୃଷ୍ଠା) Bhubaneswar, Monday, August 8/2022 Page 14 ₹ 7.00 ★★★★

୪୮ଶ ଭାଗ ୨୫୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ଆନନ୍ଦ ଫିଡେ ଉପସଭାପତି**

ବିଶ୍ୱନାଥନ ଆନନ୍ଦ ରବିବାର ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ)ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ୧୪

୧୨ **ମିସ୍ ଇଣ୍ଡିଆ ୟୁଏସ୍ଏ 'ଆର୍ଯ୍ୟ ୱାଲ୍‌ଭେକର'**

ଚଳିତ ବର୍ଷ ମିସ୍ ଇଣ୍ଡିଆ ୟୁଏସ୍ଏ ପ୍ରତିଯୋଗିତାରେ ଭାରତୀୟ-ଆମେରିକୀୟ ବଂଶୋଦ୍ଭବ ଆର୍ଯ୍ୟ ୱାଲ୍‌ଭେକର ବିଜୟ ମୁକୁଟ ପିନ୍ଧିଛନ୍ତି।



# ଚମକିଲେ ଭାରତୀୟ ଆଥଲେଟ୍

## ଏଲଦୋସେଙ୍କୁ ସ୍ୱର୍ଣ୍ଣ, ଅବୁବାକରଙ୍କୁ ରୌପ୍ୟ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**



ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ ପଦକ ବିଜୟୀ ଏଲଦୋସେ ପଲ୍ ସ୍ୱର୍ଣ୍ଣ (ଡାହାଣ) ଓ ରୌପ୍ୟ ବିଜେତା ଅବଦୁଲା ଅବୁବାକର।

**ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଭାବୀ ପ୍ରଦର୍ଶନ କରି ଚମକିଛନ୍ତି ଭାରତୀୟ ଆଥଲେଟ୍। ପୂର୍ବ ସଂସ୍କରଣଗୁଡ଼ିକରେ ଶୁଟିଂ, ଭାରୋତ୍ତୋଳନ, କୁସ୍ତି, ବକ୍ସିଂ ଆଦି ଇଭେଣ୍ଟରେ ପ୍ରାଧାନ୍ୟ ବିସ୍ତାର କରି ଆସୁଥିବା ଭାରତ ଏଥର ଆଥଲେଟିକ୍ସରେ ମଧ୍ୟ ଦମ୍ ଦେଖାଇଛି। ଲଙ୍ଗଜମ୍ପରେ ମୁରଲୀ ଶ୍ରୀଶଙ୍କର ରୌପ୍ୟ, ହାଇଜମ୍ପରେ ତେଜସ୍ୱିନୀ ଶଙ୍କର ବ୍ରୋଞ୍ଜ, ୩୦୦୦ ମିଟରରେ ଅବିନାଶ ସାବ୍‌ଲେ ଓ ମହିଳା ୧୦,୦୦୦ ମିଟର ରେସ୍‌ୱାକ୍‌ରେ ପ୍ରିୟଙ୍କା ଗୋସ୍ୱାମୀ ରୌପ୍ୟ ପାଇଥିବାବେଳେ ରବିବାର ଟ୍ରିପଲ ଜମ୍ପରେ ଏଲଦୋସେ ପଲ୍ ସ୍ୱର୍ଣ୍ଣ, ଅବଦୁଲା ଅବୁବାକର ରୌପ୍ୟ ଏବଂ ମହିଳା ଜାଭେଲିନ ଥ୍ରୋରେ ଅନୁ ରାଣୀ ଓ ପୁରୁଷ ୧୦,୦୦୦ ମିଟର ରେସ୍ ୱାକ୍‌ରେ ସନ୍ଦିପ କୁମାର ବ୍ରୋଞ୍ଜ ପଦକ ଜିତି ଭାରତୀୟ କ୍ରୀଡ଼ାକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଛନ୍ତି।**

## ବକ୍ସିଂ: ଅମିତ୍, ନିତୁ, ଜରିନଙ୍କୁ ସ୍ୱର୍ଣ୍ଣ

ବର୍ମିଂହାମ୍, ୭।୮ (ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବକ୍ସିଂ ଇଭେଣ୍ଟରେ ରବିବାର ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ନିତୁ ଘଘାସ, ନିଖତ ଜରିନ ଓ ଅମିତ୍ ପଙ୍ଘାଲ। ସେହିପରି ପୁରୁଷ ଟ୍ରିପଲ ଜମ୍ପ୍‌ରେ ଏଲଦୋସେ ପଲ୍ ସ୍ୱର୍ଣ୍ଣ ଓ ଅବ୍‌ଦୁଲା ଅବୁବାକର ରୌପ୍ୟ ପଦକ ଜିତି ଦେଇ ପାଇଁ ଐତିହାସିକ ସଫଳତା ଲାଭ କରିଛନ୍ତି। ୪୮ କେଜି ମହିଳା ବକ୍ସିଂ (ସାଧାରଣ ଓଜନ ବର୍ଗ)ର ଫାଇନାଲରେ ନିତୁ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ଇଂଲଣ୍ଡର ଡେମି-ଜାଡେ ରେସଜାନଙ୍କୁ ନିର୍ବିବାଦୀୟ ୫-୦ ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ରବିବାର ପ୍ରଥମ ବକ୍ସର ଭାବେ ରିଙ୍ଗ୍‌କୁ ଓହ୍ଲାଇଥିବା ୨୧ ବର୍ଷୀୟା ନିତୁ କ୍ୟାରିୟରରେ ପ୍ରଥମଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେଉଥିଲେ ହେଁ ଫାଇନାଲରେ ପୂରା ୯ ମିନିଟ୍ ଯାକ ପ୍ରାଧାନ୍ୟ ବିସ୍ତାର କରି ଘରୋଇ ବକ୍ସରଙ୍କୁ ପରାସ୍ତ କରିଥିଲେ। ଭିୱାନୀର ନିତୁ ହେଉଛନ୍ତି ହରିୟାଣା ବିଧାନସଭାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଝିଅ। ପରିବାର ହିଁ ତାଙ୍କ ପ୍ରେରଣା ବୋଲି ସ୍ୱର୍ଣ୍ଣ ପଦକ ବିଜୟ ପରେ ସେ ପ୍ରକାଶ କରିଥିଲେ। ମହିଳା ୫୦ କେଜି ଲାଇଟ୍ ଫ୍ଲାଇୱେଟ ବକ୍ସିଂ ଫାଇନାଲରେ ବିଶ୍ୱ ଚାମ୍ପିୟନ ଜରିନ ନର୍ଦର୍ନ ଆୟର୍ଲାଣ୍ଡର କାର୍ଲି ମ୍ୟାକ ନଉଲଙ୍କୁ ୫-୦ ବ୍ୟବଧାନରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ୫୧ କେଜି ଫ୍ଲାଇୱେଟ ଫାଇନାଲରେ ଭାରତର ତାରକା ବକ୍ସର ପଙ୍ଘାଲ ୟୁରୋପିଆନ ଚାମ୍ପିୟନଶିପ୍ ସିଲ୍‌ଭର ମେଡାଲିଷ୍ଟ ଇଂଲଣ୍ଡର କିଆରନ ମ୍ୟାକ୍‌ଡୋନାଲ୍ଡଙ୍କୁ ୫-୦ରେ ହରାଇ ଦେଇଥିଲେ। ମ୍ୟାକ୍‌ଡୋନାଲ୍ଡଙ୍କଠାରୁ ଉଚ୍ଚତାରେ କମ୍ ରହିଥିଲେ ହେଁ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ପଙ୍ଘାଲ ଲଢ଼େଇ ଅବସରରେ ନିୟନ୍ତ୍ରଣ ରଖି ଶକ୍ତିଶାଳୀ ପଞ୍ଚ୍ ମାଧ୍ୟମରେ ଘରୋଇ ବକ୍ସରଙ୍କୁ ଧରାଶାୟୀ କରିଥିଲେ। ୪ ବର୍ଷ ପୂର୍ବେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ''ମ୍ୟାକ୍‌ଡୋନାଲ୍ଡ ଉଚ୍ଚତାରେ ବଡ଼ ହୋଇଥିବାରୁ ମୁଁ ଆରମ୍ଭରୁ ଆକ୍ରମଣାତ୍ମକ ଲଢ଼ିଥିଲି ଏବଂ ତାଙ୍କ ଦୁଇ ବାହୁ ମଝିରେ ମାରିବାକୁ ଚେଷ୍ଟା କରିଥିଲି। ତାହା ମଧ୍ୟ କାମ ଦେଇଥିଲା। ଏ କ୍ଷେତ୍ରରେ ମୋ କୋଚ୍‌ଙ୍କ ପରାମର୍ଶ କାମ ଦେଇଥିଲା। ମ୍ୟାକ୍‌ଡୋନାଲ୍ଡ ଜଣେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଥିଲେ'' ବୋଲି ଲଢ଼େଇ ପରେ ପଙ୍ଘାଲ ପ୍ରକାଶ କରିଛନ୍ତି।

### ଟ୍ରିପଲ ଜମ୍ପ

ପୁରୁଷ ଟ୍ରିପଲ ଜମ୍ପ ଇଭେଣ୍ଟରେ ଭାରତ ଐତିହାସିକ ସଫଳତା ଲାଭ କରିଛି। ଭାରତୀୟ ପ୍ରତିଯୋଗୀମାନେ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ☞ପୃଷ୍ଠା-୪











# ଆମ୍‌ସାର୍ ଆଇନ ସଂଶୋଧନ କର

- ନୀତି ଆୟୋଗ ବୈଠକରେ ଫୋକସ୍ ଷ୍ଟେଟ୍ ଦାବି ଦୋହରାଇଲେ ନବୀନ
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଲାଗି ସ୍ୱତନ୍ତ୍ର ବ୍ୟୟବରାଦ ହେଉ



ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୭।୮ (ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ରାନୀ କା ଭାବ୍‌କୁ ୟୁନେସ୍କୋ ଐତିହ୍ୟସ୍ଥଳ ତାଲିକାରେ ସାମିଲ କରିବା ଦିଗରେ ନେଇଥିବା ପଦକ୍ଷେପ ପ୍ରଶଂସନୀୟ। ଉଭୟ କାରିଗରୀ ଓ ଆଇନଗତ ଢାଞ୍ଚାରେ ଏଭଳି ଏତିହ୍ୟସ୍ଥଳଗୁଡ଼ିକର ସଂରକ୍ଷଣ ତଥା ସୁରକ୍ଷା ବ୍ୟବସ୍ଥା କ୍ଷେତ୍ରରେ ବୈଶ୍ୱିକ ସ୍ତରରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଲାଣି। ଭାରତର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ରେ ଆମୂଳଚୂଳ ପରିବର୍ତ୍ତନ ଅଣାଯିବା ଆବଶ୍ୟକ। ☞ପୃଷ୍ଠା-୪

# ଆଜି ଯୁକ୍ତ ୨ କଳା ପରୀକ୍ଷାଫଳ

ଭୁବନେଶ୍ୱର, ୭।୮ (ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇବ। ଅପରାହ୍ଣ ୪ଟାରେ ପରିଷଦ କାର୍ଯ୍ୟାଳୟରେ ଫଳ ଘୋଷଣା କରାଯିବ। www.odisharesults.nic.in ୱେବସାଇଟ୍‌ରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଫଳ ଦେଖିପାରିବେ। ସୂଚନାଯୋଗ୍ୟ, ଗତ ୨୭ ତାରିଖରେ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ନୀତି ଅନୀତି









## ଆଇଏସ୍‌ର ସକ୍ରିୟ ସଦସ୍ୟ ଗିରଫ

ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସଂଗଠନର ଜଣେ ସକ୍ରିୟ ସଦସ୍ୟଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ରବିବାର ଦିଲ୍ଲୀରୁ ଗିରଫ କରିଛି। ମୋହସିନ୍ ଅହମଦ ନାମକ ଉକ୍ତ ଯୁବକ ଆତଙ୍କବାଦୀ ସଂଗଠନ ପାଇଁ ପାଣ୍ଠି ସଂଗ୍ରହ କରୁଥିଲେ ବୋଲି ଏନ୍‌ଆଇଏ ଅଭିଯୋଗ କରିଛି। ବିହାର ପାଟନାର ବାସିନ୍ଦା ମୋହସିନ୍‌ଙ୍କୁ ତାଙ୍କ ବାଟ୍‌ଲା ହାଉସ୍ ଘରୁ ଗିରଫ କରାଯାଇଛି। ଆଇଏସ୍‌ର ଅନ୍‌ଲାଇନ ଏବଂ ଅନ୍-ଗ୍ରାଉଣ୍ଡ କାର୍ଯ୍ୟ ନେଇ ଜୁନ୍ ୨୫ରେ ଏନ୍‌ଆଇଏ ନିଜ ଆଡୁ ମାମଲା ରୁଜୁ କରିଥିଲା।

### ସଂକ୍ଷେପରେ

## ସିଏସ୍‌ଆଇଆର୍‌ରେ ପ୍ରଥମ ମହିଳା ମୁଖ୍ୟ

**ନୂଆଦିଲ୍ଲୀ,୭।୮:** କାଉନସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍)ର ମହାନିର୍ଦ୍ଦେଶିକା ଭାବେ ବରିଷ୍ଠ ବୈଜ୍ଞାନିକ ନଲ୍ଲାଥାମ୍ବି କାଲାଇସେଲ୍‌ଭିଙ୍କୁ ଶନିବାର ନିଯୁକ୍ତି ଦିଆଯାଇଛି।



ସେ ପ୍ରଥମ ମହିଳା ଭାବେ ସାରା ଦେଶରେ ଥିବା ୩୮ଟି ଗବେଷଣାଗାର କନ୍‌ସୋର୍ଟିୟମ୍‌ର ନେତୃତ୍ୱ ନେବେ। ଲିଥିୟମ ଆଇନ ବ୍ୟାଟେରି କ୍ଷେତ୍ରରେ କାର୍ଯ୍ୟ ପାଇଁ ସେ ବେଶ୍ ଜଣାଶୁଣା। ଏବେ କାଲାଇସେଲ୍‌ଭି ତାମିଲନାଡୁର କରାଇକୁଡ଼ିରେ ଥିବା ସିଏସ୍‌ଆଇଆର୍-ସେଣ୍ଟ୍ରାଲ ଇଲେକ୍ଟ୍ରୋକେମିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶିକା ଅଛନ୍ତି। ଏପ୍ରିଲ୍‌ରେ ଅବସର ନେଇଥିବା ଶେଖର ମାଣ୍ଡେଙ୍କ ସ୍ଥାନରେ କାଲାଇସେଲ୍‌ଭି ସିଏସ୍‌ଆଇଆର୍‌ର ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିବେ। ଏଥିସହିତ ସେ ବିଜ୍ଞାନ ଏବଂ ଶିଳ୍ପ ଗବେଷଣା ବିଭାଗର ସଚିବ ଦାୟିତ୍ୱରେ ମଧ୍ୟ ରହିବେ।

## ମୋଦିଙ୍କୁ ରାଖୀ ପଠାଇଲେ ପାକିସ୍ତାନୀ ଭଉଣୀ

**ନୂଆଦିଲ୍ଲୀ,୭।୮:** ରକ୍ଷାବନ୍ଧନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାକିସ୍ତାନୀ ଭଉଣୀ କମାର ମହସିନ ଶେଖ୍ ତାଙ୍କ ପାଖକୁ ଏକ ରାଖୀ ପଠାଇଛନ୍ତି।



ଏଥିସହ ସେ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠାଇଥିବା ଏକ ପତ୍ରରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘଜୀବନ ପାଇଁ ପ୍ରାର୍ଥନା କରିଛନ୍ତି। ଏଥିସହିତ ୨୦୨୪ ସାଧାରଣ ନିର୍ବାଚନ ପାଇଁ ସେ ଭାଇ ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶେଖ୍ ପ୍ରତିବର୍ଷ ମୋଦିଙ୍କ ପାଖକୁ ରାଖୀ ସହିତ ରକ୍ଷାବନ୍ଧନ କାର୍ଡ ପଠାଇଥାନ୍ତି। ଏଥର ସେ ନିଜେ ରେଶମୀ ରିବନ ଏବଂ ଏମ୍ବ୍ରୋଡରି ଡିଜାଇନରେ ରାଖୀ ତିଆରି କରିଥିବାବେଳେ ମୋଦିଙ୍କୁ ଭେଟିବା ଲାଗି ସବୁପ୍ରକାର ପ୍ରସ୍ତୁତି କରିଥିବା କହିଛନ୍ତି।

## ଆଲେକ୍ସାର ନୂଆ ନାଁ 'ଜିଗି'

**ଲଣ୍ଡନ,୭।୮:** ମଲ୍ଟି ନ୍ୟାଶନାଲ ଟେକ୍ନୋଲଜି କମ୍ପାନୀ ଆମାଜନ୍ ଇକୋ ଡିଭାଇସ୍ ଆଲେକ୍ସାର ଆଉ ଏକ ନାମ ବା ୱେକ୍ ୱାର୍ଡ ସ୍ଥିର କରିଛି। ଏହି ନୂଆ ୱେକ୍ ୱାର୍ଡଟି ହେଉଛି 'ଜିଗି'। ଇକୋ ଡିଭାଇସ୍ ଆଲେକ୍ସାର ଏହା ହେଉଛି ପଞ୍ଚମ ୱେକ୍ ୱାର୍ଡ। ପୂର୍ବରୁ ଏହି ଡିଭାଇସ୍ ପାଇଁ ଆଲେକ୍ସା, ଆମାଜନ୍, କମ୍ପ୍ୟୁଟର ଏବଂ ଇକୋ ଭଳି ୱେକ୍ ୱାର୍ଡ ରଖାଯାଇଛି। ଆଲେକ୍ସା ଆପ୍ ଏବଂ ଇକୋ ଶୋ' ଡିଭାଇସ୍‌ର ସେଟିଙ୍ଗ୍ ଅପ୍‌ସନ୍‌କୁ ଯାଇ ଗ୍ରାହକମାନେ ନୂଆ ୱେକ୍ ୱାର୍ଡ ଜିଗି ସେଟ୍ କରିପାରିବେ। ଆଲେକ୍ସାର ୱେକ୍ ୱାର୍ଡ ପାଇଁ ଉଭୟ ମହିଳା ଓ ପୁରୁଷଙ୍କ ଭଏସ୍‌କୁ ବ୍ୟବହାର କରାଯାଇପାରିବ। ଗ୍ରାହକମାନଙ୍କ ସୁବିଧାକୁ ଦୃଷ୍ଟିରେରଖି କମ୍ପାନୀ ପକ୍ଷରୁ ଏକାଧିକ ୱେକ୍ ୱାର୍ଡ ବିକଶିତ କରାଯାଉଥିବା ଆଲେକ୍ସା ୟୁକେ କଣ୍ଟ୍ରି ମ୍ୟାନେଜର ଡେନିସ୍ ଷ୍ଟାନ୍‌ସବରି କହିଛନ୍ତି। ଆଲେକ୍ସା ପାଇଁ ୱେକ୍ ୱାର୍ଡଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ଇକୋ ଡିଭାଇସ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଏହାର ବ୍ୟବହାର କରାଯାଇଥାଏ।

## ବଜ୍ରପାତରେ ତୈଳ ଡିପୋ ଜଳିଗଲା

### ୧୭ ନିଖୋଜ, ୧୨୧ ଆହତ

**ହାଭାନା, ୭।୮:** କ୍ୟୁବାର ମତାନ୍‌ଜାନ୍ସ ସହରରେ ବଜ୍ରପାତ ଯୋଗୁ ଏକ ତୈଳ ଡିପୋରେ ବିସ୍ଫୋରଣ ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ନିଆଁ ଲିଭାଇବାକୁ ଯାଇଥିବା ୧୭ କର୍ମଚାରୀ ନିଖୋଜ ଅଛନ୍ତି। ଅନ୍ୟୂନ ୧୨୧ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ରାତିରେ ସେଠାରେ ବଜ୍ରପାତ ହୋଇଥିବା ସେଠାକାର ଶକ୍ତିମନ୍ତ୍ରୀ ଟୁଇଟ କରିଛନ୍ତି। ପ୍ରଥମେ ବଜ୍ରପାତ ଯୋଗୁ ଗୋଟିଏ ତେଲ ଟ୍ୟାଙ୍କରେ ନିଆଁ ଲାଗି ଯାଇଥିଲା। ପରେ ଦ୍ୱିତୀୟ ଟାଙ୍କିକୁ ବ୍ୟାପିବାରୁ ତାହା ମଧ୍ୟ ବିସ୍ଫୋରଣ ହୋଇଥିଲା। ଏଥିରୁ ବିପୁଳମାତ୍ରାରେ ବାହାରିଥିବା ଧୂଆଁ ଓ ବାଷ୍ପ ପ୍ରାୟ ଶହେ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଯାଇଥିଲା। ତୈଳ ସଙ୍କଟରେ କ୍ୟୁବା ଯୁଝି ହେଉଥିବାବେଳେ ଏପରି ଦୁର୍ଘଟଣା ଯୋଗୁ ଚିନ୍ତା ବଢ଼ିଛି। ତେବେ ବାସ୍ତବରେ କେତେମାତ୍ରାରେ ତୈଳ ନଷ୍ଟ ହୋଇଛି ତାହା ଜଣାପଡ଼ିନାହିଁ।




ରୁଷିଆକୁ ଆତଙ୍କବାଦୀ ଦେଶ ଘୋଷଣା କରିବା ଦାବିରେ ମାରିଉପୋଲରେ ଜଣେ ୟୁକ୍ରେନ୍ ସୈନିକଙ୍କ ସ୍ତ୍ରୀ ଏବଂ ଜନସାଧାରଣ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଆଜାଦିସାଟ୍ ବାଟବଣା

ଶ୍ରୀହରିକୋଟା, ୭।୮

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ରବିବାର ଉତ୍କ୍ଷେପଣ କରାଯାଇଥିବା ଇଓଏସ୍-୨ ଏବଂ ଆଜାଦିସାଟ୍ ଉପଗ୍ରହ ପୃଥିବୀ କକ୍ଷପଥରେ ଠିକ୍ ସ୍ଥାନରେ ପହଞ୍ଚିପାରିନାହିଁ। ସକାଳେ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଇସ୍ରୋ କ୍ଷୁଦ୍ର ଉପଗ୍ରହ ଉତ୍କ୍ଷେପଣ ଯାନ ଏସ୍‌ଏସ୍‌ଏଲ୍‌ଭି-ଡି୧ ଯୋଗେ ଏହି ଦୁଇଟି ସାଟେଲାଇଟକୁ ପଠାଇଥିଲା। ଗୋଲାକାର ପଥରେ ନ ଘୂରି କକ୍ଷଚ୍ୟୁତ ହୋଇଥିବାରୁ ଶେଷପର୍ଯ୍ୟାୟରେ ଏହାର ଡାଟା ନଷ୍ଟ ହୋଇଛି। ଫଳରେ ଏହି ସାଟେଲାଇଟ ଦ୍ୱୟ ଆଉ ଲକ୍ଷ୍ୟ ହାସଲରେ ଉପଯୋଗୀ ହୋଇପାରିବେ ନାହିଁ ବୋଲି ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି। ତେବେ ଏଥିରେ ଅଧିକ କାର୍ଯ୍ୟ କରାଯାଇ ଏସ୍‌ଏସ୍‌ଏଲ୍‌ଭି-ଡି୨କୁ ପ୍ରସ୍ତୁତ କରାଯିବ ଏବଂ ସାଟେଲାଇଟ୍ ଉତ୍କ୍ଷେପଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସ୍ୱାଧୀନତା ଦିବସ ପାଳନର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ



୭୫୦ ସ୍କୁଲ ଛାତ୍ରୀ ଆଜାଦିସାଟ୍ ପ୍ରସ୍ତୁତ କରିଥିଲେ। ଏହା ଏକ ୮-ୟୁ କ୍ୟୁବ୍‌ସାଟ୍ ହୋଇଥିବାବେଳେ ଏହାର ଓଜନ ପ୍ରାୟ ୮ କେଜି। ଏଥିରେ ବିଭିନ୍ନ ପ୍ରକାରର ୭୫ ପ୍ଲେଲୋଡ୍ ରହିଥିଲା। ପ୍ରତି ପ୍ଲେଲୋଡ୍‌ର ଓଜନ ପ୍ରାୟ ୫୦ କେଜି ହେବ।

# ସମରାଭ୍ୟାସ ଶେଷରେ ଛକାପଞ୍ଝା

ବେଜିଂ/ତାଇପେଇ, ୭।୮

ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତରେ ପ୍ରତିକ୍ରିୟାଶୀଳ ହୋଇ ଚାଇନା ୪ ଦିନ ହେଲା ତାଇୱାନ ପ୍ରଣାଳୀରେ ଚଳାଇଥିବା ବଡ଼ଧରଣର ସମରାଭ୍ୟାସ ରବିବାର ଶେଷ ହୋଇଛି। ତାଇୱାନ ସନୋ ମଧ୍ୟ ଚାଇନା ଯୁଦ୍ଧ ଜାହାଜ ଏବଂ ଯୁଦ୍ଧପୋତକୁ ନିଜ ସୀମାରୁ ହଟାଇବା ପାଇଁ ଦକ୍ଷତା ପ୍ରଦର୍ଶନ କରିଛି। ଫଳରେ ଚାଇନା ଓ ତାଇୱାନ ମଧ୍ୟରେ କିଛି ଦିନ ହେଲା 'ମୂଷା-ବିଲେଇ' ପରି ଛକାପଞ୍ଝା ଦେଖିବାକୁ ମିଳିଛି। ଶେଷଦିନରେ ତାଇୱାନ ପ୍ରଣାଳୀରେ ବେଜିଂ ଓ ତାଇପେଇର ପ୍ରାୟ ୨୦ ଯୁଦ୍ଧପୋତ ପରସ୍ପରର ନିକଟତର ହୋଇଥିଲେ। ଏପରି କରି ଚାଇନା ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି କରୁଛି ବୋଲି ଆମେରିକା କହିଛି।

ଗତ ୨୫ ବର୍ଷରେ ଆମେରିକାର କୌଣସି କ୍ଷମତାଶାଳୀ ନେତା ତାଇୱାନ

### ତାଇୱାନ ପ୍ରଣାଳୀରେ ୬୬ ଚାଇନା ଯୁଦ୍ଧବିମାନ



ଚାଇନା ସେନା ପକ୍ଷରୁ ତାଇୱାନ ପୂର୍ବ ଉପକୂଳ ନିକଟରେ ରକେଟ୍ ପରୀକ୍ଷଣ କରାଯାଉଛି।

ଗସ୍ତ କରିବାରେ ନାନ୍ସି ପେଲୋସି ପ୍ରଥମ। ଗସ୍ତ ପୂର୍ବରୁ ଚାଇନା ବାରମ୍ବାର ଚେତାବନୀ ଦେବା ସହ ସାମରିକ କାର୍ଯ୍ୟାନୁଷ୍ଠାନ ଧମକ ଦେଇଥିଲା। ଏହା ସତ୍ତ୍ୱେ ପେଲୋସି ଗତ ୨ ତାରିଖରେ ତାଇୱାନରେ ପହଞ୍ଚିବା ସହ ଦିନିକିଆ ଗସ୍ତ ସମ୍ପୂର୍ଣ୍ଣ କରିଥିଲେ। ଏହାକୁ ନେଇ ଉତ୍ତେଜିତ ହୋଇପଡ଼ିଥିବା ଚାଇନା ତାଇୱାନ ପ୍ରଣାଳୀ ଏବଂ ବାୟୁସୀମାରେ ଗତ ଗୁରୁବାରଠାରୁ ସମରାଭ୍ୟାସ ଚଳାଇଥିଲା। ଏପରି କରି ଚାଇନା ଯୁଦ୍ଧକୁ ଉସୁକାଉଥିବା ତାଇପେଇ ପକ୍ଷରୁ କୁହାଯାଇଛି। ଚାଇନାର ଅନ୍ୟୂନ ୬୬ ଯୁଦ୍ଧବିମାନ ଏବଂ ୧୪ ଯୁଦ୍ଧପୋତ ତାଇୱାନ ଷ୍ଟ୍ରେଟ୍‌କୁ ପାର କରିଥିବା ଚିହ୍ନଟ ହୋଇଛି। ତାଇୱାନର ଚାରିପାଖରେ ଥିବା ୬ଟି ସ୍ଥାନରେ ବେଜିଂ ଲାଇଭ୍ ଫାୟାର ସମରାଭ୍ୟାସ କରିଛି। ଚାଇନାର କାର୍ଯ୍ୟକଳାପ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସହ ତାଇୱାନ ପ୍ରଣାଳୀରେ ଅସ୍ଥିରତା ସୃଷ୍ଟି କରୁଥିବା ହ୍ୱାଇଟ୍ ହାଉସର ଜଣେ ମୁଖପାତ୍ର କହିଛନ୍ତି। ଏଥିସହ ବେଜିଂ ଏପରି କାର୍ଯ୍ୟକଳାପରୁ ବିରତ ରହିବାକୁ ଆମେରିକା ସମେତ ଅଷ୍ଟ୍ରେଲିଆ, ଜାପାନ ନିବେଦନ କରିଛନ୍ତି। ଏ ନେଇ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍, ଅଷ୍ଟ୍ରେଲିଆ ବହିର୍ବ୍ୟାପାର ମନ୍ତ୍ରୀ ପେନି ଓଙ୍ଗ୍, ଜାପାନ ପ୍ରତିପକ୍ଷ ହାୟାଶି ୟୋଶିମାତା ଏକ ମିଳିତ ବିବୃତି ଜାରି କରିଛନ୍ତି।

## ଦୋଷୀ ସାବ୍ୟସ୍ତ ପରେ ୟୁପି ମନ୍ତ୍ରୀ କୋର୍ଟରୁ ଫେରାର

ଲକ୍ଷ୍ନୌ, ୭।୮

ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାରରେ ମନ୍ତ୍ରୀ ଥିବା ରାକେଶ ସଚାନ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଦଣ୍ଡବିଧାନ ପୂର୍ବରୁ ସେ କୋର୍ଟ ଅର୍ଡର ସହ କେତେକ ଦସ୍ତାବିଜ ନେଇ ଫେରାର ହୋଇଯାଇଥିବା ବିରୋଧୀ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଅଭିଯୋଗ କରିଛନ୍ତି। ୧୯୯୧ରେ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ତାଙ୍କ ନାଁରେ ମାମଲା ଥିଲା।

ଗତ ୟୁପି ନିର୍ବାଚନ ପୂର୍ବରୁ ରାକେଶ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ପରେ ସେ ଯୋଗୀଙ୍କ କ୍ୟାବିନେଟରେ ମଧ୍ୟମ, କ୍ଷୁଦ୍ର, ଅଣୁ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗରେ ମନ୍ତ୍ରୀ ହୋଇଥିଲେ। ଶନିବାର କାନପୁରର ଏକ କୋର୍ଟ ତାଙ୍କୁ ଉକ୍ତ ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ଏହା ପରେ ସେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ବିଳମ୍ବିତ ରାତିରେ କୋର୍ଟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥାନାରେ ଏତଲା ହୋଇଥିବା କାନପୁର

### ଅଭିଯୋଗ ଖଣ୍ଡନ କଲେ ରାକେଶ ସଚାନ



ପୋଲିସ କହିଛି। ବିବାଦ ମଧ୍ୟରେ ରାକେଶ କେତେକ ଫଟୋ ପୋଷ୍ଟ ସହ ଟୁଇଟ୍ କରି ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଶନିବାର ରାତିରେ ସେ ପଡ଼ୋଶୀ ଜିଲାରେ ଏକ ବୈଠକରେ ଯୋଗ ଦେଇଥିଲେ ବୋଲି ଲେଖିଛନ୍ତି। ଅନ୍ୟତ୍ର କାର୍ଯ୍ୟକ୍ରମରେ ସାମିଲ ହେବା ଯୋଜନା ଥିବାରୁ ଶନିବାର ସକାଳେ ସେ କୋର୍ଟରେ ପହଞ୍ଚି ତ୍ୱରିତ ବିଚାର ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମ ସାରିବା ପରେ ସେ ପୁଣି କୋର୍ଟକୁ ଫେରିଥିଲେ ବୋଲି କହିଛନ୍ତି। ସତ୍ୟତା ଜାଣିବା ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି।

## ବିତର୍କରେ ଭାଗ ନିଅନ୍ତୁ ପରାଗ

### ଟୁଇଟର ସିଇଓଙ୍କୁ ମସ୍କଙ୍କ ଚ୍ୟାଲେଞ୍ଜ



ୱାଶିଂଟନ୍, ୭।୮

ଟେସ୍‌ଲା ମାଲିକ ଏଲନ୍ ମସ୍କ ୪୪ ବିଲିୟନ ଡଲାର ଟୁଇଟର ଚୁକ୍ତିରୁ ଓହରିବା ପରେ ଏହି ସୋସିଆଲ ମିଡିଆ ଜାଏଣ୍ଟର ସିଇଓ ପରାଗ ଅଗ୍ରୱାଲଙ୍କୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ଯଦି ଟୁଇଟରରେ ପ୍ରକୃତରେ ୫%ରୁ କମ୍ ନକଲି ଆକାଉଣ୍ଟ ରହିଛି ତେବେ ପରାଗ ସର୍ବସାଧାରଣରେ ଏକ ବିତର୍କରେ ଭାଗ ନେଇ ଏହାକୁ ପ୍ରମାଣ କରନ୍ତୁ ବୋଲି ମସ୍କ କହିଛନ୍ତି।

ଟୁଇଟର ଫେକ୍ ଆକାଉଣ୍ଟ ବାବଦରେ ଠିକ୍ ତଥ୍ୟ ଦେଲେ ମସ୍କ ପୁଣି ଉକ୍ତ ଡିଲ୍ କଥା ପୁନର୍ବିଚାର କରିବେ ବୋଲି ଏହା ପୂର୍ବରୁ କହିଥିଲେ। ଏବେ ଏକାଧିକ ଟୁଇଟ କରି ମସ୍କ କମ୍ପାନୀକୁ ଟାର୍ଗେଟ କରିଛନ୍ତି। ଶହେ ଆକାଉଣ୍ଟରୁ କେଉଁଟି ପ୍ରକୃତ ଆକାଉଣ୍ଟ ତାହା ଚିହ୍ନଟ କରିବା ପ୍ରକ୍ରିୟା ଟୁଇଟର ଜଣାଉ। ଏହା ସ୍ପଷ୍ଟ ହେଲେ ପୁଣି ଟୁଇଟର ଡିଲ୍ ପୂର୍ବ ସର୍ତ୍ତ ଅନୁସାର ଆଗେଇବ ବୋଲି ସେ କହିଛନ୍ତି। ମସ୍କ ଟୁଇଟରକୁ କିଣିବା ପାଇଁ କରିଥିବା ଡିଲ୍‌ରୁ ଓହରିଯିବା ପରେ ଏହି କମ୍ପାନୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଅକ୍ଟୋବର ୧୭ରେ ଡେଲାୱେରରେ ମାମଲାର ଶୁଣାଣି ହେବ।

## ଗାଜାରେ ଆଉ ଜଣେ ଜେହାଦ କମାଣ୍ଡର ନିହତ

**ଗାଜା ସିଟି, ୭।୮:** ଗାଜା ଶରଣାର୍ଥୀ କ୍ୟାମ୍ପରେ ରକେଟ ମାଡ଼ କରି ଇସ୍ରାଏଲ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ ଜେହାଦ୍‌ର ଆଉ ଜଣେ ବରିଷ୍ଠ କମାଣ୍ଡର ଖଲିଦ୍ ମନ୍‌ସୋର୍‌ଙ୍କୁ ହତ୍ୟା କରିଛି।



ଏକ ଆପାର୍ଟମେଣ୍ଟକୁ ଟାର୍ଗେଟ କରି ଇସ୍ରାଏଲ ଏୟାରଷ୍ଟ୍ରାଇକ୍ କରିଥିଲା। ଏଥିରେ ଆଉ ୨ ଆତଙ୍କବାଦୀ ଏବଂ ୫ ସାଧାରଣନାଗରିକ ନିହତ ହୋଇଛନ୍ତି। ଫଳରେ ଶୁକ୍ରବାରଠାରୁ ଇସ୍ରାଏଲ ଆରମ୍ଭ କରିଥିବା ଅପରେଶନ 'ବ୍ରେକିଂ ଡନ୍'ରେ ଅଦ୍ୟାବଧି ୩୧ ଜଣଙ୍କ ପ୍ରାଣହାନୀ ଘଟିଛି। ପ୍ରକାଶ ଯେ, ଶନିବାର ଇସ୍ରାଏଲ ଆକ୍ରମଣରେ ଇସ୍‌ଲାମିକ ଜେହାଦ କମାଣ୍ଡର କମାଣ୍ଡର ତାୟସିର ଅଲଜବାରି ନିହତ ହୋଇଥିଲେ।

## ମରାମତି ପାଇଁ ଭାରତରେ ଆମେରିକା ନୌସେନା ଜାହାଜ



**ନୂଆଦିଲ୍ଲୀ,୭।୮:** ଭାରତ-ଆମେରିକା ଦ୍ୱିପାକ୍ଷିକ ପ୍ରତିରକ୍ଷା ଓ ସାମରିକ ସହଯୋଗ ବୃଦ୍ଧିର ଅଂଶବିଶେଷ ସ୍ୱରୂପ ମାର୍କିନ ନୌସେନାର ଏକ ଜାହାଜ ମରାମତି ଓ ଆନୁଷଙ୍ଗିକ ସେବା ନିମନ୍ତେ ପ୍ରଥମ ଥର ପାଇଁ ଭାରତ ଆସିଛି। ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେଲା ଉତ୍ତେଜନା ଲାଗି ରହିଛି। ଏହି ସମୟରେ ୟୁଏସ୍‌ଏନ୍‌ଏସ୍ ଚାର୍ଲସ ଡ୍ରିଉ ନାମକ ଆମେରିକା ନୌସେନାର ମାଲ୍‌ବାହୀ ଜାହାଜ ରବିବାର ଚେନ୍ନାଇର କଟ୍ଟୁପଲ୍ଲୀସ୍ଥିତ ଏଲ୍ ଆଣ୍ଡ ଟି ଶିପ୍‌ୟାର୍ଡରେ ପହଞ୍ଚିଛି। ଜାହାଜଟି ସେଠାରେ ୧୧ ଦିନ ରହିବ। ଆମେରିକା ନୌସେନା ପୂର୍ବରୁ ଏଲ୍ ଆଣ୍ଡ ଟି ଶିପ୍‌ୟାର୍ଡକୁ ଜାହାଜ ମରାମତି କାର୍ଯ୍ୟର ଠିକା ଦେଇଥିଲା। ଏହା ଭାରତ-ଆମେରିକା ସାମରିକ ସହଯୋଗକୁ ନୂଆ ଦିଗ ଦେଇଛି।

# କୃଷି ଆଧୁନିକୀକରଣ ପାଇଁ ମୋଦିଙ୍କ ଥ୍ରୀ-ଟି ମନ୍ତ୍ର




ନୂଆଦିଲ୍ଲୀ,୭।୮

ଭାରତର କୃଷି କ୍ଷେତ୍ରରେ ଆଧୁନିକୀକରଣ ପାଇଁ ୩-ଟି ମନ୍ତ୍ର ଆପଣାଇବାକୁ ପଡ଼ିବ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। କୃଷି, ପ୍ରାଣୀଧନ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଭାରତକୁ ବିଶ୍ୱର ନେତୃତ୍ୱ ନେବାକୁ ହେଲେ ଆଧୁନିକୀକରଣ ସହ ଖାଇବା ତେଲରେ ଆତ୍ମନିର୍ଭରଶୀଳତା ଆଣିବାକୁ ପଡ଼ିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହାବାଦ୍ କୋଭିଡ୍ ପରବର୍ତ୍ତୀ ସ୍ଥିତିରେ ଭାରତର

### ନୀତି ଆୟୋଗ ବୈଠକ

- ଖାଇବା ତେଲରେ ନିର୍ଭରଶୀଳତା ହ୍ରାସକୁ ଗୁରୁତ୍ୱ
- କୋଭିଡ୍ ବେଳେ ରୋଲ୍ ମଡେଲ ସାଜିଥିଲା ସଙ୍ଘୀୟ ବ୍ୟବସ୍ଥା

ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିବା ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୨୩ ମୁଖ୍ୟମନ୍ତ୍ରୀ, ୩ ଉପରାଜ୍ୟପାଳ ଏବଂ ୨ ପ୍ରଶାସକ ନିଜ ନିଜ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଉତ୍କର୍ଷ ଓ ଆହ୍ୱାନଗୁଡ଼ିକ ସମ୍ପର୍କରେ ମତବ୍ୟକ୍ତ କରିଥିବା ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପରମେଶ୍ୱରନ୍ ଆୟର କହିଛନ୍ତି।

କେନ୍ଦ୍ର ସରକାରଙ୍କ ସର୍ବୋଚ୍ଚ ସାଧାରଣ ନୀତି ନିର୍ଦ୍ଧାରଣକାରୀ ଥିଙ୍କଟ୍ୟାଙ୍କ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗର ସପ୍ତମ ଗଭର୍ନିଂ କାଉନ୍ସିଲ ବୈଠକ ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତି ଭବନର କଲଚରାଲ ସେଣ୍ଟରରେ ଆୟୋଜିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧ୍ୟକ୍ଷତା କରିଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ଯୋଗଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଜ୍ୟଗୁଡ଼ିକୁ ତିନୋଟି ବିନ୍ଦୁ (୩-ଟି) ଉପରେ ଫୋକସ୍ କରିବାକୁ ପରାମର୍ଶ ଦେଇଥିଲେ। ସେଗୁଡ଼ିକ ହେଲା ଟ୍ରେଡ୍ (ବାଣିଜ୍ୟ), ଟୁରିଜମ୍ (ପର୍ଯ୍ୟଟନ) ଏବଂ ଟେକ୍ନୋଲୋଜି (କାରିଗରୀ)। ଏହି ୩-ଟି ଜରିଆରେ ଆମଦାନୀ ହ୍ରାସ ଓ ରପ୍ତାନିରେ ବୃଦ୍ଧି କରାଯାଇପାରିବ। ସ୍ଥାନୀୟ ସମାଗ୍ରୀ ବ୍ୟବହାର ପାଇଁ ଲୋକଙ୍କୁ ପ୍ରୋତ୍ସାହନ ଦିଆଯିବା ଉଚିତ। କାରଣ 'ଭୋକାଲ ଫର୍ ଲୋକାଲ' କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କାର୍ଯ୍ୟସୂଚୀ ନୁହେଁ, ବରଂ ଏହା ଏକ ସାଧାରଣ ଲକ୍ଷ୍ୟ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ରାଜ୍ୟର କେନ୍ଦ୍ରୀୟ ଟିକସ ଅଂଶ ବୃଦ୍ଧି ପାଇଁ ଦାବି କରିଛନ୍ତି। ବଘେଲ କହିଛନ୍ତି, ଯେତେବେଳେ ଜିଏସ୍‌ଟି ଆରମ୍ଭ ହେଲା ସେତେବେଳେ ରାଜ୍ୟଗୁଡ଼ିକୁ ୨୦୨୨ ଜୁନ୍ ସୁଦ୍ଧା ରାଜସ୍ୱ କ୍ଷତି ଭରଣା କରାଯିବ ବୋଲି କୁହାଯାଇଥିଲା। ଏବେ ଏହାକୁ ଆହୁରି ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ ବୋଲି ବଘେଲ ଦାବି କରିଛନ୍ତି।

### କେସିଆର୍‌ଙ୍କ ବର୍ଜନ, ନୀତିଶ ଆସିଲେନି

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍ ନୀତି ଆୟୋଗ ବୈଠକକୁ ବର୍ଜନ କରିଛନ୍ତି। କେସିଆର୍ କହିଛନ୍ତି, ନୀତି ଆୟୋଗ ଏକ ମୂଲ୍ୟହୀନ ସଂସ୍ଥା। କେନ୍ଦ୍ର ସରକାର ତେଲଙ୍ଗାନା ସମେତ କେତେକ ରାଜ୍ୟ ପ୍ରତି ଭେଦଭାବପୂର୍ଣ୍ଣ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷେ କେସିଆର୍‌ଙ୍କ ଅଭିଯୋଗକୁ ନୀତି ଆୟୋଗ ପକ୍ଷରୁ ଖଣ୍ଡନ କରାଯାଇଛି। ସେହିପରି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ୍ୟ ନୀତି ଆୟୋଗ ବୈଠକରେ ସାମିଲ ହୋଇପାରି ନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ କୌଣସି ବୈଠକରେ ନୀତିଶ ସାମିଲ ନ ହେବାର ମାସକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଏଥିପାଇଁ କେହି କେହି ପ୍ରଧାନମନ୍ତ୍ରୀଙ୍କ ସହ ନୀତିଶଙ୍କ ବଢ଼ିଚାଲିଥିବା ମତଭେଦକୁ ଦାୟୀ କରୁଥିବାବେଳେ ଆଉ କେତେଜଣ ରାଜ୍ୟ ବିକାଶ ର‍୍ୟାଙ୍କିଙ୍ଗ୍‌ରେ ବିହାରର ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ସେ ବୈଠକରେ ଯୋଗ ଦେଇ ନ ଥିବା ମତ ଦେଉଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୯୨,୧୫,୮୭୪ | ୬୪,୩୬,୨୫୫ | ୫୬,୦୩,୨୪,୮୨୪ |
| ଭାରତ | ୪,୪୧,୪୫,୭୩୨ | ୫,୨୬,୬୮୯ | ୪,୩୪,୮୪,୧୧୦ |
| ଓଡ଼ିଶା | ୧୩,୧୮,୮୭୫ | ୯୧୪୮(+୫୩) | ୧୩,୦୪,୫୨୭ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ବିରିନ୍ଦାପଡ଼ାସ୍ଥିତ କାଲିପେନୁ ନାଳ ଉପରେ ନିର୍ମିତ କାଠପୋଲ ଭାସିଯାଇଛି।



ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଦେଇ ପ୍ରବାହିତ ତୁରୀ ନଦୀରେ ବଢ଼ି ଯୋଗୁ ପୋଲ ଉପରେ ଜଳ ପ୍ରବାହିତ ହେଉଛି। ଫଳରେ ନବରଙ୍ଗପୁରରୁ ରାୟପୁରକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ୍ ହୋଇଛି।

# ଭାସିଗଲା କାଠପୋଲ, ଯୋଗାଯୋଗ ବିଚ୍ଛିନ୍ନ

**କ.ନୂଆଗାଁ ବ୍ଲକ**

କୋଟଗଡ଼/କ.ନୂଆଗାଁ/ବାଲିଗୁଡ଼ା, ୭।୮ (ଡି.ଏନ୍.ଏ.)

ଲଗାଣ ବର୍ଷାରେ ଭାସିଯାଇଛି କାଠପୋଲ। ଲହଡ଼ି ମାରୁଛି ଉଚ୍ଛୁଳା ଜଳ। ନାଳର ଏପାଖ ଲୋକ ସେପାଖକୁ ଯାଇପାରୁଛନ୍ତି ନା ସେପାଖ ଲୋକ ଏପାଖକୁ। ଏବେ ସେମାନଙ୍କ ପାଇଁ ଦୁଃଖ ଆଣିଦେଇଛି ଚିରସ୍ରୋତା କାଲିପେନୁ ନାଳ। ବହୁ ଶ୍ରମ ଦେଇ ନାଳ ଉପରେ ନିଜେ ତିଆରି କରିଥିବା ଅସ୍ଥାୟୀ ପୋଲକୁ ଭସାଇ ନେଇଛି ଅବିଶ୍ରାନ୍ତ ବର୍ଷା। ଫଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି।

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ କ.ନୂଆଗାଁ ବ୍ଲକ ଗୁଞ୍ଜିବାଡ଼ି ପଞ୍ଚାୟତର ଲକେବାଡ଼ିରୁ ବିରିନ୍ଦାପଡ଼ାକୁ ଯିବାବେଳେ ରାସ୍ତାରେ ପଡ଼େ କାଲିପେନୁ ଚିରସ୍ରୋତା ନାଳ। ସେହି ନାଳ ଉପରେ ତିଆରି ହୋଇଥିଲା ଏକ ଅସ୍ଥାୟୀ କାଠପୋଲ। ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଗୁହାରି କରାଯିବା ସତ୍ତ୍ୱେ ପ୍ରଶାସନ ପୋଲଟିଏ ତିଆରି କଲାନାହିଁ। ତେଣୁ ବାଧ୍ୟହୋଇ ବିରିନ୍ଦାପଡ଼ାବାସୀ ଓ ଆଖପାଖ ଚାରି ପାଞ୍ଚୋଟି ଗାଁର ଲୋକେ ଏକ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ ଗତବର୍ଷ ଏହି ଅସ୍ଥାୟୀ କାଠପୋଲ ନିର୍ମାଣ କରିଥିଲେ। ଗତ ଦୁଇଦିନ ଧରି ଲଗାଣ ବର୍ଷାରେ ପୋଲଟି ଭାସିଯାଇଛି। ଫଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ବିରିନ୍ଦାପଡ଼ାରେ ବାସ କରୁଛନ୍ତି ୩୫ ପରିବାର। ଆଉ ଆଖପାଖରେ ରହିଛି ଛୋଟ ଛୋଟ ୬ରୁ ୭ଟି ଗାଁ। ଜରୁରୀ କାମରେ ବାହାରକୁ ବାହାରିଲେ ସମସ୍ତଙ୍କୁ ଏହି ନାଳ ପାର ହୋଇ ଯିବାକୁ ପଡ଼େ। କିନ୍ତୁ ଏବେ ଏହି ନାଳ ସମସ୍ତଙ୍କ ପାଇଁ ବିପଦ ଆଣିଦେଇଛି। ପୋଲଟି ଭାସିଯାଇଥିବାରୁ ଲୋକେ ଏବେ ଘରୁ ବାହାରିବା ଅସମ୍ଭବ। ତେଲଲୁଣର ସଂସାର ଚଳାଇବା ଲାଗି ବଜାରକୁ ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏପରି କି ନାଳ ଆରପାଖରେ ଥିବା ଚାଷଜମିକୁ ଯିବା ସମ୍ଭବ ହେଉନାହିଁ। ବର୍ତ୍ତମାନ ଚାଷକାର୍ଯ୍ୟ କେମିତି କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି ବିରିନ୍ଦାପଡ଼ା ଓ ଲକେବାଡ଼ି ଗ୍ରାମବାସୀ। ଲୋକମାନଙ୍କ ଯାତାୟତ ପାଇଁ ବିକଳ୍ପ ରାସ୍ତା ଥିଲେ ମଧ୍ୟ ତାହା ତିନି ଚାରି କିଲୋମିଟର ଦୂର ହେଉଥିବାରୁ ଲୋକେ ଏହି ପୋଲ ଉପରେ ଯିବାଆସିବା କରିଥାନ୍ତି। ତେଣୁ ଏଠାରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# ୪୮ ଘଣ୍ଟାରେ ଅବପାତ

**ସାରା ରାଜ୍ୟରେ ଲଘୁଚାପ ବର୍ଷା**

- ନବରଙ୍ଗପୁରରେ ସର୍ବାଧିକ ୧୨୬.୨ ମିମି ବର୍ଷା
- ଦୁଇ ଜିଲାକୁ ରେଡ୍ ୱାର୍ନିଂ, ମତ୍ସ୍ୟଜୀବୀଙ୍କୁ ବାରଣ

ଭୁବନେଶ୍ୱର, ୭।୮ (ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ସମୁଦ୍ର ଅଞ୍ଚଳରେ ରବିବାର ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୪୮ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ମୌସୁମୀ ସକ୍ରିୟ ଥିବାରୁ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୩୦.୯ ମିମି ବର୍ଷା ହୋଇଛି, ଯାହା ସ୍ୱାଭାବିକ ବର୍ଷା ୧୪.୩ ମିମି ତୁଳନାରେ ୧୧୬% ଅଧିକ। ତେବେ ନବରଙ୍ଗପୁରରେ ସର୍ବାଧିକ ୧୨୬.୨ ମିମି ବର୍ଷା ହୋଇଥିବାବେଳେ ମାଲକାନଗିରି ୪୪, ଭବାନୀପାଟଣାରେ ୩୬.୮, ତାଳଚେର ୩୦, କୋରାପୁଟ ୨୬, ବଲାଙ୍ଗୀର ୨୫.୨, କେନ୍ଦ୍ରାପଡ଼ା ୨୦.୩, ଟିଟିଲାଗଡ଼ ୧୯.୨, ଦେବଗଡ଼ ୧୭, ଦାରିଙ୍ଗବାଡ଼ି ୧୫, ହୀରାକୁଦ ୧୫, ଅନୁଗୋଳ ୨୧, ବାଲେଶ୍ୱର ୧୨.୬, ଚାନ୍ଦବାଲି ୧୦, କେନ୍ଦୁଝର ୧୨.୩, ସମ୍ବଲପୁର ୧୫, ଫୁଲବାଣୀ ୧୩.୮, ଦାରିଙ୍ଗବାଡ଼ି ୧୫, ବୌଦ୍ଧ ୧୨, ଛତ୍ରପୁର ୧୪.୪, ଭଦ୍ରକ ୧୦.୨, ଯାଜପୁର ୧୦, ବରଗଡ଼ ୧୨.୪, ନୂଆପଡ଼ା ୧୩.୪ ଓ ଖୋର୍ଦ୍ଧାରେ ୧୫ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା ରାଜ୍ୟର ବାକି ସ୍ଥାନରେ ବି ସ୍ୱଳ୍ପ ଧରଣର ବର୍ଷା ହୋଇଥିବା ଜଣାପଡ଼ିଛି।



ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏଭଳି ବର୍ଷା ଲାଗିରହିବ। ସୋମବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କଳାହାଣ୍ଡି, ରାୟଗଡ଼ା ଆଦି ଦୁଇଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏନେଇ ଏହି ଦୁଇ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, କଟକ, ଜଗତ୍‌ସିଂହପୁର, ଅନୁଗୋଳରେ ମଧ୍ୟ ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ସୋମବାର ସକାଳ ସାଢ଼େ ୮ଟାରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାରୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଲଘୁଚାପ ପାଇଁ ଏବେ ସମୁଦ୍ର ଅଶାନ୍ତ ରହିବ। ୧୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯିବା ପାଇଁ ପାଣିପାଗ କେନ୍ଦ୍ର ବାରଣ କରିଛି।

# ତଥ୍ୟ ଲୁଚାଇଲେ ପିସିସିଏଫ୍

**ହାଇକୋର୍ଟରେ ହାତୀ ଶିକାର ଓ ମୃତ୍ୟୁ ମାମଲା**

ଭୁବନେଶ୍ୱର, ୭।୮ (ବ୍ୟୁରୋ)

ରାଜ୍ୟରେ ହାତୀ ଶିକାର ଓ ମୃତ୍ୟୁକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ବନ୍ୟପ୍ରାଣୀ ପିସିସିଏଫ୍ ଶଶୀ ପଲ ଗତ ୬ ତାରିଖରେ ଏକ ସତ୍ୟପାଠ ମାଧ୍ୟମରେ ୫ ବର୍ଷର ହାତୀ ଶିକାର ଓ ଆନୁଷଙ୍ଗିକ ତାଲିକା ପ୍ରଦାନ କରିଛନ୍ତି। ହାତୀ ମୃତ୍ୟୁକୁ ନେଇ ମୋଟ ୧୪ ମାମଲା ଦାଏର ହୋଇଥିବାବେଳେ ୨୮ଜଣଙ୍କୁ ଗିରଫ କରାଯାଇଥିବା ଉଲ୍ଲେଖ କରିଛନ୍ତି। ସୋମବାର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଏହା ଉପରେ ଶୁଣାଣି କରିବେ। ପିସିସିଏଫ୍ ପଲ୍ ମଧ୍ୟ ଭିଡିଓ କନ୍‌ଫରେନ୍ସ ଜରିଆରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ। ଏହା ପୂର୍ବରୁ ବନ ବିଭାଗର ସତ୍ୟପାଠକୁ ନେଇ ଅନେକ ପ୍ରଶ୍ନ ଉଠିଲାଣି। ଉକ୍ତ ସତ୍ୟପାଠରେ ଏକାଧିକ ହାତୀ ଶିକାର ଘଟଣାକୁ ଲୁଚା ଯାଇଥିବା ବା ଜାଣିଶୁଣି ବାଦ୍ ଦିଆଯାଇଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ।

୨୦୧୯ ନଭେମ୍ବର ୨୨ରେ ଖୋର୍ଦ୍ଧା ଜିଲାର ରାମେଶ୍ୱର ନିକଟରେ ଏକ ପ୍ରାପ୍ତ ବୟସ୍କ ଦନ୍ତାହାତୀକୁ ବିଷ ଦେଇ ମାରିଦିଆଯାଇଥିଲା। ସେତେବେଳେ ଉକ୍ତ ଦନ୍ତାକୁ ବନ ବିଭାଗ ପକ୍ଷରୁ କ୍ରେନ୍ ସହାୟତାରେ ହାଇୱାରେ ଲଦି ଅନ୍ୟ ଏକ ସ୍ଥାନରେ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିଲା। ତତ୍କାଳୀନ ଖୋର୍ଦ୍ଧା ଡିଏଫ୍‌ଓ ସୁଦୀପ୍ତ ନାୟକ ପୂରା ଦିନ ସେଠାରେ ଉପସ୍ଥିତ ଥିଲେ। ତତ୍କାଳୀନ ଭେଟେରିନାରୀ କଲେଜ ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ସୁଷେନ କୁମାର ପଣ୍ଡା ବ୍ୟବଚ୍ଛେଦ କରିଥିଲେ। କିନ୍ତୁ ଏହି ଘଟଣା ପିସିସିଏଫ୍‌ଙ୍କ ସତ୍ୟପାଠରେ ନାହିଁ। ଘଟଣା ସଂକ୍ରାନ୍ତରେ ଡା. ପଣ୍ଡା କହିଛନ୍ତି, ଖୋର୍ଦ୍ଧା ଡିଏଫ୍‌ଓ ମୋତେ ବ୍ୟବଚ୍ଛେଦ ପାଇଁ ଡାକିଥିଲେ। ବ୍ୟବଚ୍ଛେଦରେ ବିଷକ୍ରିୟାର ସମସ୍ତ ଲକ୍ଷଣ ଜଣାପଡୁଥିଲା ବୋଲି ମୁଁ ସେତେବେଳେ ଗଣମାଧ୍ୟମକୁ କହିଥିଲି। ଟକ୍ସିକୋଲୋଜି ଆନାଲିସିସ ପାଇଁ ଆବଶ୍ୟକ ନମୁନା ସଂଗ୍ରହ କରି ସେଣ୍ଟର ଫର୍ ୱାଇଲ୍ଡ ଲାଇଫ୍ ହେଲ୍‌ଥକୁ ପଠାଯାଇଥିଲା। କେଉଁ ଧରଣର ବିଷ ମିଶା ଯାଇଥିଲା ସେଇଟା ସେମାନେ କହିବା କଥା। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ରାମେଶ୍ୱର ନିକଟରେ ଶିକାର ହୋଇଥିବା ଦନ୍ତା ହାତୀର ବ୍ୟବଚ୍ଛେଦବେଳେ ମୁଁ ଘଟଣା ସ୍ଥଳରେ ଉପସ୍ଥିତ ଥିଲି। ଖାଦ୍ୟରେ ଗୁଡ଼ ମିଶାଇ ଶିକାରୀମାନେ ବିଷ ଦେଇଥିଲେ।



ବ୍ୟବଚ୍ଛେଦ ସମୟରେ ପାକସ୍ଥଳୀରୁ ହଜମ ହୋଇ ନ ଥିବା ଆଖୁ ଛେଦା ବାହାରିଥିଲା, ଯେଉଁଥିରୁ ଉଭୟ ଗୁଡ଼ ଓ ବିଷର ବାସ୍ନା ସ୍ପଷ୍ଟ ବାରି ହେଉଥିଲା। ବିଷ ପ୍ରୟୋଗ କରି ଦନ୍ତା ହାତୀକୁ ଶିକାର କରାଯାଇଥିଲା। କିନ୍ତୁ ହାତୀଟି ଲୋକଙ୍କ ଚଳପ୍ରଚଳ ସ୍ଥାନରେ ପଡିଯିବାରୁ ଶିକାରୀମାନେ ଦାନ୍ତ କାଟି ନେଇ ପାରି ନ ଥିଲେ। ତେବେ ଏହା ନିଶ୍ଚିତ ଭାବରେ ବିଷ ଦ୍ୱାରା ଶିକାର କରାଯାଇଛି। କିନ୍ତୁ କାହିଁକି ଏହି ଘଟଣା ପିସିସିଏଫ୍‌ଙ୍କ ସତ୍ୟପାଠରେ ସ୍ଥାନ ପାଇଲାନି ତାହା ବୁଝିହେଉ ନାହିଁ।

ସେହିପରି ୨୦୨୧ ନଭେମ୍ବରରେ ଆଠଗଡ଼ରେ ଗୋଟିଏ ହାତୀକୁ ବନ କର୍ମଚାରୀମାନେ ଗାତ ଖୋଳି ଲୁଣ ପକାଇ ପୋତିବା ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ବିଭାଗୀୟ ତଦନ୍ତ ହୋଇଥିଲା ଏବଂ ତତ୍କାଳୀନ ରେଞ୍ଜର ଆଏସା ଅଖତାରୀ ନିଶା ଏଯାବତ୍ ନିଲମ୍ବନରେ ଅଛନ୍ତି। ଦୁଇଟିଯାକ ଦାନ୍ତକୁ ବନ ବିଭାଗର ଟ୍ରେଜେରିରେ ରଖିବା ବଦଳରେ ସେ ନିଜ ପାଖରେ ରଖିଥିଲେ। ତତ୍କାଳୀନ ଡିଏଫ୍‌ଓଙ୍କ କଥାରେ ସେ ଏଭଳି କରିଥିବା ତଦନ୍ତବେଳେ କହିଥିଲେ। ହାତୀର ବ୍ୟବଚ୍ଛେଦ ହୋଇଥିଲା ଏବଂ ତତ୍କାଳୀନ ଅନୁଗୋଳ ଆର୍‌ସିସିଏଫ୍ ଅକ୍ଷୟ ପଟ୍ଟନାୟକ ଘଟଣାର ତଦନ୍ତ କରିବା ପରେ ରେଞ୍ଜରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ତେବେ ରେଞ୍ଜରଙ୍କ ସ୍ୱୀକାରୋକ୍ତିକୁ ବିଶ୍ୱାସକୁ ନ ନେବା ଫଳରେ ତତ୍କାଳୀନ ଡିଏଫ୍‌ଓ ଖସି ଯାଇଥିଲେ। ତେବେ ଏତେସବୁ ପ୍ରମାଣ ରହିଥିବାବେଳେ ଏଭଳି ଏକ ହାଇ ପ୍ରୋଫାଇଲ୍ ହାତୀ ଶିକାର ମାମଲାକୁ ବନ୍ୟପ୍ରାଣୀ ପିସିସିଏଫ୍ ନିଜ ସତ୍ୟପାଠରୁ ବାଦ ଦେଇଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ଉଭୟ ରାମେଶ୍ୱର ଓ ଆଠଗଡ଼ ହାତୀ ଶିକାର ଘଟଣାକୁ ବନ୍ୟପ୍ରାଣୀ ପିସିସିଏଫ ହାଇକୋର୍ଟଙ୍କ ପାଖରେ ଦାଖଲ କରିଥିବା ସତ୍ୟପାଠରୁ ବାଦଦେଇ ତଥ୍ୟର ମିଥ୍ୟାଚାରଣ କରିଛନ୍ତି। ଏହା ଆଇନ ଆଖିରେ ଏକ ଗୁରୁତର ଅପରାଧ। ଏଭଳି ଆହୁରି ଅନେକ ହାତୀ ଶିକାର ଘଟଣାକୁ ସତ୍ୟପାଠରୁ ବାଦ ଦିଆଯାଇଛି, ଯାହା ଅଦାଲତ ଅବମାନନା ବୋଲି ମଧ୍ୟ ଧରାଯିବ।

## ବଜ୍ରପାତରେ ୨ ମୃତ

ସୋରଡ଼ା, ୭।୮ (ଡି.ଏନ୍.ଏ)

ଗଞ୍ଜାମ ଜିଲା ସୋରଡ଼ା ଅଞ୍ଚଳର ପୃଥକ୍ ସ୍ଥାନରେ ରବିବାର ଅପରାହ୍ନରେ ବଜ୍ରପାତ ଘଟି ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ସୁରେଖାଦେଇପୁର ଗ୍ରାମର କୁମାରୀ ପ୍ରଧାନ (୫୫) ଓ ରାଇବନ୍ଧର ଟିକିନା ସାଇଁ (୧୮)। ଉଭୟ ନିଜ ଗାଁ ପାଖ ଜମିରେ ଚାଷ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ସେମାନଙ୍କର ମୃତ୍ୟୁ ହୋଇଛି। ସନ୍ଧ୍ୟା ହୋଇଯାଇଥିବାରୁ ଆସନ୍ତାକାଲି ସୋମବାର ମୃତଦେହ ବ୍ୟବଛେଦ କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

# ଓଡ଼ିଶା ହସ୍ତତନ୍ତର ଆଦିଭୂମି

**ରାଜ୍ୟସ୍ତରୀୟ ଅଷ୍ଟମ ଜାତୀୟ ହସ୍ତତନ୍ତ ଦିବସ**




ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ରବିବାର ଭୁବନେଶ୍ୱର ସୂଚନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରୀତା ସାହୁଙ୍କ ସମେତ ଅନ୍ୟ ଅତିଥି ଏବଂ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

- ୬ ତନ୍ତୁବାୟ ସହଯୋଗ ସମିତିକୁ ପୁରସ୍କାର ପ୍ରଦାନ
- ସପ୍ତାହବ୍ୟାପୀ ଚାଲିବ ବିଭିନ୍ନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୭।୮ (ବ୍ୟୁରୋ)

ବୟନିକା ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରବିବାର ରାଜ୍ୟସ୍ତରୀୟ ଅଷ୍ଟମ ଜାତୀୟ ହସ୍ତତନ୍ତ ଦିବସ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ରୀତା ସାହୁ ଯୋଗଦେଇ ବୁଣାକାର ଓ କାରିଗରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଓଡ଼ିଶା ହସ୍ତତନ୍ତର ଆଦିଭୂମି ଭାବେ ବିଶ୍ୱପ୍ରସିଦ୍ଧ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଲେ, ବର୍ତ୍ତମାନ ସମୟରେ ହସ୍ତତନ୍ତରେ ବିଭିନ୍ନ ଆଧୁନିକ ଡିଜାଇନ୍‌ର ଚାହିଦା ରହିଛି। ଆମ ବୁଣାକାରଙ୍କୁ ଏସବୁ ପ୍ରଶିକ୍ଷଣ ମିଳିବା ଉଚିତ। ବିଶ୍ୱ ବଜାରରେ ଓଡ଼ିଶାର ବାନ୍ଧ ହସ୍ତତନ୍ତର ଚାହିଦା ବେଶି ରହିଛି। ଓଡ଼ିଶାର ବୁଣାକାର ଯେପରି ଏ କ୍ଷେତ୍ରରେ ଅଧିକ ପ୍ରୋତ୍ସାହିତ ହେବେ ସେଥିପାଇଁ ପ୍ରେରଣା ଓ ପଦକ୍ଷେପ ନିଆଯିବା ଉଚିତ ବୋଲି କହିଥିଲେ। ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଓ ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୩ଟି ତନ୍ତୁବାୟ ସହଯୋଗ ସମିତି ଓ ୩ଟି ପ୍ରାଥମିକ ତନ୍ତୁବାୟ ସମିତିକୁ ପୁରସ୍କୃତ କରାଯାଇଥିଲା। ଗତ ୩ ବର୍ଷର ହାରାହାରି ବ୍ୟବସାୟକୁ ଆଧାର କରି ସର୍ବାଧିକ ହସ୍ତତନ୍ତ ବସ୍ତ୍ର ବ୍ୟବସାୟ କରିଥିବା ଗମିଲୋ ତନ୍ତୁବାୟ ସହଯୋଗ ସମିତି ଆଠଗଡ଼କୁ ପ୍ରଥମ ପୁରସ୍କାର ବାବଦରେ ୩ ଲକ୍ଷ ଟଙ୍କା, ଜାଲପାଲି ତନ୍ତୁବାୟ ସହଯୋଗ ସମିତି ବରଗଡ଼କୁ ଦ୍ୱିତୀୟ ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କା ଓ ଲୁରୁପାଲି ତନ୍ତୁବାୟ ସହଯୋଗ ସମିତି ବରଗଡ଼କୁ ତୃତୀୟ ପୁରସ୍କାର ଭାବେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ନିରବଚ୍ଛିନ୍ନ ଭାବେ ୭୫ ବର୍ଷରୁ ଅଧିକ ସମୟ ଧରି ରାଜ୍ୟରେ ବୁଣାକାରଙ୍କ ସେବାରେ କାର୍ଯ୍ୟରତ ଥିବା ପଦ୍ମନାଭପୁର ତନ୍ତୁବାୟ ସହଯୋଗ ସମିତି ବ୍ରହ୍ମପୁର, ସଦରଥାନା ତନ୍ତୁବାୟ ସହଯୋଗ ସମିତି ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ତନ୍ତୁବାୟ ସହଯୋଗ ସମିତିକୁ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଥିସହ ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶିକ ସୁଚେତା ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନ୍ଦରଗଡ଼ର ମୟୂରୀ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ବୁଣାକାରମାନେ ଯୋଗ ଦେଇଥିଲେ। ଅଗଷ୍ଟ ୧୫ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବୁଣାକାର ସମ୍ମିଳନୀ, ଆଲୋଚନାଚକ୍ର, ସମ୍ପ୍ରସାରିତ ବୟନିକାର ଉଦ୍‌ଘାଟନ, ଅତ୍ୟାଧୁନିକ ହସ୍ତତନ୍ତ ବସ୍ତ୍ରର ଫ୍ୟାଶନ ଶୋ' ଚାଲିବ ବୋଲି ସୂଚନା ଦିଆଯାଇଛି।

# ଯୋଜନା ବଢ଼ିଛି, ହସ୍ତତନ୍ତ କମିଛି

ଯାଜପୁର ଅଫିସ, ୭।୮

ରାଜ୍ୟରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗରେ ଅନେକ ଯୋଜନାରେ ଅନୁଦାନ ପରିମାଣ ବଢ଼ିଛି। ଗତ ୩ ବର୍ଷରେ ରାଜ୍ୟ ସରକାର ୧୩ ଯୋଜନାରେ ୮୫ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ଏହାସହ କେନ୍ଦ୍ର ସରକାର ବୁଣାକାରମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସୁଧାରିବା ନିମନ୍ତେ ୨୦୧୫-୧୬ରୁ ବ୍ଲକସ୍ତରୀୟ ହସ୍ତତନ୍ତ ପୁଞ୍ଜି ଉନ୍ନୟନ ଯୋଜନାରେ ୧୯.୫୨ କୋଟି ଟଙ୍କା ବିନିଯୋଗ କରିଛନ୍ତି। ହେଲେ ସେହି ତୁଳନାରେ ଅଗ୍ରଗତି ହେବା ସ୍ଥଳେ ହସ୍ତତନ୍ତ ଏବଂ ସମିତି ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏହିକ୍ରମରେ ଆବଣ୍ଟିତ ଅର୍ଥର ଠିକ୍ ବିନିଯୋଗ ନ ହେବା ଏବଂ ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ହସ୍ତତନ୍ତ କାରିଗରମାନେ ଦାଦନ ଶ୍ରମିକ ସାଜୁଛନ୍ତି। ରାଜ୍ୟର ହସ୍ତତନ୍ତ କୁଟୀର ଶିଳ୍ପକୁ ଉତ୍ସାହିତ କରିବା ସହ ଏହାର ବିପଣନ ବ୍ୟବସ୍ଥା ସମ୍ପର୍କରେ ଅନେକ ଯୋଜନା ପରିକଳ୍ପନା କରାଯାଉଛି। ବୟନ ଶିଳ୍ପ ଓ ହସ୍ତତନ୍ତର ଉତ୍ପାଦିତ ସାମଗ୍ରୀ ବିକ୍ରୟ, ନୂତନ ଡିଜାଇନର କପଡ଼ା ଓ ସାମଗ୍ରୀ ପ୍ରସ୍ତୁତି, ବୁଣାକାରମାନଙ୍କ ଉନ୍ନତି, ହସ୍ତତନ୍ତର ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ, ଟସର ଇତ୍ୟାଦି କଞ୍ଚା ମାଲ୍ ପାଇଁ ଅର୍ଜୁନ ଓ ଅଶନ ଚାରା ରୋପଣ, ବିପଣନ ବ୍ୟବସ୍ଥା କରିବାକୁ ଜିଲାସ୍ତରରେ ବୈଠକ କରି ନିଷ୍ପତ୍ତି ନିଆଯାଉଛି। ହେଲେ ଏହିସବୁ ନିଷ୍ପତ୍ତି ପରବର୍ତ୍ତୀ ସମୟରେ ପାଣିର ଗାର ସଦୃଶ ହେଉଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ହସ୍ତତନ୍ତ କାରିଗରମାନଙ୍କୁ ଉପେକ୍ଷା କରୁଥିବାରୁ ସେମାନଙ୍କ କୌଳିକ ବୃତ୍ତି ବୁଡିବାର ଅନ୍ୟ ଏକ କାରଣ ହୋଇଛି। ହସ୍ତତନ୍ତ କାରିଗରମାନଙ୍କ ସମସ୍ୟାକୁ ନେଇ ରାଜ୍ୟସ୍ତରରେ ସଂଗଠନ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ବି କିଛି ସୁଫଳ ମିଳି ପାରୁନାହିଁ।

ମିଳିଥିବା ତଥ୍ୟ ଅନୁସାରେ ୨୦୦୯-୧୦ରେ ୬୪୭ ସମିତି ରହିଥିଲାବେଳେ ତାହା ୨୦୨୧-୨୨ରେ ୫୮୦କୁ ହ୍ରାସ ପାଇଛି। ସେହିପରି ୨୦୦୯-୧୦ରେ କାର୍ଯ୍ୟକାରୀ ହସ୍ତତନ୍ତ ସଂଖ୍ୟା ୧୯,୩୮୦ ରହିଥିଲାବେଳେ ୨୦୨୧-୨୨ରେ ସେହି ସଂଖ୍ୟା ୧୨,୨୨୪କୁ ଖସି ଆସିଛି। ଏହାବାଦ୍ ୨୦୦୯-୧୦ରେ ନିଷ୍କ୍ରିୟ ସମିତି ସଂଖ୍ୟା ୫୩୦ ରହିଥିଲାବେଳେ ୨୦୨୧-୨୨ରେ ତାହା ବୃଦ୍ଧି ପାଇ ୫୯୩ରେ ପହଞ୍ଚିଛି। ବୁଣାକାରମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସୁଧାରିବା ନିମନ୍ତେ ରାଜ୍ୟ ସରକାର ସାଧାରଣ ଭିତ୍ତିଭୂମି, ତନ୍ତଗର୍ଭର ଉନ୍ନତିକରଣ, ତାଲିମ, ପରିଭ୍ରମଣ, ବ୍ୟବସାୟିକ କାରବାର, ବୈଷୟିକ ଜ୍ଞାନକୌଶଳ, କର୍ମଶାଳା, ସ୍ୱତନ୍ତ୍ର ପ୍ରୋତ୍ସାହନ, ବରିଷ୍ଠ ବୁଣାକାର ସହାୟତା ଯୋଜନା, ଅନ୍ୟାନ୍ୟ ନବୀକରଣ/ନୂତନତ୍ୱ, କଞ୍ଚାମାଲ ବ୍ୟାଙ୍କ ଓ ବୁଣାକାର କଲ୍ୟାଣ ପାଣ୍ଠି ଭଳି ୧୩ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହିସବୁ ଯୋଜନାରେ ୨୦୧୯-୨୦ରେ ୨୯.୫୭ କୋଟି, ୨୦୨୦-୨୧ରେ ୨୮.୯୦ କୋଟି ଏବଂ ୨୦୨୧-୨୨ରେ ୨୬.୭୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହାବାଦ୍ ବ୍ଲକସ୍ତରୀୟ ହସ୍ତତନ୍ତ ପୁଞ୍ଜି ଉନ୍ନୟନ ଯୋଜନାରେ ୨୦୧୫-୧୬ରେ ୧୧.୨୪ କୋଟି, ୨୦୧୬-୧୭ରେ ୩.୧୩ କୋଟି, ୨୦୧୮-୧୯ରେ ୩.୩୬ କୋଟି ଏବଂ ୨୦୧୯-୨୦ରେ ୧.୭୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ଉପରୋକ୍ତ ଯୋଜନାଗୁଡିକ ସହାୟତାରେ ବୁଣାକାରମାନେ ବୁଣୁଥିବା ଲୁଗାର ମାନ ଓ ଉତ୍ପାଦନ କ୍ଷମତାର ବୃଦ୍ଧି ଘଟିଛି ଏବଂ ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିଛି ବୋଲି ସରକାର ଦାବି କରୁଛନ୍ତି। ଏହାସହ ବୁଣାକାରମାନଙ୍କ ଦୈନିକ ହାରାହାରି ମୁଣ୍ଡପିଛା ଆୟ ୨୦୨୦-୨୧ରେ ୨୨୩ ଟଙ୍କାରୁ ୨୦୨୧-୨୨ରେ ୨୮୦ ଟଙ୍କାକୁ ବୃଦ୍ଧି ପାଇଛି ବୋଲି ସରକାରୀ ଭାବେ ଆକଳନ କରାଯାଇଛି। କିନ୍ତୁ ବୁଣାକାର ଅମୂଲ୍ୟ ସୁର, ଲକ୍ଷ୍ମୀଧର ଚାନ୍ଦ, ଦୁର୍ଯ୍ୟୋଧନ ଚାନ୍ଦ ପ୍ରମୁଖ କୁହନ୍ତି, ବୁଣାକାରମାନଙ୍କ ଅର୍ଥନୈତିକ ସ୍ଥିତି ସମ୍ପୂର୍ଣ୍ଣ ଦୋହଲି ଯାଇଛି। ଶତାଧିକ ବୁଣାକାର ସେମାନଙ୍କ ହସ୍ତତନ୍ତ ଶାଳକୁ ବନ୍ଦ କରି ଦାଦନ ଖଟିବାକୁ ଯାଇଛନ୍ତି।

**ଆଜିର ମନ୍ତବ୍ୟ**

" ଭାରତରେ ପାର୍ଲାମେଣ୍ଟ ଅକାମୀ ହୋଇପଡ଼ିଥିବା ଅନୁଭବ ହେଉଥିବାବେଳେ ଗଣତନ୍ତ୍ର ପାଇଁ ନିଶ୍ୱାସ ନେବା କଷ୍ଟକର ହୋଇପଡ଼ିଛି। ଦେଶର ସବୁ ସଂସ୍ଥାକୁ କବ୍‌ଜା କରାଯାଇଛି। - **ପି. ଚିଦାମ୍ବରମ, ବରିଷ୍ଠ କଂଗ୍ରେସ ନେତା**




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଢ଼ିଲା ଗୃହରକ୍ଷୀଙ୍କ ପାରିଶ୍ରମିକ

- **ପାଉଥିଲେ ୯ ହଜାର ଏବେ ପାଇବେ ୧୨,୪୮୦ ଟଙ୍କା**
- **ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମୁଖ୍ୟ ଶାସନ ସଚିବ ନେଲେ ନିଷ୍ପତ୍ତି**

ଭୁବନେଶ୍ୱର, ୭।୮(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହରକ୍ଷୀଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ରାଜ୍ୟର ସମସ୍ତ ଗୃହରକ୍ଷୀଙ୍କ ଡ୍ୟୁଟି କଲ୍ ଅପ୍ ଆଲାଉନ୍ସରେ ରାଜ୍ୟ ସରକାର ରବିବାର ୩୮ ପ୍ରତିଶତ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ କରାଯିବା ପରେ ଘୋଷଣା କରାଯାଇଛି। ପୂର୍ବରୁ ଗୃହରକ୍ଷୀମାନଙ୍କୁ ଡ୍ୟୁଟି କଲ୍ ଅପ୍ ଆଲାଉନ୍ସ ଭାବେ ମାସିକ ୯ ହଜାର ଟଙ୍କା ମିଳୁଥିବା ବେଳେ ଏହାକୁ ଦୈନିକ ୪୧୬ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ସେମାନଙ୍କ କଲ୍ ଅପ୍ ଆଲାଉନ୍ସ ଭାବେ ମାସିକ ୧୨,୪୮୦ ଟଙ୍କା ମିଳିବ। ଏତଦ୍ ବ୍ୟତୀତ ପୂର୍ବରୁ ମିଳୁଥିବା ଅନ୍ୟାନ୍ୟ ଭତ୍ତା ମଧ୍ୟ ପୂର୍ବବତ୍ ମିଳିବ ବୋଲି ସରକାର ସୂଚନା ଦେଇଛନ୍ତି।




ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରବିବାର ଅନୁଷ୍ଠିତ ନୀତି ଆୟୋଗ ଗଭର୍ଣ୍ଣିଂ କାଉନସିଲ୍‌ର ସପ୍ତମ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଛନ୍ତି।

## ଚମକିଲେ ଭାରତୀୟ...

ପ୍ରଥମ ପୃଷ୍ଠାରୁ...

କବ୍‌ଜା କରିଛନ୍ତି। ଏଲଦୋସେ ପଲ୍ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ତାଙ୍କ ସାଥି ପ୍ରତିଯୋଗୀ ଅବଦୁଲା ଅବୁବାକର ରୌପ୍ୟ ପଦକ ହାସଲ କରିଛନ୍ତି। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଭାରତପାଇଁ ଏହା ଏକ ବିରଳ ସଫଳତାଭାବେ ବିବେଚନା କରାଯାଉଛି। ପଲ୍ ନିଜ ତୃତୀୟ ଉଦ୍ୟମରେ ୧୭.୦୩ ମିଟର ଡେଇଁ ଥିବାବେଳେ ଆବୁବାକର ୫ମ ଉଦ୍ୟମରେ ୧୭.୦୨ ମିଟର କ୍ଲିୟର କରି ପ୍ରଥମ ଦୁଇସ୍ଥାନ ଅଧିକାର କରି ନେଇଥିଲେ। ବର୍ମୁଡାର ଜାହ-ନହଲ ପେରିନଚିଫ ୧୬.୯୨ ମିଟର ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପୂର୍ବରୁ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪ଟି ପଦକ ପାଇଥିଲେ ହେଁ କେବେହେଲେ ଭାରତର ଦୁଇ ପ୍ରତିଯୋଗୀ ଏକାବେଳେ ପୋଡିୟମ ଫିନିଶ୍ କରିପାରି ନ ଥିଲେ। ମହିନ୍ଦର ସିଂ ଗିଲ୍ ଗୋଟିଏ ଲେଖାଏ ବ୍ରୋଞ୍ଜ ଓ ରୌପ୍ୟ ଯଥାକ୍ରମେ ୧୯୭୦ ଓ ୧୯୭୪ରେ ହାସଲ କରିଥିଲେ। ସେହିପରି ରଞ୍ଜିତ ମାହେଶ୍ୱରୀ ୨୦୧୦ରେ ଏବଂ ଅର୍ପିନ୍ଦର ସିଂ ୨୦୧୪ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୌଣସି ଭାରତୀୟ ପ୍ରତିଯୋଗୀ ସ୍ୱର୍ଣ୍ଣିମ ସଫଳତା ପାଇ ନ ଥିଲେ।

## ଭାରତର ପଦକ

| | |
|---|---|
| **ସ୍ୱର୍ଣ୍ଣ** | |
| ନିତୁ ଘଙ୍ଘାସ | ୪୮ କେଜି ମହିଳା ବକ୍ସିଂ |
| ଅମିତ ପଙ୍ଘାଲ | ୫୧ କେଜି ପୁରୁଷ ବକ୍ସିଂ |
| ନିଖତ ଜରିନ | ୫୦ କେଜି ମହିଳା ବକ୍ସିଂ |
| ଏଲଦୋସେ ପଲ | ପୁରୁଷ ଟ୍ରିପଲ ଜମ୍ପ |
| **ରୌପ୍ୟ** | |
| ଅବଦୁଲା ଅବୁବାକର | ପୁରୁଷ ଟ୍ରିପଲ ଜମ୍ପ |
| ଅଚନ୍ତ ଶରଥ କମଲ-ଜି. ସାଥିଆଁ | ପୁରୁଷ ଡବଲ୍ସ ଟେବୁଲ ଟେନିସ |
| **ବ୍ରୋଞ୍ଜ** | |
| ଭାରତୀୟ ଦଳ | ମହିଳା ହକି |
| ଅନୁ ରାଣୀ | ମହିଳା ଜାଭେଲିନ ଥ୍ରୋ |
| ସନ୍ଦୀପ କୁମାର | ପୁରୁଷ ୧୦,୦୦୦ ମିଟର ରେସ୍ ୱାକିଂ |

## ଆମ୍‌ସାର୍ ଆଇନ ...

ଏଥିସହ ଆମ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ପ୍ରାଚୀନ କିର୍ତ୍ତୀରାଜି ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ଅବଶେଷ ଆଇନ (ଏଏମ୍‌ଏସ୍‌ଏଆର୍)ରେ ମଧ୍ୟ ସଂଶୋଧନ ଜରୁରୀ। ଏହା କୋଣାର୍କ ସମେତ ଆମ ଐତିହ୍ୟସ୍ଥଳୀଗୁଡ଼ିକର ସୁରକ୍ଷାରେ ବିଶେଷ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୀତି ଆୟୋଗ ଗଭର୍ଣ୍ଣିଂ କାଉନ୍ସିଲର ସପ୍ତମ ବୈଠକରେ ମତ ରଖିଛନ୍ତି। ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗ ଗଭର୍ଣ୍ଣିଂ କାଉନସିଲ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ 'ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍' ମାନ୍ୟତା ପ୍ରଦାନ ପ୍ରସଙ୍ଗ ନେଇ ନିଜ ଦାବି ମଧ୍ୟ ଦୋହରାଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ନିକଟରେ ଦୀର୍ଘ ୨ ଦଶନ୍ଧି ହେଲା ରାଜ୍ୟ ଦାବି ରଖି ଆସୁଛି। ହେଲେ କେନ୍ଦ୍ର ସରକାର ଏ କଥାକୁ ଅଣଦେଖା କରୁଛନ୍ତି। ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏଭଳି ବିପର୍ଯ୍ୟୟରୁ ରାଜ୍ୟ ଏବଂ ଏଠାରେ ବାସ କରୁଥିବା ଲୋକଙ୍କୁ ରକ୍ଷା କରିବା ଲାଗି ସ୍ୱତନ୍ତ୍ର ଭିତ୍ତିଭୂମି ପ୍ରସ୍ତୁତ କରାଯାଉ। କେନ୍ଦ୍ର ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ ଘୋଷଣା କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଲାଗି ସ୍ୱତନ୍ତ୍ର ଅର୍ଥର ବ୍ୟୟବରାଦ କରିବାକୁ ସେ ଅନୁରୋଧ କରିଛନ୍ତି। ଏହି ଅବସରରେ ଉକ୍ତ ବୈଠକ ଡାକିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ କରୋନା ମହାମାରୀକୁ ଅତି ଦାୟିତ୍ୱପୂର୍ଣ୍ଣ ଭାବେ ମୁକାବିଲା କରିବା ସ୍ୱାଗତଯୋଗ୍ୟ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଖେଳାଳିମାନେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ଏହା ପ୍ରଶଂସନୀୟ ବୋଲି ନବୀନ କହିବା ସହ କ୍ରୀଡାବିତ୍‌ମାନେ ନିଜ ମାତୃଭୂମିକୁ ଗର୍ବିତ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ହେଉଛନ୍ତି ଗୋଟିଏ ଗୋଟିଏ ରାଜନୈତିକ ସଂସ୍ଥା। ଅନେକ ସମୟରେ କେନ୍ଦ୍ରୀୟ ଯୋଜନା ଲାଗୁ କରିବା ବେଳେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ନୀତି ଆୟୋଗ ଏହାକୁ ସମାଧାନ କରିବାର ଆବଶ୍ୟକତା ଅଛି। ଏହାଦ୍ୱାରା ସଂଘୀୟ ଗଣତନ୍ତ୍ର ଏବଂ ଯୋଜନାର ଠିକ୍ କାର୍ଯ୍ୟକାରିତା ଦିଗରେ ସହଜ ହେବ। ହେଲେ ଓଡ଼ିଶା ସବୁବେଳେ ଟେଲିକମ୍, ରେଲୱେ ଏବଂ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଅବହେଳିତ ହୋଇଆସୁଛି। ଏହିସବୁ ଗୁରୁତ୍ୱପୂର୍ଣ୍ଣ ସେବାକୁ ଆଗକୁ ନେବାରେ ଓଡ଼ିଶା ପଛରେ ରହିଯାଇଛି। ଏହିସବୁ କ୍ଷେତ୍ରରେ କେନ୍ଦ୍ର ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଦେବା ଲାଗି ନବୀନ ଅନୁରୋଧ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ତୃଣମୂଳସ୍ତରରେ ଲାଗୁ କରାଯିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି। ବହୁ ଯୋଗ୍ୟ ଚାଷୀଙ୍କୁ ଏଥିରୁ ବାଦ୍ ହେବାକୁ ପଡ଼ିଛି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ନୀତି ଆୟୋଗ ଏହାକୁ ଅନୁଧ୍ୟାନ କରି ସମାଧାନର ରାସ୍ତା କାଢ଼ନ୍ତୁ। ସେହିଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନୂଆ ତାଲିକାରୁ ବହୁ କେବିକେ ଜିଲା ଏବଂ ଆଦିବାସୀଙ୍କୁ ବାଦ୍ ଦିଆଯାଇଛି। ତେଣୁ କେନ୍ଦ୍ର ସରକାର ଏହି ସମସ୍ୟାକୁ ଗୁରୁତର ସହ ନେଇ ତୁରନ୍ତ ଅଧିକ ଘର ଏହି ଯୋଜନାରେ ପ୍ରଦାନ କରନ୍ତୁ। ଏ ବାବଦରେ ଆସିଥିବା ସମସ୍ତ ଦ୍ୱନ୍ଦ୍ୱ ରାଜ୍ୟ ସରକାର ଦୂର କରିଥିବା ସେ କହିଛନ୍ତି। ଗୁଜରାଟର ରାନୀ କା ଭାଓ ଯାହା ୟୁନେସ୍କୋ ହେରିଟେଜ ସାଇଟ୍‌ରେ ଅଛି ତାହା ସ୍ୱାଗତଯୋଗ୍ୟ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ ତାରିଖରୁ ସୋମବାର ପର୍ଯ୍ୟନ୍ତ ଦିଲ୍ଲୀ ଗସ୍ତରେ ଅଛନ୍ତି। ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ ସହିତ କୃଷି, ସ୍ୱାସ୍ଥ୍ୟ, ସହରାଞ୍ଚଳ ବିକାଶ କ୍ଷେତ୍ରରେ ଅଧିକ ଆର୍ଥିକ ସହାୟତା ରାଜ୍ୟକୁ ଦେବା ଲାଗି ନୀତି ଆୟୋଗ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଏବଂ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଭାରତ ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ସୁପରପାୱାର ହେବାର କ୍ଷମତା ରଖେ। ସାମଗ୍ରିକ ବିକାଶ ଦ୍ୱାରା ଏହା ସମ୍ଭବ। କେନ୍ଦ୍ର ଓ ରାଜ୍ୟ ଉଭୟ ୨ଟି ରାଜନୈତିକ ଶକ୍ତି ହୋଇଥିବାରୁ କେନ୍ଦ୍ରର ଅନେକ ଯୋଜନା ଲାଗୁ ହେବାରେ ସମସ୍ୟା ହୋଇଥାଏ ବୋଲି ସେ କହିଛନ୍ତି। ଏହାସହ ବୈଠକରେ ଉପସ୍ଥିତ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇବା ସହିତ ଅନ୍ୟ ସମସ୍ତ ରାଜ୍ୟର ଉପସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଠିକ୍ ଭାବେ କାର୍ଯ୍ୟକାରୀ ହେବ, ଯାହାଦ୍ୱାରା ଏହା ଦେଶର ପ୍ରକୃତ ଏକତା ଏବଂ ସଂଘୀୟ ଗଣତନ୍ତ୍ରରେ ପ୍ରତିଫଳିତ ହେବ ବୋଲି କହିଛନ୍ତି।


## classifieds Everyday
0674-2580101, 2549302




**SALE**

2BHK flat 1265sqft. 2Bath, 2Balcony, Pujaroom, very near GuruNanak Public & Venketeswar School & Saraswati Sisu Mandira at Gudiapokhari Chhaka. 9437562371. D-73713

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର **New Railway Station**ରୁ **400mtr** ଦୂରତାରେ **yellowzone-sqft.-650/-**, ବାରଙ୍ଗ-ତ୍ରିଶୁଳିଆ **NH side**ରେ **sqft.-1500/- (SC plot available). 9078371787.** D-73290




Newly open full body massage, ladies and gents. 7846923244. D-73948

All type body massage by Expert Therapist, Room service available. 8917243035. D-73631

Newly open SPA positively health benefit with expert. Contact: 7749976301. D-73854

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73949

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly open full body massage 1099 free massage one. Mo: 9583808247. D-1164

**AFFIDAVIT**

By virtue of resolution passed on 03.08.2022 by Board Trustee of Sri Jagannath Education & Charitable Trust, Bhubaneswar and affidavit before Notary Public, Bhubaneswar on 07.08.2022 our College name changed from Capital Academy of Nursing to Manjari Devi Academy of Nursing. Henceforth our College shall be known as Manjari Devi Academy of Nursing for all purposes. D-71040

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**କୋଳପୋଛା ପୁଅ ଗେଲ ବସର**
**ଲେଫଡା ମୁହଁଟା ଦିଶେ ସୁନ୍ଦର।**

ସାଧାରଣତଃ ବାପା ମାଆଙ୍କ ଶେଷ ସନ୍ତାନ ଅତି ଗେଲବସରର ହୋଇଥାନ୍ତି। ସେହିପରି ରୂପ, ବର୍ଣ୍ଣ ତଥା ଚେହେରା ଯେତେ ଅସୁନ୍ଦର ହୋଇଥିଲେ ମଧ୍ୟ ବାପା ମାଆଙ୍କ ଆଖିରେ ସନ୍ତାନ ସର୍ବଦା ସୁନ୍ଦର ଦିଶୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୂଅରେ ପଡିଲା ଗୋଡି**
**ମତେ ନ ବୋଲିବ ବୁଢ଼ୀ ବୋଲି**
**ବଅସ ମୋ ତିନି କୋଡ଼ି।**

ସାଧାରଣତଃ ମହିଳାମାନେ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ ଲାଗି କୁଣ୍ଠାବୋଧ କରିଥାନ୍ତି। ଏପରିସ୍ଥିତିରେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ନିଜ ବୟସକୁ ଲୁଚାଇ ରଖିବା ନେଇ ଅପଚେଷ୍ଟା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# 'ପାଗ ସମ୍ପର୍କିତ ପୂର୍ବାନୁମାନକୁ ପ୍ରଭାବିତ କରୁଛି ଜଳବାୟୁ ପରିବର୍ତ୍ତନ'

**ଠିକ୍ ପୂର୍ବାନୁମାନ ଲାଗି ଅଧିକ ରାଡାର ସହ ଆକଳନ ବ୍ୟବସ୍ଥାର ଉନ୍ନତି କରାଯାଉଛି: ଆଇଏମ୍‌ଡି ଏମ୍‌ଡି**

ନୂଆଦିଲ୍ଲୀ,୭।୮: ଜଳବାୟୁ ପରିବର୍ତ୍ତନ ଯୋଗୁ ପାଣିପାଗର ଠିକ୍ ଆକଳନ କରିବା ସାରା ବିଶ୍ୱର ଫୋରକାଷ୍ଟିଂ ଏଜେନ୍ସିଗୁଡ଼ିକ ପାଇଁ କଷ୍ଟକର ହୋଇପଡ଼ିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ପାଣିପାଗର ଉପଯୁକ୍ତ ଆକଳନ ଲାଗି ଆଇଏମ୍‌ଡି ଅଧିକ ରାଡାର ଲଗାଇବା ସହ ଏହାର ଉଚ୍ଚକ୍ଷମତା ସମ୍ପନ୍ନ ଆକଳନ ବ୍ୟବସ୍ଥାରେ ଉନ୍ନତି କରୁଥିବା ସେ ସୂଚନା ଦେଇଛନ୍ତି। ଦେଶରେ ମୌସୁମୀ ବର୍ଷାର କୌଣସି ନିର୍ଦ୍ଦିଷ୍ଟ ଧାରା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳୁନାହିଁ। ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରବଳ ବର୍ଷା ଅଧିକ ହେଉଥିବାବେଳେ ସ୍ୱଳ୍ପ ବୃଷ୍ଟିପାତ ସଂଖ୍ୟା ହ୍ରାସ ପାଉଛି। ୨୦୨୫ ସୁଦ୍ଧା ପ୍ରଭାବ ଭିତ୍ତିକ ପୂର୍ବାନୁମାନ ଅଧିକ ନିର୍ଦ୍ଦିଷ୍ଟ ଓ ଠିକ୍ ହୋଇପାରିବ ଏବଂ ଆଗାମୀ ଦିନରେ ଆଇଏମ୍‌ଡି ପଞ୍ଚାୟତ ସ୍ତରର କ୍ଲଷ୍ଟର ତଥା ସହରର ନିର୍ଦ୍ଦିଷ୍ଟ ଅଞ୍ଚଳର ପାଣିପାଗ ସମ୍ପର୍କରେ ଠିକ୍ ପୂର୍ବାନୁମାନ କରିପାରିବ ବୋଲି ମହାପାତ୍ର କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ବାୟୁମଣ୍ଡଳରେ ଅସ୍ଥିରତା ବୃଦ୍ଧି ପାଇଛି। ଫଳରେ ଅନେକ ସମୟରେ କାଳବୈଶାଖୀ, ବଜ୍ରପାତ ଓ ପ୍ରବଳ ବର୍ଷା ଭଳି ପାଗ ସୃଷ୍ଟି ହେଉଛି। ଆରବ ସାଗରରେ ଭୀଷଣ ସାମୁଦ୍ରିକ ଝଡ଼ବାତ୍ୟା ସଂଖ୍ୟା ବଢ଼ୁଛି। ବାରମ୍ବାର ପାଣିପାଗରେ ଏଭଳି ପରିବର୍ତ୍ତନ ପୂର୍ବାନୁମାନକାରୀଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହାର ସମାଧାନ ପାଇଁ ପର୍ଯ୍ୟବେକ୍ଷଣ ନେଟୱର୍କକୁ ଅଧିକ ଉନ୍ନତ କରାଯାଉଛି। ପାଣିପାଗର ଠିକ୍ ଆକଳନ ପାଇଁ ଅଧିକ ରାଡାର, ସ୍ୱୟଂକ୍ରିୟ ପାଣିପାଗ କେନ୍ଦ୍ର, ରେନ୍‌ଗଜ୍ ଓ ସାଟେଲାଇଟ ସ୍ଥାପନ କରାଯାଉଥିବା ଆଇଏମ୍‌ଡି ମୁଖ୍ୟ କହିଛନ୍ତି। ଉତ୍ତରପଶ୍ଚିମ ହିମାଳୟ ଅଞ୍ଚଳରେ ୬ଟି ରାଡାର ଲଗାଯାଇଥିବାବେଳେ ଚଳିତ ବର୍ଷ ଆଉ ୪ଟି ଲଗାଯିବ। ଉତ୍ତରପୂର୍ବ ହିମାଳୟ ଅଞ୍ଚଳ ପାଇଁ ୮ଟି ରାଡାର କିଣାଯାଉଛି। ଏହା ବ୍ୟତୀତ ଦେଶର ଅନ୍ୟ ଭାଗରେ ଅଧିକ ୧୧ଟି ରାଡାର ଲଗାଯିବ। ବର୍ତ୍ତମାନ ଦେଶରେ ୩୪ ପାଣିପାଗ ରାଡାର ଥିବାବେଳେ ଏହାକୁ ୨୦୨୫ ସୁଦ୍ଧା ୬୭କୁ ବଢ଼ାଯିବ। ଏଥିସହିତ ଭୂବିଜ୍ଞାନ ମନ୍ତ୍ରଣାଳୟ ଉଚ୍ଚକ୍ଷମତା ସମ୍ପନ୍ନ ଆକଳନ ବ୍ୟବସ୍ଥାର ଉନ୍ନତି ଲାଗି ଯୋଜନା କରିଛି। ଆଗାମୀ ଦୁଇବର୍ଷରେ ଏହାର ସାମର୍ଥ୍ୟ ୧୦ରୁ ୩୦ ପେଟାଫ୍ଲପ୍‌କୁ ବଢ଼ାଯିବ। ଫଳରେ ଏହା ଅଧିକ ଡାଟା ଗ୍ରହଣ କରିପାରିବ। ୱେଦର ମଡେଲର ରେଞ୍ଜ୍ ଯେତେ କମ୍ ହେବ ଆକଳନ ସେତେ ଅଧିକ ସ୍ପଷ୍ଟ ହୋଇପାରିବ। ବର୍ତ୍ତମାନ ଆଇଏମ୍‌ଡି-ଏମ୍‌ଓଇଏସ୍‌ର ୱେଦର ମଡେଲିଂ ସିଷ୍ଟମର ରେଞ୍ଜ୍ ୧୨ କିଲୋମିଟର ଥିବାବେଳେ ଏହାକୁ ୬ କିଲୋମିଟରକୁ ହ୍ରାସ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ସେହିପରି ଆଞ୍ଚଳିକ ମଡେଲିଂ ସିଷ୍ଟମର ରିଜଲ୍ୟୁଶନ ୩ କିଲୋମିଟରରୁ ୧ କିଲୋମିଟର କରାଯିବ। ବର୍ତ୍ତମାନ ଜିଲା ଓ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ପାଣିପାଗ ଆକଳନ କରାଯାଉଥିବାବେଳେ ଆଗାମୀ ଦିନରେ ପଞ୍ଚାୟତ ଓ ସହରର ନିର୍ଦ୍ଦିଷ୍ଟ ଅଞ୍ଚଳର ପାଣିପାଗ ବିଷୟରେ ପୂର୍ବାନୁମାନ କରାଯିବ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି।

## ଆଜି ଯୁକ୍ତ ୨ କଳା ...

ପ୍ରଥମ ପୃଷ୍ଠାରୁ...

ବିଜ୍ଞାନରେ ପାସ୍ ହାର ୯୪ ପ୍ରତିଶତ ରହିଥିବା ବେଳେ ବାଣିଜ୍ୟରେ ପାସ୍ ହାର ୮୯ ପ୍ରତିଶତ ରହିଥିଲା। ରାଜ୍ୟର ୧,୧୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୩ ଲକ୍ଷ ୨୧ ହଜାର ୫୦୮ ପରୀକ୍ଷାର୍ଥୀ ଯୁକ୍ତ୨ ପରୀକ୍ଷା ଦେଇଥିଲେ। କଳାରେ ୨ଲକ୍ଷ ୧୩ ହଜାର ୪୩୨ ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୫ ହଜାର ୮୬୩ ଜଣ ପରୀକ୍ଷା ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଶ୍ୱିନୀ ନକ୍ଷତ୍ର ଆଳସ୍ୟ ଯୋଗୁ ବନ୍ଧୁ ମହଲରେ ଅପମାନିତ ହୋଇପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ବିବାଦୀୟ ଘଟଣାରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପାରିବାରିକ କ୍ଷେତ୍ର ବହୁତ ଭଲ ରହିବ।

**ବୃଷ**
ଦ୍ୱିଜା ନକ୍ଷତ୍ରର ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆୟଠାରୁ ବ୍ୟୟ ଅଧିକ ହେବ। ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିବାଦୀୟ ବ୍ୟକ୍ତି ସାହାଯ୍ୟ କରିବେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମିଥୁନ**
ପୁନର୍ବସୁ ନକ୍ଷତ୍ରର ଆଜି ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। ଅନ୍ୟର କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରିବେ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**କର୍କଟ**
ଅଶ୍ଳେଷା ନକ୍ଷତ୍ରର ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମନ ଭଲ ରହିବ ନାହିଁ। କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ**
ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ଆକସ୍ମିକ ଭାବରେ ଧନ ଓ ସମ୍ମାନ ପାଇବେ। ବନ୍ଧୁମାନେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ବନ୍ଧୁମେଳରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା**
ହସ୍ତା ନକ୍ଷତ୍ରର କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା**
ବିଶାଖା ନକ୍ଷତ୍ରର ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। କଚେରି ମାମଲା ମନ୍ଥର ହୋଇପାରେ। କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

**ବିଛା**
ଅନୁରାଧା ନକ୍ଷତ୍ର ଆକସ୍ମିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ କିନ୍ତୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ।

**ଧନୁ**
ପୂର୍ବାଷାଢ଼ା ନକ୍ଷତ୍ରର କର୍ମକ୍ଷେତ୍ରରେ ଫାଇଲ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପରୋକ୍ଷ ଶତ୍ରୁତା ହେତୁ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। କର୍ମକ୍ଷେତ୍ରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମକର**
ଧନିଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପାଖ,ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା କରାଯାଇପାରେ।

**କୁମ୍ଭ**
ଶତଭିଷା ନକ୍ଷତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ।

**ମୀନ**
ରେବତୀ ନକ୍ଷତ୍ରର ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମକ୍ଷେତ୍ରର କୌଣସି ଘଟଣା ମନକୁ ବିବ୍ରତ କରିପାରେ।

# ଭୁବନେଶ୍ୱରରୁ ଆଉଜଣେ ଗିରଫ

**ପାରାଦୀପ ବନ୍ଦରରେ ଲାଞ୍ଚ କାରବାର ମାମଲା**

ଭୁବନେଶ୍ୱର,୭।୮(ବ୍ୟୁରୋ)

ପାରାଦୀପ ବନ୍ଦରରେ ଏକ କନଭେୟର ବେଲ୍ଟ ମରାମତି ପାଇଁ ହୋଇଥିବା ଲାଞ୍ଚ କାରବାର ଘଟଣାରେ ସିବିଆଇ ଖୋଳତାଡ଼ ଜାରି ରଖିଛି। ମାମଲାରେ ରବିବାର ଆଉ ଜଣଙ୍କୁ ସିବିଆଇ ଗିରଫ କରିଥିବା ସୂଚନା ମିଳିଛି। ସେ ହେଲେ ଭୁବନେଶ୍ୱର ବମିଖାଲରେ ରହୁଥିବା ଦେବପ୍ରିୟ ମହାନ୍ତି। ସେ କେଉଁସିଟି କମ୍ପାନୀରେ କାମ କରୁଥିଲେ ବୋଲି କୁହାଯାଉଛି। ସିବିଆଇର ଏଫ୍‌ଆଇଆର୍‌ରେ ଦେବପ୍ରିୟଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ତେବେ ଏହି ମାମଲାରେ ଶୁକ୍ରବାର ପାରାଦୀପ ବନ୍ଦରର ଚିଫ୍ ମେକାନିକାଲ ଇଞ୍ଜିନିୟର (ସିଏମ୍‌ଇ) ସରୋଜ କୁମାର ଦାସଙ୍କ ସମେତ ୪ ଏବଂ ଶନିବାର ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍) ଓସିଏଲ୍‌ର ନିର୍ଦ୍ଦେଶକ ତଥା ଶିଳ୍ପପତି ମହିମା ମିଶ୍ରଙ୍କ ସାନପୁଅ ଚର୍ଚ୍ଚିତ ମିଶ୍ର ଓ ବିଲ୍ଡର ଶିଶିର ଦାସଙ୍କୁ ଗିରଫ କରାଯାଇଥିଲା। ଫଳରେ ଏବେ ଏହି ମାମଲାରେ ଗିରଫଦାରି ସଂଖ୍ୟା ୭ରେ ପହଞ୍ଚିଥିବାବେଳେ ଲାଞ୍ଚ କାରବାରରେ ଆଉ କାହାର ସମ୍ପୃକ୍ତ ରହିଛି ସେନେଇ ସିବିଆଇ ଖୋଳତାଡ଼ କରୁଛି।



ୟୁନିସେଫ୍, ଧରିତ୍ରୀ ଏବଂ ପିକକ୍ ମିଳିତ ସହଯୋଗରେ କେନ୍ଦୁଝରରେ ଆୟୋଜିତ ୩ ଦିନିଆ ଶିଶୁ ସାମ୍ବାଦିକତା ସମ୍ପର୍କିତ କର୍ମଶାଳାର ରବିବାର ଉଦ୍‌ଯାପନୀ ଦିବସରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

# ପାଇଖାନା ଟାଙ୍କି ଉପରେ ଅଙ୍ଗନୱାଡି ରୋଷେଇ

**ବାଙ୍ଗିରିପୋଷି, ୭।୮ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଚାକିଡ଼ି ପଞ୍ଚାୟତ ଅଧୀନ ଆମନ୍ଦାପାଣି ଗ୍ରାମରେ ବାଟବଣା ହୋଇଛି ପ୍ରାକ୍ ବିଦ୍ୟାଳୟ ଶିକ୍ଷା। ଏଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ମିଶନ ଶକ୍ତି ଘରେ ଛୋଟ ପିଲାଙ୍କ ଭବିଷ୍ୟତ ଗଢ଼ା ଚାଲିଛି । ମିଶନ ଶକ୍ତିର ପାଇଖାନା ଟାଙ୍କି ଉପରେ ଅଙ୍ଗନୱାଡିର ରୋଷେଇ ହେଉଛି। ବର୍ଷା ଆସିଲେ ସହାୟିକା ଜଣକ ଛତା ଧରି ରୋଷେଇ କରୁଛନ୍ତି।

ଏହି ଅଙ୍ଗନୱାଡି କେନ୍ଦ୍ରରେ ଗାଁର ୫୦ରୁ ଉର୍ଦ୍ଧ୍ୱ ଶିଶୁ ପାଠ ପଢୁଛନ୍ତି। ହେଲେ ଦୀର୍ଘଦିନ ହେଲା ଜମି ସମସ୍ୟା ଓ ରାଜନୈତିକ ହସ୍ତକ୍ଷେପ ଯୋଗୁ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇପାରୁନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେବଳ ଆମନ୍ଦାପାଣି ନୁହେଁ, ବ୍ଲକର ବହୁ ଅଙ୍ଗନୱାଡି କେନ୍ଦ୍ରର ଏଭଳି ଅବସ୍ଥା। ଅନେକ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସରିବାର ନାଁ ନେଉନି। କେଉଁଠି ଗୃହ ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିଥିବା ବେଳେ ଆଉ କେଉଁଠି କାମ ଆରମ୍ଭ ହୋଇପାରିନି। ଅଙ୍ଗନୱାଡି କେନ୍ଦ୍ରରେ କେବଳ ପିଲାମାନଙ୍କୁ ପାଠ ପଢ଼ାଯାଉଛି ତାହା ନୁହେଁ, ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କୁ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ଅଣ୍ଡା, ଛତୁଆ ଆଦି ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟଗତ ପରାମର୍ଶ ଶହ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ ଏଠାରେ କରାଯାଉଛି। କିନ୍ତୁ ସ୍ଥାୟୀ ଘର ନ ଥିବାରୁ ଏଥିରେ ସମସ୍ୟା ସୃଷ୍ଟି ହେଉଛି। ଏମିତି ଯାବତୀୟ ସମସ୍ୟା ଭିତରେ ଅଙ୍ଗନୱାଡି କେନ୍ଦ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହୋଇପାରୁନି। କୁନି କୁନି ପିଲା ଉପଯୁକ୍ତ ପରିବେଶ ନ ପାଇ ପଢ଼ିବାକୁ ଓ ବଢ଼ିବାକୁ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# 'ପିଲାମାନେ ହିଁ ସାମାଜିକ ପରିବର୍ତ୍ତନ ଆଣିପାରିବେ'

## ଶିଶୁ ସାମ୍ବାଦିକତା ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ

**ଯୋଡ଼ା, ୭।୮ (ସ୍ୱ.ପ୍ର.)**

କେନ୍ଦୁଝର ପାନ୍ଥନିବାସଠାରେ ୟୁନିସେଫ୍, ଧରିତ୍ରୀ ଏବଂ ପିକକ୍ ମିଳିତ ସହଯୋଗରେ ଗତ ୩ଦିନ ଧରି ଚାଲିଥିବା 'ଶିଶୁ ସାମ୍ବାଦିକତା' ତାଲିମ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସରେ କେନ୍ଦୁଝର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ଅତିଥିଭାବେ ଯୋଗ ଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇଥିଲେ। ଏପରି କି ଚାଇଲ୍ଡ ରିପୋର୍ଟିଂ ପ୍ରଶିକ୍ଷଣ ନେଉଥିବା ପିଲାମାନେ ଯଦି ସେମାନଙ୍କ ଅଞ୍ଚଳର ଲୋକମାନଙ୍କୁ ସାମାଜିକ ସୁରକ୍ଷା ଅନ୍ତର୍ଗତ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିପାରିଲେ ତେବେ ସେମାନଙ୍କ ମଧ୍ୟରେ ନେତୃତ୍ୱ ନେବାର କ୍ଷମତା ବୃଦ୍ଧି ପାଇବା ସହ ସାମାଜିକ ପରିବର୍ତ୍ତନ ଆଣିପାରିବେ ବୋଲି ମୋଦି କହିଥିଲେ। ଏହି କାର୍ଯ୍ୟକ୍ରମରେ ଧରିତ୍ରୀ ଯୋଡ଼ା ପ୍ରତିନିଧି ମାନସ ରଞ୍ଜନ ମହାନ୍ତି ଯୋଗ ଦେଇ ପିଲାମାନଙ୍କୁ ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ କିପରି ପ୍ରଶାସନ ନିକଟରେ ପହଞ୍ଚା ଯାଇପାରିବ ଏବଂ ଏଥିପାଇଁ ପିଲାମାନେ କ'ଣ କରିବେ ସେନେଇ ପ୍ରଶିକ୍ଷଣ ଦେଇଥିଲେ।




ଏଥିସହ ସମସ୍ୟାମୂଳକ ଏବଂ ଭଲ ଖବରଗୁଡ଼ିକୁ କିଭଳିଭାବେ ଲେଖାଯିବ ସେସମ୍ପର୍କରେ ପିଲାମାନଙ୍କୁ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। କର୍ମଶାଳାରେ ୟୁନିସେଫର କମ୍ୟୁନିକେଶନ ଆଡଭୋକେସି ରାଧିକା ଶ୍ରୀବାସ୍ତବ, ପିକକ୍ ସଙ୍ଗଠନର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ୟୁନିସେଫ୍‌ର ସାକିଲ୍ ଜମିଲ ପ୍ରମୁଖ ଉପସ୍ଥିତ ରହି ପିଲାଙ୍କ ସୁରକ୍ଷା ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। କର୍ମଶାଳାରେ କେନ୍ଦୁଝର ଜିଲା ପାଟଣା ବ୍ଲକର ବିଭିନ୍ନ ସ୍କୁଲ୍‌ରୁ ଯୋଗ ଦେଇଥିବା ୫୦ଜଣ ଛାତ୍ରୀଛାତ୍ରଙ୍କୁ ଶେଷରେ ସ୍କୁଲ୍ ବ୍ୟାଗ ଏବଂ ବିଭିନ୍ନ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା।

# ୧୪ ଦିନ ପାଇଁ ହାଜତକୁ ଗଲେ ଓଡ଼ିଆ ଯବାନ

## କୋଲକାତା ମ୍ୟୁଜିୟମ ଗୁଳିକାଣ୍ଡ ଘଟଣା

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର(ଡି.ଏନ୍.ଏ.), ୭।୮**

କେନ୍ଦ୍ରୀୟ କୋଲକାତାର ବ୍ୟସ୍ତବହୁଳ ପାର୍କଷ୍ଟ୍ରିଟ୍ ଅଞ୍ଚଳରେ ଥିବା ଇଣ୍ଡିଆନ ମ୍ୟୁଜିୟମ୍‌କୁ ଲାଗି ରହିଥିବା ବାରାକ୍‌ରେ ଗତ ଶନିବାର ସନ୍ଧ୍ୟାରେ ଘଟିଥିବା ଗୁଳିକାଣ୍ଡ ଘଟଣାର ଅଭିଯୁକ୍ତ ଜଣେ ଓଡ଼ିଆ ଯବାନ ବୋଲି ସ୍ପଷ୍ଟ ହୋଇଛି। ସେଣ୍ଟ୍ରାଲ୍ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍ଏଫ୍)ରେ ହେଡ୍ କନଷ୍ଟେବଲ ଭାବେ କାର୍ଯ୍ୟରତ ଅକ୍ଷୟ କୁମାର ମିଶ୍ରଙ୍କୁ ଛୁଟି ନ ମିଳିବାରୁ ମାନସିକ ଚାପର ବଶବର୍ତ୍ତୀ ହୋଇ ସେ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ କୋଲକାତାର ଏକ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ପଞ୍ଚାୟତ ମାଛିଆ ଗ୍ରାମରେ ଅକ୍ଷୟଙ୍କ ପୈତୃକ ଗ୍ରାମ। ସେ କୋଲକାତାର ଭାରତୀୟ ସଂଗ୍ରହାଳୟ ସୁରକ୍ଷାରେ ନିୟୋଜିତ ଥିଲେ। ତେବେ କୌଣସି କାରଣରୁ ସେ ଶନିବାର ସନ୍ଧ୍ୟାରେ ନିଜର ସର୍ଭିସ୍ ବନ୍ଧୁକ (ଏକେ-୪୭)ରୁ ଆଖିବୁଜା ଗୁଳିଚାଳନା କରିଥିଲେ। ଏଥିରେ ସିଆଇଏସ୍ଏଫ୍‌ର ସହକାରୀ ସବ୍‌ଇନ୍ସପେକ୍ଟର (ଅକ୍ଷୟଙ୍କ ସହକର୍ମୀ ତଥା ଓଡ଼ିଆ ଯବାନ) ରଞ୍ଜିତ ଷଡ଼ଙ୍ଗୀଙ୍କ ମୃତ୍ୟୁ ଘଟିଥିବାବେଳେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁବିତ୍ ଘୋଷଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଏସ୍ଏସ୍‌କେଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଗୁଳିକାଣ୍ଡ ପରେ ଶନିବାର ବିଳମ୍ବିତ ରାତିରେ ମ୍ୟୁଜିୟମ ପରିସରରୁ ଅଭିଯୁକ୍ତ ଯବାନଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କୁ ନ୍ୟୁ-ମାର୍କେଟ ପୋଲିସ ଷ୍ଟେଶନକୁ ନିଆଯାଇଥିଲା, ଯେଉଁଠାରେ କୋଲକାତା ପୋଲିସର ବରିଷ୍ଠ ଅଧିକାରୀମାନେ ରାତିସାରା ତାଙ୍କୁ ପଚରାଉଚରା କରିଥିଲେ। ଜେରା ବେଳେ ଅକ୍ଷୟ କହିଥିଲେ ଯେ, ତାଙ୍କର ମୁଖ୍ୟ ଟାର୍ଗେଟ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁବିତ୍ ଘୋଷ ଥିଲେ। ତାଙ୍କୁ ଅଢ଼େଇ ମାସ ଧରି ଉଦ୍ଦେଶ୍ୟମୂଳକ ଭାବେ ବୈଧ ଛୁଟି ଦିଆଯାଉ ନ ଥିଲା। କିଛି ମାସ ହେଲା ସହକର୍ମୀମାନେ ବାରମ୍ବାର ଅପମାନିତ କରୁଥିଲେ। ତେଣୁ ଏଭଳି ପଦକ୍ଷେପ ନେବାକୁ ବାଧ୍ୟ ହେଲେ ବୋଲି ସେ ପୋଲିସକୁ କହିଛନ୍ତି। ଅକ୍ଷୟଙ୍କ ବିରୋଧରେ ଆଇପିସିର ଦଫା ୩୦୭, ୩୦୨, ଆର୍ମସ୍ ଆକ୍ଟର ଦଫା ୨୭ରେ ମାମଲା ରୁଜୁ କରାଯାଇଛି।

ଅନ୍ୟପଟେ ଅକ୍ଷୟ ଧରାପଡ଼ିବା ପରେ କୋଲକାତା ପୋଲିସ ଆଶ୍ୱସ୍ତ ହୋଇଥିଲା। କାରଣ ମ୍ୟୁଜିୟମ୍ ଖୋଲା ଥିବା ସମୟରେ ଏହି ଘଟଣା ଘଟିଥିଲା। ଗୁଳିକାଣ୍ଡ ପରେ ଅକ୍ଷୟ ଫେରାର ହେବାକୁ ଉଦ୍ୟମ କରିଥିଲେ। ସେ ପୁନର୍ବାର ଅନ୍ୟ ସହକର୍ମୀଙ୍କୁ ଟାର୍ଗେଟ୍ କରିବା ଆଶଙ୍କା ଥିଲା। ସେହିପରି ରବିବାର ଛୁଟିଦିନରେ ମ୍ୟୁଜିୟମ ପରିଦର୍ଶନ ସମୟରେ ନିୟମିତ ପରିଦର୍ଶକମାନେ ଗୁଳିକାଣ୍ଡ ଘଟଣାକୁ ନେଇ ସାମାନ୍ୟ ଆତଙ୍କିତ ଥିବା ପରିଲକ୍ଷିତ ହୋଇଥିଲା।

## 'ଛୁଟି ମିଳୁ ନ ଥିଲା, ଅପମାନ ଅସହ୍ୟ ହେଲା'



ଯବାନ ଅକ୍ଷୟ ମିଶ୍ର

ସିଆଇଏସ୍ଏଫ୍‌ରେ ହେଡ୍‌କନଷ୍ଟେବଲ ଅକ୍ଷୟ କୁମାର ମିଶ୍ରଙ୍କ ପୈତୃକ ଘର ରାୟନୃସିଂହପୁର ପଞ୍ଚାୟତର ମାଛିଆରେ। ସ୍ତ୍ରୀ ଏବଂ ସନ୍ତାନ ଢେଙ୍କାନାଳ ବନମାଳୀପ୍ରସାଦରେ ଭଡ଼ାଘରେ ରହୁଥିବାବେଳେ ସେ ଦୁଇବର୍ଷ ହେଲା କୋଲକାତାରେ କାର୍ଯ୍ୟରତ ଥିଲେ। ଗତ ଏପ୍ରିଲ ୨୬ରେ ତାଙ୍କ ବାପା ଉମେଶ ଚନ୍ଦ୍ର ମିଶ୍ରଙ୍କ ଦେହାନ୍ତ ହେବା ପରେ ସେ ଛୁଟିରେ ଆସିଥିଲେ। ବାପାଙ୍କ ଦଶାହ ଦିନ ତାଙ୍କ ବଡ଼ବାପାଙ୍କ ଦେହାନ୍ତ ହୋଇଥିଲା। ଏହାପରେ ସେ ଛୁଟି ବଢ଼ାଇଥିଲେ। ତେବେ ଜରୁରୀ କାର୍ଯ୍ୟରେ ଘରକୁ ଆସିବା ଲାଗି ପୁଣି ଛୁଟି ମାଗିଥିଲେ। ହେଲେ ଉଚ୍ଚପଦସ୍ଥ ଅଧିକାରୀ ଏହାକୁ ମଞ୍ଜୁର କରି ନ ଥିଲେ। ସେହିପରି ସହକର୍ମୀଙ୍କ ଦ୍ୱାରା ବାରମ୍ବାର ଅପମାନିତ ହେବା ପରେ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ ଅକ୍ଷୟ। ଏହା ପରେ ସେ ହିତାହିତ ଜ୍ଞାନ ହରାଇ ଏଭଳି କାଣ୍ଡ ଘଟାଇଥିବା ପୋଲିସ ଆଗରେ କହିଛନ୍ତି।

ଅନ୍ୟପଟେ ସ୍ୱଭାବରେ ଶାନ୍ତଶିଷ୍ଟ ଏବଂ ମେଳାପୀ ଅକ୍ଷୟ ଜଣେ ମେଧାବୀ ଛାତ୍ର ଥିବା ଜଣାପଡ଼ିଛି। ମାଟ୍ରିକ୍ ଏବଂ ବିଏସ୍‌ସିରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଗ୍ରାମକୁ ଆସିଲେ ଭଲମନ୍ଦ ବୁଝୁଥିଲେ। ସମସ୍ତଙ୍କ ସହ ଭଲରେ ମିଶୁଥିଲେ। ତେବେ ସେ କାହିଁକି ଏଭଳି ପଦକ୍ଷେପ ନେଲେ ତାହା ଆଶ୍ଚର୍ଯ୍ୟ କରିଛି ବୋଲି ତାଙ୍କ ସମ୍ପର୍କୀୟ ଭାଇ ବିପିନ ବିହାରୀ ମିଶ୍ର, ବବିତା ମିଶ୍ର ଏବଂ ଗ୍ରାମବାସୀ ନବଘନ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାୟନୃସିଂହପୁର ସରପଞ୍ଚ ଶିଶିରକାନ୍ତ ବେହେରା କୁହନ୍ତି, ବଡ଼ବାପା ଏବଂ ବାପାଙ୍କ ଦେହାନ୍ତ ପରେ ଅକ୍ଷୟ ପ୍ରାୟ ମାସେ ଛୁଟିରେ ଗ୍ରାମକୁ ଆସି ଶୁଦ୍ଧିକ୍ରିୟା ସାରି ଫେରିଥିଲେ। ଏହି ଗୁଳିକାଣ୍ଡ ପଛରେ ଅନ୍ୟ କିଛି କାରଣ ଥାଇପାରେ ବୋଲି ସରପଞ୍ଚ କହିଛନ୍ତି।



## ODISHA SUB-ORDINATE STAFF SELECTION COMMISSION

### ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ

ବ୍ଲକ୍ ନଂ.-3 ଏବଂ 5, ୟୁନିଟ୍-1, ଭୁବନେଶ୍ୱର-751009
ଦୂରଭାଷ- 0674-2597149, 2597152 (ଅଫିସ୍), ଫାକ୍ସ- 0674--2597155, ୱେବ୍‌ସାଇଟ୍: www.osssc.gov.in

**NOTICE**

**No.IIE-42/2022- 268 (C)/OSSSC Date- 6.8.2022**

**Calling for willingness for the Physical Test (2nd Round) for the Post of Forest Guard & Excise Constable only under CRE-2021 for Group 'C' Posts**

No.T-125:- In pursuance of the Advertisement No. IIE-121/2021-999(C)/OSSSC dt.30.09.2021 and Notice No.IIE-29/2022-124(C)/OSSSC dt.18.05.2022 for the Combined Recruitment Examination-2021 for Group-C posts, the Physical Test comprising of Physical Standard Measurement (PSM) and Physical Efficiency Test (PET) for teh post of Forest Guard and Excise Constable were taken up from 26th July, 2022 onwards for the candidates shortlisted / screened on the basis of their performance in the written test.

2. The number of candidates qualified in the PSM & PET are not sufficient to fill up the vacancies for the pot of Forest Guard and Excise Constable. The Commission has been pleased to conduct another round of Physical Test for both the posts to fill up the vacancies after shortlisting candidates from among the candidates placed in the Provisional Master Merit list of CRE-2021. The candidates who have earlier been shortlisted & called for the Physical Test shall not be considered again.

3. Candidates interested for the aforesaid posts having minimum physical standards are required to indicate their willingness online for either one or both the posts (as per eligibility) afresh to appear for the Physical Test comprising of Physical Standard Measurement (PSM) and Physical Efficiency Test (PET) by 17th August 2022. On receipt of willingness, the Commission will prepare a 2nd screening list of candidates to be called for Physical Test.

**The candidates are advised to go through the minimum requirements of Physical Standards for each post and to opt accordingly only if they possess the minimum required Physical standard failing which they shall be disqualified at the first instance and shall not be allowed to participate in the Physical Efficiency Test (PET). The minimum requirement for the events is reiterated in brief for ready reference as under.**

**4. PSM & PET for Forest Guard**

(i) The applicatnts for Forest Guard must have the minimum physical standard of Height and Chest as detailed below:

| Category | | Minimum Height (In cm) | Minimum Chest (In cm) | |
|---|---|---|---|---|
| | | | Un-expanded | Expanded |
| Men | UR/SEBC/SC | 168 | 81 | Upto 5 cm |
| | ST | 158 | 81 | Upto 5 cm |
| Women | UR/SEBC/SC/ST | 153 | | |

(ii) Events of PET for the post of **Forest Guard**

**Male** Candidates (All categories)

| Sl. No. | Type of Physical Efficiency Test | Qualifying distance / time / height / length |
|---|---|---|
| (a) | **Walking** | **25 Kms.** |
| | Within 4 Hours | Qualified |
| | Beyond 4 Hours | Disqualified |

**Female** Candidates (All categories)

| Sl. No. | Type of Physical Efficiency Test | Qualifying distance / time / height / length |
|---|---|---|
| (a) | **Walking** | **16 Kms.** |
| | Within 4 Hours | Qualified |
| | Beyond 4 Hours | Disqualified |

**5. PSM & PET for Excise Constable**

(i) The applicants for Excise Constable must have the minimum physical standard of Height, Weight and Chest, as detailed below:

| Category | | Minimum Height (In cm) | Weight (in Kg.) | Chest (In cm) | |
|---|---|---|---|---|---|
| | | | | Un-expanded | Expanded |
| Men | UR/SEBC | 168 | 55 | 79 | 84 |
| | SC/ST | 163 | 50 | 76 | 81 |
| Women | UR/SEBC | 158 | 47.5 | ... | ... |
| | SC/ST | 153 | 45 | ... | ... |

(ii) Events of PET for the post of Excise Constable

**Male** Candidates (All categories)

| Sl. No. | Type of Physical Efficiency Test | Qualifying distance / time / height / length |
|---|---|---|
| (a) | **Running** | **1.6 Kms.** |
| | If covered within 6.30 minutes | Qualified |
| | Beyond 6.30 minutes | Disqualified |
| (b) | **Rope Climbing** | **6 Meters** |
| | If cleared | Qualified |
| | Not able to clear | Disqualified |
| (c) | **High Jump** | **1.22 Meters** |
| | If cleared | Qualified |
| | Not able to clear | Disqualified |
| (d) | **Long Jump** | **3.66 Meters** |
| | If cleared | Qualified |
| | Not able to clear | Disqualfied |
| (e) | **Swimming** | **40 Meters** |
| | If covered within 8 minutes | Qualified |
| | Beyond 8 minutes | Disqualified |

**Female** Candidates (All categories)

| Sl. No. | Type of Physical Efficiency Test | Qualifying distance / time / height / length |
|---|---|---|
| (a) | **Running** | **1.6 Kms.** |
| | If covered within 8.30 minutes | Qualified |
| | Beyond 8.30 minutes | Disqualified |
| (b) | **Running** | **200 Meters** |
| | If covered within 36 seconds | Qualified |
| | Beyond 36 seconds | Disqualified |
| (c) | **Long Jump** | **2.75 Meters** |
| | If cleared | Qualified |
| | If not cleared | Disqualified |
| (d) | **Swimming** | **40 Meters** |
| | If covered within 10 minutes | Qualified |
| | Beyond 10 minutes | Disqualfied |
| (e) | **Cycling** | **1.6 Kms.** |
| | If covered within 6 minutes | Qualified |
| | Beyond 6 minutes | Disqualified |

N.B.: Three chances shall be allowed successively to clear Rope Climbing, High Jump and Long Jump. Failure to clear any of the event shall lead to disqualification of the candidate, then and there from that stage as per the norms prescribed in the advertisement / recruitment rules.

6. The preference for posts already given during the filling of online application shall not be considered for the purpose.

7. Those who do not give their willingness for any of these posts shall not be considered any further in the process of recruitment. No further claims shall be entertained in this regard.

8. The option exercised by the candidates online now indicating their willingness to participate in the Physical Test for Forest Guard and Excise Constable or both shall be final. Mere exercise of willingness by the candidates for the post will not confer any right for appointment. The 2nd screening list shall be drawn on the basis of merit and option exercised by the candidates. The candidates of the 2nd screening list shall not be considered for the posts of SFS, ARI & Amin.

Candidates may see the details by logging into the Commission's web portal www.osssc.gov.in with thier user Id and password. To exercise option for willingness for Physical Test for the post of Forest Guard and Excise Constable, interested candidates shall have to visit the web portal and click the link the 'Applicant Menu' followed by 'EXPRESSION OF WILLINGNESS' etc. This is will be automatically closed online beyond the datelines.

By order of the Commission
**Sd./- Secretary**

OIPR-09007/11/0016/2223


# ହୀରାକୁଦ ଜଳଭଣ୍ଡାରରେ ଭାସିଯାଇ ୨ ଏମ୍‌ସିଏଲ ଅଧିକାରୀ ନିଖୋଜ

**ସମ୍ବଲପୁର, ୭।୮ (ବ୍ୟୁରୋ)**

ରବିବାର ଅପରାହ୍ନରେ ସମ୍ବଲପୁର ହୀରାକୁଦ ଜଳଭଣ୍ଡାରର ଝାଙ୍କରାଣୀପୀଠ ମନ୍ଦିର ଘାଟରେ ଅଘଟଣ ଘଟିଛି। ଜଳଭଣ୍ଡାରରେ ଭାସିଯାଇ ସମ୍ବଲପୁର ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍ )ର ୨ ଜଣ କର୍ମଚାରୀ ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ ମହେଶ ଛିତୋରୀ ( ୪୦) ଓ ଅଭିଷେକ କୁମାର ( ୪୫)। ତେବେ ନିକଟରେ ଥିବା ୱାଟର ସ୍ପୋର୍ଟ୍ସ କର୍ମଚାରୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ଅନ୍ୟଜଣେ ଅଧିକାରୀ ଅବିନାଶ ରାୟ ବର୍ତ୍ତି ଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏମ୍‌ସିଏଲ୍ ଅଧିକାରୀମାନେ ହୀରାକୁଦ ଜଳଭଣ୍ଡାର ବୁଲିବାକୁ ଆସିଥିଲେ। ଅପରାହ୍ନ ପ୍ରାୟ ୫ଟା ସମୟରେ ଝାଙ୍କରାଣୀପୀଠ ନିକଟରେ କାର୍ ରଖିଥିଲେ। ପରେ ୩ ଜଣ ଯାକ ପାଣି ଭିତରକୁ ଗାଧୋଇବାକୁ ଯାଇଥିଲେ। ଗୋଡ ଖସିଯିବାରୁ ସେମାନେ ଗଭୀର ପାଣିରେ ଭାସି ଯାଇଥିଲେ। ଅଧିକାରୀମାନଙ୍କ ଚିତ୍କାର ଶୁଣି ନିକଟରେ ଥିବା ୱାଟର ସ୍ପୋର୍ଟ୍ସ କର୍ମଚାରୀ ବୋଟ୍‌ରେ ଆସି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଅବିନାଶଙ୍କୁ ଉଦ୍ଧାର କରାଯାଇଥିବା ବେଳେ ମହେଶ ଓ ଅଭିଷେକ ନିଖୋଜ ଅଛନ୍ତି। ଖବରପାଇ ଘଟଣାସ୍ଥଳରେ ପୋଲିସ, ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ରାତି ହେବା ଯୋଗୁ ସ୍ଥଗିତ ରଖାଯାଇଛି। ସୋମବାର ପୁଣି ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ହୀରାକୁଦ ଏସ୍‌ଡିପିଓ ଏସ୍.ଦାସ ସୂଚନା ଦେଇଛନ୍ତି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India undertaking
आन्ध्रा Andhra | कार्पोरेशन Corporation

**ଆସେଟ୍ ରିକଭରି ଶାଖା, ୨୬/୨୮-ଡି, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - arbdelhi@unionbankofindia.bank**

**ବିକ୍ରୟ ନୋଟିସ**
**ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ**

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ ''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି'' ଏବଂ ''ସେଠାରେ ଯାହା ବି ଅଛି'' ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର / ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ ବିଚାରାଧୀନ ଏସ୍ଏ, ଯଦି ଥାଏ |
|---|---|---|---|---|---|---|
| **ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ** ଠିକଣା- ବି-୨/୭୩୧, ଏକତା ଗାର୍ଡେନ, ଆଇପି ଏକ୍ସଟେନ୍‌ସନ୍, ନୂଆଦିଲ୍ଲୀ-୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଚାମ୍ବର୍ ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ - ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ- ଘରବାରି-୨, ଖାତା ନଂ. ୮୩୮ । ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱାମୀ- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱାମୀ- ଶ୍ରୀ ଦୀପକ ଭରଦ୍ୱାଜ, ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରୀ ସମେତ) | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ | ଟ.୩,୮୫,୩୫,୦୦୦/- / ଟ.୩୮,୬୦,୦୦୦/- / ଟ.୫୦,୦୦୦/- | ୨୪।୦୮।୨୦୨୨ ଅପରାହ୍ଣ ୧.୦୦ ଘଟିକାରୁ ଅପରାହ୍ଣ ୩.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ଜଣାନାହିଁ |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|
| ଗୋଡ଼ିପୁଟ | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| ମାଟିଆପଡ଼ା | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | ମୋଟ | ଏ.୨.୮୪୭ଡେସି. |
| | ୧୨୮୦/୮୯୧ | ୨୮୮/୫୧୧୭ | ଏ.୦.୫୭୭ଡେସି. | | | ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗ ଫୁଟ |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
– ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspx ରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୋବାଇଲ ନଂ. ୮୯୫୦୮୬୦୯୨୨, ୭୦୧୫୦୫୯୨୦୦

**ତାରିଖ: ୦୮।୦୮।୨୦୨୨, ସ୍ଥାନ: ନୂଆଦିଲ୍ଲୀ** **ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**

ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? –ଶ୍ରୀମା



# ନୀତି ଅନୀତି

ନୂଆଦିଲ୍ଲୀଠାରେ ୭ ଅଗଷ୍ଟରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ ବା ନୀତି ଆୟୋଗର ୭ମ ପରିଚାଳନା ବୈଠକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆହୂତ ହୋଇଥିଲା। ଏଥିରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବ୍ୟତୀତ ପ୍ରାୟ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶାସିତ ଅଞ୍ଚଳର ଉପରାଜ୍ୟପାଳ ଓ କେନ୍ଦ୍ରମନ୍ତ୍ରୀମାନେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଯୋଜନା କମିଶନକୁ ଭାଙ୍ଗି ତା' ସ୍ଥାନରେ ୧ ଜାନୁୟାରୀ ୨୦୧୫ରେ ନୀତି ଆୟୋଗ ଗଠନ କରିଥିଲେ। ସେତେବେଳେ କୁହାଯାଇଥିଲା ଅର୍ଥନୈତିକ ବିକାଶ ଓ ସହଯୋଗୀ ସଂଘୀୟବାଦକୁ ସୁଦୃଢ଼ କରିବା ଲାଗି ରାଜ୍ୟଗୁଡ଼ିକୁ ପ୍ରତ୍ୟେକ କ୍ଷେତ୍ରରେ ସମ୍ପୃକ୍ତ କରାଇବାରେ ଏହା କାର୍ଯ୍ୟ କରିବ। କିନ୍ତୁ ଯେଉଁଭଳି ଭାବେ ନୀତି ଆୟୋଗକୁ ଚିତ୍ରଣ କରାଯାଇଥିଲା, ସେହି ଅନୁଯାୟୀ ଗତ ୭ ବର୍ଷ ଭିତରେ ତାହାର କାର୍ଯ୍ୟକାରିତା ସଫଳ ହୋଇପାରି ନାହିଁ ବୋଲି ଅର୍ଥନୈତିକ ବିଶ୍ଳେଷକମାନେ ବିଭିନ୍ନ ସମୟରେ ମତ ଦେଉଛନ୍ତି। ସେହି ମତ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ମନ୍ତବ୍ୟ ପରେ ଦୃଢ଼ୀଭୂତ ହୋଇଛି। କେସିଆର୍ ନୀତି ଆୟୋଗର କାର୍ଯ୍ୟକାରିତା ଉପରେ ଯେଉଁ ନକାରାତ୍ମକ ଆଭିମୁଖ୍ୟ ପୋଷଣ କରିଛନ୍ତି, ତାହା ଅନ୍ୟ ଏକ ଦିଗକୁ ଇଙ୍ଗିତ କରିଛି। ଯୋଜନା କମିଶନକୁ ଭାଙ୍ଗି ଯେଉଁ ନୀତି ଅୟୋଗ ଗଠନ କରାଯାଇଥିଲା ତାହା ଅତ୍ୟନ୍ତ ଫ୍ଲେକ୍ସିବଲ ବା ନମନୀୟ ରହିବ ବୋଲି ଆଶା କରାଯାଉଥିଲା। ପ୍ରକୃତରେ ଦେଖିଲେ ବିଭିନ୍ନ ଯୋଜନା ତିଆରି କରିବା ବା ପ୍ରଚଳିତ ନୀତିରେ ପରିବର୍ତ୍ତନ ଆଣିବା ଦିଗରେ ରାଜ୍ୟଗୁଡ଼ିକୁ ହିସାବକୁ ନିଆଯାଉ ନ ଥିବାରୁ ଏହି ଆୟୋଗ ତା'ର ପ୍ରାସଙ୍ଗିକତା ହରାଇବସିଛି ବୋଲି କେସିଆର ଅଭିଯୋଗ ଆଣି ନୀତି ଆୟୋଗ ବୈଠକକୁ ବର୍ଜନ କରିଥିବା ସ୍ପଷ୍ଟ କରିଛନ୍ତି। ସେହିପରି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଉକ୍ତ ବୈଠକରେ ଯୋଗ ଦେଇନାହାନ୍ତି। ସରକାରୀ ମହଲରୁ କୁହାଯାଇଛି ଯେ, କୋଭିଡ୍‌ରୁ କିଛି ଦିନ ପୂର୍ବେ ଆରୋଗ୍ୟ ଲାଭ କରିଥିବା ନୀତୀଶ ଦିଲ୍ଲୀ ଯିବା ପାଇଁ ଚାହିଁ ନ ଥିଲେ। କିନ୍ତୁ ନୀତୀଶଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ତାଙ୍କ ସରକାରରେ ସହଯୋଗୀ ଥିବା ଭାଜପା ଭିତରେ ବିଭେଦ ବିଷୟ ପ୍ରାୟତଃ ସମସ୍ତେ ଜାଣନ୍ତି।

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀତି ଆୟୋଗ ବୈଠକରେ ଯୋଗଦେଇ ତାଙ୍କ ପୁରୁଣା ଦାବି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ଉପରେ ପ୍ରଥମେ ଗୁରୁତ୍ୱ ଦେଇଥିଲେ। ଏହି ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାରୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ପାଇବା ଲାଗି ହକ୍‌ଦାର ବୋଲି କହିଥିଲେ। ଏଥିସହିତ ନୂତନ ଗୃହ ନିର୍ମାଣ ଯୋଜନା ପ୍ରଧାନମନ୍ତ୍ରୀ ଆୱାସ ଯୋଜନା (ପିଏମ୍‌ଏୱାଇ)ରୁ କେବିକେ ଓ କେତେକ ଆଦିବାସୀ ଅଞ୍ଚଳ ବାଦ୍ ପଡ଼ିଥିବାରୁ ତାହା ଉପରେ ନଜର ଦେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ତେବେ ପୁରୁଣା କୀର୍ତ୍ତିରାଜି ଓ ଐତିହ୍ୟସ୍ଥଳୀର ବିକାଶ ନିମନ୍ତେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ଭେ (ଏଏସ୍‌ଆଇ)କୁ ରୂପାନ୍ତରିତ କରିବା ସହ ଆନ୍‌ସିଏଣ୍ଟ ମନୁମେଣ୍ଟସ ଆଣ୍ଡ ଆର୍କିଓଲୋଜିକାଲ ସାଇଟ୍‌ସ ଆଣ୍ଡ ରିମେନ୍ସ ଆକ୍ଟ ବା ଆମ୍‌ସାର ଆଇନ ସଂଶୋଧନ କରିବା ଉପରେ ନବୀନ ପ୍ରାଧାନ୍ୟ ଦେଇଛନ୍ତି। ଏହି ଆଇନ ପରିବର୍ତ୍ତନ ଦାବି ପଛରେ ଓଡ଼ିଶା ସରକାରଙ୍କ ଦ୍ୱାରା ବିଭିନ୍ନ ମନ୍ଦିର ଚତୁଃପାର୍ଶ୍ୱରେ କରାଯାଉଥିବା ପରିବର୍ତ୍ତନକୁ ଆଇନଗତ ରଖିବାର ଲକ୍ଷ୍ୟ ଥାଇପାରେ। କିନ୍ତୁ ଏହି ଆଇନ ସଂଶୋଧନ କରିବାର ଦାବି ଦ୍ୱାରା ସମଗ୍ର ଦେଶରେ ଥିବା ପ୍ରାଚୀନ କୀର୍ତ୍ତିରାଜି ଓ ଐତିହ୍ୟସ୍ଥଳୀ ଘୋର ଭାବେ ପ୍ରଭାବିତ ହୋଇପାରନ୍ତି। ଗୋଟିଏ ରାଜ୍ୟ ତରଫରୁ ଆସିଥିବା ଦାବିକୁ ମାନି ନେଇ ଅନେକ ଐତିହ୍ୟସ୍ଥଳୀ ଯଥା ଦିଲ୍ଲୀର ପାର୍ଲାମେଣ୍ଟ, ଆଗ୍ରାର ତାଜମହଲ ଏବଂ ତତ୍‌ସହିତ ଦେଶବ୍ୟାପୀ ଯେଉଁଠାରୁ ତଥାକଥିତ ଲିଙ୍ଗ ବାହାରିବ, ସେହି ସବୁ ସ୍ଥାନର ପରିବର୍ତ୍ତନ କରାଗଲେ ଭାରତୀୟ ଇତିହାସକୁ ଲୋପ କରିବା ସହିତ ଆଜିର କେନ୍ଦ୍ର ସରକାରଙ୍କ ବିକୃତ ଚିନ୍ତାଧାରା ବୈଧ ହୋଇଯିବ।

ଆଶ୍ଚର୍ଯ୍ୟର କଥା ଯେ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ କେନ୍ଦ୍ର ସରକାରଙ୍କ କୋପ ଦେଖି ଭାଙ୍ଗି ପଡ଼ିଲେଣି। ମୋଦିଙ୍କୁ ବିରୋଧ କରି ତିଷ୍ଠିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଲାଣି ବୋଲି ଅଧିକାଂଶ ପ୍ରମୁଖ ରାଜନୀତିଜ୍ଞ ବୁଝିସାରିଲେଣି। ଦେଶ ଭାସିଯାଉ ପଛେ ନିଜ ଆସନକୁ ସୁରକ୍ଷିତ ରଖିବା ପାଇଁ ସାଲିସ କରିବା ହୋଇଗଲାଣି ସମସ୍ତଙ୍କ ମୁଖ୍ୟ ଲକ୍ଷ୍ୟ। ଏହାର ମୂଳ କାରଣ ହେଉଛି ଅଧିକାଂଶ ରାଜନେତା ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ବନ୍ଧା ହୋଇପଡ଼ିବେ ବୋଲି ଭାବି ଭୟଭୀତ ହୋଇ ରହିଛନ୍ତି। ସେଥିପାଇଁ ଦେଶର ସ୍ଥିତି ଚିନ୍ତାଜନକ।

କେନ୍ଦ୍ର ସରକାର ସର୍ବଦା 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ' ଉପରେ ଗୁରୁତ୍ୱ ଦେଉଥିବା ବିଷୟ ଦୋହରାଇ ଚାଲିଛନ୍ତି। ଅଣହିନ୍ଦୀ ଭାଷୀ ଅଞ୍ଚଳରେ ଏହି ସ୍ଲୋଗାନ ବୁଝିପାରିବାର ଲକ୍ଷଣ ଦେଖାଯାଉ ନାହିଁ। ଯେତେବେଳେ ଯୋଜନା କମିଶନକୁ ଭଙ୍ଗାଯାଇ ନୀତି ଆୟୋଗ ଗଢ଼ାଗଲା ଆଶା କରାଯାଉଥିଲା ଏକ ସକାରାତ୍ମକ ପରିବର୍ତ୍ତନ ଆସିବ। କିନ୍ତୁ ତାହା ନ ହୋଇଲା। ନୀତି ଆୟୋଗରେ ନିଯୁକ୍ତି ପାଉଥିବା ବ୍ୟକ୍ତିମାନଙ୍କ ବ୍ୟକ୍ତିଗତ ଦକ୍ଷତା ସବୁବେଳେ ସନ୍ଦେହଜନକ ରହୁଛି। ଦେଶର ହିତ ପାଇଁ କହିବା ପରିବର୍ତ୍ତେ ଏମାନେ ଶୁଆବଣି ଭଳି ରାଜନୈତିକ ନେତୃତ୍ୱର ଧ୍ୱନିକୁ ଦୋହରାଇବାରେ ବ୍ୟସ୍ତ ରହୁଛନ୍ତି। ଫଳରେ ଦେଶର ଉନ୍ନତି ପରିବର୍ତ୍ତେ ଅସତ୍ୟ ଉପରେ ଆଧାରିତ ବିଭିନ୍ନ ତଥ୍ୟ ପ୍ରକାଶ କରି ନୀତି ଆୟୋଗ ଏବେ ଅନୀତି ପର୍ଯ୍ୟାୟରେ ଉପନୀତ।

# ପଞ୍ଚସ୍ତରି ବର୍ଷର ପତାକା



ଚିତ୍ର ଚରିତ୍ର
ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆଉ ସପ୍ତାହକ ପରେ ଆମ ଦେଶ ସ୍ୱାଧୀନତାର ଆୟୁଷକୁ ପୂରିବ ପଞ୍ଚସ୍ତରି ବର୍ଷ। ଶହ ଶହ ବର୍ଷ ଧରି ଯେଉଁ ଦେଶର ଆକାଶରେ ଭିନ୍ନ ଭିନ୍ନ ରଙ୍ଗର ପତାକା ଫରଫର ଉଡ଼ି ନିଜ ନିଜର ପରାକ୍ରମ ପ୍ରକାଶ କରୁଥିଲେ ସେ ଦେଶର ଇତିହାସରେ ତ୍ରିରଙ୍ଗା ପତାକାର ବୟସ ପଞ୍ଚସ୍ତରି ବର୍ଷ ହେବା କମ୍ ଗୌରବର ବିଷୟ ନୁହେଁ। ଏହି ଅମୃତ ମହୋତ୍ସବର ଅନବଦ୍ୟ ଆବେଦନରେ ଦେଶର ପ୍ରଧାନମନ୍ତ୍ରୀଙ୍କ ଅଭିନବ ଆହ୍ୱାନ 'ହର୍ ଘର୍ ତ୍ରିରଙ୍ଗା' ସବୁ ଦେଶପ୍ରେମୀ ଭାରତୀୟଙ୍କ ପ୍ରାଣରେ ପୁଲକ ସୃଷ୍ଟି କଲାଣି। ଆସ୍ତେ ଆସ୍ତେ ଜନଗଣଙ୍କ ବିସ୍ମୃତିରେ ହଜିଯାଉଥିବା ତ୍ରିରଙ୍ଗାର ରୂପକାର ପିଙ୍ଗଲି ଭେଙ୍କୟା ପୁଣି ଜାଗି ଉଠିଲେଣି କୃତଜ୍ଞ ରାଷ୍ଟ୍ରର ଚେତନାରେ। କୁହାଯାଏ ସଂସାରର ସବୁ ପ୍ରେମ ମଧ୍ୟରେ ବିଭୁପ୍ରେମ ଓ ଦେଶପ୍ରେମର ଆବେଦନ ସବୁଠୁ ଉତ୍କଟ। ସୁତରାଂ, ସ୍ୱାଧୀନତାର ଏହି ଅମୃତ ମହୋତ୍ସବ ଅବସରରେ କେହି ଭାରତୀୟଙ୍କ ମନ ଯଦି ଜାତୀୟତାର ମୁଗ୍ଧ ଅନୁଭବରେ ପୁଲକିତ ହୋଇ ନ ଉଠିଲା, ତେବେ ବୁଝିବାକୁ ହେବ ଯେ ଦେଶପ୍ରେମର ଅମୃତ ଆସ୍ୱାଦନରୁ ବଞ୍ଚିତ ସେ ଜଣେ ଅଭିଶପ୍ତ ନାଗରିକ!

ପ୍ରତିବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ସେମାନଙ୍କର ଗୁଣ କୀର୍ତ୍ତନ କରାଯାଏ, ଯେଉଁମାନେ ଅବଶିଷ୍ଟ ଭାରତୀୟମାନଙ୍କୁ ସ୍ୱାଧୀନତାର ଅମୃତ ଚଖାଇବା ପାଇଁ ନିଜେ ନୀଳକଣ୍ଠ ସାଜି ସବୁଯାକ ବିଷ ପିଇଥିଲେ। ନିଜ ପତ୍ନୀଙ୍କ ସୀମନ୍ତରୁ ସିନ୍ଦୂର ପୋଛି, ନିଜ ଶିଶୁସନ୍ତାନକୁ ଅନାଥ କରି ଅବା ନିଜ ମା'ବାପାଙ୍କ କୋଳ ଉଜାଡ଼ି ଅକାଳରେ ଚାଲିଯାଇଥିଲେ ଆରପୁରକୁ। ଆସାମର ଏଗାରବର୍ଷର ବାଳିକା କନକଲତା ବରୁଆ ବା ମଧ୍ୟପ୍ରଦେଶର ବାରବର୍ଷୀୟ ବାଳକ ଗୁଲାବ ସିଂହ। ଭଲ କରି ଫୁଟିବା ଆଗରୁ ଏଭଳି କିଛି ଛୋଟ ଛୋଟ କଢ଼ି ଭାରତ ଆକାଶରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ବ୍ରିଟିଶ ବନ୍ଧୁକ ଆଗରେ ଛାତି ପତାଇ ଅକାଳରେ ଝଡ଼ି ପଡ଼ିଥିଲେ। ବଙ୍ଗଳାର ତେସ୍ତରି ବର୍ଷୀୟା ବୁଢ଼ୀ ମାତଙ୍ଗିନୀ ହାଜରା। ଆଉ କେଇଦିନ ଯାଇଥିଲେ ବୁଢ଼ୀ ଆପଣା ଛାଏଁ ଶ୍ମଶାନକୁ ଯାଇଥାନ୍ତେ। ମାତ୍ର କି ଗରଜ ଥିଲା ତାଙ୍କର, ଥରିଲା ହାତରେ ତ୍ରିରଙ୍ଗାକୁ ଧରି ପରମ ବିକ୍ରମରେ ଆଗେଇ ଯାଉ ଯାଉ ଗୁଳି ମାଡ଼ରେ ଟଳି ପଡ଼ିଲେ। ବିହାରର ଉମାକାନ୍ତ ସିଂହ ବା ଓଡ଼ିଶାର ବାଜି ରାଉତ ଓ ହରିବନ୍ଧୁ ପଣ୍ଡା। ଦେଶକୁ ପରାଧୀନତାର ଫାଶରୁ ମୁକୁଳାଇବା ପାଇଁ ସଭିଏଁ ନିଜର ପ୍ରାଣବଳି ଦେଇଥିଲେ। ପରମ ଆନନ୍ଦରେ ଗଛର ଫଳ ଖାଉଥିବା ଲୋକେ କାହିଁ ବା ବୁଝନ୍ତେ ଗଛ ଲଗାଇଥିବା ଲୋକଙ୍କ ତ୍ୟାଗ ଓ ତପସ୍ୟାର ମୂଲ୍ୟ। ଦେଶର ସ୍ୱାଧୀନତା ଉପଭୋଗ କରୁଥିବା ଉତ୍ତରଦାୟାଦମାନେ କେବେ କ'ଣ ହୃଦୟଙ୍ଗମ କରୁଥିବେ ଏହି ସ୍ୱାଧୀନତା ଆଣିଥିବା ସେମାନଙ୍କ ପୂର୍ବପୁରୁଷମାନଙ୍କ ଉଜୁଡ଼ା ଜୀବନର କରୁଣ କାହାଣୀ। ନବ୍ୟ ଆଧୁନିକତାର ଆକର୍ଷଣରେ ମୋବାଇଲର ଗୁଗ୍‌ଲ ପୃଷ୍ଠା ଭିତରେ ଜଗତର ଯାବତୀୟ ଜ୍ଞାନ ଆହରଣ କରୁଥିବା ଆମ ଯୁବପିଢ଼ିଙ୍କ ପାଇଁ ତ୍ରିରଙ୍ଗା ଏକ ସାଧାରଣ ଜ୍ଞାନ ହୋଇ ରହିଛି ସିନା, ହୃଦୟର ଅନୁଭବ ହୋଇ ନାହିଁ, ହୋଇପାରି ନାହିଁ!



ଦେଶ ପ୍ରୀତିର ଏଇ ଅନୁଭବଶୂନ୍ୟତା ପାଇଁ ଯୁବାବର୍ଗଙ୍କୁ ସମ୍ପୂର୍ଣ୍ଣ ଦାୟୀ କରାଯାଇ ପାରିବ ନାହିଁ। ଅତ୍ୟାଚାରୀ ଫିରିଙ୍ଗି ଶାସକମାନଙ୍କ ହାତରୁ ନିଜ ମାତୃଭୂମିକୁ ମୁକୁଳାଇବା ପାଇଁ ଯେଉଁ ପୂର୍ବପୁରୁଷମାନେ ଅସହ୍ୟ ଦୁଃଖ ଯାତନା ଭୋଗ କରିଥିଲେ ବା ଅକାଳରେ ପ୍ରାଣବଳି ଦେଇଥିଲେ, ସେମାନଙ୍କ ସଂଗ୍ରାମ ସାଧନା ଦେଖିବାକୁ ଏମାନଙ୍କର ଜନ୍ମ କାହିଁ! ମାତ୍ର ଯେଉଁମାନେ ସ୍ୱାଧୀନ ଭାରତର ଶାସନ ଡୋରି ନିଜ ହାତକୁ ନେଇ ଦେଶ ଓ ରାଜ୍ୟର ଭାଗ୍ୟ ବିଧାତା ବୋଲାଉଛନ୍ତି, ସେମାନଙ୍କ ଚିତ୍ର ଓ ଚରିତ୍ର ଅବଲୋକନ କଲା ପରେ ସାମ୍ପ୍ରତିକ ରାଜନୀତିର କଳୁଷ କାଳିମା ଯୁବଚେତନାକୁ ଗଭୀର ଭାବେ ପ୍ରଭାବିତ କରୁଛି ଓ ସ୍ୱତଃ ବଦଳିଯାଉଛି ଦେଶପ୍ରେମର ପରିଭାଷା। ବାସ, କେବଳ ପାକିସ୍ତାନ ସହ ଭାରତର କ୍ରିକେଟ ମ୍ୟାଚ୍ ବେଳେ ଅବା କୌଣସି ଦେଶାତ୍ମବୋଧକ ସିନେମା ଦେଖୁଥିବା ଅବସରରେ ଦେଶପ୍ରେମର ଏକ ଉଦ୍‌ବେଳିତ ତରଙ୍ଗଟିଏ ସେମାନଙ୍କ ଯୁବପ୍ରାଣକୁ ଉଚ୍ଛନ୍ନ କରିପକାଏ ଏକ ବିଚିତ୍ର ତଥା ଅବର୍ଣ୍ଣନୀୟ ମୁଗ୍ଧ ଅନୁଭବରେ। ଦେଶ ପାଇଁ ଯୁବବର୍ଗଙ୍କ ନିଷ୍ପ୍ରାଣ ପ୍ରତିବେଦନ ପାଇଁ କେବଳ ଯେ ଦେଶର କର୍ଣ୍ଣଧାର ସାଜିଥିବା ଅସାଧୁ ନେତାମାନଙ୍କ ସ୍ଖଳିତ ଚରିତ୍ର ଦାୟୀ, ତାହା ନୁହେଁ, ବରଂ ଅଧିକ ଭାବେ ଦାୟୀ ସେମାନଙ୍କ ମଧ୍ୟରେ ଏଭଳି ଭାବ ଉଦ୍ରେକ କରିବାରେ ବରିଷ୍ଠମାନଙ୍କ ଅଯୋଗ୍ୟତା ଓ ଭୟଙ୍କର ଉଦାସୀନତା।

ସ୍ୱାଧୀନତାର ପଞ୍ଚସ୍ତରି ବର୍ଷ ଉପଲକ୍ଷେ ପାଳିତ ହେଉଥିବା 'ଅମୃତ ମହୋତ୍ସବ' ଅବସରରେ ଶହେ ଛୁଇଁବାକୁ ଯାଉଥିବା ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ପଚରା ଯାଇଥିବା ଏକ ମୌଳିକ ପ୍ରଶ୍ନ– ''ସେବେକାର ଭାରତ ଓ ଏବେକାର ଭାରତ ମଧ୍ୟରେ ସେ କେଉଁ ମହତ୍ତ୍ୱପୂର୍ଣ୍ଣ ପାର୍ଥକ୍ୟଟି ଲକ୍ଷ୍ୟ କରୁଛନ୍ତି?'' ଉତ୍ତର ଥିଲା ବେଶ୍ ପ୍ରଣିଧାନଯୋଗ୍ୟ– ''ସେତେବେଳେ ଯେତେ ନିର୍ଯାତିତ ହେଲେ ବି ଶାସକବର୍ଗଙ୍କୁ ପ୍ରଶ୍ନ କରିବା ଥିଲା ଏକ ଧୃଷ୍ଟତା, ଏକ ଅକ୍ଷମଣୀୟ ଅପରାଧ। ମାତ୍ର ଏବେ ପାନରୁ ଚୂନ ଖସିଗଲେ ବି ପ୍ରଶ୍ନ କରିବାର ଅଧିକାର ଉପଲବ୍ଧ।'' ସେଇ ପରିଣତ ବୃଦ୍ଧଙ୍କ ଉପଲବ୍ଧିର ପ୍ରମାଣ ମିଳିଥିଲା ଅଳ୍ପ କେଇଦିନ ତଳେ, ଯେତେବେଳେ ଉତ୍ତରପ୍ରଦେଶର କନୌଜ ସହରରେ ନିଜ ମା'ବାପାଙ୍କ ସହ ରହୁଥିବା ଛଅବର୍ଷର ଟିକି ଝିଅ କ୍ରିତି ଦୁବେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ନିଜ ପେନ୍‌ସିଲ ଓ ରବର ଭଳି ସ୍କୁଲ ସାମଗ୍ରୀର ଦରବୃଦ୍ଧି ନେଇ କୈଫିୟତ ମାଗୁଥିବାର ଖବର ପ୍ରକାଶ ପାଇଥିଲା। ଏବେକାର କେବଳ ସେଇ ଅବୋଧ ଶିଶୁଟିର ପ୍ରଶ୍ନ ନୁହେଁ, ଏହାର ପଚିଶବର୍ଷ ପୂର୍ବରୁ ଦେଶ ଯେବେ ଆମ ପତାକାର ପଚାଶ ବର୍ଷ ପୂର୍ତ୍ତି 'ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ' ପାଳନ କରୁଥିଲା, ସେତେବେଳେ ସୀମା ସୁରକ୍ଷା ବାହିନୀର ଜଣେ ସୈନିକଙ୍କ ସ୍ତ୍ରୀ ତତ୍କାଳୀନ ଶାସକବର୍ଗଙ୍କୁ ପଚାରିଥିବା ପ୍ରଶ୍ନଟା ବେଶ୍ ଚହଳ ସୃଷ୍ଟି କରିଥିଲା। ଶ୍ରୀମତୀ ଡିମ୍ପଲ ନାମ୍ନୀ ଆଗ୍ରା ସହରରେ ବାସ କରୁଥିବା ସେଇ ମହିଳା ଜଣକ ପନ୍ଦରବର୍ଷ ଧରି ଭାରତୀୟ ସୈନ୍ୟବାହିନୀରେ କାର୍ଯ୍ୟ କରୁଥିବା ନିଜ ସ୍ୱାମୀଙ୍କ କର୍ତ୍ତବ୍ୟନିଷ୍ଠା ଓ ଦେଶ ପାଇଁ ସମର୍ପିତ ସାଧନାକୁ ଲକ୍ଷ୍ୟ କରିଆସୁଥିଲେ। ବର୍ଷ ବର୍ଷ ଧରି ନିଜ ପିଲା ପରିବାରଠୁଁ ଦୂରରେ ରହି କେତେବେଳେ ପାକିସ୍ତାନ ସୀମାନ୍ତରେ ଶୂନ୍ୟଡିଗ୍ରୀ ତାପମାତ୍ରା ତଳେ ତ ଅନ୍ୟବେଳେ ଆତଙ୍କଗ୍ରସ୍ତ କଶ୍ମୀରର ଉଗ୍ରବାଦ ମଧ୍ୟରେ ନିଜ ଜୀବନକୁ ବାଜି ଲଗାଇ ଦେଶର ରକ୍ଷା କରୁଥିବା ପତିଙ୍କ ନୀରବନିଷ୍ଠାକୁ ନେଇ ଗର୍ବ କରୁଥିଲା ବେଳେ ଲକ୍ଷ୍ୟ କରୁଥିଲେ ଶହ ଶହ କୋଟି ଟଙ୍କାର ସ୍କାମ୍ ସ୍କାଣ୍ଡାଲ ମଧ୍ୟରେ ଲୁଚକାଳି ଖେଳୁଥିବା ଭାରତର ତଥାକଥିତ ଭାଗ୍ୟବିଧାତାମାନଙ୍କୁ। ଗୋଟିଏ ପଟେ ସ୍ୱାର୍ଥତ୍ୟାଗ ଓ କଠୋର କର୍ତ୍ତବ୍ୟନିଷ୍ଠାର ଆଦର୍ଶ ଓ ଅନ୍ୟପଟେ ଆମ ସ୍ୱାର୍ଥ, ପ୍ରବଞ୍ଚନା ଓ ଭ୍ରଷ୍ଟାଚାରର ଅନୁଚିତ ଅଧିକାର ଭଳି ଦୁଇଟି ବିପରୀତମୁଖୀ ବାସ୍ତବତାକୁ ସାମ୍ନା କରୁଥିବା ଡିମ୍ପଲ ସେତେବେଳେ 'ଟାଇମ୍‌ସ ଅଫ୍ ଇଣ୍ଡିଆ' ଭଳି ଏକ ସମ୍ଭ୍ରାନ୍ତ ଖବରକାଗଜର ସମ୍ପାଦକଙ୍କୁ ଲେଖିଥିଲେ– ''ମହାଶୟ! ମୋତେ ଟିକେ ଦୟାକରି କହନ୍ତୁ, କାହା ପାଇଁ ମୋ ସ୍ୱାମୀଙ୍କର ଏହି ସୀମାହୀନ ସ୍ୱାର୍ଥତ୍ୟାଗ? କାହାର ସ୍ୱାର୍ଥରକ୍ଷା ପାଇଁ ସେ ତାଙ୍କ ପତ୍ନୀ ଓ ପିଲା ଦୁହିଁଙ୍କୁ ପର କରି ନିଜ ଜୀବନକୁ ବାଜି ଲଗାଇ ଦେଇଛନ୍ତି? ଦେଶର, ଜାତୀୟ ପତାକାର ନା ଆଉ କାହାର?''

ଆଜି ଆମ ସ୍ୱାଧୀନତାର ପଞ୍ଚସ୍ତରି ବର୍ଷ ପୂର୍ତ୍ତି ହୋଇଗଲା। ଏଇ ପଞ୍ଚସ୍ତରି ବର୍ଷ ମଧ୍ୟରେ ଆମ ପୂର୍ବଜଙ୍କ କଷ୍ଟଲବ୍ଧ ସ୍ୱାଧୀନତା ଆମ ଜୀବନକୁ ମହିମାମଣ୍ଡିତ କରିଛି, ମାତ୍ର ତାହା ସହିତ ମନରେ ଭରିଦେଇଛି ମେଞ୍ଚାଏ ଅସମାହିତ ପ୍ରଶ୍ନ, ଯେଉଁ ପ୍ରଶ୍ନ କେତେବେଳେ ଶ୍ରୀମତୀ ଡିମ୍ପଲଙ୍କ କଣ୍ଠରେ ପ୍ରତିଧ୍ୱନିତ ହେଉଛି ତ ଅନ୍ୟବେଳେ ଛଅବର୍ଷର କୋମଳ କଳିକା କ୍ରିତି ଦୁବେଙ୍କ ସ୍ୱରରେ। ଏଭଳି ପ୍ରଶ୍ନ ଯେତେ ଅଧିକ ବିସ୍ତାରିତ ହେବ, ସେତେ ବେଶି ଗୌରବାନ୍ୱିତ ହେବ ଆମ ଗଣତନ୍ତ୍ର। ନେତା ଓ ଜନତାଙ୍କ ମଧ୍ୟରେ ଦୂରତା ସେତେ କମି କମି ଆସିବ। ମାତଙ୍ଗିନୀ ହାଜରା, ଗୁଲାବ ସିଂହ ବା ବାଜି ରାଉତମାନେ ଆରପୁରରେ ଥାଇ ବି କହୁଥିବେ– 'ମେରା ଭାରତ ମହାନ୍'!!

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,**
**ଚକେଇସିହାଣି, ଭୁବନେଶ୍ୱର**
**ମୋ: ୮୮୯୫୬୭୨୪୧୦୫**

# ନାହିଁ ଆବେଗ ନା ଅଛି ଆକର୍ଷଣ



ମନୀଷା ପଣ୍ଡା

ଠିକ୍ ଧର୍ମାନ୍ତର ଗ୍ରହଣ କରିବା ପରେ ଆହାର, ବେଶଭୂଷା, ଭଜନକୀର୍ତ୍ତନ ଇତ୍ୟାଦି ବଦଳେଇ ଦେଇଥାଏ ବ୍ୟକ୍ତିବିଶେଷ। ଆଜିର ସମସ୍ୟା ଠିକ୍ ସେହିଭଳି ଶିକ୍ଷା ସମାପନ ପରେ ପାସୋର ପଡୁଛି ମନରୁ ପଲ୍ଲୀଭୂମି, ଯାହାର ଶାକ ତଣ୍ଡୁଳରେ ପୁଷ୍ଟ ହୋଇଥିଲା ଶରୀର, ଯାହାର ଛାତି ଉପରେ ଥରକୁ ଥର କଚାଡ଼ି ହୋଇ ପଡ଼ି ଚାଲିବା ଶିଖାଇଥିଲା ଶୈଶବର ବିଗତ ଦିନ। ତାହାରି ସହ ସମ୍ପର୍କ ରଜ୍ଜୁ ଧୀରେ ଧୀରେ ଦୁର୍ବଳ ହୋଇ ଛିନ୍ନ ପ୍ରାୟ। ଏହା ଆଜି କୌଣସି ଜଣେ ବ୍ୟକ୍ତିର ସମସ୍ୟା ନୁହେଁ, ସମଗ୍ର ଶିକ୍ଷିତ ସମାଜର ସମସ୍ୟା।

ଶିକ୍ଷାଲାଭ ସମୟରେ ମନରେ ଅନେକ ଆଶା ଥିଲା ଯେ, ମୋ ଜନ୍ମଭୂମି ମୋ ଗାଁ ପାଇଁ ଅନେକ କିଛି କରିବି, କେବଳ ଅପେକ୍ଷା ମୁଁ ରୋଜଗାରକ୍ଷମ ହୋଇଯାଏ, ହେଲେ ଯେତେବେଳେ ରୋଜଗାର କରେ ମୁଁ ସେତେବେଳକୁ ମୋ ବ୍ୟକ୍ତିଗତ ଜୀବନର ଦାୟିତ୍ୱ ବୋଧତା ଓ ଧନ ଅର୍ଜନର ଲୋଭ ଏତେ କଲବଲ କରିପକାଏ ଯେ ମୁଁ ଭାବିପାରେନି ଗାଁ ଭୂଇଁର ଉନ୍ନତି କଥା। ଘଟି ସାରିଥାଏ ମୋର ପୁନର୍ଜନ୍ମ। ମାଳ ମାଳ ଗଛଲତା ଜଙ୍ଗଲିଆ ପରିବେଶ ନଈ ନାଳ ବଦଳରେ ମୁଁ ଦେଖେ ଉଚ୍ଚ ଉଚ୍ଚ ପ୍ରାସାଦ, ପକ୍କା ସଡ଼କ ଆଉ ଅତ୍ୟାଧୁନିକ ଆସବାବପତ୍ର ସହ ମୋ ଆଭିଜାତ୍ୟପୂର୍ଣ୍ଣ ସହରୀ ଜୀବନ।

ଥରେ ଜଣେ ସ୍କୁଲ ପଢ଼ିବା ବେଳର ବନ୍ଧୁଙ୍କ ସହ ଅକସ୍ମାତ ଦେଖାହେଲା, ସେ ପୁଣି ରେଳ ଷ୍ଟେଶନରେ। ବନ୍ଧୁ ଜଣକୁ ଅନେକ ଦିନ ପରେ ପାଇ ପାଖକୁ ଦୌଡ଼ି ଯାଇ ଆଲିଙ୍ଗନ କରି ପକାଇଲି। ଓହୋ! କି ଆତ୍ମଶାନ୍ତି। ମନେପଡିଗଲା ତା' ସହ ସ୍କୁଲ ପଛପାଖ ବଣରୁ ପତ୍ର ସଂଗ୍ରହ କରି ଠୁଙ୍ଗା ତିଆରି କରିବା କଥା। ବଡ଼ ହେଲେ ଯାକୁ ନେଇ ଢେର୍ ପଇସା କମେଇବାର ଯୋଉ ସ୍ୱପ୍ନ ଆଉ ମିଛ ଗପ। ଆଖିରୁ ବୋହି ଆସିବା ପୂର୍ବରୁ ଆବେଗ ଗୁଡାକ ଲୁହ ହୋଇ ଅଟକାଇ ଦେଲେ ଅତି ପରିଚିତ ବନ୍ଧୁ ମୋର। ଏତେ ଭଲ ପଢୁଥିଲୁ ସେଇ ଗାଁରେ ରହି ବେକାର ହୋଇଗଲି ବୋଲି ମନ୍ତବ୍ୟ ଦେଇ ଗୁଞ୍ଜିଦେଲେ ପାଞ୍ଚଶହ ଟଙ୍କିଆ ନୋଟ ଦୁଇଖଣ୍ଡ। ତାଙ୍କ ଆବେଗ ଓ ମୋ ପ୍ରତି ଥିବା ଭଲପାଇବା ପରିବର୍ତ୍ତିତ ହୋଇଥିଲା ପ୍ରଦର୍ଶିତ ଦୟାରେ।

ସେଦିନ ଅତି ପ୍ରିୟ ବନ୍ଧୁ ପବିତ୍ର ବନ୍ଧୁମିଳନ ଉତ୍ସବରେ ଯୋଗ ଦେବାପାଇଁ ଆସି କାର୍ଯ୍ୟକ୍ରମ ସାରିଦେଇ ଚାଲିଗଲା। ପରିବାର ସହ ଆସିଲୁ ନାହିଁ ପଚାରିବାରୁ କହି ପକାଇଲା ବିନା ଦ୍ୱିଧାରେ, ମୋ ପିଲାମାନେ କେଇଘଣ୍ଟା ଏ ଗାଉଁଲି ଜାଗାରେ ଚଳିବା ମୁସ୍କିଲ। ବିଦାରି ହୋଇଗଲା ଛାତି। ତେବେ ପବିତ୍ର ଆଜି ଉଚ୍ଚ ପାହ୍ୟା ଅଫିସର୍ କ'ଣ ଏ ଗାଉଁଲି ପରିବେଶରେ ଶିକ୍ଷା ଲାଭ କରି ହୋଇ ନ ଥିଲା? ପ୍ରଶ୍ନଟି ମନରେ ଉଙ୍କି ମାରି ମନ ଭିତରେ ହିଁ ମିଳେଇ ଗଲା।

ପାଶ୍ଚାତ୍ୟ ସଭ୍ୟତା, ପାଶ୍ଚାତ୍ୟ ଶିକ୍ଷା ଆମକୁ ଶିଖେଇ ସାରିଛି ଯେ, ଆଭିଜାତ୍ୟପୂର୍ଣ୍ଣ ଜୀବନ ବିତାଇବାକୁ ହେବ ଆମକୁ। ଯିଏ ଯେତେ ବେଶି ଊର୍ଦ୍ଧ୍ୱମୁଖୀ ହୋଇ ସମୟର ଚବିଶ ଘଣ୍ଟିଆ ବିନିଯୋଗ କରି ଟଙ୍କା ପ୍ରତିପତ୍ତି ସାଉଁଟି ପାରିଲା, ସେ ସେତିକି ଆଗରେ। ଏସବୁ ଠିକ ହେଲେ ଏଥିପାଇଁ ଯେ, ଶୈଶବର ଅଫେରା ଅଭୁଲା ଦିନ ଗ୍ରାମ୍ୟ ପରିବେଶକୁ ଅଣଦେଖା କରିବା ଅନିବାର୍ଯ୍ୟ ଏକଥା ଭାବିବା ସମ୍ପୂର୍ଣ୍ଣ ଭୁଲ୍।



ସେଦିନ ପଡ଼ୋଶୀ ବିଶୁ ଦାଦା ନିଜ ସଦ୍ୟାବିଧବା ଝିଅର ଦୁଃଖ ଜଣାଇଥିଲେ ସହରରୁ ଗାଁକୁ କେଇଘଣ୍ଟା ବୁଲିବା ଉଦ୍ଦେଶ୍ୟରେ ଆସିଥିବା ବିଭୁପ୍ରସାଦ ବାବୁଙ୍କୁ। ଆଶା ଓ ବିଶ୍ୱାସ ଥିଲା ଝିଅର ପିଲାଦିନର ସାଙ୍ଗ ବିଭୁପ୍ରସାଦ ବାବୁ ଛୋଟମୋଟ କିଛି ଗୋଟାଏ ବ୍ୟବସ୍ଥା କରିଦେବେ, ହେଲେ ଶୁଣୁଶୁଣୁ କହିପକେଇଲେ ବିଭୁବାବୁ ଯେ, ତାଙ୍କ ବ୍ୟସ୍ତତା ପୂର୍ଣ୍ଣ ଜୀବନରେ କେତେ କାହା ସମସ୍ୟା ବୁଝିବେ ତଥାପି ସେ ଚେଷ୍ଟା କରିବେ। ପ୍ରଥମେ କୋଟିନିଧି ପାଇବା ଭଳି ବିଶୁ ଦାଦା କହି ପକାଇଥିଲେ ''ବାପା ବିଭୁ! ମୋ ବାପା ମୋ ପାଇଁ କିଛି ଗୋଟାଏ ବ୍ୟବସ୍ଥା କରିବ ବୋଲି ମୁଁ ଜାଣିଛି''। ହେଲେ କଥା ଶେଷରେ ଡ. ବିଭୁପ୍ରସାଦଙ୍କୁ ଆଜ୍ଞା ବାବୁ ସମ୍ବୋଧନ କରି ମୁହଁ ଶୁଖାଇ ପଛକୁ ଘୁଞ୍ଚିଗଲେ ବିଶୁଦାଦା। ମୁଁ ବାରି ସାରିଥିଲି ଆପଣାପଣ ବାପା ବିଭୁ ଓ ଡ. ବିଭୁପ୍ରସାଦ ସମ୍ବୋଧନ ଭିତରେ ଥିବା ଫରକକୁ।

ସହରୀ ଧୂଆଁରେ ଅସ୍ପଷ୍ଟ ଜୀବନ ଯାତ୍ରାରେ କେବଳ ଆଭିଜାତ୍ୟ ଓ ଟଙ୍କାର ପ୍ରଲୋଭନ। ଆକର୍ଷଣ କରୁନି ପଲ୍ଲୀଶୋଭା, ଗ୍ରାମୀଣ ଜୀବନ, ପକ୍ୱ ଧାନ କିଆରିର ମନକିଣା ବାସ୍ନା କି' ବାରମାସର ତେର ପର୍ବ। ପାଠ ପଢ଼ିବା ବେଳେ କେବଳ ବାପା ମାଆ କାହିଁକି ପାଖ ପଡ଼ୋଶୀ ସମସ୍ତେ ଉଦାହରଣ ଦେଉଥାନ୍ତି ଆମ ଅମୁକ ବଡ ହେଲେ ବଡ଼ ଚାକିରି କରି ଆମ ଗାଁର ନାଁ ରଖିବ। ନିଶ୍ଚେ ଅନେକ କିଛି ପରିବର୍ତ୍ତନ କରିବ ଆମ ପରିବେଶରେ। ଭାଗ୍ୟ ବଦଳିବ ଆମ ଗାଁର। ହେଲେ ସମୟ ଆସିଲା ବେଳକୁ ସ୍ୱପ୍ନ ମରିଯାଏ ଅମୁକ ବାବୁଙ୍କ ପାଦ ଗାଁ ମାଟିରେ ପଡ଼ି ପାରେନି। ଯେଉଁ ଗ୍ରାମବାସୀମାନେ ଦିନେ ସ୍ୱପ୍ନ ଦେଖୁଥିଲେ ସେମାନେ ଆଉ ଅମୁକ ବାବୁଙ୍କୁ ଆଖି ପୂରେଇ ଦେଖିବାର ସୌଭାଗ୍ୟ ହରାଇଥାନ୍ତି। ସବୁ ମାୟା ମମତା ବନ୍ଧନ ମଧୁର ସମ୍ପର୍କକୁ ଛିନ୍ନ କରି ସବୁଦିନ ପାଇଁ ଗାଁ ପରିବେଶକୁ ତ୍ୟାଗ କରିଥାନ୍ତି। ସେଇଠି ଭାଙ୍ଗି ଦେଇ ଚାଲିଆସନ୍ତି ବସୁଧୈବ କୁଟୁମ୍ବକମ୍ ଭାବନା। ପଛରେ ପକାଇ ଚାଲିଆସନ୍ତି ଏକ ପରିବାରର ପରମ୍ପରା।

ଆମ୍ଭେମାନେ ଅତ୍ୟାଧୁନିକ ଯୁଗର ମାନବ। ସହରୀକରଣ, ବ୍ୟବସାୟ ମନୋବୃତ୍ତି, ଅର୍ଥନୈତିକ ସମୃଦ୍ଧି ନିହାତି ଆବଶ୍ୟକ। ତଥାପି ସମସ୍ତ ବାହାନା ବ୍ୟସ୍ତତାର ପ୍ରବଞ୍ଚନାକୁ ଏଡ଼ାଇ ଦେଇ ଭଲ ଉଚ୍ଚଶିକ୍ଷିତ ଗ୍ରାମବାସୀ ହେବାପାଇଁ ଚେଷ୍ଟାକରିବା। ଭାରତୀୟ ଅର୍ଥନୈତିକ ସମୃଦ୍ଧି ପାଇଁ ପାଶ୍ଚାତ୍ୟ ଶିକ୍ଷାପଦ୍ଧତିକୁ ଆପଣେଇବାକୁ ପଡ଼ିବ। ପାଶ୍ଚାତ୍ୟ ଶିକ୍ଷାରେ ଶିକ୍ଷିତ ହୋଇ ଜୀବନଧାରଣର ମାନ ବୃଦ୍ଧି ସହ ମହାନୁଭବତାର ପରିଧିକୁ ଗାଁରୁ ସହର ପର୍ଯ୍ୟନ୍ତ ବିସ୍ତୃତ କରିବା ନିହାତି ଆବଶ୍ୟକ।

**ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ଉଚ୍ଚ**
**ବିଦ୍ୟାଳୟ, ଅଙ୍କରାନ୍ତିପୁର, ଢେଙ୍କାନାଳ**
**ମୋ–୮୨୪୯୬୮୬୦୯୩**

## ଏଇ ଭାରତରେ

ପେଟ୍ରୋଲ–ଡିଜେଲ ଦାମ୍ ଆକାଶଛୁଆଁ ହୋଇଛି। ଅପରପକ୍ଷେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅନୁଭୂତ ହେବାରେ ଲାଗିଛି। ଏଭଳି ସ୍ଥିତିରେ ଇଲେକ୍ଟ୍ରିକ୍ ଯାନ (ଇଭି) କିଣିବା ସଭିଙ୍କ ପାଇଁ ଏକ ଉତ୍ତମ ବିକଳ୍ପ। କିନ୍ତୁ ଏହାର ଦାମ୍ ଓ ଚାର୍ଜିଂ ସମସ୍ୟା ବାଧକ ସାଜୁଛି। ଏଭଳି ସ୍ଥିତିକୁ ଲକ୍ଷ୍ୟକରି ପଶ୍ଚିମବଙ୍ଗ ନଦିଆର ଚନ୍ଦନ ବିଶ୍ୱାସ ସୋଲାର ସାଇକେଲ ନିର୍ମାଣ କରିଛନ୍ତି। ଚନ୍ଦନଙ୍କ ବୟସ ୬୦। ସେ ରେଜେଷ୍ଟ୍ରି ଅଫିସ୍‌ରେ ରାଇଟର ଭାବେ କାର୍ଯ୍ୟ କରନ୍ତି। ସେ ମଧ୍ୟ ଜଣେ ରେଡିଓ ମେକାନିକ୍। ବିଜ୍ଞାନ ପ୍ରତି ରୁଚି ଥିବାରୁ ସେ ତାଙ୍କ ଝିଅର ପୁରୁଣା ସାଇକେଲକୁ ସୋଲାର ସାଇକେଲ୍‌ରେ ପରିଣତ କରି ସେଥିରେ ପ୍ରତିଦିନ ୨୪ କିଲୋମିଟର ଦୂର କରିମ୍‌ପୁରରେ ଥିବା ତାଙ୍କ ଅଫିସକୁ ଯାଉଛନ୍ତି। ଏହି ସାଇକେଲରେ ଏକ ଲିଥିୟମ ଆଇଅନ୍ ବ୍ୟାଟେରି ଓ ମୋଟର ଲଗାଇଛନ୍ତି। ସାଇକେଲରେ ୨୪/୧୬୫ ୱାଟ୍‌ର ସୋଲାର ପ୍ୟାନେଲକୁ ସିଟ୍ ଉପରେ ୪ ଫୁଟ୍ ଉଚ୍ଚରେ ଲଗାଇଛନ୍ତି, ଯାହାଦ୍ୱାରା ଆରାମରେ ବସି ସାଇକେଲ ଚଳାଇହେଉଛି। ଅପରପକ୍ଷରେ ଏହା ମଧ୍ୟ ଖରାରୁ ରକ୍ଷା କରୁଛି। ସେ ଲେଡିଜ୍ ସାଇକେଲ୍‌ଟିକୁ ବିନା ପେଡାଲ୍‌ରେ ଯେତେବେଳେ ଚଳାଉଛନ୍ତି ସେତେବେଳେ ତାହା ସମସ୍ତଙ୍କୁ ବିସ୍ମିତ କରୁଛି। ଏହି 'ଇଭି' ସୋଲାର ସାଇକେଲ ନିର୍ମାଣ କରିବାରେ ସେ ୧୯ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଅଗଷ୍ଟ ୧୯୯୭

- ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନରେ ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ ପ୍ରାର୍ଥୀଙ୍କୁ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ନ ଦେବା ସକାଶେ କେନ୍ଦ୍ର ସରକାର ଆଗତ କରିଥିବା ବିଲ୍ ଲୋକସଭାରେ କାଟ୍ ଖାଇଯାଇଛି।
- ଲୋକସଭା ଏବଂ ଭାଜପା ଜାତୀୟ କାର୍ଯ୍ୟକାରୀ କମିଟିରୁ ସାଂସଦ ବନୱାରିଲାଲ୍ ପୁରୋହିତଙ୍କ ଇସ୍ତଫା।
- ପଣବନ୍ଦୀ ଭାବେ ରଖିଥିବା କର୍ଣ୍ଣାଟକ ଜଙ୍ଗଲ ବିଭାଗର ୮ ଜଣ କର୍ମଚାରୀଙ୍କୁ ମୁକ୍ତ କରିବା ପାଇଁ ଜଙ୍ଗଲ ଦସ୍ୟୁ ବୀରାପ୍ପାନଙ୍କ ୫ କୋଟି ଦାବି।

## ଚିରନ୍ତନୀ

ନ ପାରିଲି କହି କଥା କଥାଇଲା ଅନ୍ତର,
ନ ପାରିଲି ମୁଖେ ଚାହିଁ କଲ କିବା ମନ୍ତର।
ନୀଳ ତୁମ କୁନ୍ତଳେ ଗୋ ଚୁମ୍ବିଥିଲା ଜୋଛନା,
ଧବଳ କପୋଳେ ତବ କାନ୍ଦିଲା ମୋ ବାସନା।
–(ଛନ୍ଦ ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh
ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | 5 | | 7 | | |
| 7 | 2 | | 3 | | | 9 | | |
| 6 | | | | | | | | 2 |
| 3 | | 1 | 9 | | 4 | | 6 | |
| | | | 8 | | | 1 | | |
| | | | | | | | 5 | |
| | | | | 2 | | | 8 | |
| | | | 5 | | | | 9 | |
| | 8 | | 7 | 3 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 8 | 1 | 4 | 7 | 3 | 2 | 9 |
| 1 | 4 | 2 | 9 | 5 | 3 | 6 | 8 | 7 |
| 7 | 9 | 3 | 6 | 2 | 8 | 4 | 1 | 5 |
| 5 | 8 | 7 | 3 | 6 | 1 | 9 | 4 | 2 |
| 2 | 1 | 6 | 4 | 7 | 9 | 5 | 3 | 8 |
| 9 | 3 | 4 | 5 | 8 | 2 | 1 | 7 | 6 |
| 4 | 2 | 9 | 7 | 1 | 6 | 8 | 5 | 3 |
| 8 | 6 | 1 | 2 | 3 | 5 | 7 | 9 | 4 |
| 3 | 7 | 5 | 8 | 9 | 4 | 2 | 6 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନିଷ୍ଠୁର ନିଷ୍ପତ୍ତି

ମହାଶୟ,

ଗତ ଜୁଲାଇ ୧୮ ରୁ କେତେକ ସାମଗ୍ରୀ ଉପରେ ଜିଏସ୍‌ଟି ହାର ବୃଦ୍ଧି କରିବା ସହ ଗରିବ ଓ ସାଧାରଣ ଜନତା ବ୍ୟବହାର କରୁଥିବା ନିତିଦିନିଆ ଖାଦ୍ୟପଦାର୍ଥ ଯଥା ମୁଢ଼ି, ଚୁଡ଼ା, ଖଇ, କ୍ଷୀର, ଦହି, ପନିର, ଅଟା, ସୁଜି ଓ ଚାଉଳକୁ ଜିଏସ୍‌ଟି ପରିସରକୁ ଅଣାଯାଇଛି। ଏହା ଫଳରେ ଏସବୁ ଖାଦ୍ୟପଦାର୍ଥର ଦର ଆହୁରି ବୃଦ୍ଧି ପାଇବ। ବିଭିନ୍ନ ଅତ୍ୟାବଶ୍ୟକ ଦ୍ରବ୍ୟର ଆକାଶଛୁଆଁ ମୂଲ୍ୟବୃଦ୍ଧି ଓ କ୍ରୟଶକ୍ତି ହ୍ରାସ ଫଳରେ ଦେଶର କୋଟି କୋଟି ଗରିବ ଓ ସାଧାରଣ ଜନତା ଦୀର୍ଘଦିନ ଧରି ହନ୍ତସନ୍ତ ହେଉଥିବା ବେଳେ କେନ୍ଦ୍ର ସରକାରଙ୍କର ଏପରି ନିଷ୍ପତ୍ତି ଖୁବ୍ କଠୋର ଓ ନିଷ୍ଠୁର। ଏଥିପାଇଁ କେନ୍ଦ୍ର ସରକାର ମୁଖ୍ୟତଃ ଦାୟୀ ଥିବା ବେଳେ ଯେଉଁ ରାଜ୍ୟ ସରକାର ପ୍ରତିନିଧିମାନେ ଜିଏସ୍‌ଟି ପରିଷଦ ବୈଠକରେ ଏହାକୁ ଅନୁମୋଦନ କରିଛନ୍ତି, ସେମାନେ ମଧ୍ୟ କମ୍ ଦାୟୀ ନୁହନ୍ତି। ଏହି ନିଷ୍ପତ୍ତି ଫଳରେ ସେମାନଙ୍କର ଗରିବ ଓ ମଧ୍ୟବିତ୍ତଙ୍କ ପ୍ରତି ସମ୍ବେଦନଶୀଳତା ନ ଥିବାର ପ୍ରମାଣିତ ହୋଇଛି। ଏହା ତୁରନ୍ତ ପ୍ରତ୍ୟାହାର ହେବା ଉଚିତ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋଷ୍ଟରରେ ଶକ୍ତି ପ୍ରଦର୍ଶନ

କଟକ ଅଫିସ,୭।୮

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସୋମବାର କଟକ ଗସ୍ତକୁ ନେଇ ଭାଜପା କର୍ମୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ତାଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ଦେବା ପାଇଁ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ପ୍ରାଣପଣେ ଲାଗିପଡ଼ିଛନ୍ତି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କଟକ ଆସୁଥିବାରୁ ବିଜେଡି ନେତୃବୃନ୍ଦ ଓ କର୍ମକର୍ତ୍ତା ମଧ୍ୟ କିଛି କମ୍‌ରେ ନାହାନ୍ତି। ଉଭୟ ଦଳ ପକ୍ଷରୁ ଶାହା ଓ ନବୀନଙ୍କ ଫଟୋ ସାଙ୍ଗକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଫଟୋ ଥିବା ପୋଷ୍ଟର ସହରସାରା ଛାଇଯାଇଛି, ଯାହା ଦଳୀୟ ଶକ୍ତି ପ୍ରଦର୍ଶନ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ପାଇଁ ୫ ହଜାର ଲୋକଙ୍କ ସମାଗମ ଲକ୍ଷ୍ୟ ରଖାଯାଇଥିବାବେଳେ ଭାଜପା ପକ୍ଷରୁ ମଧ୍ୟ ସହରର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରାଯିବ ବୋଲି ଜଣାଯାଇଛି। ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ପ୍ରଜାତନ୍ତ୍ର ଖବରକାଗଜର ୭୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବା ନିମନ୍ତେ ଏହି ନେତୃବୃନ୍ଦଙ୍କ କଟକ ଆଗମନ ଉଭୟ ଦଳକୁ ଖୋରାକ ଯୋଗାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ଚାଲିଥିଲେ ବି ଓଡ଼ିଶାରେ ଦଳର ସ୍ଥିତି ଭଲ ନାହିଁ, ଯଦିଓ କେନ୍ଦ୍ରରେ ଏବେ ଗୁରୁତ୍ୱପୂର୍ଣ୍ଣ ରେଳ ଓ ଶିକ୍ଷା ମନ୍ତ୍ରୀ ପଦରେ ଓଡ଼ିଶାର ନେତୃତ୍ୱକୁ ପ୍ରାଧାନ୍ୟ ଦିଆଯାଇଛି। ପୁଣି ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଦ୍ରୌପଦୀ ମୁର୍ମୁଙ୍କୁ ଚୟନ କରି ରାଷ୍ଟ୍ରର ସର୍ବୋଚ୍ଚ ଆସନରେ ଆସୀନ କରାଯାଇପାରିଛି। ଭାଜପାର ଏଭଳି ଗୋଟି ଚାଳନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ପାଦେ ଆଗକୁ ଯାଇ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେଇ ରାଜ୍ୟବାସୀଙ୍କ ଆଗରେ ମହାନତା ପ୍ରତିପାଦିତ କରିଛନ୍ତି। ତେବେ ଭାଜପାର କଳକୌଶଳ ଓଡ଼ିଶାରେ ସେଭଳି କିଛି କାମ କଲା ଭଳି ଲାଗୁନାହିଁ ବୋଲି ଆଲୋଚନା ହେଉଛି। ସେ ଯାହାହେଉ, ଭାଜପା ଓ ବିଜେଡି ନିଜ ନିଜ ରଣନୀତି ସଜାଡ଼ିବାରେ ଲାଗିଛନ୍ତି। କିଛି ବର୍ଷ ହେବ କଟକର ଲୋକ ସଭା, ରାଜ୍ୟ ସଭା ଓ ବିଧାନସଭା ଆସନ ବିଜେଡି ଅକ୍ତିଆରରେ ଥିବା ବେଳେ ଚଳିତ ଥର ବାରବାଟୀ–କଟକ ଆସନ ଖସି କଂଗ୍ରେସ ହାତକୁ ଚାଲିଯିବା ବିଜେଡିକୁ ବ୍ୟଥିତ କରିଛି। ତେଣୁ ବିଜେଡିର ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ନିଜ ନିର୍ବାଚନମଣ୍ଡଳୀ ଓ ସାଂଗଠନିକ ଦିଗକୁ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ଦେଉଥିବା ପରିଲକ୍ଷିତ ହେଉଛି। ଉଭୟ ଦଳର ନେତୃବୃନ୍ଦଙ୍କ ଗସ୍ତ ବେଳେ ଦଳୀୟ ଭାବେ କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରଖାଯାଇଛି, ଯାହା ଓଡ଼ିଶାବାସୀଙ୍କୁ ନୂତନ ବାର୍ତ୍ତା ପ୍ରଦାନ କରିବ ବୋଲି ଆଲୋଚନା ହେଉଛି।

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି କହିଛନ୍ତି, ଶାହାଙ୍କୁ କଟକରେ ସ୍ୱାଗତ, ସମ୍ବର୍ଦ୍ଧନା ପ୍ରଦାନ ପାଇଁ ଦଳ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଶାହା କଟକରେ ପହଞ୍ଚିବା ପରେ ନିଶାମଣି ହଲ ନିକଟରେ ପ୍ରଥମେ ତାଙ୍କୁ ସ୍ୱାଗତ କରାଯିବ। ପରେ ପାଲାମଣ୍ଡପ, ବାଦାମବାଡ଼ି, ଦୋଳମୁଣ୍ଡାଇ, ହରିପୁର, ସେମିନାରି ଛକ, ଦରଘାବଜାର, ତିନିକୋଣିଆ ବଗିଚା, ବକ୍ସିବଜାର, ଚଣ୍ଡୀଛକ ଆଦି ସ୍ଥାନରେ ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ସେଥିପାଇଁ ସହରସାରା ଦଳୀୟ ପତାକା ସାଙ୍ଗକୁ ହୋର୍ଡିଂ ଲଗାଯାଇଛି। ଦୁଇ ଜଣ କେନ୍ଦ୍ର ମନ୍ତ୍ରୀ ଆସୁଥିବାରୁ ସମସ୍ତ ନେତା ଓ କର୍ମୀମାନେ ବହୁ ଭାବେ ଉତ୍ସାହିତ ଅଛନ୍ତି। ସେହିପରି ବିଜେଡି ନଗର ସଭାପତି ମଧୁସୂଦନ ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ବାଲିଯାତ୍ରା ଉପରପଡ଼ିଆରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇବା ପରେ ସେଠାରେ ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ତାଙ୍କୁ ସ୍ୱାଗତ କରାଯିବ। ଏଥିପାଇଁ ବାରବାଟୀ–କଟକ, ଚୌଦ୍ୱାର–କଟକ ଓ କଟକ ସଦର ନିର୍ବାଚନମଣ୍ଡଳୀରୁ ପାଖାପାଖି ୫ ହଜାର ଲୋକଙ୍କୁ ସମବେତ କରାଇବାର ଯୋଜନା ରହିଛି। ହେଲେ ଶୋଭାଯାତ୍ରାର କୌଣସି କାର୍ଯ୍ୟକ୍ରମ ନାହିଁ। ଅନ୍ୟପକ୍ଷରେ କଂଗ୍ରେସ ନଗର ଜିଲା ସଭାପତି ଗିରିବାଳା ବେହେରା କହିଛନ୍ତି, ଏହି କାର୍ଯ୍ୟକ୍ରମ ପ୍ରଜାତନ୍ତ୍ର ଖବରକାଗଜର ୭୫ତମ ପ୍ରତିଷ୍ଠା ଉତ୍ସବ ହୋଇଥିବାରୁ ଓ ଏଥିରେ କେନ୍ଦ୍ରମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଯୋଗଦେବାକୁ କୌଣସି ରାଜନୈତିକ ରୂପ ଦେବା ଉଚିତ୍ ନୁହେଁ।




ଦଳୀୟ ନେତାଙ୍କୁ ସ୍ୱାଗତ କରିବା ପାଇଁ କଟକ ବାରବାଟୀ ଷ୍ଟାଡିୟମ ଛକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଲାଗିଥିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୋଷ୍ଟର।

**ଆଜି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ କଟକ ଗସ୍ତ**

- ରାଜନୈତିକ ଉଷ୍ମତାରେ ଶାସକ-ବିରୋଧୀ
- ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ୫ ହଜାର ଲୋକ
- ବିଭିନ୍ନ ଛକରେ ଶାହାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ

# ଓଡ଼ିଶା ଗସ୍ତରେ ଶାହା

ଭୁବନେଶ୍ୱର, ୭।୮ (ବ୍ୟୁରୋ)

**ଆଭିମୁଖ୍ୟକୁ ଅପେକ୍ଷା**

- ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଘନଘନ କାର୍ଯ୍ୟକ୍ରମ
- ଦଳୀୟ କାର୍ଯ୍ୟାଳୟଠାରୁ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମର ଶୁଭାରମ୍ଭ
- ସକାଳୁ ଲିଙ୍ଗରାଜ ଦର୍ଶନ
- ଭୁବନେଶ୍ୱରରୁ କଟକ ସବୁଠାରେ ସମ୍ବର୍ଦ୍ଧନା ଲାଗି ପ୍ରସ୍ତୁତି
- ନେତାଜୀଙ୍କ ଜନ୍ମସ୍ଥାନ ବୁଲିବେ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୪ ବର୍ଷ ୪ ମାସ ପରେ ରବିବାର ବିଳମ୍ବିତ ସନ୍ଧ୍ୟାରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ପହଞ୍ଚିଛନ୍ତି। ସେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ ନେତା ଓ କର୍ମୀ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ ସହ ପାଛୋଟି ନେଇଛନ୍ତି। ଶାହା ଏହି ଗସ୍ତ କାଳରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ସେ ପହଞ୍ଚିବା ପରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ରାତ୍ରିଯାପନ କରିଛନ୍ତି। ତେବେ ଶାହାଙ୍କ ଏହି ଗସ୍ତ ସମୟରେ ସେ ଓଡ଼ିଶା ସରକାର ଏବଂ ବିଜେଡି ବିରୋଧରେ କି ପ୍ରକାର ଆଭିମୁଖ୍ୟ ରଖିବେ ତାକୁ ନେଇ ବର୍ତ୍ତମାନ ଚାରିଆଡେ ଚର୍ଚ୍ଚା। ଦଳର ନେତାଙ୍କଠାରୁ ଆରମ୍ଭ କରି କର୍ମୀଙ୍କ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ପୁରୁଣା ଆକ୍ରମଣର ସ୍ୱରକୁ ଅପେକ୍ଷା କରି ରହିଥିବା ଚର୍ଚ୍ଚା ହେଉଛି। ହେଲେ ରାଷ୍ଟ୍ରପତି ନିର୍ବାଚନଠାରୁ ଆରମ୍ଭ କରି ଉପରାଷ୍ଟ୍ରପତି ନିର୍ବାଚନ ଏବଂ କେନ୍ଦ୍ରର ଅନେକ କଥାରେ ରାଜ୍ୟ ସରକାର ସମର୍ଥନ ଦେଇଚାଲିଛନ୍ତି। ତେଣୁ ବିଜେଡି ଓ ଭାଜପା କର୍ମୀ ଏହି ସମ୍ପର୍କକୁ ନେଇ କିଛି ବୁଝି ପାରୁନାହାନ୍ତି। ଆଗକୁ ଉଭୟ ଦଳ ପରସ୍ପର ବିରୋଧକେକର ଲଢ଼େଇ କରିବେ ନା ନାହିଁ ତାକୁ ନେଇ ଦ୍ୱନ୍ଦ୍ୱରେ ପଡିଥିବା ରାଜନୈତିକ ବିଶ୍ଳେଷକଙ୍କଠାରୁ ଆରମ୍ଭକରି ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ଆଲୋଚନା କରୁଛନ୍ତି। ତେବେ ଶାହା ଏଥର ଓଡ଼ିଶା ଆସିବା ପରେ କିଛି ଶାଣିତ ଢଙ୍ଗରେ ନିଜ ଆଭିମୁଖ୍ୟ ଗ୍ରହଣ କରିପାରନ୍ତି ବୋଲି ଅନୁମାନ କରାଯାଉଛି, ହେଲେ ଏ କଥା ଖୁବଶୀଘ୍ର ସ୍ପଷ୍ଟ ହୋଇଯିବ।

ସୋମବାର ସକାଳ ୮ଟାରେ ଲିଙ୍ଗରାଜ ମନ୍ଦିର ଦର୍ଶନରେ ଯିବେ। ସେଠାରୁ ଦର୍ଶନ ସାରି ଦଳର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଘରେ ଜଳପାନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେଠାରୁ ସେ ସିଧାସଳଖ ପୁଣି ରହୁଥିବା ହୋଟେଲକୁ ଯାଇ ସେଠାରେ ସାମାନ୍ୟ ବିଶ୍ରାମ ନେବା ପରେ କଟକ ଅଭିମୁଖେ ବାହାରିଯିବେ। ଏହାପରେ କଟକ ଯିବା ସମୟରେ ରାସ୍ତାରେ ନେତା ଓ କର୍ମୀଙ୍କୁ ସେ ଭେଟିକି ଯିବେ। ପ୍ରଥମେ ନଖରାଠାରେ ଦଳୀୟ ନେତା ଓ କର୍ମୀମାନେ ଶାହାଙ୍କୁ ସମ୍ବର୍ଦ୍ଧିତ କରିବେ। ଏହାପରେ ଲିଙ୍କ ରୋଡ୍, ପାଲା ମଣ୍ଡପ, ବାଦାମବାଡି, ଦୋଳମୁଣ୍ଡାଇ, ହରିପୁର, ସେମିନାର ଛକ, ଦର୍ଘା ବଜାର ଆଦି ସ୍ଥାନରେ ଶାହାଙ୍କୁ ନେତା, କର୍ମୀମାନେ ଭେଟି ସମ୍ବର୍ଦ୍ଧିତ କରିବେ। ଏହାପରେ ସେ ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ଓଡ଼ିଆ ବଜାର ସ୍ଥିତ ଜନ୍ମସ୍ଥାନକୁ ଯିବେ। ସେଠାରୁ ବାହାରିବା ପରେ ପୁଣି ତିନିକୋଣିଆ ବଜାର, ବକ୍ସି ବଜାର, ଚଣ୍ଡୀ ମନ୍ଦିର ଛକ, ବାରବାଟୀ ଫୋର୍ଟଠାରେ ନେତା, କର୍ମୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବେ। ସେଠାରୁ କଟକ ଇଣ୍ଡୋର ଷ୍ଟାଡିୟମଠାରେ ୧୧ଟାରେ ପହଞ୍ଚିବେ। ସେଠାରେ ଏକ ଦୈନିକ ଖବରକାଗଜର କାର୍ଯ୍ୟକ୍ରମରେ ସାମିଲ ହେବେ। ସେଠାରେ ଶାହାଙ୍କ ସମେତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ କେତେଜଣ ନେତା ମଧ୍ୟ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଉଭୟ ବିଜେଡି ଓ ଭାଜପା ନିଜ ଶକ୍ତି ପ୍ରଦର୍ଶନ ପାଇଁ ଲାଗି ପଡ଼ିଛନ୍ତି। ଏହି କାର୍ଯ୍ୟକ୍ରମ ଶେଷ ହେବାପରେ ସେଠାରୁ ଶାହା ପୁଣି ନୂଆପାଟଣା, ମଙ୍ଗଳାବାଗ, କଲେଜ ଛକ, ଓଏମ୍‌ପି ଛକଠାରେ କର୍ମୀମାନଙ୍କୁ ଭେଟିସାରି ଭୁବନେଶ୍ୱର ଫେରିବେ।

ଭୁବନେଶ୍ୱର ସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ସେଠାରେ ଶାହାଙ୍କୁ ଭବ୍ୟ ସ୍ୱାଗତ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ପାର୍ଟି ଅଫିସ ବାହାରେ ପାର୍କିଂ ସ୍ଥଳୀରେ ମଞ୍ଚ ଏବଂ ଟେଣ୍ଟ ବ୍ୟବସ୍ଥା କରାଯାଇଛି। ସେଠାରେ ସେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଆରମ୍ଭ କରିବେ। ଉକ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ସେ ଦଳର ୩୦ରୁ ୪୦ ଆଗଧାଡ଼ି ନେତାଙ୍କ ସହ ଏକ ଗୁପ୍ତ ବୈଠକ କରିବେ। ନିକଟରେ ବିରୋଧୀ ଦଳ ନେତା ପଦରେ ପରିବର୍ତ୍ତନ କରାଯାଇଛି। ତେଣୁ ବିରୋଧୀ ଦଳ ନେତା ଭାବେ ନୂଆକରି ଦାୟିତ୍ୱ ନେଇଥିବା ଜୟନାରାୟଣ ମିଶ୍ରଙ୍କ ସହ ମଧ୍ୟ ଆଗାମୀ ରାଜନୈତିକ କାର୍ଯ୍ୟପନ୍ଥା ନେଇ ସେ ଆଲୋଚନା କରିବେ। ସେଠାରୁ ପୁଣି ହୋଟେଲ ଅଭିମୁଖେ ଗସ୍ତ କରିବେ। ଉକ୍ତ ହୋଟେଲରେ ଶାହା ଓଡ଼ିଶା ଚାପ୍ଟର ଅଫ୍ ମୋଦି @୨୦ର ଡ୍ରିମ୍‌ସ ମିଟ୍ ଡେଲିଭରି ପୁସ୍ତକ ଉନ୍ମୋଚନ କରିବେ। ଏହାପରେ ସେ ସନ୍ଧ୍ୟାରେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡ଼ିଛି।

## ବଳାତ୍କାର ପରେ ହତ୍ୟା ବୃଦ୍ଧି ପାଇଁ ମୃତ୍ୟୁଦଣ୍ଡ ଦାୟୀ: ଗେହଲଟ



ଅଶୋକ ଗେହଲଟ

ଜୟପୁର,୭।୮

ଆଇନରେ ସଂଶୋଧନ କରାଯାଇ ବଳାତ୍କାର ମାମଲାରେ ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିବା ପରେ ଦେଶରେ ବଳାତ୍କାର ପରେ ପୀଡ଼ିତାଙ୍କୁ ହତ୍ୟା ଘଟଣା ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି। ଦରବୃଦ୍ଧି ଏବଂ ବେରୋଜଗାରୀ ବିରୋଧରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ଦିଲ୍ଲୀରେ କଳାଦିବସ ପାଳନ କରାଯାଉଥିବାବେଳେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏଭଳି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ବଳାତ୍କାରୀଙ୍କୁ ଫାଶୀ ଦେବା ଆଇନ ଯେବେଠାରୁ କାର୍ଯ୍ୟକାରୀ ହେଲା, ସେହିଦିନଠାରୁ ଦେଶରେ ବଳାତ୍କାର ପରେ ହତ୍ୟା ମାମଲା ବଢ଼ିଚାଲିଛି। ସୂଚନାଯୋଗ୍ୟ, ୨୦୧୨ରେ ଦିଲ୍ଲୀରେ ନିର୍ଭୟା ବଳାତ୍କାର ଓ ହତ୍ୟା ଘଟଣା ପରେ ଆଇନକୁ କଡ଼ାକଡ଼ି କରି ବଳାତ୍କାରୀମାନଙ୍କୁ ମୃତ୍ୟୁଦଣ୍ଡ ଦେବା ଲାଗି ଦେଶବ୍ୟାପୀ ଦାବି ହୋଇଥିଲା। ଫଳରେ ସରକାର ସରକାର ଆଇନରେ ପରିବର୍ତ୍ତନ କରି ବୀଭତ୍ସ ବଳାତ୍କାର ଘଟଣାରେ ସର୍ବାଧିକ ମୃତ୍ୟୁଦଣ୍ଡ ଦେବାର ବ୍ୟବସ୍ଥା କରିଥିଲେ। ଏହା ପରେ ପ୍ରମାଣ ଲୁଚାଇବା ପାଇଁ ବଳାତ୍କାର ପରେ ପୀଡ଼ିତାଙ୍କୁ ହତ୍ୟା କରାଯିବା ଭଳି ଭୟଙ୍କର ଟ୍ରେଣ୍ଡ ଦେଶରେ ଚାଲିଥିବା ଗେହଲଟ୍ କହିଛନ୍ତି।

# ଫଡ଼ନବିସ ହେବେ ଗୃହମନ୍ତ୍ରୀ

ନୂଆଦିଲ୍ଲୀ,୭।୮



**୧୫ ପୂର୍ବରୁ ମହାରାଷ୍ଟ୍ର କ୍ୟାବିନେଟ ସମ୍ପ୍ରସାରଣ**

ଅଗଷ୍ଟ ୧୫ ପୂର୍ବରୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବାକୁ ଯାଉଛନ୍ତି। ଏଥିରେ ଅନ୍ୟୁନ ୧୫ ଜଣ ମନ୍ତ୍ରୀ ସାମିଲ ହେବେ। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ହାତରେ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗ ରହିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଶିବସେନାରେ ବିଦ୍ରୋହ ଯୋଗୁ ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ଜୁନ୍ ୩୦ରେ ସିନ୍ଦେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଓ ଫଡ଼ନବିସ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଇତିମଧ୍ୟରେ ୩୮ଦିନ ବିତିଥିଲେ ମଧ୍ୟ ମନ୍ତ୍ରିମଣ୍ଡଳ ଗଢ଼ାଯାଇପାରି ନାହିଁ। ୨ ଜଣିଆ କ୍ୟାବିନେଟରେ ସରକାର ଚାଲିଥିବାରୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରୁଛନ୍ତି।

# 'ଉଡ଼୍ ତ୍ରିରଙ୍ଗା ଉଡ଼୍' ଗୀତ ଉନ୍ମୋଚନ କଲା ଭାଜପା

ଭୁବନେଶ୍ୱର, ୭।୮ (ବ୍ୟୁରୋ):

ଦେଶ ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାନ୍ ସଂଗ୍ରାମୀ ଏବଂ ତାଙ୍କ ଜୀବନଶୈଳୀ ଓ ବିଚାରଧାରାକୁ ଏବେର ଯୁବପିଢ଼ିଙ୍କ ମଧ୍ୟରେ ଅବଗତ କରାଇବା ନିହାତି ଆବଶ୍ୟକ। ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି 'ହର୍ ଘର୍ ତ୍ରିରଙ୍ଗା' ବା 'ଘରେ ଘରେ ତ୍ରିରଙ୍ଗା' ଉତ୍ତୋଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଓଡ଼ିଶାରେ ସଫଳ କରିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତି ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମର ସୁପ୍ରଚାର ଓ ପ୍ରସାର ପାଇଁ ରବିବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ କୋରାପୁଟିଆ ଦେଶୀ ଗୀତ 'ଉଡ଼୍ ତ୍ରିରଙ୍ଗା ଉଡ଼୍'କୁ ଉନ୍ମୋଚିତ କରାଯାଇଛି। ବିଭୂତି ସ୍ୱାଇଁଙ୍କ ଦ୍ୱାରା ଲିଖିତ କୋରାପୁଟିଆ ଦେଶିଆ ଗୀତ 'ଉଡ଼୍ ତ୍ରିରଙ୍ଗା ଉଡ଼୍'କୁ ଅକ୍ଷୟ ଶେମୋର୍ଲିଆ କଣ୍ଠଦାନ କରିଥିବାବେଳେ କାଳିଚରଣ ବାରା ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସେହିପରି ଏହି ଗୀତର ଓଡିଆ ସଂସ୍କରଣକୁ ନନ୍ଦିନୀ ଶତପଥୀ ଓ ନେହା କଣ୍ଠଦାନ କରିଛନ୍ତି। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ।

**Bhubaneswar Municipal Corporation**
*Progress through Partnership for better Bhubaneswar*

XXII (L) - 33/17 (PT)
RFP No.: 37643 Date: 04.08.2022

**RFP for "Advertisement Rights on Government Land under 2 packages of North Zone in BMC"**

**No. C-962:-** Bhubaneswar Municipal Corporation invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking Advertising rights on Government Land under 2 packages of North Zone in BMC. The detailed RFP document shall be made available in the website bmc.gov.in from 05.08.2022 at 12.00 noon onwards. The last date of receipt of application is till 5.00 PM on 30.08.2022. For any clarification, an e-mail may be sent on bmcpmu@bmc.gov.in.

By Order
Sd./- Dy. Commissioner (Revenue)
Bhubaneswar Municipal Corporation
OIPR-13002/11/0065/2223

**Bhubaneswar Municipal Corporation**
*Progress through Partnership for better Bhubaneswar*

XXII (L) - 33/17 (PT)
RFP No.: 37805 Date: 05.08.2022

**RFP for "Advertisement Rights on Government Land under 3 packages of South-West Zone in BMC"**

**No. C-963:-** Bhubaneswar Municipal Corporation invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking Advertising rights on Government Land under 3 packages of South-West Zone in BMC. The detailed RFP document shall be made available in the website bmc.gov.in from 05.08.2022 at 12.00 noon onwards. The last date of receipt of application is till 5.00 PM on 30.08.2022. For any clarification, an e-mail may be sent on bmcpmu@bmc.gov.in.

By Order
Sd./- Dy. Commissioner (Revenue)
Bhubaneswar Municipal Corporation
OIPR-13002/11/0066/2223

**OFFICE OF THE EXECUTIVE ENGINEER**
**KENDRAPARA (R&B) DIVISION-I, KENDRAPARA**
E-Mail I.D.-eernbkdp@gmail.com; Tel.(06727)-220268; Fax No.(06727)-220862
**GOVERNMENT OF ODISHA "e" procurement Notice**
**e-procurement Notice for ROAD & Building works**
No. B-449:-
**Bid Identification No. E.E., R n B KDP-I 05/ 2022-23**

1. No. of work :- **1 No. of Building**
2. Estimated Cost :- **₹ 42.60 lakhs (Approximately)**
3. Period of completion :- **04 (Four) Calendar Months**
4. Date & time of sale & receipt of bid document :- **From 10.00 A.M. of 08.08.2022 to 5PM of 25.08.2022**
5. Last date / time of receipt of bids :- **5PM of 25.08.2022**
6. Date & time of Opening of Bids :- **11.00AM of 26.08.2022**
7. Name and address of the Officer Inviting Bid :- **Executive Engineer, Kendrapara (R and B) Division-I, Kendrapara**

Further details with any addendum, corrigendum, cancellation can be seen from the State Govt. portal "**https://tendersorissa.gov.in**"

Sd./- (Er. K.C. Behera)
Executive Engineer, Kendrapara (R&B) Division-I
OIPR-34097/11/0004/2223

**GOVERNMENT OF ODISHA**
**COOPERATION DEPARTMENT**
**Advertisement for re-engagement as Legal Consultant in Cooperation Department**

No.LL-13:-Applications in the prescribed format are invited from interested retired Law Officers / those retired from Odisha Legal Service / OSJS well versed with court cases and legal matters for contractual engagement as Legal Consultant (One post) in the Secretariat Establishment of Cooperation Department in accordance with GA & PG Department Resolution No. 23750-GAD dated 27.08.2014 and Finance Department Memo No. 7022, dated 17.03.2018. The application along with biodata form available in the department website: https://coop.odisha.gov.in/ should reach the undersigned within 15 days from the date of publication of the Advertisement. Application(s) received thereafter shall not be entertained.

Sd./- Additional Secretary to Government,
Cooperation Department
OIPR-39001/11/0003/2223

**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)**
Letter No. 9032 Date: 06.08.22
**Invitation for Bids**
**NATIONAL COMPETITIVE BIDDING THROUGH E-PROCUREMENT**
**Bid Identification No. BMC (BAM):- 265/2022-2023**
No. C-970:-

| | | |
|---|---|---|
| 1 | **The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A"** | |
| 2 | **Nature of work** | **CIVIL** |
| 3 | **No. of work** | **01 No.** |
| 4 | **Bid Cost.** | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | **E.M.D.** | The bidder shall remit online the Earnest Money Deposit/Bid Security at the rate of 0% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | **Class of Contractor** | As per the Annexure "A" |
| 7 | **Availability of Bid Documents in the website** | From 10.00 hrs. of **08.08.22** to 17.00 hrs. of **23.08.22** |
| 8 | **Date & Time of Opening of Technical Bids** | 11.30 hrs. onwards on **Dt. 24.08.22** |
| 9 | **Date & time of opening of financial bids** | Shall be intimated to the responsive Technically qualified bidder after evolution of Technical bids. |
| 10 | **Mode of submission of tender** | Tender should submitted Online in **www.tendersorissa.gov.in** |
| 11 | **The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.** | |

Sd./- Commissioner,
Berhampur Municipal Corporation, Berhampur, Odisha
OIPR-13035/11/0031/2223

**GOVERNMENT OF ODISHA** No. B-453
**OFFICE OF THE CHIEF CONSTRUCTION ENGINEER, BALANGIR(R&B) CIRCLE, BALANGIR**
Mail ID : - sepwdbalangir@gmail.com
**e - Procurement Notice**
**BID IDENTIFICATION No: CCE(R&B) BGR/05/2022-23**
**No. 2725 // Dtd. 03.08.2022**

1. The **Chief Construction Engineer, Bolangir (R&B) Circle, Bolangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **Special/Super** Class Contractors registered with the State Governments and contractors of equivalent Grade/Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of Work : Road work
3. No. of tender : Road work = 01 No.
4. Tender Cost : Rs.10,000/-
5. Class of Contractor : **Special/Super**
6. Date & Time of sale & Receipt of Bids : From Dt.16.08.2022, 10.00 A.M. to Dt.30.08.2022 up to 05.00 P.M.
7. Date of opening Bid : Dt.03.09.2022 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Sd./- Chief Construction Engineer,
Balangir (R&B) Circle, Balangir
OIPR-34131/11/0008/2223

See Career Appointment on every Wednesday & Saturday

**ପୌର କାର୍ଯ୍ୟାଳୟ, ଜୟପୁର**
**MUNICIPAL OFFICE, JEYPORE**
Main Road, Jeypore, Dist: Koraput, Odisha
Phone No. 06854-231098, e-Mail: ulbjeypore@gmail.com
Letter No.: 5997/JM Date: 05 August 2022
**SHORT QUOTATION CALL NOTICE**

No. C-966:- Sealed quotations are invited from the intending local tailors for stitching of below mentioned liveries and the same will be received by the undersigned on 13.08.2022 upto 5.00 PM on working days by Regd Post or in person. The Quotations will be opened on 14.08.2022 at 11.00 AM in this office in presence of the quotationer or their authorised persons. The rate should be quoted for each item including stitching and other charges in Quotation. The stitched dresses should be delivered in Municipal Office, Jeypore by 25.08.2022 completing in all respect. The cloths shall be supplied by this office. Any correction/overwriting on the quotation paper without self attestation shall be liable or rejection. The quotationer should submit their quotations in their letter head or plain paper.

The undersigned reserves the right to reject any or all the quotations without assigning any reason thereof.

1) Full Pant (Terry Cotton) each
2) Full Shirt (Terry Cotton) each
3) Half Pant (Terry Cotton) each
4) Half Shirt (Terry Cotton ) each

Sd./- Executive Officer, Jeypore Municipality
OIPR-13079/11/0055/2223

## ସଂକ୍ଷେପରେ

### ଆଶାକର୍ମୀ ସଙ୍ଗଠନର ଜିଲାସ୍ତରୀୟ ସଭା




ପାରାଦୀପ, ୭।୮ (ସ୍ୱ.ପ୍ର.): ପାରାଦୀପ ପୌରାଞ୍ଚଳର ୫ନଂ. ୱାର୍ଡ ଉଦୟବଟଠାରେ ରବିବାର ନିଖିଳ ଓଡିଶା ଆଶାକର୍ମୀ ସଙ୍ଗଠନ ପକ୍ଷରୁ ଜିଲାସ୍ତରୀୟ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ରାଜ୍ୟ ସମ୍ପାଦିକା ମାଦିଲତା କୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଶାକର୍ମୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ଜିଲା ସଭାପତି ଆଲୋକ କୁମାର ମହାପାତ୍ର, ଅନ୍ନପୂର୍ଣ୍ଣା ନନ୍ଦ, ଶିବାନୀ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

### କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଚାରା ରୋପଣ



ଆଳି,୭।୮(ଡି.ଏନ.ଏ.): ଆଳି ନିଆଳ ସ୍ଥିତ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ରବିବାର ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି। ସ୍କୁଲର ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା ଏହି ଚାରା ରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପୃଥିବୀ ପାଇଁ ଏବେ ଗଛର ଆବଶ୍ୟକତାକୁ କାହା ସହ ତୁଳନା କରାଯାଇ ପାରିବ ନାହିଁ। ଏହା ଏବେ ଅମୂଲ୍ୟ, ରାସ୍ତା ପାର୍ଶ୍ୱକୁ ସବୁଜ ସୁନ୍ଦର କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପ୍ରିନ୍ସିପାଲ ବନମାଳୀ ପାଣି, ସାହିତ୍ୟିକ ବନମାଳୀ ସେନାପତି, ଶିକ୍ଷାବିତ୍ କବି ପ୍ରମୋଦ ମଲ୍ଲିକ, ସାମାଜିକ କର୍ମୀ ଭଗବାନ ନାୟକ ଓ ଶଶୀ ବିଶ୍ୱାଳ, ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ଚାରା ରୋପଣ କରିଥିଲେ।

# ଅସରାଏ ବର୍ଷାରେ ଶ୍ରେଣୀଗୃହରେ ପାଣି

**ନଳାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ**

- ୫ ଶ୍ରେଣୀକୁ ୨ ଗୃହ: ଛାତ୍ରୀଛାତ୍ର ହନ୍ତସନ୍ତ
- କିଛିଦିନ ତଳେ ଭିଡିଓ ଭାଇରାଲ ହୋଇଥିଲା
- ଗୋଟିଏ ଶ୍ରେଣୀଗୃହରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

ନାଉଗାଁ,୭।୮(ସ୍ୱ.ପ୍ର)

ନାଉଗାଁ ବ୍ଲକ ଶିଖର ପଞ୍ଚାୟତରେ ରହିଛି ନଳାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ୫ଟି ଶ୍ରେଣୀ ଥିବାବେଳେ ପିଲା ସଂଖ୍ୟା ୫୨। ମାତ୍ର ପିଲା ପଢ଼ିବା ପାଇଁ କେବଳ ୨ଟି ଶ୍ରେଣୀଗୃହ ରହିଛି। ବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବ ଥିବାବେଳେ ସେଥିରୁ ଗୋଟିଏରେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ଅନ୍ୟକକ୍ଷରେ ଉପରୋକ୍ତ ସବୁ ଶ୍ରେଣୀର ପିଲା ବସି ପାଠ ପଢନ୍ତି। ଫଳରେ ପିଲାମାନେ ଠିକ୍ ଭାବେ ପାଠ ପଢି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିସ୍ଥିତିରେ ଅସରାଏ ବର୍ଷା ହେଲେ ଶ୍ରେଣୀ ଗୃହରେ ପାଣି ପଶୁଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ଅସୁବିଧା ହେଉଛି। ଗତ ଶୁକ୍ରବାର ମଧ୍ୟାହ୍ନରେ ବର୍ଷା ହେବାରୁ ବିଦ୍ୟାଳୟ ଗୃହରେ ପାଣି ଜମି ରହିଥିଲା। ପିଲାମାନେ ଠିଆ ହୋଇ ମଧ୍ୟାହ୍ନ ଭୋଜନ ଖାଇବାକୁ ବାଧ ହୋଇଥିଲେ। ସ୍ଥାନୀୟ ଲୋକେ ଏହାର ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ସୁବୋଧ କୁମାର ସ୍ୱାଇଁଙ୍କୁ ପଚାରିବାରେ ବର୍ଷା ହେଲେ ଶ୍ରେଣୀଗୃହରେ ପାଠ ପଢାଇବାରେ ଅସୁବିଧା ହେଉଛି। ବିଦ୍ୟାଳୟ ସମ୍ମୁଖ ରାସ୍ତା ଉଚ୍ଚ ଥିବାରୁ ବର୍ଷା ହେଲେ ପାଣି ଆସି ଶ୍ରେଣୀ ଗୃହରେ ଜମି ରହୁଛି। ଅପରପକ୍ଷେ ବିଦ୍ୟାଳୟରେ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ବାହାରକୁ ଯାଇ ପାରୁନାହିଁ। ଏହି ବିଦ୍ୟାଳୟରେ ଶାଳିଜଙ୍ଗା, ପାଟେଣିଗାଁ, ବୋଦଳ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଉପସ୍ଥାନ କମ୍ ଥିବା ଦର୍ଶାଇ ସରକାରଙ୍କ ପକ୍ଷରୁ ଯେଉଁ ବିଦ୍ୟାଳୟଗୁଡ଼ିକୁ ଏହି ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି ସେସବୁ ବିଦ୍ୟାଳୟକୁ ପିଲାଙ୍କୁ ସ୍ଥାନାନ୍ତର କରାଗଲେ ସେମାନେ ଭଲରେ ପଢି ପାରନ୍ତେ। ପିଲାମାନଙ୍କୁ ବିଦ୍ୟାଳୟ ଅଭିମୁଖୀ କରିବାକୁ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରୁଥିବାବେଳେ ନଳାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଦେଖିଲେ ଉକ୍ତ ଯୋଜନା କିପରି ଚାଲିଛି ତାହା ସହଜରେ ଅନୁମେୟ। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତଙ୍କୁ ପଚାରିବାରେ ସୋସିଆଲ ମିଡିଆରେ ବିଦ୍ୟାଳୟର ଭିଡିଓ ଭାଇରାଲ ହୋଇଥିବା ଦେଖିଛି। ସୋମବାର ଅତିରିକ୍ତ ଶିକ୍ଷାଧିକାରୀ ଓ ସିଆର୍‌ସିଙ୍କୁ ବନ୍ଦ ଥିବା ବିଦ୍ୟାଳୟଗୁଡ଼ିକୁ ଯାଞ୍ଚ ପାଇଁ ପଠାଯିବ। ଯଦି ବିଦ୍ୟାଳୟ ଗୃହଗୁଡିକ ବିପଦମୁକ୍ତ ଥିବ ତାହା ହେଲେ ବର୍ଷା ଋତୁରେ ଅନ୍ୟ ବିଦ୍ୟାଳୟକୁ ପାଠ ପଢାଯିବା ପାଇଁ ପିଲାଙ୍କୁ ସ୍ଥାନାନ୍ତର କରାଯିବ।




ବର୍ଷା ପରେ ବିଦ୍ୟାଳୟ ଶ୍ରେଣୀ ଗୃହରେ ପାଣି ଜମି ରହିଛି।

### ପ୍ରେମଲତାଙ୍କୁ ସମ୍ମାନିତ କଲା କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ




ପାରାଦୀପ,୭।୮(ସ୍ୱ.ପ୍ର.)

ଦିଲ୍ଲୀରେ ହେବାକୁ ଥିବା ଫିପା ବିଶ୍ୱକପ ଫୁଟବଲ ଟୁର୍ନାମେଣ୍ଟ ପାଇଁ ପାରାଦୀପର ସ୍ୱାସ୍ଥ୍ୟ ପରିଦର୍ଶିକା ପ୍ରେମଲତା ବାରିକଙ୍କୁ ଆମନ୍ତ୍ରଣ କରାଯାଇଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ମନ୍ତ୍ରୀ ଅନୁରାଗ ଠାକୁର ଏହି ନିମନ୍ତ୍ରଣ ଦେଇଥିଲେ। ପ୍ରେମଲତା ସେଠାରେ ପହଞ୍ଚିବା ପରେ ତାଙ୍କ ସମେତ ୬ ଜଣ ମହିଳାଙ୍କୁ ଟୁର୍ନାମେଣ୍ଟର ପ୍ରଥମ ଟିକେଟ ଦିଆଯାଇ ସମ୍ମାନିତ କରାଯାଇଥିଲା। ଏହି ୬ ଜଣ ମହିଳାଙ୍କୁ ବିଶେଷ ସେବାକାର୍ଯ୍ୟ ପାଇଁ ଗତବର୍ଷ ରାଷ୍ଟ୍ରପତି ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାର ଦିଆଯାଇଥିଲା।

# ମହାକାଳପଡ଼ା ଦେଇ ଯିବ ଗ୍ରୀନ୍‌ଫିଲ୍ଡ ରାଜପଥ

ମହାକାଳପଡ଼ା, ୭।୮ (ଡି.ଏନ୍. ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳ ଦେଇ ନିର୍ମାଣ ହେବ ଗ୍ରୀନ ଫିଲ୍ଡ ରାଜପଥ। ଏହି ରାଜପଥ ନିର୍ମାଣ ହେଲେ ସମୁଦ୍ର ଉପକୂଳ ଅଞ୍ଚଳ ପଶ୍ଚିମବଙ୍ଗର କୋଲକାତା ପର୍ଯ୍ୟନ୍ତ ପରିବହନ, ଗମନାଗମନ ସୁଦୃଢ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ବ୍ଲକର ପାଟୁକି ପଙ୍କ, ଦେକଣି, କୋରଡପଙ୍କା, ନଳଦିଆ ଶାସନ, ଗଡାନଈ, ନାରାୟଣପୁର, ମଶାକଣି, ଯଦୁପୁର, ନୂଆଗାଁ, ଓସ୍ତର, ତେରଗାଁ, ସାମନ୍ତସିଂହାରପୁର, ମଙ୍ଗଳପୁର, ବଉଳପଡ଼ା, ତିଥି, କିଆରବାଙ୍କ, ବିଜୟନଗର, ବାବର, ପୋଟିଆ, ରାମଚନ୍ଦ୍ରପୁର ଆଦି ଗାଁର ଚାଷଜମି ଉପରେ ଏହି ରାଜପଥ ନିର୍ମାଣ ହେବ ବୋଲି କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜ ମାର୍ଗ ମନ୍ତ୍ରଣାଳୟ ଜାତୀୟ ରାଜପଥ ଗ୍ରୀନ ଫିଲ୍ଡ ହାଇୱେ ପ୍ରକଳ୍ପ ଓଡ଼ିଶା କେନ୍ଦ୍ରାପଡ଼ା ଜିଲା ପକ୍ଷରୁ ଦୈନିକ ଓଡ଼ିଆ ଖବର କାଗଜ ଧରିତ୍ରୀରେ ରବିବାର ବିଜ୍ଞାପିତ ପ୍ରକାଶିତ ପାଇଛି।



ଜାତୀୟ ରାଜପଥ ଗ୍ରୀନଫିଲ୍ଡ ନିର୍ମାଣ ହେବା ଜାଣି ଅଞ୍ଚଳର ଲୋକେ ଖୁସି ପ୍ରକଟ କରୁଛନ୍ତି।

**ଆନ୍ତଃରାଜ୍ୟ ସହ ଗମନାଗମନ ସମ୍ଭବ ହେବ**

ଏହାପରେ ସ୍ଥାନୀୟ ଲୋକମାନେ ଖୁସି ପ୍ରକଟ କରିଛନ୍ତି। ରାଜପଥ ନିର୍ମାଣ ହେଲେ ଜମି ଅଧିଗ୍ରହଣ କରାଯାଇ କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ଉଚିତ ମୂଲ୍ୟ ମିଳିବ। ରାଜପଥ ନିର୍ମାଣ ହେଲେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ବହୁ ଛୋଟ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଗଢ଼ି ଉଠିବା ସହ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକମାନଙ୍କ ମନରେ ଆଶା ସଞ୍ଚାର ହୋଇଛି। ଜାତୀୟ ରାଜପଥ ଗ୍ରୀନ ଫିଲ୍ଡ ହାଇୱେ ପ୍ରକଳ୍ପ ନିର୍ମାଣ ହେଲେ ମହାକାଳପଡ଼ା ବ୍ଲକ ବିକାଶର ନୂଆ ଯୁଗ ଆରମ୍ଭ ହେବ ବୋଲି ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

### ବନ୍ଧୁତ୍ୱ ଦିବସରେ ରକ୍ତଦାନ ଶିବିର

ପାରାଦୀପ,୭।୮(ସ୍ୱ.ପ୍ର.)

ପାରାଦୀପ ନୂଆବଜାର ପୋର୍ଟ କ୍ଲବ ପରିସରରେ ରବିବାର ବୃଷଭ ଅନୁଷ୍ଠାନ ପକ୍ଷରୁ ବନ୍ଧୁତ୍ୱ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରକ୍ତଦାନ ଶିବିର, ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଚିକିତ୍ସାଳୟ ସିଏମଓ ଡା. ପ୍ରହ୍ଲାଦ ପଣ୍ଡା ଓ କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ରେଡ୍‌କ୍ରସ ପକ୍ଷରୁ ୧୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହାକୁ ଅନୁଷ୍ଠାନ ମୁଖ୍ୟ ପ୍ରଶାନ୍ତ କୁମାର ମହାରଣା, ବନ୍ଦର ଯନ୍ତ୍ରୀ ଗଙ୍ଗାଧର ସେଠୀ, ସ୍ମୃତିରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଓଡ଼ିଶା ନୌବାଣିଜ୍ୟ ଶିକ୍ଷାକେନ୍ଦ୍ର ଛାତ୍ର ଓ କଲେଜ ଛାତ୍ରୀଛାତ୍ର ଭାଗ ନେଇ ଚିତ୍ରାଙ୍କନ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଆବୁଧାବିରୁ ଗାଁକୁ ଫେରିଲା ପାଇପ୍ ମିସ୍ତ୍ରିଙ୍କ ମୃତଦେହ

ପଟ୍ଟାମୁଣ୍ଡାଇ, ୭।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ପାଳପାଟଣା ଗାଁର କାଳନ୍ଦୀ ମଲିକ ଆବୁଧାବିରେ ପାଇପ୍ ମିସ୍ତ୍ରି ଭାବେ କାମ କରୁଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ କାଳନ୍ଦୀଙ୍କ ମୃତ୍ୟୁର ଠିକ୍ କାରଣ ଜଣାଉ ନ ଥିବା ବେଳେ କୌଣସି ଯୋଗାଯୋଗ ହୋଇ ପାରୁ ନ ଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଶେଷରେ ନିରୁପାୟ ହୋଇ କାଳନ୍ଦୀଙ୍କ ପରିବାର ଲୋକେ ମୃତଦେହକୁ ଅନ୍ତିମ ସଂସ୍କାର କରିବା ଲାଗି ତାଙ୍କ ଗ୍ରାମକୁ ଫେରାଇ ଆଣିବାକୁ କେନ୍ଦ୍ରାପଡ଼ା ପୂର୍ବତନ ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କୁ ଅନୁରୋଧ କରିଥିଲେ। ପଣ୍ଡାଙ୍କ ହସ୍ତକ୍ଷେପ ପରେ କାଳନ୍ଦୀଙ୍କ ମୃତଦେହ ଜନ୍ମମାଟିକୁ ଫେରି ଆସିପାରିଛି।

ସୂଚନାଯୋଗ୍ୟ, କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର ପାଳପାଟଣା ଗ୍ରାମର ସଚିନ୍ଦ୍ର ମଲିକଙ୍କ ପୁଅ କାଳନ୍ଦୀ ଆବୁଧାବିରେ ୨୦୧୮ରୁ ପାଇପ୍ ମିସ୍ତ୍ରି ଭାବେ କାମ କରି ଆସୁଥିଲେ। ଜୁଲାଇ ୧୬ରେ ତାଙ୍କର ମୃତ୍ୟୁ ହୋଇଥିବା କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। ହେଲେ ତାଙ୍କ ମୃତ୍ୟୁର କାରଣ ଜଣାଇ ନ ଥିଲେ। ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇ ଦୁବାଇରେ କାମ କରୁଥିବା କାଳନ୍ଦୀଙ୍କ ଭାଇ ବଳରାମଙ୍କୁ ଏ ସମ୍ପର୍କରେ ଜଣାଇ ଥିଲେ। ବଳରାମ ତାଙ୍କ ଭାଇଙ୍କର ମୃତଦେହ ଫେରାଇ ଦେବା ସହ ବକେୟା ବେତନ ଦେବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ବକେୟା ବେତନ ଦେବାକୁ ମନା କରି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ କାଳନ୍ଦୀଙ୍କୁ ହତ୍ୟା କରାଯାଇଥିବା ବଳରାମ ଜାଣିବାକୁ ପାଇଥିଲେ। ଶେଷରେ ନିରୁପାୟ ହୋଇ କାଳନ୍ଦୀଙ୍କ ପରିବାର ଲୋକେ ମୃତଦେହକୁ ଅନ୍ତିମ ସଂସ୍କାର ପାଇଁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ଲାଗି ଭାଜପା ରାଷ୍ଟ୍ରୀୟ ଉପସଭାପତି ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ। ଅନୁରୋଧକ୍ରମେ ମୃତଦେହ ଫେରାଇ ଆଣିବାକୁ ପଣ୍ଡା ଆବୁଧାବିରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଅବଗତ କରିବା ସହ ନିବେଦନ କରିଥିଲେ। ଆବଶ୍ୟକ କାଗଜପତ୍ର ଯୋଗାଇ ଦିଆଯିବା ପରେ ମୃତଦେହ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ପଣ୍ଡାଙ୍କ କାର୍ଯ୍ୟାଳୟ ପକ୍ଷରୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପଣ୍ଡା ତ୍ୱରିତ ହସ୍ତକ୍ଷେପ କରି ମୃତଦେହ ଫେରାଇ ଆଣିଥିବାରୁ ଆଇନଜୀବୀ ପ୍ରମୋଦ ସାହୁ, ଶଶିକାନ୍ତ ସ୍ୱାଇଁ, ଅନ୍ତର୍ଯ୍ୟାମୀ ମଲିକ, ଗିରିଜା ସାମଲ, ଜିଲା ଭାଜପା ଓବିସି ସେଲ୍ ଉପସଭାପତି ସୁଶୀଳ ପରିଡା, ବିଦ୍ୟାଧର ସେଠୀ, ପଞ୍ଚାନନ ବିଶ୍ୱାଳ, ମନ୍ମଥ ମାନ୍ଧାତା ଓ ପରିବାର ଲୋକେ କୃତଜ୍ଞତା ଜଣାଇଛନ୍ତି।

### ମା' କ୍ଷୀର ଶିଶୁ ପାଇଁ ଅମୃତ ସମାନ

କୁଜଙ୍ଗ,୭।୮(ଡି.ଏନ୍.ଏ.)

ବିଶ୍ୱ ସ୍ତନ୍ୟପାନ ଦିବସ ଅବସରରେ କୁଜଙ୍ଗରେ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଶନିବାର ଏହି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୁଜଙ୍ଗ ଶିଶୁ ବିକାଶ ଅଧିକାରିଣୀ ତନୁପ୍ରଭା ବେଉରାଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀମାନେ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ମାତୃ ସ୍ତନ୍ୟପାନର ଉପାଦେୟତା ବିଷୟରେ ଲୋକଙ୍କୁ ବୁଝାଇ ଥିଲେ। ସେମାନେ କହିଥିଲେ, ମା' କ୍ଷୀର ଶିଶୁ ପାଇଁ ଅମୃତ। ଏହାର ରୋଗ ପ୍ରତିଷେଧକ ଶକ୍ତି ସବୁଠାରୁ ଅଧିକ। ୬ ବର୍ଷ ପର୍ଯ୍ୟନ୍ତ ଶିଶୁ ମା' କ୍ଷୀର ଖାଇଲେ ସ୍ମରଣ ଶକ୍ତି, ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ହୋଇଥାଏ। ତେଣୁ ମା' କ୍ଷୀରର ବିକଳ୍ପ ଏ ଦୁନିଆରେ ନାହିଁ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର କଳ୍ପନା ବାରିକ, ଜୟନ୍ତୀ ବେହେରା, ବିଷ୍ଣୁପ୍ରିୟା ସେଠୀ ଓ ଅଙ୍ଗନୱାଡି କର୍ମୀ କୁନୁମୁନ ସାମନ୍ତରାୟ, ସସ୍ମିତା ପରିଡା, ଲୀଳାବତୀ ବାରିକ, ରଶ୍ମିରେଖା ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।




ସିଡିପିଓ ଜଣେ ମହିଳାଙ୍କୁ ତାଙ୍କ ପିଲାଙ୍କ ପାଇଁ ଖେଳଣା ଦେଉଛନ୍ତି।

# ସଂସ୍କୃତିକୁ ବଞ୍ଚାଇ ରଖିଛି ହସ୍ତକଳା

**ବୟନ ଗ୍ରାମରେ ଜାତୀୟ ହସ୍ତତନ୍ତ ଦିବସ**

ରଘୁନାଥପୁର, ୭।୮(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଜଇପୁରସ୍ଥିତ ବୟନ ଗ୍ରାମରେ ଶ୍ରୀ ଶ୍ରୀପାର୍ବତୀ ତନ୍ତୁବାୟ ସହଯୋଗ ସମିତିର ୭୦ଜଣ ସଦସ୍ୟାଙ୍କୁ ନେଇ ଜାତୀୟ ହସ୍ତତନ୍ତ୍ର ଦିବସ ରବିବାର ପାଳିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡା ବ୍ୟାପାର ବିଭାଗ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ, ଜଗତ୍‌ସିଂହପୁର ଆନୁକୂଲ୍ୟ ତଥା ତଅଁରା ରୁରାଲ ଡେଭଲପମେଣ୍ଟ ସହଯୋଗିତାରେ ଆୟୋଜିତ ସଭାରେ ଜିଲା ଯୁବ ଅଧିକାରୀ ନିଖିଳ କୋକୁଲା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ବୟନ ଗ୍ରାମକୁ ଦେଖି ପ୍ରଶଂସା କରିବା ସହ ଏହା ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ସହ ସଂସ୍କୃତିକୁ ବଞ୍ଚାଇ ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ଆୟୋଜିତ ସଭାକୁ ଶ୍ରମିକ ନେତା ତଥା ସାମାଜିକ କର୍ମୀ ରମେଶ ଚନ୍ଦ୍ର ଖୁଣ୍ଟିଆ ପରିଚାଳନା କରି ହାତ ତିଆରି ସାମଗ୍ରୀର ଚାହିଦା ବଢୁଥିବାରୁ, ସଦସ୍ୟାମାନେ ଅଧିକ ପରିମାଣରେ ଏଥିରେ ସାମିଲ ହୋଇ ରୋଜଗାର ବୃଦ୍ଧି ପାଇଁ ଆଗେଇ ଆସନ୍ତୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏମ୍‌ଟିଏସ୍ ପବିତ୍ର ମୋହନ ସୁବୁଦ୍ଧି, ସଚ୍ଚିକାନ୍ତ ସାମଲ, ସମିତିର ସଭାପତି ହେମନ୍ତ କୁମାର ସାହୁ ଓ ସମ୍ପାଦକ ମାନସ କୁମାର ପୃଷ୍ଟି, ଶୁଭ୍ରାଂଶୁ ଶେଖର କୁଣ୍ଡୁ, ଜ୍ୟୋତ୍ସ୍ନାରାଣୀ ବେହେରା ଓ ସୁମିତ୍ରା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ହସ୍ତତନ୍ତ୍ର ଦିବସର ଉଦ୍ଦେଶ୍ୟ ଓ ଏହା ସମାଜକୁ କେଉଁ ବାର୍ତ୍ତା ଦେଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହର୍ ଘର୍ ତ୍ରିରଙ୍ଗା ସମ୍ପର୍କରେ ଉପସ୍ଥିତ ମହିଳାଙ୍କୁ ସଚେତନ କରାଯାଇଥିଲା। ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତି ଘରେ ତ୍ରିରଙ୍ଗା ପତାକା ଉଡାଇ ଦେଶ ମାତୃକାକୁ ସମ୍ମାନ ଜଣାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପରେ ଅତିଥିଙ୍କ ସହ ମହିଳାମାନେ ଏକ ରାଲିରେ ଯାଇ ଗ୍ରାମରେ ଲୋକମାନଙ୍କୁ ଏ ସମ୍ପର୍କରେ ସଚେତନ କରାଇଥିଲେ। ପ୍ରାରମ୍ଭରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜାତୀୟ ସଙ୍ଗୀତଗାନ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।



ଅତିଥିଙ୍କ ଗହଣରେ ମହିଳାମାନେ ।

# ମାଳ ମାଳ ଅଭିଯୋଗ, ଲୋକଙ୍କୁ ମିଳୁନି ନ୍ୟାୟ

**ପଟ୍ଟାମୁଣ୍ଡାଇ ତହସିଲ**

ପଟ୍ଟାମୁଣ୍ଡାଇ, ୭।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲକୁ ମାଳ ମାଳ ଅଭିଯୋଗ ଆସୁଛି, ହେଲେ ସମାଧାନ ହେଉନି। ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ସ୍ଥାନୀୟ ଜନସାଧାରଣ। ଏମିତି କି ବରିଷ୍ଠ ନାଗରିକମାନଙ୍କ କଥା ବିଭାଗୀୟ ଅଧିକାରୀମାନେ ଶୁଣୁନାହାନ୍ତି। ନ୍ୟାୟ ପାଇଁ ତହସିଲକୁ ଦୌଡି ଦୌଡି ସେମାନେ ନୟାନ୍ତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି।

ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ତହସିଲ ଚାଲିଛି ଆଜି ଆସ–କାଲି ଆସରେ। ଜନସାଧାରଣ ସୁବିଧାରେ ଜମିବାଡି ସଂକ୍ରାନ୍ତୀୟ କାଗଜପତ୍ର ଓ ବିଭିନ୍ନ କାର୍ଯ୍ୟ କରିବାର ଅତ୍ୟାବଶ୍ୟକ ସରକାରୀ କାର୍ଯ୍ୟାଳୟ ହେଉଛି ତହସିଲ। ଦୂର ଦୂରାନ୍ତରୁ ଲୋକମାନେ ବିଭିନ୍ନ ସାର୍ଟିଫିକେଟ ଆଉ ଜମିବାଡି ସଂକ୍ରାନ୍ତୀୟ କାର୍ଯ୍ୟ ପାଇଁ ଏଠାରେ ପହଞ୍ଚିଥାନ୍ତି। ଦୁର୍ଭାଗ୍ୟ ତଥା ପରିତାପର ବିଷୟ ଏଠାରେ କର୍ମଚାରୀମାନଙ୍କ ଅସହଯୋଗ, ଡାଟା ଏଣ୍ଟ୍ରି ଅପରେଟରଙ୍କ ମନମାନିକୁ ନେଇ ସାଧାରଣ ଲୋକଙ୍କୁ ବହୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି। ବାରମ୍ବାର ତହସିଲକୁ ଆସିବା ସତ୍ତ୍ୱେ ଠିକ୍ ଭାବେ ଜନସାଧାରଣଙ୍କ କାର୍ଯ୍ୟ କରାଯାଉନାହିଁ। କିଛିଦିନ ତଳେ ପୋଖରିଆପଡା ଗାଁର ଜଣେ ଯୁବକ ଗ୍ରାମର ଗୋଚର ଜମିକୁ ଜବରଦସ୍ତ ଅକ୍ତିଆର କରି ଘର କାର୍ଯ୍ୟ ଆରମ୍ଭ କରିଥିଲେ। ଏ ବବାଦରେ ପୋଖରିଆପଡା ଯୁବକମାନେ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ତହସିଲଦାର ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ଘଟଣାସ୍ଥଳରେ ନ ପହଞ୍ଚିବାରୁ ଏହାର ସୁଯୋଗ ନେଇ ଉକ୍ତ ଜାଗାରେ ଘର କାର୍ଯ୍ୟ ଶେଷ ହେବାକୁ ବସିଲାଣି। କର୍ମୀ ପ୍ରତାପ ପାଢୀ କହିଛନ୍ତି, ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ସରକାରୀ ଗୋଚର, ଅନାବାଦୀ, ଜଙ୍ଗଲ ଓ ଶ୍ମଶାନ ଜମିକୁ କେତେଜଣ ମୁଷ୍ଟିମେୟ ଲୋକ ଜବରଦଖଲ କରିଚାଲିଛନ୍ତି। ଅନେକ ସ୍ଥାନରେ ମଧ ବେଆଇନ ଭାବେ ସ୍ଥାୟୀ ପକ୍କାଘର କରିବା ସହ ସରକାରୀ ଜମିକୁ ଚଞ୍ଚକତା କରି ନିଜ ନାମରେ ପଟ୍ଟା କରିନେବା ଆଦି ଘଟଣା ସାମ୍ନାକୁ ଆସିଛି। ଏହାର କାରଣ ଜାଣିବାକୁ ଚାହିଁଲେ ଆଗ ତହସିଲଦାର ଓ କର୍ମଚାରୀଙ୍କ ସମୟରେ କ'ଣ ହୋଇଥିଲା ଆମେ କହିପାରିବୁ ନାହିଁ ବୋଲି କୁହାଯାଉଛି। ଅପରପକ୍ଷେ ବର୍ତ୍ତମାନ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଜନସାଧାରଣଙ୍କୁ ସୁବିଧାରେ ସେବା ଯୋଗାଇ ଦେବାର ମନୋବୃତ୍ତି ବା ଇଚ୍ଛାଶକ୍ତିର ଅଭାବ ଲୋକମାନଙ୍କୁ ଖର୍ଚ୍ଚାନ୍ତ କରାଇବା ସହ ବିଭିନ୍ନ ଅସୁବିଧାରେ ପକାଉଛନ୍ତି। ଏଠାକୁ ଆସି କାମ ହେଉ ନ ଥିବା ଲୋକମାନେ ଅଭିଯୋଗ କରୁଛନ୍ତି। ସାମାଜିକ କର୍ମୀ କ୍ଷୀରୋଦ ମଲିକ କହିଛନ୍ତି, ମଙ୍ଗଳବାର କିଛି ଲୋକ ଏ ସମ୍ପର୍କରେ ଅସନ୍ତୋଷ ପ୍ରକାଶ କରିବା ସହ ଅଭିଯୋଗ ଆଣିଛନ୍ତି। ତହସିଲ ଅଫିସ ଆସିଥିବା ଜଣେ ମହିଳା କହିଛନ୍ତି, ଜମିର ପଟ୍ଟା ଅଛି ଖଜଣା ଦିଆହେଉଛି କିନ୍ତୁ ରେସିଡେନ୍ସିଆଲ ସାର୍ଟିଫିକେଟ ପାଇଁ ଦୁଇ ଦୁଇ ଥର ଆସିଥିଲେ ମଧ ଡାଟାଏଣ୍ଟ୍ରିରେ ତ୍ରୁଟି ଲାଗି ପାଇପାରୁ ନାହାନ୍ତି। ଏହି କାରଣରୁ ନିରାଶ ହୋଇ ଫେରିବାକୁ ପଡୁଛି। ଲୋକମାନଙ୍କ ଏହି ସମସ୍ୟାର ସମାଧାନ ପାଇଁ କର୍ମଚାରୀମାନଙ୍କ ଆଗ୍ରହ ନାହିଁ କିମ୍ବା ପର୍ଯ୍ୟାପ୍ତ କର୍ମଚାରୀ ନାହାନ୍ତି ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରୁ ତହସିଲ କାର୍ଯ୍ୟାଳୟ ଜନସାଧାରଣଙ୍କୁ କେମିତି ସେବା ଯୋଗାଇ ପାରୁଛି ତାହା ସହଜରେ ଅନୁମେୟ। ଏ ସମ୍ପର୍କରେ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରେ ବର୍ତ୍ତମାନ ଥିବା ଅଧିକାରୀ ଓ କର୍ମଚାରୀମାନେ ଜନସାଧାରଣଙ୍କୁ ସୁବିଧାରେ ସେବା ଯୋଗାଇ ଦେବାକୁ ଚେତାଇ ଦିଆଯାଇଛି। ଅନ୍ୟପକ୍ଷରେ ପୋଖରିଆପଡା ଗାଁର ଜଣେ ବ୍ୟକ୍ତି ଯଦି ସରକାରୀ ଜାଗାରେ ଘର କରିଥିବେ ତା'ହେଲେ ଆଇନ ଅନୁସାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।




ତହସିଲକୁ ଅଭିଯୋଗ କରିବାକୁ ଆସିଥିବା ଜଣେ ବ୍ୟକ୍ତି ନିରାଶ ହୋଇ ଫେରୁଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ରାଜକନିକା, ୭/୮(ଡି.ଏନ୍.ଏ.): ରାଜକନିକା ଥାନା ଅନ୍ତର୍ଗତ ତରାସ ଗାଁରେ ଜଣେ ଯୁବକଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ତରାସ ଗାଁର ସୁକାନ୍ତ ମହାଲିକଙ୍କ ପୁଅ କାହ୍ନା କିଶୋର (୧୬)। କାହ୍ନା ସକାଳେ ଶୌଚ ହେବାକୁ ଗାଁ ପାଖ ପୋଖରୀକୁ ଯାଇଥିବା ବେଳେ ଗୋଡ ଖସି ଯିବାରୁ ଗଭୀର ପାଣିକୁ ଚାଲିଯାଇଥିଲେ। ସେ ପହଁରା ଜାଣି ନ ଥିବାରୁ ବୁଡ଼ି ଯାଇଥିଲେ। ଘରକୁ କାହ୍ନା ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଏଣେ ତେଣେ ଖୋଜାଖୋଜି କରିଥିଲେ। ପୋଖରୀରେ କାହ୍ନା ଭାସୁଥିବା ପରିବାର ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡ଼ିଛି।

### ମନ୍ଦିର ନିର୍ମାଣ ପାଇଁ ଜମି ଦେଲେ, ପ୍ରତିଷ୍ଠା ବେଳକୁ ଆରପାରିରେ

ଆଳି,୭/୮(ଡି.ଏନ.ଏ.): ଆଳି ଯାଦବ ମହାସଭାର ମୁଖ୍ୟ ସଙ୍ଗଠକ, ସାମାଜିକ କର୍ମୀ ସ୍ୱର୍ଗତ ଅନାଦି ଚରଣ ପଲାଇଙ୍କ ଏକାଦଶାହ ଅବସରରେ ସ୍ମୃତିସଭା ନିଆଳସ୍ଥିତ ବାସଭବନ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ ଦେଇଥିବା ଅତିଥିମାନେ କହିଥିଲେ, ମହାସଭାର ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ନିଜର ୭ ଡିସିମିଲ ଜମି ଅନାଦି ଦାନ କରିବା ଯୋଗୁ ମନ୍ଦିର ହୋଇଥିଲା। ମନ୍ଦିର ପ୍ରତିଷ୍ଠାର ସମସ୍ତ ଖର୍ଚ୍ଚ ବହନ କରିବା ସହ ଆଉ ୨ ଡିସିମିଲ ଜମି ଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବିଧିର ବିଧାନ ଥିଲା ଅଲଗା। ମନ୍ଦିର ନିର୍ମାଣ ଶେଷ ହୋଇଥିବା ବେଳେ ପ୍ରତିଷ୍ଠା ପୂର୍ବରୁ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କର ଥିବା ସ୍ୱପ୍ନ, ସ୍ୱପ୍ନରେ ରହିଗଲା ବୋଲି କହିଛନ୍ତି। ଆଳି ଯାଦବ ମହାସଭାର ସଭାପତି କେଶବ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଓ ବନମାଳୀ ସେନାପତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଯୋଗଦେଇ ସ୍ୱର୍ଗତ ପଲେଇଙ୍କ ବିଗତଦିନର କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ଶିକ୍ଷାବିତ୍ ପ୍ରମୋଦ ମଲ୍ଲିକ, ଧରଣୀଧର ବେହେରା, ବିପ୍ରଚରଣ ନାୟକ, ବିଜୟ କୁମାର ମହୀ, ରବୀନ୍ଦ୍ର ବେହେରା, ସୁଜାତା ବାରିକ, ମଙ୍ଗୁଳି ଚରଣ ବେହେରା, ଅମରଜିତ ଦାସ, ଅନାଦି ଚରଣ ଦାସ, ରାଜକନିକା ଯାଦବ ମହାସଭା ସଭାପତି ନୃସିଂହ ଚରଣ ପରିଡା, ସମ୍ପାଦକ ମନୋଜ ପରିଡା, ସହସମ୍ପାଦକ ରମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପଲେଇଙ୍କର ଯାଦବ ମହାସଭା ପ୍ରତି ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ସେ ଆଶା କରିଥିବା ଅସମାପ୍ତ କାର୍ଯ୍ୟକୁ ତାଙ୍କର ଉତ୍ତରାଧିକାରୀମାନେ ପୂରଣ କରିବାକୁ ଆଶା ପ୍ରକଟ କରିଛନ୍ତି।

# ଲୋକାର୍ପଣ ପରେ କେନାଲ ଶୁଖିଲା

- ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଜଳସେଚନ ପ୍ରକଳ୍ପ
- ୬,୪୦୪ ହେକ୍ଟର ଅଞ୍ଚଳ ଖରିଫ ଚାଷକୁ ବର୍ଷା ଭରସା
- ତରବରିଆ ଉଦ୍‌ଘାଟନକୁ ନେଇ ଚାଲିଛି ଆଲୋଚନା

କେନ୍ଦ୍ରାପଡ଼ା ଅଫିସ, ୭/୮

ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଜଳସେଚନ ପ୍ରକଳ୍ପ ଗତ ମେ ୧୮ରେ ଉଦ୍‌ଘାଟନ ହୋଇଥିଲା। ଗରଦପୁର ବ୍ଲକ କଳାବୋଦାଠାରେ ଆୟୋଜିତ ଉତ୍ସବ ରାଜ୍ୟ ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଏହି କେନାଲରେ ଖରିଫ ଚାଷ ପାଇଁ ପାଣି ଯୋଗାଇ ଦେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଲେ। ପାଟକୁରା ବିଧାୟିକାଙ୍କ ଉପସ୍ଥିତିରେ ଏହି ଉଦ୍‌ଘାଟନ ଉତ୍ସବ ହୋଇଥିବା ବେଳେ ଚାଷ ପାଇଁ ଜଳସେଚନ ସମସ୍ୟା ତୁଟିଥିବାରୁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସ୍ଥାନୀୟ ଚାଷୀ ପ୍ରଶଂସା କରିଥିଲେ। ତେବେ ଲୋକାର୍ପିତ ପରେ ମଧ୍ୟ ଅଦ୍ୟାବଧି ଏହି କେନାଲକୁ ପାଣି ଟୋପାଏ ଆସିନାହିଁ। ସ୍ଥାନୀୟ ଅଞ୍ଚଳର ୬,୪୦୪ ହେକ୍ଟର ଚାଷୀ ଜମି ପାଇଁ ବର୍ଷା ଏକମାତ୍ର ଭରସା ପାଲଟିଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ମନ୍ତ୍ରୀ ଦାସ ଏହାକୁ ତରବରିଆ ଭାବେ ଉଦ୍‌ଘାଟନ ଏବେ ଆଲୋଚନାର ବିଷୟ ହୋଇଛି।

ଏ ସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଚାଷୀ ରଞ୍ଜନ ରାଉତ, ସୁବାସ ରାଉତ, ଅମ୍ବିକା କାନୁନ୍‌ଗୋ, ସୁଶୀଲ ସାହୁ ପ୍ରମୁଖ କହିଛନ୍ତି, ଚଳିତ ବର୍ଷ ଖରିଫ ଚାଷ ପାଇଁ ଜୁଲାଇ ୧୫ରୁ ଜିଲାର ସମସ୍ତ କେନାଲରେ ପାଣି ଛଡାଯାଇଛି। ତେବେ



ଗରଦପୁର ବ୍ଲକ କଳାବୁଦା ନିକଟରେ ଦ୍ୱୀପାଞ୍ଚଳ କେନାଲ ଶୁଖିଲା ପଡିଛି।

ଏହି ଜଳସେଚନ ପ୍ରକଳ୍ପ କେନାଲର ସାଢ଼େ ୩ ମାସ ପୂର୍ବରୁ ଉଦ୍‌ଘାଟନ ଉତ୍ସବ ସରିଥିଲେ ମଧ୍ୟ ଅଦ୍ୟାବଧି ପାଣି ଆସିନାହିଁ। ଫଳରେ ବିଭାଗୀୟ ମନ୍ତ୍ରୀ ଦେଇଥିବା କଥାକୁ ଭରସା କରି ପାଣି ପାଇଁ ଚାହିଁଥିବା ଚାଷୀଙ୍କୁ ଶେଷରେ ଭକୁଆ ହେବା ସାର ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବାକୁ ଥିବା ଦ୍ୱୀପାଞ୍ଚଳର ୧୫,୩୪୧ ହେକ୍ଟର ଚାଷ ଜମି ମଧ୍ୟରୁ ୨୦୦୪ ସୁଦ୍ଧା କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକ ଓ ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ବ୍ଲକର ୮,୯୩୭ ହେକ୍ଟର ଜମିକୁ କେନାଲ ମାଧ୍ୟମରେ ଜଳ ଯୋଗାଇ ଦିଆଯାଇଛି। ଏବେ ଖୋଳା ଯାଇଥିବା ୧୨ କିମି ଦୀର୍ଘ ଚିତ୍ରୋତ୍ପଳା ଦକ୍ଷିଣ ଓ ୧୦ କିମି ଦୀର୍ଘ ପାଇକା ବାମ ପାର୍ଶ୍ୱ କେନାଲ ସହ ପ୍ରାୟ ୫୦ କିମିର ୪୫ଟି ମାଇନର ଓ ସବ୍ ମାଇନର କେନାଲ ଦ୍ୱାରା କେନ୍ଦ୍ରାପଡ଼ା ଜିଲାର ଗରଦପୁର ଓ ମାର୍ଶାଘାଇ ବ୍ଲକର ଅବଶିଷ୍ଟ ୬,୪୦୪ହେକ୍ଟର ଜମି ଚଳିତ ଖରିଫ ଋତୁଠାରୁ ଜଳସେଚିତ ହୋଇପାରିବ ବୋଲି ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଦାସ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତତ୍କାଳୀନ ସମୟରେ କେନାଲ ଖୋଳା ଅଧପନ୍ତରିଆ ହୋଇ ପଡ଼ିଥିବାବେଳେ ମନ୍ତ୍ରୀଙ୍କ ଲୋକାର୍ପଣ ଓ ଚଳିତ ଖରଫ ଋତୁରେ ଜଳ ଯୋଗାଣ ଦମ୍ଭୋକ୍ତି ଏହି ସମାରୋହରେ ଗୁଞ୍ଜରଣ ସୃଷ୍ଟି କରିଥିଲା। ଅଦ୍ୟାବଧି ଏହି କେନାଲରେ ପାଣି ନ ଆସିବାରୁ ମନ୍ତ୍ରୀଙ୍କ ତରବରିଆ ଉଦ୍‌ଘାଟନର କାରଣ ଖୋଜା ଚାଲିଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ୧୯,୫୪୨ ହେକ୍ଟର ଚାଷଜମି ଜଳସେଚିତ ହେବ। ଏହି ଦ୍ୱୀପାଞ୍ଚଳର କୃଷି ଓ କୃଷକଙ୍କୁ ସମୃଦ୍ଧ କରିବ। ଏପରି ସ୍ୱପ୍ନ ନେଇ ଗତ ୨୩ ବର୍ଷ ପୂର୍ବେ ଜିଲାର ଗରଦପୁର, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ସମେତ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକର ୩ ଶହରୁ ଊର୍ଦ୍ଧ୍ୱ ଗ୍ରାମର ଚାଷୀଙ୍କ ପାଇଁ ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଜଳସେଚନ ପ୍ରକଳ୍ପ ରାଜ୍ୟ ସରକାର ଆରମ୍ଭ କରିଥିଲେ। ଏଥିପାଇଁ ପ୍ରକଳ୍ପର ବ୍ୟୟ ବରାଦ ୧୯୮୯ରେ ମାତ୍ର ୩୯.୯୪ କୋଟି ଟଙ୍କା ହୋଇଥିବା ବେଳେ ୨୦୧୨ରେ ୩୯୫.୪୬ କୋଟି ଟଙ୍କାରେ ପହଞ୍ଚିଥିଲା। ଲୋକଙ୍କ ଦାବି ଅନୁଯାୟୀ, ଏଡିବି ସହାୟତାରେ ୨୦୧୬-୧୭ ଆର୍ଥିକ ବର୍ଷରେ ପୁନର୍ବାର ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପାଇକା ନଦୀର ବାମ ପାର୍ଶ୍ୱରେ ଥିବା ଯଦୁପୁର ପର୍ଯ୍ୟନ୍ତ ହେବାକୁ ଥିବା ଏହି ମୁଖ୍ୟ କେନାଲ ଏବେ ବଟିରା ପାଖରେ ଅଟକ ରହିଛି। ସେହିପରି ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱରେ ଆସିଥିବା ମୁଖ୍ୟ କେନାଲ ଗରଜଙ୍ଗା ପର୍ଯ୍ୟନ୍ତ ଯିବାକୁ ଥିବା ବେଳେ ଉଦ୍‌ଘାଟନ ପୂର୍ବରୁ ନଇନ୍ଦିପୁର ପାଖରେ ଅଟକି ରହିଛି।

### କେନାଲରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଡେରାବିଶ, ୭/୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦକ୍ଷବ୍ରହ୍ମପୁର ଗ୍ରାମଦେଇ ଯାଇଥିବା କେନ୍ଦ୍ରାପଡ଼ା ମୁଖ୍ୟ କେନାଲରେ ରବିବାର ଗାଧୋଇବା ବେଳେ ପାଣିରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦକ୍ଷବ୍ରହ୍ମପୁର ଗାଁର ଶ୍ରୀଧର ନାୟକଙ୍କ ପୁଅ ତପନ (୧୮)। ଏନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତପନ ପୂର୍ବାହ୍ନରେ ଘର ନିକଟରେ ଥିବା କେନ୍ଦ୍ରାପଡ଼ା କେନାଲକୁ ଗାଧୋଇବାକୁ ଯାଇଥିଲେ। କେନାଲରେ ଏକୁଟିଆ ଗାଧୋଇବା ସମୟରେ ହଠାତ୍ ଗଭୀର ଜଳକୁ ଖସି ଯାଇଥିଲେ। ସେ ପହଁରା ଜାଣି ନ ଥିବାରୁ ବୁଡ଼ି ଯାଇଥିଲେ। କିଛି ଦୂରରେ ଛେଳି ଚରାଉଥିବା ଜଣେ ବ୍ୟକ୍ତି ଏହା ଦେଖି ପାଟି କରିବାରୁ ଗାଁର କେତେଜଣ ଯୁବକ ତପନଙ୍କୁ ଉଦ୍ଧାର କରିବାକୁ ଗଲାବେଳକୁ ସେ ପାଣିରେ ବୁଡ଼ି ଯାଇଥିଲେ। ତେବେ ଦୀର୍ଘ ସମୟ ଖୋଜାଖୋଜି କରି ସେଠାରୁ କିଛି ବାଟ ତଳକୁ ତପନଙ୍କୁ ଅଚେତ ଅବସ୍ଥାରେ ନଦୀ ଜଳରୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତପନଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଶ୍ରୀଜୀଉଙ୍କ ପାଇଁ ପୁରୀରୁ ଆସିଲା ପାଟରାଖୀ



ଶ୍ରୀବଳଦେବଜୀଉଙ୍କ ପାଇଁ ଶ୍ରୀକ୍ଷେତ୍ରରୁ ଉଭଣୀ ସୁଭଦ୍ରା ପଠାଇଥିବା ପାଟରାଖୀକୁ ସେବାୟତମାନେ ଦେଖାଉଛନ୍ତି।

କେନ୍ଦ୍ରାପଡା ଅଫିସ, ୭/୮

କେନ୍ଦ୍ରାପଡ଼ାର ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଗହ୍ମାପୂର୍ଣ୍ଣିମା ଉତ୍ସବ ନିମନ୍ତେ ଶ୍ରୀକ୍ଷେତ୍ରର ମା' ସୁଭଦ୍ରା ଠାକୁରାଣୀଙ୍କ ନିକଟରୁ ପାଟରାଖୀ ଆସି ରବିବାର ପହଞ୍ଚିଛି। ମା' ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଗରାବଡୁ, ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦର ଅନ୍ତର୍ଜାତୀୟ ସଭାପତି ଦୁର୍ଯ୍ୟୋଧନ ସାହୁ, ଆଦିତ୍ୟ ବାହିନୀ ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ, ଡ. ତିରୁପତି ପାଣିଗ୍ରାହୀ ପ୍ରମୁଖ ଏହି ପାଟରାଖୀ ନେଇ ଶ୍ରୀବଳଦେବଜୀଉଙ୍କ ମନ୍ଦିର ସେବାୟତଙ୍କୁ ଅର୍ପଣ କରିଛନ୍ତି। ଏ ସମ୍ପର୍କରେ ବାଡ଼ଗ୍ରାହୀ ଦାସମହାପାତ୍ର କହିଛନ୍ତି, ପ୍ରତିବର୍ଷ ଶ୍ରୀଜୀଉଙ୍କ ପାଇଁ ସାନ ଭଉଣୀ ମା' ସୁଭଦ୍ରା ଦଶମୀ ତିଥିରେ ପାଟରାଖୀ ପଠାଇଥାନ୍ତି। ଏହି ପାଟରାଖୀ ପ୍ରଦାନ ସମୟରେ ବିଧାୟକ ଶଶିଭୂଷଣ ବେହେରା, ପୌରାଧ୍ୟକ୍ଷା ସରିତା ସାହୁ, କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁ, ଶ୍ରୀବଳଦେବଜୀଉ ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟି ବଳରାମ ସୁଆର, ସୁପରଭାଇଜର ନୃସିଂହ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କୁ ହାଣି ସ୍ୱାମୀ ଫେରାର

ଡେରାବିଶ, ୭/୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଚାନ୍ଦୋଳ ଫାଣ୍ଡି ଅଧୀନ ଅନନ୍ତପୁର ଗାଁରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସସ୍ମିତା ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଶଙ୍କର୍ଷଣ ମଳିକ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିବା ପରେ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ସସ୍ମିତାଙ୍କ ବାପା ଚାନ୍ଦୋଳ ପଞ୍ଚାୟତ ଓରଗଳା ଗାଁର ଖଗେଶ୍ୱର ମଳିକ ଚାନ୍ଦୋଳ ଫାଣ୍ଡିରେ ରବିବାର ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଖଗେଶ୍ୱରଙ୍କ ଅଭିଯୋଗ ଅନୁଯାୟୀ, ଅନନ୍ତପୁର ଗାଁର ରବୀନ୍ଦ୍ର ମଳିକଙ୍କ ପୁଅ ଶଙ୍କର୍ଷଣଙ୍କୁ ୬ ବର୍ଷ ତଳେ ସସ୍ମିତା ବୈଦିକ ରୀତିରେ ବିବାହ କରିଥିଲେ। ସସ୍ମିତାଙ୍କ ୫ ବର୍ଷର ଝିଅ ଓ ୩ ବର୍ଷର ପୁଅ ଅଛନ୍ତି। ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଥିବା ସସ୍ମିତାଙ୍କୁ ଶଙ୍କର୍ଷଣ ବିଭିନ୍ନ ସମୟରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଶନିବାର ରାତିରେ କୌଣସି କାରଣକୁ କେନ୍ଦ୍ରକରି ସସ୍ମିତାଙ୍କୁ ଶଙ୍କର୍ଷଣ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ସଦର ଥାନା ଅଧିକାରୀ ଓ କେନ୍ଦ୍ରାପଡ଼ା ଏସ୍‌ଡିପିଓଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଫାଣ୍ଡି ଅଧିକାରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସାଇଣ୍ଟିଫିକ୍ ଟିମ୍ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ତଦନ୍ତ କରିଥିଲା। ସନ୍ଧ୍ୟାରେ ସସ୍ମିତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା(ନଂ. ୩୫୧/୨୨) ରୁଜୁ ହେବା ସହ ଘଟଣାର ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ପଣ୍ଡା କହିଛନ୍ତି।

### କାଠ ବୋଝେଇ ଗାଡ଼ି ଜବତ

ସାରସକଣା,୭/୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ରେଞ୍ଜ ଶୀର୍ଷା ଫରେଷ୍ଟ ବିଟ୍ ଅନ୍ତର୍ଗତ ଗଣ୍ଡିପାଣିଠାରେ ନିର୍ମାଣଧୀନ ଏକଲବ୍ୟ ମଡେଲ ବିଦ୍ୟାଳୟ ପରିସରରୁ ଶନିବାର ବିଳମ୍ବିତ ରାତିରେ ଏକ କାଠ ବୋଝେଇ ପିକଅପ୍ ଭ୍ୟାନ ଜବତ ହୋଇଛି। ଗ୍ରାମବାସୀ ଏହି ଗାଡ଼ିକୁ ଅଟକାଇ ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ଲକ୍ଷ୍ମୀକାନ୍ତ ବେହେରା ସଦଳବଳେ ପହଞ୍ଚି ଗାଡ଼ିକୁ ଯାଞ୍ଚ କରିବା ପରେ ଉପଯୁକ୍ତ କାଗଜପତ୍ର ନ ଥିବା ଜଣାପଡ଼ିଥିଲା।

### ଯୋଗାଣ ଅଭିଯୋଗରେ ଜଣେ ଗିରଫ

ବୋସ୍କାଲିସ୍ ପଏଣ୍ଟରୁ ବ୍ରାଉନ୍‌ସୁଗାର ଜବତ ଘଟଣା

କୁଜଙ୍ଗ, ୭/୮(ଡି.ଏନ୍.ଏ.)

ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ମାହାଳ ଗ୍ରାମସ୍ଥିତ ବୋସ୍କାଲିସ୍ ପଏଣ୍ଟରେ ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ଶନିବାର ୨ ଜଣଙ୍କୁ ପୋଲିସ ଗିରଫ କରିଥିଲା। ସେମାନେ ହେଲେ ଆଶିଷ ସାହୁ ଓ ବାବୁଲି ସ୍ୱାଇଁ। ସେମାନଙ୍କୁ ବ୍ରାଉନସୁଗାର ଯୋଗାଉଥିବା ଅଭିଯୋଗରେ ରବିବାର ଆଉ ଜଣଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ନୂଆଗାଁର ବାପି ଦଳାଇ। ପୋଲିସ ଆଶିଷ ଓ ବାବୁଲିଙ୍କୁ ଜେରା କରିବା ବେଳେ ସେମାନେ ବାପିଙ୍କ ନାମ କହିଥିଲେ। ପରେ ବାପିଙ୍କୁ ପୋଲିସ ଉଠାଇ ଆଣି ପଚରାଉଚୁରା କରୁଛି। ଏଥିସହ ପୂର୍ବରୁ ରୁଜୁ ହୋଇଥିବା ବ୍ରାଉନ୍‌ସୁଗାର ମାମଲା (ନଂ. ୨୪୩/୨୨) ତାଙ୍କ ନାମ ଯୋଡ଼ାଯାଇଛି ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା ପ୍ରକାଶ କରିଛନ୍ତି।

# ଆରୋହୀ ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ ଜାରି ରଖେ

କେନ୍ଦ୍ରାପଡ଼ା ଅଫିସ, ୭/୮

ଭଲ କାମ ପାଇଁ ଲକ୍ଷ୍ୟ ସ୍ଥିର କରାଯାଏ। ଏହି ଲକ୍ଷ୍ୟ ହାସଲ ପାଇଁ ଆରୋହୀ ସଦାସର୍ବଦା ଉଦ୍ୟମ ଜାରି ରଖେ ବୋଲି କେନ୍ଦ୍ରାପଡ଼ା ସାଇକେଲ କ୍ଲବ ମୁଖପତ୍ର ଆରୋହୀ ଉନ୍ମୋଚନ ଅବସରରେ ଅତିଥିମାନେ ମତ ଦେଇଛନ୍ତି। ସହରର ଗରାପୁରସ୍ଥ ଏକ କଲ୍ୟାଣ ମଣ୍ଡପରେ ଆରୋହୀ ମୁଖପତ୍ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡା. ବୀରେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟଅତିଥି, ଅଧ୍ୟାପକ ବୃନ୍ଦାବନ ଦାସ ମୁଖ୍ୟବକ୍ତା ଓ ସାମାଜିକ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ଆରୋହୀ କେନ୍ଦ୍ରାପଡ଼ା ସାଇକେଲ କ୍ଲବର ମୁଖପତ୍ର। ଏହି ମୁଖପତ୍ର କ୍ଲବର ସମଗ୍ର କାର୍ଯ୍ୟକଳାପକୁ ବର୍ଣ୍ଣନା କରୁଛି। ସାମ୍ପ୍ରତିକ ସମୟରେ ସ୍ୱାସ୍ଥ୍ୟ ପାଇଁ ସାଇକେଲ ଚାଳନା, ପରିବେଶ ସୁରକ୍ଷା ପାଇଁ ପଲିଥିନ ନିଷେଧ ସଚେତନତା, ବନୀକରଣ ସହ ଅନ୍ୟ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛି। ଆରୋହୀର ଲକ୍ଷ୍ୟ କେନ୍ଦ୍ରାପଡ଼ାର ବହୁବିଧ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇ ଶିଶୁଙ୍କଠାରୁ ବୃଦ୍ଧାବୃଦ୍ଧଙ୍କୁ ଏକ ସ୍ୱଚ୍ଛ ଜିଲାରେ ପରିଣତ ପାଇଁ ଶପଥ ନେଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିମାନେ ମୁଖପତ୍ର ଆରୋହୀର ଉନ୍ମୋଚନ, ଚିତ୍ରଶିଳ୍ପୀ ଶ୍ରୀବାସ ନାୟକ ଓ ଅକ୍ଷର ଶିଳ୍ପୀ ବିଭୂତିଭୂଷଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବକୁ ମାତୃଦତ୍ତ ମହାନ୍ତି, ମଳୟ ସାହୁ, ଆଶିଷ ଦାସ, ରୀନାରାଣୀ ଦାସ, ନମିତା ଜେନା, ବିଷ୍ଣୁପ୍ରିୟା ସାମଲ, ରଶ୍ମିରଞ୍ଜନ ସ୍ୱାଇଁ, ଉମାକାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।



ସାଇକେଲ କ୍ଲବର ମୁଖପତ୍ର ଆରୋହୀକୁ ଅତିଥିମାନେ ଉନ୍ମୋଚିତ କରୁଛନ୍ତି।

# ଖଡ଼ିଅଣ୍ଟା ପ୍ରାଣୀ ଚିକିତ୍ସା କେନ୍ଦ୍ର ପାଲଟିଛି ଭୂତକୋଠି

### ୪ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିଲା ନିର୍ମାଣ

ପଟ୍ଟାମୁଣ୍ଡାଇ, ୭/୮(ସ୍ୱ.ପ୍ର.)

ଗ୍ରାମାଞ୍ଚଳରେ ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା, ମଇଁଷି ଆଦି ପ୍ରାଣୀ ସମ୍ପଦଙ୍କ ଚିକିତ୍ସା ଦିଗରେ ସରକାରଙ୍କ ବିଭିନ୍ନ ପଦକ୍ଷେପ କେବଳ କାଗଜକଲମରେ ହିଁ ସୀମିତ ହୋଇ ରହିଯାଉଥିବା ଅଭିଯୋଗ ହେଉଛି। ଏପରି ଏକ ଜ୍ୱଳନ୍ତ ଉଦାହରଣ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଡିଅଣ୍ଟା ପ୍ରାଣୀ ଚିକିତ୍ସା କେନ୍ଦ୍ର କ୍ଷେତ୍ରରେ ଦେଖିବାକୁ ମିଳିଛି। ଏଠାରେ ୪ ଲକ୍ଷ ଟଙ୍କାରେ ନିର୍ମିତ ଗୃହଟି ବ୍ୟବହାର ହେଉ ନ ଥିବାରୁ ଚାରି ପାଖରେ ଅନାବନା ଗଛ ଉଠିଗଲାଣି। ଏବେ ଏହା ଭୂତକୋଠିରେ ପରିଣତ ହୋଇଛି।

୨୦୧୨ ମସିହାରେ ତତ୍କାଳୀନ ବିଧାୟକ ଖଡିଅଣ୍ଟାଠାରେ ଏକ ପ୍ରାଣୀ ଚିକିତ୍ସାକେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟରେ ଲାଗି ପାରିଲା ନାହିଁ। ସାମାଜିକ କର୍ମୀ ପ୍ରତାପ ପାଢୀ କହିଛନ୍ତି, ଖଡିଅଣ୍ଟା ପଞ୍ଚାୟତରେ ଏକ ପ୍ରାଣୀ ଚିକିତ୍ସା କେନ୍ଦ୍ର ୧୦ବର୍ଷ ପୂର୍ବରୁ ୪ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିଲା। ସେବେଠାରୁ ଏହି



ଖଡିଅଣ୍ଟା ପ୍ରାଣୀ ଚିକିତ୍ସା କେନ୍ଦ୍ର।

ଚିକିତ୍ସା କେନ୍ଦ୍ରରେ ପ୍ରାଣୀ ସମ୍ପଦଙ୍କ ଚିକିତ୍ସା କରାଯାଇନାହିଁ। ଆଜି ଯାଏ କୌଣସି ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତି ଏଠାରେ ପରିଲକ୍ଷିତ ହୋଇନାହିଁ। ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକକ ବୋଲି ମନେହୁଏ। ଏହି ପଞ୍ଚାୟତରେ ପାଖାପାଖି ୧୦ ହଜାରରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ରହିଥିବାବେଳେ ଡାକ୍ତର ନ ଥିବାରୁ ସେମାନଙ୍କ ଚିକିତ୍ସା ଲାଗି ଗୋପାଳକମାନେ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଅଦିନିଆ ରୋଗ କିମ୍ବା ପ୍ରାଣୀଙ୍କର ହଠାତ୍ କିଛି ହେଲେ ସେମାନଙ୍କୁ ପଟ୍ଟାମୁଣ୍ଡାଇ ନଚେତ୍ ବଡପଡାରୁ ଡାକ୍ତର ଡାକିବାକୁ ପଡୁଛି। ଯାହାଦ୍ୱାରା ସେମାନେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ବେଳେ ଠିକ୍ ସମୟରେ ସେବା ପାଇ ପାରୁନାହାନ୍ତି। ଚିକିତ୍ସା ଅଭାବରୁ ଅନେକ ସମୟରେ ପ୍ରାଣୀଙ୍କ ପ୍ରାଣହାନି ଘଟୁଥିବା ମଧ୍ୟ ନଜିର ରହିଛି ବୋଲି ସେ କହିଥିଲେ। ସେହିପରି ସାମାଜିକ କର୍ମୀ ସୁଶାନ୍ତ ସାମଲ, ପୂର୍ବତନ ସରପଞ୍ଚ କଳାକାର ପ୍ରଧାନ, ଅଜୟ ନାୟକ, ଅଶୋକ ମହାନ୍ତି, ପ୍ରଶାନ୍ତ ନାୟକ, ନରେଶ ଜେନା, ଭରତ ବଳ ପ୍ରମୁଖ କହିଛନ୍ତି, ଆଜକୁ ପ୍ରାୟ ୧୦ବର୍ଷ ହେବ ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ରଟି ପୂର୍ଣ୍ଣାଙ୍ଗ ହୋଇଥିଲେ ବି କାର୍ଯ୍ୟକ୍ଷମ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତାରୁ ତାହା ଏବେ ପରିତ୍ୟକ୍ତ ଅବସ୍ଥାକୁ ଆସି ବର୍ତ୍ତମାନ ଭୂତକୋଠିରେ ପରିଣତ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଖଡିଅଣ୍ଟା ପଞ୍ଚାୟତରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଚାଲୁ କରିବାକୁ ଡାକ୍ତର ନିଯୁକ୍ତି ସହ ପ୍ରାଣୀ ସମ୍ପଦଙ୍କ ଚିକିତ୍ସା ସୁବିଧା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ସଂକ୍ଷେପରେ**

## ଗରିବ ପରିବାରକୁ ସହାୟତା



**ଯାଜପୁର ସଦର,୭।୮(ଡି.ଏନ.ଏ.):** ହରିପୁର ଅଞ୍ଚଳର ଅମ୍ବିକା ଫାଉଣ୍ଡେଶନ ପକ୍ଷରୁ ୩ଟି ଗରିବ ପରିବାରକୁ ରାଶନ ସାମଗ୍ରୀ ଯୋଗାଇ ଦିଆଯାଇଛି। ସୁଆଁସାହି ଦଳିତସାହିର ଧନେଶ୍ୱର ମଲିକ ମାର୍ଚ୍ଚ ୧୪ତାରିଖରେ ଦୁର୍ଘଟଣାରେ ମୃତ୍ୟୁବରଣ କରିବା ପରେ ତାଙ୍କ ପରିବାରର ସ୍ଥିତି ଦୟନୀୟ ହୋଇପଡ଼ିଛି। ତେଣୁ ତାଙ୍କ ପରିବାରକୁ ସହୟତା ଦିଆଯାଇଛି। ହରିପୁର ଗ୍ରାମର ଜଣେ ଦଳିତ ଦିନମଜୁରିଆ ବ୍ୟକ୍ତିଙ୍କ ଗଛରୁପଡ଼ି ଅଣ୍ଟା ଭାଙ୍ଗିଯାଇଛି। ତାଙ୍କ ପରିବାରର ଦୟନୀୟ ପରିସ୍ଥିତିରେ ଏହି ଅନୁଷ୍ଠାନ ଠିଆ ହୋଇଛି। ସେହିପରି ଅତଲାପୁର ପଞ୍ଚାୟତର ସାଦକପୁର ଗ୍ରାମରେ ଗୋଟିଏ ପରିବାରକୁ ସାହାଯ୍ୟ କରାଯାଇଛି। ଅନୁଷ୍ଠାନ ସଭାପତି ରବୀନ୍ଦ୍ର କୁମାର କର, ସମ୍ପାଦକ ମାନସ କୁମାର ମହାନ୍ତି (ପପୁ) ଏବଂ ଖବରଦାତା ସଞ୍ଜିବ ସାହୁଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ସମୟରେ ଉକ୍ତ ଅନୁଷ୍ଠାନ ଗରିବ ପରିବାରକୁ ସହାୟତା ଯୋଗାଇ ଦେଇଥିବା ନଜିର ରହିଛି।

## ରାଧାରମଣ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ



**ପାଣିକୋଇଲି,୭।୮(ଡି.ଏନ.ଏ.):** କୋରେଇ ବ୍ଲକ ଅନ୍ତର୍ଗତ ହଳଦୀଗଡ଼ିଆ ପଞ୍ଚାୟତ ବ୍ରାହ୍ମଣଦାସ୍ଥିତ ରାଧାରମଣ ଉଚ୍ଚ ବିଦ୍ୟାପୀଠ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ କୋରେଇ ଥାନାଧିକାରୀ ଶ୍ରବଣ କୁମାର ମହାରଣା, କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅବିନାଶ ନନ୍ଦ, ପ୍ରାଧାପକ ଅକ୍ଷୟ କୁମାର ମହାନ୍ତି, ଯାଜପୁର ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳ, ଶିକ୍ଷାବିତ୍ ଅଭୟ କୁମାର ମହାପାତ୍ର, ବିଦ୍ୟାଳୟ ପ୍ରତିଷ୍ଠାତା ପୁରୁଷୋତମ ଦାସ ପ୍ରମୁଖ ଯୋଗଦେଇ ଚାରାରୋପଣ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଶିକ୍ଷକ ତୃପ୍ତଶେଖର ସ୍ୱାଇଁ, ମାନସ କୁମାର ଦାସ, ଶିଶିର କୁମାର ସ୍ୱାଇଁ, ସୁଶ୍ରୀ ସଙ୍ଗୀତା ସେନାପତି, ରୋଜାଲିନ ନାୟକ, ଆସଫାର ହୋସେନ, ଶ୍ରୀକାନ୍ତ ସିଂହ, ଦିଲୀପ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଧାଗୋପୀନାଥ ମନ୍ଦିରରୁ ଚୋରି

**ପାଣିକୋଇଲି,୭।୮(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ କ୍ଷୀରୋ ଗ୍ରାମର ରାଧାଗୋପୀନାଥ ମନ୍ଦିରରୁ ଶନିବାର ରାତିରେ ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଦୁର୍ବୃତ୍ତ ମୂର୍ତ୍ତିଗୁଡ଼ିକର ଅଳଙ୍କାର (ବଂଶୀ, ମୁକୁଟ) ଚୋରି କରିଥିବା ଅଭିଯୋଗରେ ଦର୍ଶାଯାଇଛି।

# ୯୩ ବର୍ଷ ପରେ ହେବ ନୂତନ ବନ୍ଦୋବସ୍ତ

- ଦର୍ପଣ ତହସିଲର ୯ ରାଜସ୍ୱ ଗ୍ରାମ ହାଇଟେକ୍ ସର୍ଭେରେ ଅନ୍ତର୍ଭୁକ୍ତ
- ୧୫ ହଜାର ଅଧିବାସୀଙ୍କ ଦୁଃଖ ଦୂର ହେବ

**ଚଣ୍ଡିଖୋଲ, ୭।୮ (ଡି.ଏନ୍.ଏ.)**

ଯାଜପୁର ଜିଲା ଦର୍ପଣ ତହସିଲର ୯ଟି ରାଜସ୍ୱ ମୌଜା ୧୯୨୯ ପରେ ବନ୍ଦୋବସ୍ତ କିମ୍ବା ଚକବନ୍ଦୀ ହୋଇପାରି ନ ଥିଲା। ଯେଉଁଥିପାଇଁ ଉକ୍ତ ମୌଜାର ୧୫ ହଜାର ଅଧିବାସୀ ନାହିଁ ନ ଥିବା ଦୁଃଖ ଭୋଗ କରୁଥିଲେ। ଏବେ ସମ୍ପୃକ୍ତ ୯ଟି ରାଜସ୍ୱ ଗ୍ରାମର ନୂତନ ବନ୍ଦୋବସ୍ତ ହେବ। ଏନେଇ ଅଗଷ୍ଟ ୧ରେ ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଚିଠି ନଂ.-୨୫୬୫୪ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ଏହାକୁ ନେଇ ସ୍ଥାନୀୟ ମୌଜାର ଅଧିବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସମ୍ପୃକ୍ତ ମୌଜାଗୁଡ଼ିକ ହେଲା ଦର୍ପଣ, ସୁଙ୍ଗୁଡ଼ା, ପତରାଜପୁର, ପଲେଇ, ମାତକାତ୍ପୁର, କଳାଶ୍ରୀ, ଚାରିନଙ୍ଗଳ, ବରଦା ଓ ପଣସୁଧା। ଗତ ବନ୍ଦୋବସ୍ତରେ ଏହା ଚକବନ୍ଦୀ କିମ୍ବା ବନ୍ଦୋବସ୍ତ ହୋଇ ପାରି ନ ଥିଲା। ଇଂରେଜ ସରକାର ଅମଳରେ ୧୯୨୫ରେ ଏହି ମୌଜାଗୁଡ଼ିକର ବନ୍ଦୋବସ୍ତ ଆରମ୍ଭ ହୋଇ ୧୯୨୯ରେ ଶେଷ ହୋଇଥିଲା। ପରେ ସମ୍ପୃକ୍ତ ରାଜସ୍ୱ ମୌଜାର ଜମି ପଟ୍ଟା ମିଳିଥିଲା। ଏହାପରେ ୧୯୭୮ରେ ବନ୍ଦୋବସ୍ତ ହୋଇଥିବାବେଳେ ୧୯୮୪ରେ ଶେଷ ହୋଇଥିଲା। ତେବେ ଏହି ୯ଗୋଟି ରାଜସ୍ୱ ମୌଜା ଏଥିରୁ ବଞ୍ଚିତ ହୋଇଥିଲା। ବିଭିନ୍ନ କାରଣ ଦର୍ଶାଇ ତତ୍କାଳୀନ ବନ୍ଦୋବସ୍ତ ଅଧିକାରୀମାନେ ସୀମା ନିର୍ଦ୍ଧାରଣ ନ କରି ପାରି ଏହି ମୌଜାଗୁଡ଼ିକୁ ବନ୍ଦୋବସ୍ତରୁ ବାଦ ଦେଇଥିଲେ। ଏ ସମ୍ପର୍କରେ ବାରମ୍ବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ମେ'୨୪ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ହାଇଟେକ୍ ସର୍ଭେ ପାଇଁ ସ୍ଥିର କରାଯାଇଥିଲା। ଏଥିରେ ଯାଜପୁର ଜିଲାର ଦର୍ପଣ ତହସିଲକୁ ବାଦ ଦିଆଯାଇଥିଲା, ଯାହାକୁ ନେଇ ଜୁନ୍ ୧୦ରେ 'ହାଇଟେକ୍ ସର୍ଭେରୁ ବଞ୍ଚିତ ଦର୍ପଣ ତହସିଲ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ବିଭିନ୍ନସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। କଂଗ୍ରେସ ନେତା ଅଜୟ କୁମାର ସାମଲ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରି ଦର୍ପଣ ତହସିଲର ୯ଟି ମୌଜାକୁ ଅନ୍ତର୍ଭୁକ୍ତ ପାଇଁ ଦାବି କରିଥିଲେ। ତହସିଲଦାର ପ୍ରଦୀପ କୁମାର ସେଠୀ ଏ ସମ୍ପର୍କରେ ଜିଲାପାଳଙ୍କୁ ଚିଠି ଲେଖି ସର୍ଭେ ପାଇଁ ଅନୁରୋଧ କରିଥିଲେ।

**ଧରିତ୍ରୀ ପ୍ରଭାବ**

ସୂଚନା ଥାଉକି, ବନ୍ଦୋବସ୍ତ ନ ହେବା ଦ୍ୱାରା ସମ୍ପୃକ୍ତ ମୌଜାର ଜମି ମାଲିକ ପଟ୍ଟା ପାଇପାରୁ ନାହାନ୍ତି। ଫଳରେ ବାସିନ୍ଦା ପ୍ରମାଣପତ୍ର, ରାଶନ କାର୍ଡ, ଆଧାର କାର୍ଡ, ବ୍ୟାଙ୍କରଣ ଆଦିରୁ ବଞ୍ଚିତ ହେଉଛନ୍ତି। ଜମି ପଟ୍ଟା ନ ଥିଲେ ସରକାରୀ ଦପ୍ତରରେ କାର୍ଯ୍ୟ ହୋଇପାରୁ ନ ଥିଲା, ଯାହାକୁ ନେଇ ୨୦୧୩ରେ ଆଞ୍ଚଳିକ କୃଷକ ସଂଗ୍ରାମ ସମିତି ସଂଯୋଜକ ଅଜୟ କୁମାର ସାମଲ ଏସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। ୨୦୧୫ରେ ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଘଟଣାର ଅନୁଧ୍ୟାନ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ। ତେବେ ଏହା ମଧ୍ୟରେ ଦୀର୍ଘ ବର୍ଷ ବିତିଯାଇଥିଲେ ବି ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ରାଜ୍ୟ ସରକାରଙ୍କ ତରଫରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ୯ଟି ମୌଜାରୁ ୬ଟି ମୌଜା ସ୍ଥାନ ପାଇଛି। ଦର୍ପଣ, ସୁଙ୍ଗୁଡ଼ା ଓ ମାତକାତପୁର ମୌଜା ବାଦ ପଡ଼ିଥିବା ବିଜ୍ଞପ୍ତିରୁ ଜଣାପଡ଼ିଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରଥମ ଦଫାରେ ଆମ ତହସିଲ ବାଦ ପଡ଼ିଥିଲା। ଜିଲାପାଳଙ୍କୁ ନିବେଦନ କରାଯାଇ ରାଜ୍ୟ ସରକାରଙ୍କୁ ସମ୍ପୂର୍ଣ୍ଣ ୯ଟି ମୌଜାର ବନ୍ଦୋବସ୍ତ ପାଇଁ ଚିଠି କରାଯାଇଥିଲା। ଚିଠି ପରେ ମଧ୍ୟ ଦ୍ୱିତୀୟ ବିଜ୍ଞପ୍ତିରେ ଭୁଲରେ ୩ଟି ମୌଜା ବାଦ ପଡ଼ିଛି। ତେବେ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବା ପରେ ସମସ୍ତ ୯ଟି ମୌଜାକୁ ସାଟେଲାଇଟ୍ ହାଇଟେକ୍ ସର୍ଭେ କରିବାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଡିଜିଟାଲ ସର୍ଭେ ଦ୍ୱାରା କୌଣସି ନକ୍ସାରେ ଟିକେବି ଭୁଲ ରହିବ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।



ପତରାଜପୁର ଅଞ୍ଚଳର ଚାଷଜମି।

# ଓଲଟିଲା ଗୋରୁ ବୋଝେଇ ଟ୍ରକ୍, ୧୪ ଗାଈ ମୃତ



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

**ପାଣିକୋଇଲି, ୭।୮ (ଡି.ଏନ.ଏ.)**

**ଗାଡ଼ି ଜବତ, ଚାଳକ ଫେରାର**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ଗ୍ରାମ ନିକଟ ସଂଯୋଗୀକରଣ ରାସ୍ତାରେ ରବିବାର ଭୋର ସମୟରେ ଭାରସାମ୍ୟ ହରାଇ ଏକ ଗୋରୁ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଫଳରେ ଉକ୍ତ ଟ୍ରକ୍‌ରେ ଥିବା ୧୫ଟି ଗାଈ ମଧ୍ୟରୁ ୧୪ଟିର ମୃତ୍ୟୁ ହୋଇଛି। ୧୪ଟି ଗାଈର ମୃତଦେହ ସତ୍କାର କରାଯାଇଛି। ଗୋଟିଏ ଗାଈର ଚିକିତ୍ସା ଜାରି ରହିଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇ ଯାଇଛନ୍ତି। ଟ୍ରକ୍ (ଓଆର-୦୧-ଡି-୬୨୬୧) ଭଦ୍ରକ ଆଡୁ ପାଣିକୋଇଲି ଆଡେ ଗୋରୁ ବୋଝେଇ କରି ଆସୁଥିଲା। ତେବେ ଗାଈ ମୃତ୍ୟୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପାଣିକୋଇଲି ପୋଲିସ ପହଞ୍ଚି ଟ୍ରକ୍‌କୁ ରାସ୍ତା କଡ଼ରୁ ଉଠାଇ ଜବତ କରିଥିଲା। ଏକ ହାଇଡ୍ରା ସାହାଯ୍ୟରେ ଟ୍ରକ୍‌ଟିକୁ ଉଠାଯାଇଥିବାବେଳେ ଜେସିବି ମାଧ୍ୟମରେ ମୃତ ଗାଈଗୁଡ଼ିକୁ ନିଆଯାଇ ବୈତରଣୀ ନଦୀପଠାରେ ପୋତାଯାଇଥିଲା। ଏନେଇ ପୋଲିସ ଏକ ମାମଲା ନଂ.୧୭୭/୨୨ ରୁଜୁ କରି ତଦନ୍ତ ଜାରି ରଖିଛି।

# ଭାଜପା ପକ୍ଷରୁ ଅମୃତ ମହୋତ୍ସବ ପାଳନ ପ୍ରସ୍ତୁତି ବୈଠକ

**ଯାଜପୁର ଟାଉନ, ୭।୮ (ଡି.ଏନ.ଏ.)**

ଅମୃତ ମହୋତ୍ସବ ପାଳନ ପାଇଁ ରବିବାର ଯାଜପୁର ଜିଲା ଭାଜପା ପକ୍ଷରୁ ଜିଲା କାର୍ଯ୍ୟାଳୟ ମକେଇପୁରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୌତମ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୩ ତାରିଖରେ ତ୍ରିରଙ୍ଗା ଯାତ୍ରା କରି ସହର ପରିକ୍ରମା କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଯାଜପୁର ବ୍ଲକ୍‌ର ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ମଣ୍ଡଳ ସଭାପତି ଜିତାମିତ୍ର ଦାସ, ସୁଦୀପ୍ତ ପଣ୍ଡା, ସୁରେଶ ରାଉତ, ମନ୍ମଥ ବରାଳ, ପ୍ରଶାନ୍ତ ସାହୁ, ସୁଧାଂଶୁ ବେହେରା, କୁଳମଣି ପରିଡ଼ା, ମହେଶ୍ୱର ସାହୁ, ମହେନ୍ଦ୍ର ରାଉତ, ରଞ୍ଜିତ ଦାସ, ବିଜୟ ବେହେରା, ଶକ୍ତିସୌରଭ ମହାପାତ୍ର, ପ୍ରଫୁଲ୍ଲ ସାହୁ ଓ ସନ୍ତୋଷ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ବୈରୀ ରେଳଷ୍ଟେଶନ ନିକଟରେ ହେବ ଓଭର ବ୍ରିଜ୍

**ଚଣ୍ଡିଖୋଲ, ୭।୮ (ଡି.ଏନ୍.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ରେଳଷ୍ଟେଶନଠାରେ ଏକ ଓଭର ବ୍ରିଜ୍ ନିର୍ମାଣ ହେବ। ବିଶ୍ୱବ୍ୟାଙ୍କ ଜରିଆରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏ ସମ୍ପର୍କରେ ଅଗଷ୍ଟ ୪ରେ ଚିଠି ନଂ.୩୦୨୩୮ରେ ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚାରିବାଟିଆ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

ଛତିଆ-କଳକଳା ପୂର୍ତ୍ତବିଭାଗ ରାସ୍ତାର ବୈରୀଠାରେ ଓଭର ବ୍ରିଜ୍ ନ ଥିବାରୁ ରେଳଲାଇନ୍ ପାରି ହେବା ପାଇଁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ତେଣୁ ବ୍ରିଜ୍ ପାଇଁ ଭାଜପା ନେତ୍ରୀ ସୀମନ୍ତିନୀ ଜେନା ଓ ତତ୍କାଳିନ ଛତିଆ ମଣ୍ଡଳ ସଭାପତି ରାମାକାନ୍ତ ଖୁଣ୍ଟିଆ ୨୦୧୭ରେ ତତ୍କାଳିନ ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଚିଠି ଲେଖି ଅନୁରୋଧ କରିବା ସହିତ ଦାବି ପତ୍ର ପ୍ରଦାନ କରିଥିଲେ। ପରେ ଏ ସମ୍ପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଦାବି ଜଣାଇଥିଲେ। ଦୀର୍ଘ ଦିନର ଦାବି ପରେ ପୂର୍ତ୍ତ ବିଭାଗ ତରଫରୁ ବିଶ୍ୱବ୍ୟାଙ୍କ ଅର୍ଥରେ ଏଠାରେ ଓଭର ବ୍ରିଜ ନିର୍ମାଣ କରାଯିବ ବୋଲି ସ୍ଥିର କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି।

# ଧାନମଣ୍ଡଳ ଉଚ୍ଚ ବିଦ୍ୟାଳୟରେ ଖୋଲିଲା ଏନ୍‌ସିସି

**ବଡ଼ଚଣା,୭।୮(ଡି.ଏନ.ଏ.)**

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ଧାନମଣ୍ଡଳ ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷଠାରୁ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ଖୋଲାଯାଇଛି। ଏଥିରେ ଅଷ୍ଟମ ଓ ନବମ ଶ୍ରେଣୀର ୨୫ଜଣ ଛାତ୍ରୀଛାତ୍ର ନିଜର ନାମ ପଞ୍ଜୀକରଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ବୈକୁଣ୍ଠନାଥ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ତାପସ ଥାପ୍ପା, ସୁନୀଲ କୁମାର ଯୋଗଦେଇ ଛାତ୍ରୀଛାତ୍ର ସମର ଶିକ୍ଷାର୍ଥୀ ବାହିନୀରେ ଯୋଗଦେବା ସହିତ ଦେଶର ସୁରକ୍ଷାରେ ନିଜର ବହୁମୂଲ୍ୟ ସମୟ ଦେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅମଜାଦ ହୁସେନ, ମମତା ବରାଳ, ପୁରାତନ ଛାତ୍ର ସମରେନ୍ଦ୍ର ମାହାଲାଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଶିକ୍ଷକ ଅରୁଣ କୁମାର ବରାଳ ଧନ୍ୟବାଦ ଦେଇଥିଲେ।




ଏନସିସିରେ ନାମ ପଞ୍ଜୀକରଣ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଜିଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ




ସ୍ତନ୍ୟପାନ ଦିବସରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା,୭।୮(ଡି.ଏନ.ଏ.)**

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲା ସ୍ୱାସ୍ଥ୍ୟ ସମିତି ଅନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଏଡିଏମ୍ଓ ସୁବାସ ଚନ୍ଦ୍ର ମହାରଣା ଯୋଗଦେଇ କହିଥିଲେ, ମା' କ୍ଷୀର ଶିଶୁ ପାଇଁ ଅମୃତତୁଲ୍ୟ। ଭାରତରେ ୬୫ ଭାଗ ମା' ଶିଶୁଙ୍କୁ ପୂର୍ଣ୍ଣମାତ୍ରରେ କ୍ଷୀର ଖୁଆଇଥାନ୍ତି। ମାତୃସ୍ତନ୍ୟପାନରେ ସଫଳତା ପାଇଁ ଜନ୍ମ ପରେ ଶିଶୁକୁ ଶୀଘ୍ର ମା'କ୍ଷୀର ଖୁଆଇବା ଆରମ୍ଭ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଶିଶୁର ବିକାଶ ହେବା ସହ ରୋଗ ପ୍ରତିଶେଧକ ଶକ୍ତି ବୃଦ୍ଧି ପାଇଥାଏ। ଯେଉଁ ମା'ମାନେ ସେମାନଙ୍କ ଶିଶୁଙ୍କୁ ସ୍ତନ୍ୟପାନରୁ ନିବୃତ୍ତ ରଖିଥାନ୍ତି, ସେହି ଶିଶୁମାନେ ବିଭିନ୍ନ ରୋଗର ଶିକାର ହୋଇଥାନ୍ତି ବୋଲି ମହାରଣା କହିଥିଲେ। ଉତ୍ସବରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧୀର ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଡିପିଏଚ୍ଓ ରୁକ୍ମଣୀ ବେହେରା, ପିଏଚ୍ଓ ସବିତା ମହାନ୍ତ, ପିପିଏମ, ବିଡିଏମ୍ ଓ ଡିଭିଏଲ୍ଏମ୍ ପ୍ରମୁଖ ଯୋଗଦେଇ ଅଲୋଚନାରେ ଅଂଶଗ୍ରହଣ କରିବା ସହ ମାତୃସ୍ତନ୍ୟପାନର ଉପକାରିତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଗର୍ଭବତୀ ପିଲା ଜନ୍ମର ଏକ ମାସ ପୂର୍ବରୁ କିପରି ନିଜକୁ ପ୍ରସ୍ତୁତ କରିବେ ସେନେଇ ସୂଚନା ଦିଆଯାଇଥିଲା। ବୈଠକରେ ଯୋଗଦେଇଥିବା ଗର୍ଭବତୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦିଆଯାଇଥିଲା। ଶେଷରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଶୋକ ମିଶ୍ର ଧନ୍ୟବାଦ ଦେଇଥିଲେ।

# ହତ୍ୟା ଅଭିଯୋଗ ଆଣିଲେ ପରିବାର

**ନିଖୋଜ ବୃଦ୍ଧଙ୍କ ମୃତଦେହ ମିଳିବା ଘଟଣାରେ ଭିନ୍ନମୋଡ଼**

- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତା ଅବରୋଧ

**ଧର୍ମଶାଳା,୭।୮(ଡି.ଏନ.ଏ.)**

ଧର୍ମଶାଳା ଥାନା ଅଧୀନ ହରିଦାସପୁର ପଞ୍ଚାୟତ ଚାରବାଟିଆସ୍ଥିତ ଏକ କେନାଲରୁ ଶନିବାର ଆରୁହା ପଞ୍ଚାୟତ କୋହ୍ଲାଗ୍ରାମର ମକର ସାହାଣୀ(୬୫)ଙ୍କ ମୃତଦେହ ମିଳିବା ଘଟଣା ଭିନ୍ନମୋଡ଼ ନେଇଛି। ମକରଙ୍କୁ କେହି ହତ୍ୟା କରି କେନାଲରେ ଫିଙ୍ଗି ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଓ ମୃତକଙ୍କ ପରିବାର ଲୋକେ ରବିବାର ମୃତଦେହ ରଖି ୫୩ ନଂ. ଜାତୀୟ ରାଜପଥର ଆରୁହା ଛକଠାରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାର ପ୍ରାୟ ୨ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ମକର ଶୁକ୍ରବାର ସନ୍ଧ୍ୟାରେ ନିକଟସ୍ଥ ଇଟାଫ୍ୟାକ୍ଟ୍ରିକୁ କାମ କରିବାକୁ ଆସିଥିଲେ। ହେଲେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ହେଲେ ଶନିବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଶୌଚ ହେବାକୁ ନାଳକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ଏହା ମକରଙ୍କ ମୃତଦେହ ବୋଲି ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ବାପାଙ୍କୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ତାଙ୍କ ପୁଅ ଶଶାଙ୍କ ଶେଖର ସାହାଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗ ପାଇ ମଧ୍ୟ ପୋଲିସ ହତ୍ୟା ମାମଲା ରୁଜୁ ପରିବର୍ତ୍ତେ ଏକ ଅପମୃତ୍ୟୁ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ଅପରାହ୍ନ ୨ଟାରେ ଗାଁକୁ ଅଣାଯାଇଥିବା ବେଳେ ନ୍ୟାୟ ଦାବି କରି ଗ୍ରାମବାସୀ ଓ ପରିବାର ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ମୋଟର ଅଟକି ରହିଥିଲା।



ଆରୁହା ଛକରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ଆକାଶ ଏୟାରର ପ୍ରଥମ ଉଡ଼ାଣ**

**ନୂଆଦିଲ୍ଲୀ:** ଆକାଶ ଏୟାରର ପ୍ରଥମ ବାଣିଜ୍ୟିକ ବିମାନ ରବିବାର ପୂର୍ବାହ୍ନ ୧୦.୦୫ ଘଟିକାରୁ ମୁମ୍ବାଇରୁ ଅହମଦାବାଦକୁ ଯାତ୍ରା କରିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଉକ୍ତ ବିମାନ ଉଡ଼ାଣର ଶୁଭାରମ୍ଭ କରିଥିଲେ। ସେହିଭଳି ଚଳିତ ମାସ ୧୩ ତାରିଖରେ ଆକାଶ ଏୟାରର ଆଉ ଏକ ବିମାନ ବେଙ୍ଗାଲୁରୁ-କୋଚି ଉଡ଼ାଣ କରିବାକୁ ଥିବାବେଳେ ୧୯ ତାରିଖରେ ବେଙ୍ଗାଲୁରୁ-ମୁମ୍ବାଇ ଏବଂ ସେପ୍ଟେମ୍ବର ୧୫ରେ ଚେନ୍ନାଇ-ମୁମ୍ବାଇ ବିମାନ ଉଡ଼ାଣ ଆରମ୍ଭ କରିବ ବୋଲି ଆକାଶ ଏୟାରର ସିଇଓ ବିନୟ ଦୁବେ ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଋଣ ସୁଧ ହାର ବଢ଼ାଇଲେ ବ୍ୟାଙ୍କ

**ନୂଆଦିଲ୍ଲୀ,୭।୮:** ଦେଶର ଆର୍ଥିକ ଅବସ୍ଥାର ସୁଧାର ସାଙ୍ଗକୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ରେପୋ ହାରରେ ୦.୫୦% ବୃଦ୍ଧି କରିଛନ୍ତି। ଫଳରେ ଏହାର ସିଧା ପ୍ରଭାବ ବ୍ୟାଙ୍କ ଉପରେ ପଡୁଥିବା ବେଳେ ପରୋକ୍ଷ ଭାବେ ମଧ ଋଣ ଗ୍ରହୀତାଙ୍କ ଉପରେ ପଡିବ ବୋଲି ଆକଳନ କରାଯାଇଛି। ଏଭଳି ସ୍ଥିତିରେ ୩ଟି ରାଷ୍ଟ୍ରାୟାତ୍ତ ବ୍ୟାଙ୍କ ଏବଂ ଗୋଟିଏ ଘରୋଇ ବ୍ୟାଙ୍କ ଋଣ ସୁଧ ହାର ବୃଦ୍ଧି ସମ୍ପର୍କରେ ଘୋଷଣା କରିଛନ୍ତି। ସେହିଭଳି କାନାରା ବ୍ୟାଙ୍କ ରେପୋ ରେଟ୍ ସହ ସଂଯୋଜିତ ଋଣ ସୁଧ ହାର ୦.୫୦% ବଢାଇଛି। ଫଳରେ ଏହାର ସୁଧ ହାର ୭.୮୦% ବଦଳରେ ୮.୩୦%କୁ ବୃଦ୍ଧି ପାଇଛି। ସେହିପରି ବ୍ୟାଙ୍କ ଅଫ ବରୋଦାର ଋଣ ସୁଧ ୭.୯୫%କୁ ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଋଣ ସୁଧ ହାର ୭.୯୦% କୁ ବଢାଇ ଦେଇଛନ୍ତି। ଅପରପକ୍ଷରେ ଘରୋଇ ଆଇସିଆଇସିଆଇ ବ୍ୟାଙ୍କ ୫ ଅଗଷ୍ଟରୁ ସୁଧ ହାର ୯.୧୦%କୁ ବଢାଇ ଦେଇଥିଲା। ପୂର୍ବରୁ ଏହି ସୁଧ ହାର ୮.୬୦% ରହିଥିଲା।

### କ୍ଷତି ସହୁଛନ୍ତି ବୀମା କମ୍ପାନୀ

**ନୂଆଦିଲ୍ଲୀ,୭।୮:** ଗତ ୫ ବର୍ଷ ମଧ୍ୟରେ ଦେଶର ପ୍ରମୁଖ ସରକାରୀ ସାଧାରଣ ବୀମା କମ୍ପାନୀ ପ୍ରାୟ ୨୬,୩୬୪ କୋଟି ଟଙ୍କାର କ୍ଷତି ସହିଛନ୍ତି। ଏପରିକି ୨୦୧୬-୧୭ରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ବୀମା କମ୍ପାନୀଗୁଡ଼ିକ ଉକ୍ତ ପରିମାଣର ଅର୍ଥ ରାଶି କ୍ଷତି ସହିଥିବା ସିଏଜି ରିପୋର୍ଟରୁ ଜଣାପଡିଛି। ମୁଖ୍ୟତଃ ସ୍ୱାସ୍ଥ୍ୟବୀମାରେ ହେଉଥିବା ବିପୁଳ କ୍ଷତି ପାଇଁ ବୀମା କମ୍ପାନୀଗୁଡ଼ିକ ଅନ୍ୟ ବ୍ୟବସାୟରେ କରୁଥିବା ଲାଭ ହ୍ରାସ ପାଇଛି। ଏହି ବୀମା ବାବଦରେ କମ୍ପାନୀ କମ୍ ପ୍ରିମିୟମ ଆଦାୟ କରିଥାଏ କିନ୍ତୁ ରିଟେଲ ପଲିସି ତୁଳନାରେ ଏ ବାବଦରେ ବୀମା କ୍ଷତିପୂରଣ ବାବଦ ଦାବି ରାଶି ବହୁ ଅଧିକ ରହୁଛି। ସିଏଜି ରିର୍ପୋଟରେ ଦର୍ଶାଯାଇଛି ଯେ ୪ଟି ସରକାରୀ ସାଧାରଣ ବୀମା କମ୍ପାନୀ ଯଥା ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ୟୁନାଇଟେଡ ଇଣ୍ଡିଆ ଆସ୍ୟୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ ଏବଂ ନ୍ୟାଶନାଲ ଇନସ୍ୟୁରାନ୍ସ ମଧ ସରକାରଙ୍କ କେତେକ ନିୟମ ପାଳନ କରିନାହାନ୍ତି।

# କ୍ଷତି ସହୁଛନ୍ତି ତୈଳ କମ୍ପାନୀ

## ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (କ୍ୟୁ-୧) ରେ ୧୮ ହଜାର କୋଟିରୁ ଊର୍ଦ୍ଧ୍ୱ କ୍ଷତି

ନୂଆଦିଲ୍ଲୀ,୭।୮

ଗତ କିଛି ମାସ ହେବ ସାରା ଦେଶରେ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ଘଟିନାହିଁ। ଫଳରେ ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକର କ୍ଷତି ପରିମାଣ ୧୮,୪୮୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ନିକଟରେ ତୈଳ କମ୍ପାନୀଗୁଡିକ ଜାରି କରିଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳରେ ଏହି ସୂଚନା ଷ୍ଟକ୍ ବଜାରକୁ ଅବଗତ କରାଇଛି। ସେହିଭଳି ତୈଳ କମ୍ପାନୀର ବିପଣନ ମାର୍ଜିନ ହ୍ରାସ ଯୋଗୁ ଏଭଳି କ୍ଷତି ଘଟିଥିବା କମ୍ପାନୀମାନେ ମତ ପ୍ରକାଶ କରିଛନ୍ତି। କେବଳ ପେଟ୍ରୋଲ କି ଡିଜେଲ ନୁହେଁ ଘରୋଇ ଏଲ୍‌ପିଜି ବିପଣନ ଗତ ତ୍ରୈମାସିକରେ ରିଫାଇନ ମାର୍ଜିନ ମଧ ଉଠାଇ ନ ପାରିବା ତୈଳ କମ୍ପାନୀଗୁଡିକଙ୍କ ଲାଗି ଚିନ୍ତାଜନକ ହୋଇଛି। ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ), ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚ୍‌ପିସିଏଲ) ଓ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ)ଙ୍କୁ ସେମାନଙ୍କ ଖର୍ଚ୍ଚ ଅନୁସାରେ ପ୍ରତିଦିନ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ଅଧିକାର ମିଳିଛି। ତେବେ ବର୍ଦ୍ଧିତ ଖୁଚୁରା ମୁଦ୍ରାସ୍ଫିତି ଚାପରେ ଗତ ୪ ମାସ ହେଲା ଦେଶରେ ପେଟ୍ରୋଲିୟମର ଦର ବୃଦ୍ଧି କି ହ୍ରାସ ହୋଇ ନାହିଁ। ଏଣୁ ଗତ ଜୁଲାଇ ୨୦ରେ ଆଇଓସିଏଲ ଏପ୍ରିଲ-ଜୁନ ତ୍ରୈମାସିକରେ ୧୯୯୫.୩ କୋଟି ଟଙ୍କା କ୍ଷତି ହୋଇଥିବାର ଘୋଷଣା କରିଥିଲେ। ଗତ ଶନିବାର ଏଚପିସିଏଲ ମଧ ତ୍ରୈମାସିକ ଫଳାଫଳ ଜାରି କରିଛି। ଏଥିରେ କମ୍ପାନୀ ୧୦,୧୯୬.୯୪ କୋଟି ଟଙ୍କାର କ୍ଷତି ହୋଇଥିବା ସୂଚିତ କରିଛି। ସେହିପରି ବିପିସିଏଲ ମଧ ୬,୨୯୦.୮ କୋଟି ଟଙ୍କାର କ୍ଷତିର ସୂଚନା ଦେଇଛି। ଏହି ତିନି ସାର୍ବଜନିକ ପେଟ୍ରୋଲିୟମ କମ୍ପାନୀ ଗୋଟିଏ ତ୍ରୈମାସିକରେ ମୋଟ ୧୮,୪୮୦.୨୭ କୋଟି ଟଙ୍କା କ୍ଷତି କରିଛନ୍ତି। ଏପର୍ଯ୍ୟନ୍ତ କୌଣସି ତ୍ରୈମାସିକ କ୍ଷତି ତୁଳନାରେ ଏହା ସର୍ବାଧିକ ବୋଲି କୁହାଯାଇଛି। ପ୍ରଥମ ତ୍ରୈମାସିକରେ ତୈଳ କମ୍ପାନୀମାନେ ବ୍ୟାରେଲ ପିଛା ୧୦୯ ଡଲାରରେ ତୈଳ ଆମଦାନୀ କରିଥିଲେ।







୧୩ତମ କଟନ୍ ଫାବ୍ ପ୍ରଦର୍ଶନୀର ୫ମ ସପ୍ତାହରେ ଆୟୋଜିତ ଲଟେରି ଉଠାଣ କାର୍ଯ୍ୟକ୍ରମରେ ୩ ଜଣ ଭାଗ୍ୟଶାଳୀ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ବିଜେତା ଅଦିତି ପାତ୍ର ମେଳାର ସମ୍ପାଦକ ଜାଭେଦ ଆଲାମଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ୫-ଜି ସ୍ପେକ୍ଟ୍ରମ ଅର୍ଥ ପୈଠ ପାଇଁ ଟେଲିକମ କମ୍ପାନୀଙ୍କୁ ନୋଟିସ

ନୂଆଦିଲ୍ଲୀ,୭।୮

୫-ଜି ସ୍ପେକ୍ଟ୍ରମ ନିଲାମ ଶେଷ ହେବା ପରେ ଆସନ୍ତା ଅଗଷ୍ଟ ୧୦ ସୁଦ୍ଧା ସ୍ପେକ୍ଟ୍ରମ ଆବଣ୍ଟନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ଆସନ୍ତା ଅଗଷ୍ଟ ୧୬ ସୁଦ୍ଧା ଏ ବାବଦୀୟ ଅର୍ଥ ପ୍ରଦାନ କରିବାକୁ ନିଲାମ ହାସଲ କରିଥିବା ୪ ଟେଲିକମ କମ୍ପାନୀଙ୍କୁ ଟେଲିକମ ମନ୍ତ୍ରଣାଳୟ ପକ୍ଷରୁ ନୋଟିସ ଦିଆଯାଇଛି। ଗତ ଅଗଷ୍ଟ ପ୍ରଥମ ସପ୍ତାହରେ ୫-ଜି ସ୍ପେକ୍ଟ୍ରମ ନିଲାମ ଶେଷ ହୋଇଥିଲା। ଉକ୍ତ ନିଲାମରୁ ସରକାର ମୋଟ ୧ଲକ୍ଷ ୫୦ ହଜାର ୧୭୩ କୋଟି ଟଙ୍କା ପାଇବାର ଅଛି। ୫-ଜି ନିଲାମରେ ଜିଓ,ଏୟାରଟେଲ, ଭୋଡାଫୋନ-ଆଇଡିଆ ସମେତ ଆଦାନୀ ଗ୍ରୁପ ଅଧୀନ ନବଗଠିତ ଅଦାନୀ ଡାଟା ନେଟୱର୍କ୍ସ ମଧ ଏଥିରେ ଅଂଶଗ୍ରହଣ କରିଥିଲା।

# ଏୟାର ଇଣ୍ଡିଆରେ ସାମିଲ ହେବେ ଆଉ ୧୦ ବିମାନ

ନୂଆଦିଲ୍ଲୀ,୭।୮




କୋଭିଡ କଟକଣା ଓ ଅନ୍ୟାନ୍ୟ କାରଣ ପାଇଁ ଏୟାର ଇଣ୍ଡିଆ ସଞ୍ଚାଳନରୁ ବାହାରେ ଥିବା ୧୦ ବୃହତ୍ ବିମାନଙ୍କୁ ପୁଣି ଥରେ ସେବାରେ ନିୟୋଜିତ କରାଯିବ ବୋଲି ରବିବାର କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ୨୦୨୩ ପୂର୍ବରୁ କିମ୍ବା ପ୍ରାରମ୍ଭରୁ କମ୍ପାନୀ ଉକ୍ତ ବୃହତ୍ ବିମାନକୁ ପୁଣି ଥରେ ସେବାରେ ସାମିଲ କରିବେ ବୋଲି ଜଣାପଡିଛି। ସେହିଭଳି ଭାରତରେ କମ୍ପାନୀର ବୃହତ୍ ନେଟୱର୍କ ରହିଛି, ସାରା ଦେଶରେ ୩୦ରୁ ଅଧିକ ବିମାନ ଉଡ଼ାଣ କରୁଥିବାବେଳେ ସଞ୍ଚାଳନରୁ ବାହାରେ ଥିବା କମ୍ପାନୀର ୧୦ ବୃହତ୍ ବିମାନକୁ ପୁଣିଥରେ ଯାତ୍ରୀ ସେବାରେ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏୟାର ଇଣ୍ଡିଆର ଏହି ବୃହତ୍‌କାୟ ବିମାନଗୁଡିକର ଇନ୍ଧନ ଟ୍ୟାଙ୍କ ବହୁତ ବଡ଼ ହୋଇଥିବାରୁ ସେଗୁଡିକୁ ଭାରତ-ଆମେରିକା ଓ ଭାରତ-କାନାଡା ମଧ୍ୟରେ ଦୀର୍ଘ ଦୂରତାର ଅନ୍ତର୍ଦ୍ଦେଶୀୟ ମାର୍ଗରେ ଉଡାଣ କରାଇବା ସହଜ ହେବ। ବର୍ତ୍ତମାନ ଏୟାର ଇଣ୍ଡିଆର ୪୩ଟି ବୃହତ୍‌କାୟ ବିମାନ ରହିଛି। ସେଥିରୁ ୩୩ଟି ସଞ୍ଚାଳିତ ହେଉଥିବା ବେଳେ ୧୦ଟି ସଞ୍ଚାଳନରୁ ବାହାରେ ରହିଛି। ତେବେ ବର୍ତ୍ତମାନ ଏୟାର ଇଣ୍ଡିଆ ୨୮ଟି ବିମାନ ସଞ୍ଚାଳିତ କରୁଛି। ଏୟାର ଇଣ୍ଡିଆର କହିବା ଅନୁଯାୟୀ ୨୦୨୩ ଆରମ୍ଭ ସୁଦ୍ଧା ଏହାର ସମସ୍ତ ବିମାନ ସଞ୍ଚାଳନରେ ସାମିଲ କରାଯିବ। ସେହିପରି ଅଗଷ୍ଟ ୩୧ ପରେ ଦିଲ୍ଲୀ ଓ କାନାଡାର ଭାଙ୍କୋଭର ମଧ୍ୟରେ ବିମାନ ସେବା ଆରମ୍ଭ କରାଯିବ। ଏବେ ଦିଲ୍ଲୀ-ଭାଙ୍କୋଭର ମାର୍ଗରେ ସପ୍ତାହକୁ ୩ଟି ବିମାନ ସଞ୍ଚାଳିତ ହେଉଛି। ତେବେ ଭାରତ ଓ କାନାଡା ମଧ୍ୟରେ ଯାତାୟାତ ବୃଦ୍ଧିକୁ ନଜରରେ ରଖି ଦିଲ୍ଲୀ-ଭାଙ୍କୋଭର ମାର୍ଗରେ ବିମାନ ସଂଖ୍ୟା ବୃଦ୍ଧି କରିବାକୁ କମ୍ପାନୀ ବିଚାର କରୁଛି। ଦିଲ୍ଲୀ-ଭାଙ୍କୋଭର ବିମାନ ସଂଖ୍ୟା ବୃଦ୍ଧି ଅନ୍ତର୍ଜାତୀୟ ନେଟୱର୍କ ପରିସର ସମ୍ପ୍ରସାରଣରେ ପ୍ରଥମ ପଦକ୍ଷେପ ହେବ ବୋଲି ରବିବାର ଏୟାର ଇଣ୍ଡିଆର ନବନିଯୁକ୍ତ ସିଏମଡି କ୍ୟାମ୍ପବେଲ ୱିଲସନ କହିଛନ୍ତି।

## ସୋଆ ପକ୍ଷରୁ ସୂର୍ଯ୍ୟ ଦେଓଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୭।୮

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ତଥା ସିନେ ସମୀକ୍ଷକ ସୂର୍ଯ୍ୟ ଦେଓଙ୍କୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୦ ନିମନ୍ତେ ଦେଓଙ୍କ ଦ୍ୱାରା ଲିଖିତ 'କାଲି ପାଇଁ କାଲିର ସିନେମା' ଶୀର୍ଷକ ପୁସ୍ତକକୁ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋଆର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର୍ ମନୋଜ ରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଓଙ୍କୁ ତାଙ୍କର ଏହି ସଫଳତା ନିମନ୍ତେ ଶୁଭକାମନା ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୂତି ଭୂଷଣ ପ୍ରଧାନ, ଉପଦେଷ୍ଟା ପ୍ରଫେସର ଜୟଦେବ ପତି, ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ, ସୁମା ରିୟଲ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ସିଇଓ ସୁନୀଲ ଦାସ, ପ୍ରମେୟ ଓ ନ୍ୟୁଜ ୭ର ଗ୍ରୁପ୍ ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର, ନିର୍ଦ୍ଦେଶକ (ସେଲ୍ସ ଆଣ୍ଡ ମାର୍କେଟିଂ) ହିମାଂଶୁ ହୋତା ଓ ନ୍ୟୁଜ ୭ର କାର୍ଯ୍ୟକାରୀ ସମ୍ପାଦକ ଦେବନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁରସତ

# ମିସ୍ ଇଣ୍ଡିଆ ୟୁଏସ୍‌ଏ 'ଆର୍ଯ୍ୟ ୱାଲ୍‌ଭେକର'




ଆର୍ଯ୍ୟ ୱାଲ୍‌ଭେକର

**ୱାଶିଂଟନ:** ଭାରତୀୟ-ଆମେରିକୀୟ ବଂଶୋଦ୍ଭବ ଆର୍ଯ୍ୟ ୱାଲ୍‌ଭେକର ଚଳିତ ବର୍ଷ ମିସ୍ ଇଣ୍ଡିଆ ୟୁଏସ୍‌ଏର ମୁକୁଟ ହାତେଇଛନ୍ତି। ୪୦ତମ ମିସ୍ ଇଣ୍ଡିଆ ୟୁଏସ୍‌ଏ ପ୍ରତିଯୋଗିତା ଆମେରିକାର ନ୍ୟୁ ଜର୍ସିରେ ଅନୁଷ୍ଠିତ ହୋଇଥିଲା। ୧୮ ବର୍ଷୀୟା ଆର୍ଯ୍ୟ ଜଣେ ଅଭିନେତ୍ରୀ ହେବାକୁ ଆଶା ରଖିଛନ୍ତି। ପିଲାଟି ଦିନରୁ ତାଙ୍କର ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ ନେଇ ତାଙ୍କ ଆଗ୍ରହ ଥିବା ସେ କହିଛନ୍ତି।

ଆର୍ଯ୍ୟ ଭର୍ଜିନିଆର ବ୍ରିଅର୍ ଉଡ୍ସ ହାଇସ୍କୁଲରେ ପାଠ ପଢ଼ନ୍ତି। ଖାଲି ଅଭିନୟ ନୁହେଁ ରୋଷେଇ, ଡାନ୍ସ କରିବା ମଧ ତାଙ୍କୁ ଖୁବ୍ ପସନ୍ଦ ବୋଲି ସେ କହିଛନ୍ତି। ନିଜର ଏକ ଡ୍ୟାନ୍ସିଂ ଷ୍ଟୁଡିଓ ତିଆରି କରିଛନ୍ତି, ଯେଉଁଠାରେ ନାଚ ପ୍ରତି ଆଗ୍ରହୀ ପିଲାମାନଙ୍କୁ ସେ ନାଚ ଶିଖାଉଛନ୍ତି। ମେଣ୍ଟାଲ୍ ହେଲ୍‌ଥ ଏବଂ ବଡି ପଜିଟିଭିଟି ହେଲ୍‌ଥ ମୁଭ୍‌ମେଣ୍ଟରେ ସେ ଅଂଶ ଗ୍ରହଣ କରିବା ସହ ଅନେକ ଆୱାରନେଶ୍ କ୍ୟାମ୍ପେନ୍‌ରେ ମଧ ଆର୍ଯ୍ୟ ଜଡ଼ିତ ଥିବା କୁହାଯାଉଛି। ଅନୁଷ୍ଠିତ ମିସେସ୍ ଇଣ୍ଡିଆ ୟୁଏସ୍‌ଏ ପ୍ରତିଯୋଗିତାରେ ଆକ୍ସି ଜୈନ ୱିନ୍ କରିଥିବାବେଳେ ମିସ୍ ଟିନ୍ ଇଣ୍ଡିଆ ୟୁଏସ୍‌ଏରେ ତାନଭି ଗ୍ରୋଭର ବିଜୟଲାଭ କରିଛନ୍ତି। ଅନୁଷ୍ଠିତ ବ୍ୟୁଟି କମ୍ପିଟିଶନ୍‌ରେ ମୋଟ ୭୪ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଦେଶରେ ରହୁଥିବା ଭାରତୀୟଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଉଥିବା ଏ ପ୍ରକାର ପ୍ରତିଯୋଗିତା ସେମାନଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥିବା ୱାର୍ଲ୍ଡୱାଇଡ୍ ପିଜାଣ୍ଟର ସଂସ୍ଥାପକ ଏବଂ ସଭାପତି ଧର୍ମାତ୍ମା କହିଛନ୍ତି।

# ଜିତିଲେ ସ୍ତ୍ରୀ, ଶପଥ ନେଲେ ସ୍ୱାମୀ



ଭୋପାଳ: ମଧ ପ୍ରଦେଶ ଦାମୋହ ଜିଲା ଗାଇସାବାଦ୍ ପଞ୍ଚାୟତ ନିର୍ବାଚନକୁ ନେଇ ଏକ ରୋଚକ ଖବର ସାମ୍ନାକୁ ଆସିଛି। ନିକଟରେ ପଞ୍ଚାୟତ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ବିଜୟ ପ୍ରାର୍ଥୀଙ୍କ ପାଇଁ ଶପଥ ଗ୍ରହଣ ସମାରୋହର ଆୟୋଜନ ମଧ କରାଯାଇଛି। କିନ୍ତୁ ବିଜୟ ମହିଳା ପ୍ରାର୍ଥୀଙ୍କ ବଦଳରେ ସେମାନଙ୍କ ସ୍ୱାମୀମାନେ ଶପଥ ନେଇଛନ୍ତି। ତେବେ ରାଜ୍ୟରେ ଏ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ବିଜୟୀ ମହିଳାଙ୍କ ସ୍ୱାମୀମାନେ ଶପଥ ନେବା ଘଟଣା ପଦାକୁ ଆସିବା ପରେ ଜିଲା ଅଧିକାରୀ ପଞ୍ଚାୟତ ଅଫିସରଙ୍କୁ ରିପୋର୍ଟ ମାଗିଛନ୍ତି। ଅନୁସୂଚିତ ବର୍ଗର ଜଣେ ମହିଳା ପ୍ରାର୍ଥିନୀ ସରପଞ୍ଚ ନିର୍ବାଚନରେ ଜିତିଥିବାବେଳେ ଆଉ କେତେଜଣ ମହିଳା ଅନ୍ୟପଦ ଗୁଡ଼ିକ ପାଇଁ ଜିତିଛନ୍ତି। ଶପଥ ଗ୍ରହଣ ଉତ୍ସବରେ ବିଜୟୀ ମହିଳାଙ୍କ ବଦଳରେ ସେମାନଙ୍କ ସ୍ୱାମୀ ଶପଥ ନେବା ଅଭିଯୋଗ ହେବା ପରେ ସେମାନଙ୍କୁ ଅନୁମତି ଦେଇଥିବା ପଞ୍ଚାୟତ କର୍ମଚାରୀ ଫେରାର୍ ଥିବା ଜଣାପଡ଼ିଛି। ନିୟମ ବିରୋଧରେ କାର୍ଯ୍ୟ ହୋଇଥିବାବେଳେ ଯେ କେହି ବି ଏ ଘଟଣାରେ ଦୋଷୀ ସାବ୍ୟସ୍ତ ହେବେ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାମୋହ ପଞ୍ଚାୟତ ସିଇଓ ଅଜୟ ଶ୍ରୀବାସ୍ତବ କହିଛନ୍ତି।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

India's No.1 Company
ପ୍ରଥମ ଥର ଓଡିଶାରେ ଏମିତି ଅଫର, ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 80,000,00/- ପାଆନ୍ତୁ ଓ ମାସକୁ ଭଡା 80,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ



Belaundi, Amarpura, Kaimur, Bihar - 821109
Call or SMS
7735130553

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଇଞ୍ଜିନିୟର ପ୍ରସନ୍ନ କୁମାର ପଟ୍ଟନାୟକ
N-1/286, IRC Village, Nayapalli, Bhubaneswar-751015
ଆବିର୍ଭାବ-୨୧।୦୧।୧୯୪୩
ତିରୋଧାନ- ୨୯।୦୭।୨୦୨୨
ଶ୍ରାବଣ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥି
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ ସମସ୍ତଙ୍କ ନିକଟରେ ବିରାଟ ଶୂନ୍ୟତା ଭରି ଦେଇଛି। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପ୍ରାପ୍ତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପୁତ୍ର: ଦେବାଶିଷ ପଟ୍ଟନାୟକ, କନ୍ୟା: ଦେବସ୍ମିତା ପଟ୍ଟନାୟକ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୦୬

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ଉର୍ମିଳା ପାତ୍ର, ବୟସ-୮୪
କେନ୍ଦୁଡିହା, ବଡ଼ସାହି, ମୟୂରଭଞ୍ଜ
ତିରୋଧାନ: ୨୯।୦୭।୨୦୨୨
ଆପଣଙ୍କ ଅମାୟିକ ବ୍ୟବହାର, ଶ୍ରଦ୍ଧା, ତ୍ୟାଗ ଓ ପରୋପକାର ସବୁଦିନ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ଅମର ଆତ୍ମା ଚିରଶାନ୍ତି ଓ ସଦ୍‌ଗତି ପ୍ରାପ୍ତ କରିବା ପାଇଁ ପ୍ରଭୁ ଅଭିରାମ ପରମହଂସଙ୍କ ନିକଟରେ ପ୍ରାର୍ଥନା କରୁଛି।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୧୨୧୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନରେନ୍ଦ୍ର ପ୍ରଧାନ
ଗୌଡ଼ମାଳ, ଝାରବନ୍ଧ, ବରଗଡ଼
ଆବିର୍ଭାବ-୧୧।୦୨।୧୯୪୭
ତିରୋଧାନ- ୦୮।୦୮।୨୦୧୫
ଶୂନ୍ୟସ୍ଥାନ ଚିରଅପୂରଣୀୟ। ତୁମର ଅମାୟିକ ସ୍ନେହ, ଆଦର୍ଶ, ଭଲପାଇବା ସର୍ବଦା ପ୍ରେରଣାର ଉତ୍ସ ହେଉ। ମା' ରାମଚଣ୍ଡୀଙ୍କଠାରେ ବିନିତ ପ୍ରାର୍ଥନା।
-ଶୋକସନ୍ତପ୍ତ: ଲୋକେଶ୍ୱର, ଯୁଗଳ, ସୁବାସିନୀ, ଦୀପକ, ବବିତା, ଲିଲି, ପ୍ରକାଶ, ବବି, ଜ୍ୟୋତିର୍ମୟ, ପ୍ରୀତି, ଲକ୍ଷ୍ମଣ, ଅନିତା, ବିକାଶ, ଆକାଶ, ବବୁନ, ନିବିଶ ଏବଂ ପରିବାରବର୍ଗ।
ଧ-୧୨୧୫

ସପ୍ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଜ୍ୟୋତି ମହାନ୍ତି (ଝୁନୁ)
ବରୁଣେଇ ସାହି, ଖୋର୍ଦ୍ଧା
ମା' ଚାହୁଁ ଚାହୁଁ ଆଜିକୁ ସାତବର୍ଷ ହୋଇଗଲା। ତୁ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲୁ। ଆମ୍ଭର ଭଗବାନଙ୍କ ନିକଟରେ ପ୍ରାର୍ଥନା, ତୋ ଅମର ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ।
ଶୋକସନ୍ତପ୍ତ: ତୋର ପିଲାମାନେ।
ଧ-୧୧୧୪

# ଦ୍ୱୀପରେ ଫସିଛନ୍ତି ୮୦ ହଜାର ପର୍ଯ୍ୟଟକ



**ବେଜିଂ:** ଚାଇନା ହାୱାଇରେ ଥିବା ହାଇନାନ୍ ଦ୍ୱୀପରେ ୮୦ ହଜାର ପର୍ଯ୍ୟଟକ ଫସି ରହିଛନ୍ତି। କରୋନା ସଂକ୍ରମଣରେ ବୃଦ୍ଧି କାରଣରୁ ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନ ହଠାତ୍ ଲକ୍‌ଡାଉନ୍ ଲାଗୁ କରିବା ଯୋଗୁ ପର୍ଯ୍ୟଟକମାନେ ଫସିଥିବା କୁହାଯାଉଛି। ସ୍ଥାନୀୟ ଅଞ୍ଚଳରେ ସାଧାରଣ ଲୋକଙ୍କ ଯାତାୟାତ ଉପରେ କଟକଣା ଲାଗୁ କରାଯାଇଛି। ପର୍ଯ୍ୟଟକମାନଙ୍କୁ ୭ ଦିନ ରହିବା ପାଇଁ ସ୍ଥାନୀୟ ପ୍ରଶାସନ କହିଥିବାବେଳେ ସ୍ଥାନ ଛାଡ଼ିବା ପୂର୍ବରୁ କରୋନା ଟେଷ୍ଟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସହରରେ ୮୦ ହଜାର ପର୍ଯ୍ୟଟକ ଫସି ରହିଥିବା ହାୱାଇ ଡେପୁଟି ମେୟର୍ କହିଛନ୍ତି।

ସମର ଭାକେଶନ ପାଇଁ ହାୱାଇ ବିଚ୍ ଏବଂ ତତ୍‌ସଂଲଗ୍ନ ଅରଣ୍ୟର ମନୋହର ଦୃଶ୍ୟର ଚାହିଦା ଖୁବ୍ ବେଶି। ଏଠାରେ ଥିବା ହାଇଏଣ୍ଡ ହୋଟେଲରେ ପର୍ଯ୍ୟଟକଙ୍କ ସମାଗମ ଲାଗି ରହିଥାଏ। ସଂକ୍ରମଣରେ ବୃଦ୍ଧି କାରଣରୁ ସାନ୍ୟାରୁ ସମସ୍ତ ଫ୍ଲାଇଟ୍ ଏବଂ ଟ୍ରେନ୍‌ଗୁଡ଼ିକୁ ବାତିଲ୍ କରିଦିଆଯାଇଛି। ତେବେ ପର୍ଯ୍ୟଟକଙ୍କ ସୁବିଧାକୁ ନଜରରେ ରଖି ହୋଟେଲ ତରଫରୁ ରହଣିରେ ରିହାତି ଲାଗୁ କରାଯାଇଛି।

# ରହସ୍ୟମୟ ଆଣ୍ଟାର୍କଟିକା



ଇଂ. ମାୟାଧର ସ୍ୱାଇଁ

ନୈସର୍ଗିକ ଶୋଭାର ଭଣ୍ଡାର ହେଉଛି ଆଣ୍ଟାର୍କଟିକା। ପୃଥିବୀର ଦକ୍ଷିଣ ଭାଗକୁ ନେଇ ଏହି ବରଫାବୃତ୍ତ ଅଞ୍ଚଳ ଗଠିତ ଏବଂ ଏହା ହେଉଛି ସ୍ଥାୟୀ ଜନବସତିହୀନ ମହାଦେଶ। ଏଥିରେ ଭୌଗୋଳିକ ଦକ୍ଷିଣ ମେରୁ ଅଛି। ଏହାର ୯୮ ପ୍ରତିଶତ ଅଂଶ ବରଫରେ ଆଚ୍ଛାଦିତ। ଏଠାରେ ବରଫର ହାରାହାରି ଗଭୀରତା ହେଉଛି ଦୁଇ କି.ମି.। ପୃଥିବୀର ମୋଟ ମଧୁର ଜଳର ୭୦ ପ୍ରତିଶତ ଏହି ବରଫରେ ଅଛି। ଏହାର ସମସ୍ତ ବରଫ ତରଳିଗଲେ ପୃଥିବୀର ସମୁଦ୍ର ପତନ ୬୦ ମିଟର ବଢ଼ିଯିବ। ଏହା ହେଉଛି ସମସ୍ତ ମହାଦେଶ ମଧ୍ୟରେ ଅଧିକ ଥଣ୍ଡା ଓ ଶୁଷ୍କ ଏବଂ ଏଠାରେ ପ୍ରବଳ ବେଗରେ ପବନ ମଧ୍ୟ ପ୍ରବାହିତ ହୁଏ। ପୃଥିବୀର ନିମ୍ନତମ ତାପମାତ୍ର ବିୟୁକ୍ତ ୮୯.୨ ଡିଗ୍ରୀ ସେଲ୍‌ସିୟସର ରେକର୍ଡ ଏଠାରେ ଅଛି।

୬୬.୫ ଡିଗ୍ରୀ ଦକ୍ଷିଣ ଅକ୍ଷାଂଶକୁ ଆଣ୍ଟାର୍କଟିକା ବୃତ୍ତ କୁହାଯାଏ। ସେଠାରେ ଦକ୍ଷିଣ ମେରୁ ପର୍ଯ୍ୟନ୍ତ ଆଣ୍ଟାର୍କଟିକା ମହାଦେଶ ବ୍ୟାପ୍ତ। ଏହି ଅକ୍ଷାଂଶର ଦକ୍ଷିଣକୁ ଖରାଦିନେ ଅତିକମ୍‌ରେ ଗୋଟିଏ ଦିନ ସୂର୍ଯ୍ୟାସ୍ତ ହୁଏ ନାହିଁ (ଅର୍ଥାତ୍ ୨୪ ଘଣ୍ଟା ଦିନ) ଏବଂ ଶୀତଦିନେ ଅତିକମ୍‌ରେ ଗୋଟିଏ ଦିନ ସୂର୍ଯ୍ୟୋଦୟ ହୁଏ ନାହିଁ (ଅର୍ଥାତ୍ ୨୪ ଘଣ୍ଟା ରାତି)।

ଇଂରେଜୀ ନାବିକ କ୍ୟାପଟେନ୍ ଜେମ୍‌ସ କୁକ୍ ୧୭୭୨ ମସିହାରେ ପ୍ରଥମେ ଏହି ଅକ୍ଷାଂଶକୁ ଅତିକ୍ରମ କରି ଦକ୍ଷିଣକୁ ଯାଇଥିଲେ। ଅନେକ ଅଭିଯାନକାରୀ ଆଣ୍ଟାର୍କଟିକା ଅଭିଯାନରେ ଯାଇ ଏହାର ବିଭିନ୍ନ ସ୍ଥାନକୁ ଆବିଷ୍କାର କରିଥିଲେ। ନର୍‌ୱେର ରୋଲଡ୍ ଆମଣ୍ଡସନ୍ ଦକ୍ଷିଣ ମେରୁରେ ପହଞ୍ଚିବାରେ ପ୍ରଥମ ବ୍ୟକ୍ତି ଥିଲେ। ସେ ୪ ଜଣ ସହଯୋଗୀଙ୍କ ସହିତ ୧୯୧୧ ମସିହା ଡିସେମ୍ବର ୧୪ ତାରିଖରେ ସେଠାରେ ପହଞ୍ଚିଥିଲେ। ଏହାର ଏକମାସ ପରେ ୧୯୧୨ ମସିହା ଜାନୁୟାରୀ ୧୭ ତାରିଖରେ ଇଂଲଣ୍ଡର କ୍ୟାପଟେନ୍ ରବର୍ଟ ସ୍କଟ୍ ନିଜର ୪ ଜଣ ସହଯୋଗୀଙ୍କ ସହିତ ଦକ୍ଷିଣ ମେରୁରେ ପହଞ୍ଚିଥିଲେ। କିନ୍ତୁ ଫେରିବା ସମୟରେ ସେମାନେ ସମସ୍ତେ ବରଫ ଝଡ଼ରେ ପ୍ରାଣ ହରାଇଥିଲେ।

ନିକଟରେ ୬୦ ଡିଗ୍ରୀ ଅକ୍ଷାଂଶରୁ ଦକ୍ଷିଣକୁ ଥିବା ଏବଂ ଆଣ୍ଟାର୍କଟିକାକୁ ଘେରି ବଢ଼ିଥିବା ଜଳ ଅଂଶକୁ ନେଇ ଗୋଟିଏ ନୂତନ ମହାସାଗରର ନାମକରଣ କରାଯାଇଛି। ଏହାର ନାମ ହେଉଛି ଦକ୍ଷିଣ ମହାସାଗର କିମ୍ବା ଆଣ୍ଟାର୍କଟିକା ମହାସାଗର। ପୂର୍ବରୁ ଏହାକୁ ଘେରି କରି ଥିବା ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ ମହାସାଗର ଓ ଭାରତ ମହାସାଗରରୁ କିଛି ଅଂଶକୁ ନେଇ ଏହି ନୂତନ ମହାସାଗରର ସୃଷ୍ଟି କରାଯାଇଛି।

ଅନେକ ବର୍ଷ ପୂର୍ବେ ଆଜିର ଦକ୍ଷିଣ ଆମେରିକା, ଆଫ୍ରିକା, ମାଡାଗାସ୍କାର ଦ୍ୱୀପ, ଭାରତ, ଅଷ୍ଟ୍ରେଲିଆ ଓ ଆଣ୍ଟାର୍କଟିକା ମିଶି ଗୋଟିଏ ବିରାଗ ସ୍ଥଳ ଭାଗ ଥିଲା। ଏହାକୁ ଗୋଣ୍ଡୋୱାନଲାଣ୍ଡ କୁହାଯାଏ। କିନ୍ତୁ ଅନ୍ତଃମହାଦେଶୀୟ ଚଳନ ଫଳରେ ଏହି ଦେଶଗୁଡିକ ପରସ୍ପରଠାରୁ ଅଲଗା ହୋଇଯାଇଛି। ଏହି ସବୁ ଅଞ୍ଚଳରେ ସମାନ ପ୍ରକାର ଶିଳା ସ୍ତର ରହିଛି। ଜର୍ମାନୀ ଭୂତତ୍ତ୍ୱ ବିଜ୍ଞାନୀ ଆଲଫ୍ରେଡ୍ ୱେଗନର୍ ହେଉଛନ୍ତି ଏହି ଭୂଚଳନ ମତବାଦର ସ୍ରଷ୍ଟା।

ପୃଥିବୀର ୯୫ ପ୍ରତିଶତ ଅମ୍ଳଜାନ ଆଣ୍ଟାର୍କଟିକାର ଥଣ୍ଡା ଜଳରେ ରହିଛି। ଆଣ୍ଟାର୍କଟିକା ସାଗରର ସମଗ୍ର ପୃଥିବୀକୁ ପୁଷ୍ଟିସାର, ସ୍ନେହସାର, ଶ୍ୱେତସାର ଓ ଗ୍ଲୁକୋଜ୍ ଯୋଗାଇ ପାରିବାର କ୍ଷମତା ଥିବାର ଜୀବବିଜ୍ଞାନୀମାନେ କହିଥାଆନ୍ତି। ଏହାର ଜୀବ ମଧ୍ୟରେ ସିଲ୍ ମାଛ, ତିମି ଓ ପେଙ୍ଗୁଇନ୍ ପକ୍ଷୀ ଅନ୍ୟତମ।



''ବର୍ଷରେ ୧୦-୧୫ ଥର ରାତିରେ ଆଣ୍ଟାର୍କଟିକା ପୃଷ୍ଠରୁ ୬୫କିମିରୁ ୯୦୦ କିମି ପର୍ଯ୍ୟନ୍ତ ନାରଙ୍ଗୀ, ହଳଦିଆ, ସବୁଜ ଓ ବାଇଗଣୀ ରଙ୍ଗ ଆଲୋକର ଏକ ତରଙ୍ଗ ଦେଖାଯାଏ। ଏହାକୁ 'କୁମେରୁ ପ୍ରଭା' ବା ଦକ୍ଷିଣାଲୋକ କୁହାଯାଏ। ବିଭିନ୍ନ ବର୍ଣ୍ଣର ସମାବେଶ ଏହାକୁ ସୁନ୍ଦର କରି ଦେଖାଏ। ବାସ୍ତବରେ ସୂର୍ଯ୍ୟରୁ ନିର୍ଗତ ଚାର୍ଜଯୁକ୍ତ କଣିକା (ପ୍ରୋଟନ୍) ପୃଥିବୀର ଚୁମ୍ବକ ବଳୟ ସହିତ ପ୍ରତିକ୍ରିୟା କରିବା ଫଳରେ ଏହି ଆଲୋକମାଳା ସୃଷ୍ଟି ହୋଇଥାଏ।''



ବର୍ଷରେ ୧୦-୧୫ ଥର ରାତିରେ ଆଣ୍ଟାର୍କଟିକା ପୃଷ୍ଠରୁ ୬୫କିମିରୁ ୯୦୦ କିମି ପର୍ଯ୍ୟନ୍ତ ନାରଙ୍ଗୀ, ହଳଦିଆ, ସବୁଜ ଓ ବାଇଗଣୀ ରଙ୍ଗ ଆଲୋକର ଏକ ତରଙ୍ଗ ଦେଖାଯାଏ। ଏହାକୁ 'କୁମେରୁ ପ୍ରଭା' ବା ଦକ୍ଷିଣାଲୋକ କୁହାଯାଏ। ବିଭିନ୍ନ ବର୍ଣ୍ଣର ସମାବେଶ ଏହାକୁ ସୁନ୍ଦର କରି ଦେଖାଏ। ବାସ୍ତବରେ ସୂର୍ଯ୍ୟରୁ ନିର୍ଗତ ଚାର୍ଜଯୁକ୍ତ କଣିକା (ପ୍ରୋଟନ୍) ପୃଥିବୀର ଚୁମ୍ବକ ବଳୟ ସହିତ ପ୍ରତିକ୍ରିୟା କରିବା ଫଳରେ ଏହି ଆଲୋକମାଳା ସୃଷ୍ଟି ହୋଇଥାଏ।

ଆଣ୍ଟାର୍କଟିକା ଉପରିସ୍ଥ ଓଜୋନ୍ ସ୍ତରରେ ଛିଦ୍ର ସୃଷ୍ଟି ଯୋଗୁ ଏହା ବୈଜ୍ଞାନିକମାନଙ୍କର ଦୃଷ୍ଟିଆକର୍ଷଣ କରିଛି। ପୃଥିବୀ ପୃଷ୍ଠରୁ ୧୫-୩୦ କିମି ଉଚ୍ଚରେ ଷ୍ଟ୍ରାଟୋସ୍ଫିୟର ମଧ୍ୟରେ ପତଳା ସ୍ତରର ଓଜୋନ୍ ସ୍ତର ଅଛି, ଯାହା ପୃଥିବୀର ଜୀବଜଗତକୁ ସୂର୍ଯ୍ୟଠାରୁ ଆସୁଥିବା ଅତିବାଇଗଣୀ ରଶ୍ମି-ଖ ଠାରୁ ରକ୍ଷା କରେ। ଶୀତଦିନେ ଆଣ୍ଟାର୍କଟିକା ଉପରେ ଥିବା ଓଜୋନ୍ ସ୍ତରର ସ୍ଥୂଳତା ଅତିମାତ୍ରାରେ ହ୍ରାସ ପାଇ ଛିଦ୍ର ସଦୃଶ ହୋଇଯାଏ। ଏହାକୁ ଅନୁଧ୍ୟାନ କରି ଓଜୋନ୍ ସ୍ତରର ରକ୍ଷା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଚେଷ୍ଟା କରାଯାଉଛି ଏବଂ ଏହାକୁ କ୍ଷୟ କରୁଥିବା ରାସାୟନିକ ପଦାର୍ଥର ଉତ୍ପାଦନକୁ ବନ୍ଦ କରାଯାଇଛି।

ଆଣ୍ଟାର୍କଟିକାରେ ୪୨ଟି ଦେଶ ସ୍ଥାୟୀ ଗବେଷଣା କେନ୍ଦ୍ର ସ୍ଥାପନ କରି ବର୍ଷସାରା ଗବେଷଣା କରୁଛନ୍ତି। ଭାରତ ଏଠାରେ ୧୯୮୪ରେ 'ଦକ୍ଷିଣ ଗଙ୍ଗୋତ୍ରୀ', ୧୯୮୯ରେ 'ମୈତ୍ରୀ' ଏବଂ ୨୦୧୨ରେ ଭାରତୀ ଗବେଷଣା କେନ୍ଦ୍ର ସ୍ଥାପନ କରିଛି। ଏଠାରେ ମୁଖ୍ୟତଃ ଭୂତତ୍ତ୍ୱ ବିଜ୍ଞାନ, ମହାକାଶ ବିଜ୍ଞାନ ଓ ପାଣିପାଗ ବିଜ୍ଞାନ ଉପରେ ଗବେଷଣା କରାଯାଉଛି।

୧୯୫୯ ମସିହାରୁ ଆଣ୍ଟାର୍କଟିକା ଚୁକ୍ତି କାମ କରୁଛି। ଏହି ଅନୁଯାୟୀ ସେଠାରେ ସାମରିକ କାର୍ଯ୍ୟକଳାପ, ଖଣିଜ ଉତ୍ତୋଳନ, ପରମାଣୁ ବିସ୍ଫୋରଣ ଏବଂ ପରମାଣୁ ଅବଶେଷକୁ ପକାଇବା ନିଷେଧ କରାଯାଇଛି। ଏହି ଚୁକ୍ତିରେ ୫୪ଟି ଦେଶ ସ୍ୱାକ୍ଷର କରିଛନ୍ତି। ଭାରତ ୧୯୮୩ରେ ସ୍ୱାକ୍ଷର କରିଛି। ଏଠାରେ କେବଳ ଗବେଷଣା କରିବା ଓ ମାଛ ଧରିବା ହେଉଛି ମାନବିକ କାର୍ଯ୍ୟକଳାପ। ଖରାଦିନେ ଗବେଷଣା କେନ୍ଦ୍ରଗୁଡ଼ିକରେ ପ୍ରାୟ ୫୦୦୦ ଲୋକ ରହୁଥିବା ବେଳେ ଶୀତଦିନେ ଏହା ପ୍ରାୟ ୧୦୦୦କୁ କମିଯାଏ।

ଆଣ୍ଟାର୍କଟିକାର କେତେକ ଅଞ୍ଚଳ ଉପରେ ସାତଟି ଦେଶ ଯଥା- ଫ୍ରାନ୍ସ, ବ୍ରିଟେନ୍, ନ୍ୟୁଜିଲାଣ୍ଡ, ନର୍‌ୱେ, ଅଷ୍ଟ୍ରେଲିଆ, ଚିଲି ଓ ଆର୍ଜେଣ୍ଟିନା ନିଜର ସାର୍ବଭୌମତ୍ୱ ଘୋଷଣା କରିଛନ୍ତି। ତା'ସହ ଏଥିପାଇଁ ସେମାନଙ୍କ ଭିତରେ ବିବାଦ ସୃଷ୍ଟି ହୋଇଛି। କିନ୍ତୁ ସାମଗ୍ରିକ ଭାବେ ଆଣ୍ଟାର୍କଟିକାରେ କୌଣସି ଦେଶର ସାର୍ବଭୌମତ୍ୱକୁ ସ୍ୱୀକୃତି ଦିଆଯାଇନାହିଁ।

ଆମ ଦେଶର ଲୋକ ସଭାରେ 'ଭାରତୀୟ ଆଣ୍ଟାର୍କଟିକା ଆଇନ ୨୦୨୨' ଏହି ବର୍ଷ ଜୁଲାଇ ୨୨ରେ ପାରିତ ହୋଇଛି। ଏଥିରେ ଆଣ୍ଟାର୍କଟିକା ଚୁକ୍ତି, ଆଣ୍ଟାର୍କଟିକା ସାମୁଦ୍ରିକ ସମ୍ପଦ ସୁରକ୍ଷା କନ୍‌ଭେନ୍‌ସନ ଏବଂ ପରିବେଶ ସୁରକ୍ଷା ପ୍ରୋଟକଲ୍‌କୁ କାର୍ଯ୍ୟକାରୀ କରିବା ପାଇଁ ନିୟମ ରହିଛି। ଆଣ୍ଟାର୍କଟିକା ଅଭିଯାନରେ ଯାଉଥିବା ଭାରତର ପ୍ରତ୍ୟେକ ବ୍ୟକ୍ତି, ଜାହାଜ କିମ୍ବା ବିମାନ ପାଇଁ ଏହା ପ୍ରଯୁଜ୍ୟ ହେବ। ବହୁ ବର୍ଷ ଧରି ଅକ୍ଷତ ଥିବା ଆଣ୍ଟାର୍କଟିକା ମଧ୍ୟ ଏବେ ପ୍ରଦୂଷଣର ଶିକାର ହେଲାଣି। ଗବେଷଣା କେନ୍ଦ୍ରଗୁଡିକରୁ ନିର୍ଗତ ରାସାୟନିକ ପଦାର୍ଥ ଏହାକୁ ପ୍ରଦୂଷିତ କରୁଛି। ପରୀକ୍ଷାରୁ ପେଙ୍ଗୁଇନ୍ ଓ ସିଲ୍ ତନ୍ତୁରେ ଡିଡିଟି ଥିବା ଜଣାପଡିଛି। ପୁନଶ୍ଚ ଜାଗତିକ ଉଷ୍ମତା ବୃଦ୍ଧି ଯୋଗୁ ଏହାର ବରଫ କ୍ରମେ ତରଳିବାକୁ ଲାଗିଲାଣି। ଏହାକୁ ରକ୍ଷା କରିବା ହେଉଛି ମାନବ ସମାଜର କର୍ତ୍ତବ୍ୟ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## କ୍ୟାନ୍‌ସର ଆଣ୍ଟିବଡି ଓ ଯୋଗ



ଆମ ଶରୀରରେ କ୍ୟାନ୍‌ସର ଆଣ୍ଟିବଡି ସନ୍ତୁଳିତ ରହିଲେ ଏପରି ରୋଗ ଦ୍ୱାରା ଆମେ ଆକ୍ରାନ୍ତ ହେବାର ଆଶଙ୍କା କେତେକାଂଶରେ କମ୍ ଥାଏ। ତେବେ ଏହାର ପରିମାଣ କିପରି ଆମ ଶରୀରରେ ଠିକ୍ ରହିବ ସେ ନେଇ ଆମେ ଯତ୍ନବାନ୍ ହେବା ଦରକାର। ନିକଟରେ ଏକ ଗବେଷଣାରୁ ଏ ନେଇ ନୂଆ ସୂଚନା ମିଳିଛି। ୟୁନିଭର୍ସିଟି ଅଫ୍ ସିଓଲର କ୍ୟାନ୍‌ସର ବିଜ୍ଞାନୀମାନେ ଏପରି ଗବେଷଣାରୁ ଜାଣିପାରିଛନ୍ତି ଯେ, ମନୁଷ୍ୟ ଶରୀରରେ କ୍ୟାନ୍‌ସର ଆଣ୍ଟିବଡି ସୃଷ୍ଟି ପାଇଁ ଯୋଗର ମଧ୍ୟ ଭୂମିକା ରହିଛି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଯୋଗର ଉପକାରୀ ତତ୍ତ୍ୱ ଉପରେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ତାଙ୍କ ଶରୀରରେ କ୍ୟାନ୍‌ସର ଆଣ୍ଟିବଡି ଅଧିକ ପରିମାଣରେ ସୃଷ୍ଟି ହୋଇଥାଏ। ତେବେ ଯୋଗ କରିବା ସହ ଖାଦ୍ୟପେୟ, ଦୈନନ୍ଦିନ ଜୀବନଶୈଳୀ ଏବଂ ନିଜର ଶରୀରର ରୋଟିନ୍ ଚେକ୍‌ଅପ୍ ପ୍ରତି ନଜର ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ମୋଟର ସ୍କିଲ୍ ଥେରାପି



ଆଜିକାଲି ଚିକିତ୍ସା ବିଜ୍ଞାନ କେତେ ଉନ୍ନତ ସ୍ତରରେ ପହଞ୍ଚିଛି ତାହା କହିବା ଅନାବଶ୍ୟକ। ଅନେକ ପ୍ରକାରର ଜଟିଳ ରୋଗର ସହଜ ଚିକିତ୍ସା କରାଯାଇପାରୁଛି। ଏପରି କି କ୍ୟାନ୍‌ସର ଭଳି ମାରାତ୍ମକ ରୋଗକୁ ପ୍ରାରମ୍ଭିକ ସ୍ତରରେ ନିରୂପଣ କରି ତାହାର ଉପଯୁକ୍ତ ଚିକିତ୍ସା କରିବା ଦ୍ୱାରା କେତେକେ ଏଥିରୁ ଆରୋଗ୍ୟ ଲାଭ କରିପାରୁଛନ୍ତି। ବର୍ତ୍ତମାନ ବ୍ରେନ୍ ଷ୍ଟ୍ରୋକ୍ ଅନ୍ୟତମ ଚିନ୍ତାର କାରଣ ସାଜିଛି। ବେଳେବେଳେ ଏହାର ଠିକ୍ ସମୟରେ ଚିକିତ୍ସା ନ କଲେ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁବରଣ କରିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହାର ଚିକିତ୍ସା ତାଲିକାରେ ଏକ ନୂଆ ଉପାୟରେ ନିକଟରେ ଅନ୍ତର୍ଭୁକ୍ତ କରାଯାଇଛି। ତାହା ହେଲା 'ମୋଟର ସ୍କିଲ୍ ଥେରାପି'। ଏହାକୁ ଅନୁସରଣ କରି ବ୍ରେନ୍ ଷ୍ଟ୍ରୋକ୍ ସମସ୍ୟାରୁ ଜଣେ ବ୍ୟକ୍ତି କେତେକାଂଶରେ ଉପଶମ ଲାଭ କରିପାରୁଛି। ଜର୍ଜ ଟାଉନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏଭଳି ଥେରାପିକୁ ପରୀକ୍ଷା କରି ସଫଳତା ହାସଲ କରିଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କର ମସ୍ତିଷ୍କ ଧୀରେ ଧୀରେ କାର୍ଯ୍ୟ କରିବା ଆରମ୍ଭ କରିଥାଏ। ତେବେ କେତେକଙ୍କ କ୍ଷେତ୍ରରେ ଏଭଳି ଥେରାପି ଶୀଘ୍ର କାର୍ଯ୍ୟ କରିଥାଏ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ହେଲେ ବ୍ରେନ୍ ଷ୍ଟ୍ରୋକ୍ ହେବା ସଙ୍ଗେ ସଙ୍ଗେ ରୋଗୀକୁ ତୁରନ୍ତ ହସ୍‌ପିଟାଲରେ ଭର୍ତ୍ତି କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଜୀବନଶୈଳୀକୁ ପ୍ରଭାବିତ କରେ ଶୟନରେ ଅନିୟମିତତା

ଖାଇବା ଓ ଶୋଇବା-ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଓ ଠିକ୍ ସମୟରେ ଆବଶ୍ୟକ ପରିମାଣର ଶୋଇବା ଆମ ସ୍ୱାସ୍ଥ୍ୟ ପ୍ରତି ନିହାତି ଜରୁରୀ। ନିକଟରେ ଲଣ୍ଡନ ୟୁନିଭର୍ସିଟି ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯେଉଁମାନେ ଶୋଇବାରେ ଅନିୟମିତତା କରନ୍ତି ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀ ଏହାଦ୍ୱାରା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ରାତିରେ ଆବଶ୍ୟକ ମୁତାବକ ନ ଶୋଇବା ଫଳରେ ତାହାର ପ୍ରଭାବ ମାନସିକତା ଉପରେ ପଡିଥାଏ। ଫଳରେ ତା'ପର ଦିନ ସକାଳୁ ଶଯ୍ୟା ତ୍ୟାଗ କରିବା ପରେ ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ରୁଟିନ୍‌କୁ ଠିକ୍ ଭାବରେ ପ୍ରସ୍ତୁତ କରିବାରେ କେତେକାଂଶରେ ଅସଫଳ ହୋଇଥାଏ। ଶୟନରେ ଅନିୟମିତା ସହ ଜଡିତ କେତେକ ବ୍ୟକ୍ତିଙ୍କ ଜୀବନଶୈଳୀକୁ ତର୍ଜମା କରି ଏକଥା ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିପାରିଛନ୍ତି। ତେଣୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଜଣେ ବ୍ୟକ୍ତି ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



## କୋଲେଷ୍ଟ୍ରଲ ସନ୍ତୁଳିତ ରଖିବାର ସହଜ ଉପାୟ

ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ନ ହେଲେ ଏହା ହୃଦ୍‌ଜନିତ



ସମସ୍ୟାର କାରଣ ସାଜିଥାଏ। ତେବେ ଏହାକୁ ସନ୍ତୁଳିତ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ଆପଣ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଅଙ୍ଗୁର ସାମିଲ କରନ୍ତୁ। ଏହାଦ୍ୱାରା କୋଲେଷ୍ଟରଲ ଅନେକାଂଶରେ ସନ୍ତୁଳିତ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି। ଅନ୍ୟପକ୍ଷରେ ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି। ଅଙ୍ଗୁରରେ ଥିବା ଲୁଟେନ୍, ଜିଜାନ୍‌ଥିନ୍ ତତ୍ତ୍ୱଗୁଡ଼ିକ ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ। ଅଙ୍ଗୁରର ଆଉ ଏକ ଖାସ୍ ଗୁଣ ରହିଛି। ଏହାକୁ ନିୟମିତ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବଢ଼ିବା ସହ ମସ୍ତିଷ୍କ କାର୍ଯ୍ୟଧାରା ଆହୁରି ସକ୍ରିୟ ହୋଇଥାଏ। ଏହା ମଧ୍ୟ ଅସ୍ଥିକୁ ମଜଭୁତ ରଖିଥାଏ। ଏଥିରେ ଭିଟାମିନ୍-ସି ପରିମାଣ ଅଧିକ ଥିବାରୁ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ୍, ଇଷ୍ଟଆଦି ସଂକ୍ରମଣରୁ ମଧ୍ୟ ଏହା ଆମକୁ ସୁରକ୍ଷା ପ୍ରଦାନ କରେ।

## ସ୍ୱାସ୍ଥ୍ୟ ସୂଚନା

- ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖିବା ଦରକାର।
- ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପକୁ ଡାକି ଆଣିଥାଉ। ତେଣୁ ଏପରି ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ।



- ବର୍ଷାଦିନେ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ତଥା ଅଧିକ ତେଲମସଲାଯୁକ୍ତ ଖାଦ୍ୟ ପେଟଜନିତ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଏଭଳି ଖାଦ୍ୟ ପ୍ରତି ସତର୍କ ରହିବା ଦରକାର।
- ଚର୍ବିଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।
- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

# ପିଲାଙ୍କ କୃମି ସମସ୍ୟା ଓ ନିରାକରଣ



ବିରାଟରାଜା ପଧାନ

ସୁସ୍ଥ ଓ ନୀରୋଗ ରହିବା ପାଇଁ କିଏ ବା ନ ଚାହେଁ? ବିଭିନ୍ନ ପ୍ରକାର ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ କରି ନୀରୋଗ ରହିବାର ବାଟ ଆମେ ସମସ୍ତେ ଖୋଜିଥାଉ। ଏକ ଆନନ୍ଦଦାୟକ ଜୀବନ ଶୈଳୀ ପାଇଁ ଆମେ ସର୍ବଦା ଚେଷ୍ଟିତ। ତେବେ କେତେକ ଏପରି ରୋଗ ଅଛି, ଯାହାକି ଅଜାଣତରେ ଆମର ଶତ୍ରୁ ପାଲଟିଯାଇଥାଏ। ସେଥିମଧ୍ୟରୁ କୃମି ରୋଗ ହେଉଛି ଅନ୍ୟତମ। ବିଶେଷକରି ପିଲାଙ୍କ କୃମି ରୋଗ ହେଉଛି ଅନ୍ୟତମ। ପ୍ରତିବର୍ଷ ସରକାରଙ୍କ ତରଫରୁ ଗୋଟିଏ ଦିନକୁ ଜାତୀୟ କୃମିନାଶକ ଦିବସ ଭାବରେ ପାଳନ କରାଯାଇଥାଏ। ବର୍ଷକୁ ସାଧାରଣତଃ ଦୁଇଥର ଅଗଷ୍ଟ ଓ ଫେବୃୟାରୀ ମାସର ନିର୍ଦ୍ଦିଷ୍ଟ ଦିନ ପାଳନ କରାଯାଏ। ଏହି ଦିନ ୧ ବର୍ଷରୁ ୧୯ ବର୍ଷର ପ୍ରତ୍ୟେକ ପିଲାଙ୍କୁ କୃମିନାଶକ ବଟିକା ଦିଆଯାଏ। ଏହା ଆମ ସରକାରଙ୍କ ତରଫରୁ ମାଗଣାରେ ଯୋଗାଇ ଦିଆଯାଏ।

**କୃମି ସଂକ୍ରମଣ ଦ୍ୱାରା ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ:** ଅନେକ ସମୟରେ କୃମି ସଂକ୍ରମଣ ଯୋଗୁ ପିଲାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ସେଗୁଡିକ ମଧ୍ୟରେ କିଛି କାରଣ ହେଲା ରକ୍ତହୀନତା, ଭୋକ ନ ଲାଗିବା, କୁପୋଷଣ, ଦୁର୍ବଳ ଓ ଉଦ୍‌ବେଗ ଅନୁଭବ କରିବା, ପେଟ କାଟିବା, ବାନ୍ତି ହେବା, ତରଳ ଝାଡ଼ା, ଓଜନ କମ୍ ହେବା।



**କୃମି ନିୟନ୍ତ୍ରଣ କରିବା କିପରି:** କୃମି ଥିଲେ ଅନେକ ସମୟରେ ପିଲାମାନେ ପିଚା ଭିତରେ କୁଣ୍ଡାଇ ଥାଆନ୍ତି। ଏଥିରୁ ଆମେ ଅନୁମାନ କରିପାରିବା ବା ଅନେକ ସମୟରେ ପିଲାଙ୍କ ଝାଡ଼ାରେ କୃମି ଆସନ୍ତି। ଆମ ଶରୀରରେ କୃମି ନିୟନ୍ତ୍ରିତ ହେଲେ ରକ୍ତହୀନତା ହେବ ନାହିଁ। ଅର୍ଥାତ୍ ଆମର ଲୋହିତ ରକ୍ତକଣିକାର ପରିମାଣ ବୃଦ୍ଧି ହେବ। ଆମର ପୋଷଣ ସ୍ତରରେ ଉନ୍ନତି ହେବ। ପିଲାଙ୍କୁ ପାଠପଢ଼ା ପ୍ରତି ଆଗ୍ରହ ଦେଖାଯିବ ଓ ବିଦ୍ୟାଳୟକୁ ନିୟମିତ ଯାଇପାରିବେ।

**କୃମିନାଶକ ବଟିକା କିପରି କାମ କରେ:** କୃମିନାଶକ ବଟିକା ଖାଇବା ଦ୍ୱାରା ପିଲାଙ୍କ ପୂର୍ଣ୍ଣାଙ୍ଗ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି ପାଇପାରିବ। କୃମିନାଶକ ବଟିକା ଆଲବେଣ୍ଡାଜୋଲ୍ ଖାଇବା ଦ୍ୱାରା କୌଣସି ପ୍ରତିକୂଳ ପ୍ରଭାବ ପଡେ ନାହିଁ। ଏହା ସମ୍ପୂର୍ଣ୍ଣ ନିରାପଦ। ବେଳେ ବେଳେ ବଟିକା ତଣ୍ଟିରେ ଲାଖିଯାଏ। ଏଣୁ ଏହାକୁ ସର୍ବଦା ଚକୋଲେଟ ପରି ଖାଇବା ଉଚିତ ବା ଚୋବାଇ ଚୋବାଇ ଖାଇପାରିବେ।

**କେଉଁଠାରେ ଖାଇବେ ଓ କେଉଁଠାରେ ଦିଆଯାଏ:** ଏହା ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ଯୋଗାଇ ଦିଆଯାଇଥାଏ। ସେହିପରି ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ସ୍କୁଲରେ ଏହି ବଟିକା ଖାଇପାରିବେ। ଅଣପଞ୍ଜୀକୃତ ଓ ବିଦ୍ୟାଳୟକୁ ଯାଉ ନ ଥିବା ପିଲା ମଧ୍ୟ ଏହା ଖାଇପାରିବେ। ସେମାନେ ସ୍ୱାସ୍ଥ୍ୟ କର୍ମୀଙ୍କଠାରୁ ଏହା ଖାଇବେ। ଏହା ପ୍ରଶିକ୍ଷିତ ଶିକ୍ଷକ ଓ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଦିଆଯିବ।

**କୃମି ସଂକ୍ରମଣରୁ ଦୂରେଇ ରହିବାର ଉପାୟ:** ସର୍ବଦା ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା। ଖୋଲାରେ ମଳତ୍ୟାଗ କରିବା ନାହିଁ। ସବୁବେଳେ ଶୌଚାଳୟ ବ୍ୟବହାର କରିବା। ଖାଲିପାଦରେ ଚାଲିବା ନାହିଁ। ନିୟମିତ ଜୋତା, ଚପଲ ବ୍ୟବହାର କରିବା। ନିଜ ପରିବେଶ ଓ ଚତୁଃପାର୍ଶ୍ୱ ପରିଷ୍କାର ରଖିବା। ନିଜ ନଖ ପରିଷ୍କାର ରଖିବା ଓ ଛୋଟ ରଖିବା। ଖାଇବା ପୂର୍ବରୁ ଓ ଶୌଚ ପରେ ସାବୁନରେ ଭଲ ଭାବରେ ହାତ ଧୋଇବା। ଖାଦ୍ୟପଦାର୍ଥକୁ ସର୍ବଦା ଘୋଡ଼ାଇ ରଖିବା। ପନିପରିବା ବ୍ୟବହାର କରିବା ପୂର୍ବରୁ ଭଲ ଭାବରେ ପାଣିରେ ଧୋଇବା।

-ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା
ମୋ: ୯୪୩୯୯୮୯୯୪୧

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ସୋମବାର, ଅଗଷ୍ଟ ୮/୨୦୨୨ | Bhubaneswar, | Monday, August 8/ 2022






ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବକ୍ସିଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ଅମିତ ପଙ୍ଘାଲ ଓ ନିତୁ ଘଙ୍ଘାସ।



ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ମହିଳା ହକି ଦଳ।

# ଟେବୁଲ ଟେନିସରେ ଭାରତକୁ ରୌପ୍ୟ



ଜାଭେଲିନ ଥ୍ରୋ ଅବସରରେ ଅନୁ ରାଣୀ।





ଟେବୁଲ ଟେନିସ ପୁରୁଷ ଡବଲ୍ସ ଫାଇନାଲ ଖେଳୁଛନ୍ତି ଭାରତର ଅଚନ୍ତ ଶରଥ କମଲ ଓ ଜି. ସାଥିୟାଁ।

**ବର୍ମିଂହାମ୍, ୭।୮:** ଭାରତର ଅଚନ୍ତ ଶରଥ କମଲ ଓ ଜି. ସାଥିୟାଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଟେବୁଲ ଟେନିସ ପୁରୁଷ ଡବଲ୍ସ ମ୍ୟାଚ ହାରିଯାଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେମାନେ ଗତଥରର ଚାମ୍ପିୟନ ଇଂଲଣ୍ଡର ପଲ୍ ଡ୍ରିଙ୍କ୍‌ହଲ୍/ ଲିଆମ ପିଚ୍‌ଫୋର୍ଡ ଯୋଡ଼ିଙ୍କଠାରୁ ୧୧-୮, ୮-୧୧, ୩-୧୧, ୧୧-୭, ୪-୧୧ରେ ହାରିଯାଇଥିଲେ। ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ଗତ ସଂସ୍କରଣ ଫାଇନାଲ ଏହି ଦୁଇ ଯୋଡ଼ିଙ୍କ ମଧ୍ୟରେ ହୋଇଥିଲା।

**ରେସ୍‌ୱାକ୍‌ରେ ସନ୍ଦୀପଙ୍କୁ ବ୍ରୋଞ୍ଜ୍**

ଭାରତର ସନ୍ଦୀପ କୁମାର ପୁରୁଷ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୧୦, ୦୦୦ ମିଟର ରେସ୍‌ୱାକ୍ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ଜିତିଛନ୍ତି। କୁମାର ୩୮:୪୯.୨୧ ମିନିଟ୍ ଟାଇମିଂରେ ସ୍ୱର୍ଣ୍ଣ ପଦକ ବିଜେତା କାନାଡ଼ାର ଇଭାନ ଡନ୍‌ଫି (୩୮:୩୬.୩୭) ଓ ଅଷ୍ଟ୍ରେଲିଆର ଡେକ୍ଲାନ୍ ଟିଙ୍ଗେ (୩୮:୪୨.୩୩)ଙ୍କ ପଛରେ ରହିଥିଲେ। ଅନ୍ୟ ଜଣେ ଭାରତୀୟ ଅମିତ ଖାତ୍ରୀ ସିଜନ ଶ୍ରେଷ୍ଠ ଟାଇମିଂ ୪୩:୦୪.୯୭ ସହ ନବମ ସ୍ଥାନ ଅଧିକାର କରିଥିଲେ।

**ଅନୁ ରାଣୀଙ୍କୁ ଜାଭେଲିନ୍‌ରେ ବ୍ରୋଞ୍ଜ୍**

ଅନୁ ରାଣୀ ଭାରତର ପ୍ରଥମ ଜାଭେଲିନ୍ ଥ୍ରୋୟର ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ପଦକ ଜିତିଛନ୍ତି। ରବିବାର ସେ ତାଙ୍କ ଚତୁର୍ଥ ପ୍ରଚେଷ୍ଟାରେ ୬୦ ମିଟର ଥ୍ରୋ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆର କେଲ୍‌ସି-ଲି ବାର୍ବର ଫାଇନାଲ ରାଉଣ୍ଡରେ ୬୪.୪୩ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ଜିତିଥିବା ବେଳେ ତାଙ୍କ ଦେଶର ମ୍ୟାକେଞ୍ଜି ଲିଟଲ (୬୪.୨୭ ମିଟର) ରୌପ୍ୟ ପଦକ ଜିତିଥିଲେ। ରାଣୀଙ୍କ ପୂର୍ବରୁ କାଶୀନାଥ ନାୟକ ଓ ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରା ପୁରୁଷ ଜାଭେଲିନ୍ ଥ୍ରୋରେ ଯଥାକ୍ରମେ ଏକ ବ୍ରୋଞ୍ଜ ଓ ଗୋଟିଏ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ନାୟକ ୨୦୧୨ ଦିଲ୍ଲୀ ଗେମ୍ସରେ ପଦକ ଜିତିଥିବା ବେଳେ ଚୋପ୍ରା ୨୦୧୮ ଗୋଲ୍ଡକୋଷ୍ଟରେ ସ୍ୱର୍ଣ୍ଣ ହାସଲ କରିଥିଲେ।

# ସିନ୍ଧୁ, ସେନ୍ ଫାଇନାଲରେ

**ବର୍ମିଂହାମ୍, ୭।୮(ପି.ଟି.):** ଡବଲ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସରେ ସ୍ୱର୍ଣ୍ଣ ସମ୍ଭାବନା ସୃଷ୍ଟି କରିଥିବା ବେଳେ ଲକ୍ଷ୍ୟ ସେନ୍ ପ୍ରଥମଥର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ଏହି ଦୁଇ ଖେଳାଳି ଅତିକମ୍‌ରେ ରୌପ୍ୟ ପଦକ ପକ୍କା କରିଛନ୍ତି। ରବିବାର ୪୯ ମିନିଟ୍‌ରେ ଶେଷ ହୋଇଥିବା ଏକ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲାରେ ସିନ୍ଧୁ ସିଙ୍ଗାପୁରର ୟେଓ ଜିଆ ମିନ୍‌ଙ୍କୁ ୨୧-୧୯, ୨୧-୧୭ରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତର ଏହି ଷ୍ଟାର ଖେଳାଳି ପୂର୍ବରୁ ୨୦୧୮ ଓ ୨୦୧୪ ସଂସ୍କରଣରେ ଗୋଟିଏ କରି ରୌପ୍ୟ ଓ ବ୍ରୋଞ୍ଜ ଲାଭ କରଇଥିଲେ। ପରେ ଖେଳାଯାଇଥିବା ଏକ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ବିଶ୍ୱର ୧୦ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ସେନ୍ ୨୧-୧୦, ୧୮-୨୧, ୨୧-୧୬ରେ ୮୭ ର୍‍ୟାଙ୍କିଂପ୍ରାପ୍ତ ସିଙ୍ଗାପୁରର ଜିଆ ହେଙ୍ଗ୍ ତେହ୍‌ଙ୍କୁ ହରାଇ ଦେଇଥିଲେ।

# ମହିଳା ହକି ଦଳକୁ ବ୍ରୋଞ୍ଜ୍

**ନୂଆଦିଲ୍ଲୀ,୭।୮(ପି.ଟି)**

୧୬ ବର୍ଷର ପଦକ ମରୁଡ଼ିର ଅନ୍ତ ଘଟାଇ ଭାରତୀୟ ମହିଳା ହକି ଦଳ ଜିତିଛି ରାଜ୍ୟଗୋଷ୍ଠୀ ବ୍ରୋଞ୍ଜ୍ ପଦକ। ଗୋଲ୍‌କିପର ତଥା ଅଧିନାୟିକା ସବିତା ପୁନିଆଙ୍କ ଚମତ୍କାର ପ୍ରଦର୍ଶନ ସହିତ ଦଳ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୨-୧ରେ ବିଜୟୀ ହୋଇଛି। ମ୍ୟାଚ୍‌ର ୨୯ତମ ମିନିଟ୍‌ରେ ସଲିମା ଟେଟେ ଭାରତ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଶେଷହେବାକୁ ଆଉ ମାତ୍ର ୩୦ ସେକେଣ୍ଡ ବାକି ରହିଥିବା ବେଳେ ନ୍ୟୁଜିଲାଣ୍ଡକୁ ମିଳିଥିଲା ପେନାଲ୍ଟି କର୍ନର। ପେନାଲ୍ଟିକୁ ଗୋଲରେ ପରିଣତ କରିବା ସହିତ ମ୍ୟାଚ୍‌କୁ ବରାବର ସ୍ତରକୁ ଆଣିଥିଲା ନ୍ୟୁଜିଲାଣ୍ଡ। ମ୍ୟାଚ୍‌ର ଅନ୍ତିମ ଅଢ଼େଇ ମିନିଟ୍‌ରେ ବିପଜ୍ଜନକ ଖେଳ ପାଇଁ ଲାଲ୍‌ରେମସିଆମିଙ୍କୁ ୟେଲୋ କାର୍ଡ ମିଳିବା ଦ୍ୱାରା ୧୦ ଜଣିଆ ଦଳ ସହିତ ଖେଳିଥିଲା ଭାରତ। ପେନାଲ୍ଟି ଶୁଟ୍‌ଆଉଟକୁ ମ୍ୟାଚ୍ ଯାଇଥିବା ବେଳେ ୩ଟି ଗୋଲ ରୋକିବା ସହିତ ଭାରତକୁ ପଦକ ପ୍ରଦାନ କରିଥିଲେ ସବିତା। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ପରାଜୟକୁ ଭୁଲି ଭାରତୀୟ ଦଳ ଦୃଢ଼ ଆରମ୍ଭ କରିଥିଲା। ଭାରତୀୟ ଫରୱାର୍ଡମାନେ ଘନ ଘନ ଆକ୍ରମଣ କରିଥିଲେ ହେଁ ନ୍ୟୁଜିଲାଣ୍ଡ ଡିଫେନ୍ସ ଭେଦ କରିବାରେ ସମର୍ଥ ହୋଇ ନ ଥିଲେ।

ଶୁଟ୍‌ଆଉଟରେ ନ୍ୟୁଜିଲାଣ୍ଡ ପକ୍ଷରୁ ମେଗାନ ହଲ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାର ପରବର୍ତ୍ତୀ ୩ଟି ଶଟ୍‌କୁ ଅଟକାଇଥିଲ ସବିତା। ସେ ରୋଜ୍ ଟାଇନାନ, କେଟି ଡୋଆର ଏବଂ ଅଲିଭିଆ ଶାନନ୍‌ଙ୍କ ଶଟ୍‌କୁ ଅଟକାଇଥିଲେ। ଭାରତ ପକ୍ଷରୁ ସୋନିକା ଓ ନବନୀତ କୌର ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ୨-୧ରେ ବିଜୟୀ ହୋଇଥିଲା ଭାରତ। ମ୍ୟାଚ ବିଜୟ ପରେ ଅଧିନାୟିକା ସମସ୍ତ ଶ୍ରେୟ କୋଚ୍ ଜାନେକ୍ ଶପ୍‌ମ୍ୟାନ୍‌ଙ୍କୁ ପ୍ରଦାନ କରିଛନ୍ତି। ପେନାଲ୍ଟି ଶୁଟ୍‌ଆଉଟ ସମୟରେ ଗୋଲ୍‌କିପରଙ୍କ ଉପରେ ଅତିରିକ୍ତ ଚାପ ରହିଥାଏ। ମାତ୍ର ଶପମ୍ୟାନ୍‌ଙ୍କ ପରାମର୍ଶ ମୋତେ ଚାପମୁକ୍ତ ରଖିବାରେ ସାହାଯ୍ୟ କରିଥିଲା ବୋଲି କହିଛନ୍ତି ପୁନିଆ।

# ପଦକ ବିଜେତାଙ୍କ ପାଇଁ ଏୟାର ଇଣ୍ଡିଆର ସ୍ୱତନ୍ତ୍ର ପରୀକ୍ଷା

**ନୂଆଦିଲ୍ଲୀ, ୭।୮ (ପି.ଟି):** ରାଜ୍ୟଗୋଷ୍ଠୀ ପଦକ ବିଜୟୀ ନବନୀତ ସିଂଙ୍କ ପାଇଁ ସ୍ୱତନ୍ତ୍ର ପରୀକ୍ଷା କରିବ ଏୟାର ଇଣ୍ଡିଆ। ପ୍ରଥମଥର ପାଇଁ ରୌପ୍ୟ ପଦକ ଜିତିଥିବା ପୁରୁଷ ଦଳର ସେ ସର୍ବକନିଷ୍ଠ ସଦସ୍ୟ ଅଟନ୍ତି। କମର୍ସିଆଲ ପାଇଲଟ ହେବାକୁ ଲକ୍ଷ୍ୟ ରଖିଥିବା ନବନୀତ ୭।୮।୨୨ ରବିବାର ହେବାକୁଥିବା ପରୀକ୍ଷାରେ ଯୋଗଦେବାରେ ଅସମର୍ଥ ଥିଲେ। ତେବେ ଶନିବାରର ରୌପ୍ୟ ପଦକ ପରେ ଏୟାର ଇଣ୍ଡିଆ ପକ୍ଷରୁ ସ୍ୱତନ୍ତ୍ର ଘୋଷଣା କରାଯାଇଛି। ଆସନ୍ତା ମାସରେ ନବନୀତଙ୍କ ପାଇଁ ଏକ ସ୍ୱତନ୍ତ୍ର ପରୀକ୍ଷା କରାଯିବ ବୋଲି କୁହାଯାଇଛି। ପଦକ ଜିତିବା ପରେ ନବନୀତ କହିଥିଲେ, ନିକଟରେ ମୋତେ ପାଇଲଟ ଲାଇସେନ୍ସ ମିଳିଥିଲା। ଆସନ୍ତା କାଲି (ରବିବାର)ମୋର ପରୀକ୍ଷା ରହିଥିବା ବେଳେ ପହଞ୍ଚିବା ସମ୍ଭବ ନୁହେଁ। ତେବେ ଦେଶ ପାଇଁ ପଦକ ଜିତିଥିବାରୁ ଖୁସି ଲାଗୁଛି। ରବିବାର ଏୟାର ଇଣ୍ଡିଆ ପକ୍ଷରୁ ଟୁଇଟ୍ ଜରିଆରେ ନବନୀତଙ୍କୁ ଶୁଭେଚ୍ଛା ସହିତ ସ୍ୱତନ୍ତ୍ର ପରୀକ୍ଷା ସମ୍ପର୍କରେ କୁହାଯାଇଥିଲା।



ମହିଳା ୫୦ କେଜି ବକ୍ସିଂ ଫାଇନାଲ ଅବସରରେ ନର୍ଦର୍ନ ଆୟର୍ଲାଣ୍ଡର କାର୍ଲି ମ୍ୟାକ ନଉଲଙ୍କୁ ପଞ୍ଚ୍ ମାରୁଛନ୍ତି ଭାରତର ନିଖତ ଜରିନ (ଡାହାଣ)।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୬୨ | ୫୨ | ୫୨ | ୧୬୬ |
| ଇଂଲଣ୍ଡ | ୫୪ | ୫୮ | ୫୦ | ୧୬୨ |
| କାନାଡ଼ା | ୨୩ | ୩୦ | ୩୩ | ୮୬ |
| ନ୍ୟୁଜିଲାଣ୍ଡ | ୧୮ | ୧୨ | ୧୭ | ୪୭ |
| **ଭାରତ** | **୧୭** | **୧୩** | **୧୯** | **୪୯** |
| ସ୍କଟଲାଣ୍ଡ | ୧୧ | ୧୦ | ୨୫ | ୪୬ |
| ନାଇଜେରିଆ | ୧୧ | ୮ | ୧୪ | ୩୩ |
| ଦକ୍ଷିଣ ଆଫ୍ରିକା | ୭ | ୯ | ୧୧ | ୨୭ |
| ୱେଲ୍ସ | ୭ | ୬ | ୧୩ | ୨୬ |
| ମାଲେସିଆ | ୬ | ୫ | ୪ | ୧୫ |
| ଜାମାଇକା | ୬ | ୪ | ୩ | ୧୩ |
| ନର୍ଦର୍ନ ଆୟାର୍ଲାଣ୍ଡ | ୫ | ୬ | ୪ | ୧୫ |

(ରବିବାର ରାତି ୧୦ଟା ସୁଦ୍ଧା)













# ମହିଳା ୪X୧୦୦ ମିଟର ରିଲେରେ ଭାରତ ୫ମ

**ବର୍ମିଂହାମ୍, ୭।୮:** ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୪X୧୦୦ ମିଟର ରିଲେ ରେସ୍‌ରେ ଭାରତ ୪୩.୮୧ ସେକେଣ୍ଡ ଟାଇମିଂ ସହ ୫ମ ସ୍ଥାନ ଅଧିକାର କରିଛି। ନାଇଜେରିଆ ୪୨.୧୦ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ଜିତିଥିବା ବେଳେ। ତା’ ପଛକୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଇଂଲଣ୍ଡ (୪୨.୪୧ ସେକେଣ୍ଡ) ଓ ଜାମାଇକା (୪୩.୦୮ ସେକେଣ୍ଡ) ରହିଛନ୍ତି। ସୂଚନାଯୋଗ୍ୟ, ଏହି ୪ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ଦ୍ୟୁତୀ ଚାନ୍ଦ ଓ ଶ୍ରାବଣୀ ନନ୍ଦ ଅନ୍ୟତମ ସଦସ୍ୟା ରହିଥିଲେ।







# ଆନନ୍ଦ ଫିଡେର ଉପସଭାପତି ନିର୍ବାଚିତ

**ଚେନ୍ନାଇ, ୭।୮(ପି.ଟି.)**

ଭାରତୀୟ ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ରବିବାର ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ)ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଆର୍କାଡି ଡିଭୋରକୋଭିଚ୍ ପୁନର୍ବାର ମହାସଂଘର ସଭାପତି ହୋଇଛନ୍ତି। ୫ଥର ବିଶ୍ୱ ଚାମ୍ପିୟନ ଆନନ୍ଦ ହେଉଛନ୍ତି ଡିଭୋରକୋଭିଚ୍‌ଙ୍କ ଦଳର ଅଂଶବିଶେଷ। ଡିଭୋରକୋଭିଚ୍‌ଙ୍କୁ ୧୫୭ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆନ୍ଦ୍ରି ବେରିସ୍‌ପୋଲେଟ୍ସଙ୍କୁ ମାତ୍ର ୧୬ଟି ଭୋଟ ମିଳିଥିଲା। ଗୋଟିଏ ଭୋଟ୍ ନାକଚ ହୋଇଯାଇଥିବା ବେଳେ ୫ଜଣ ଭୋଟଦାନରୁ ବିରତ



ରହିଥିଲେ। ଏଠାରେ ୪୪ତମ ଚେସ୍ ଅଲିମ୍ପିଆଡ୍ ସହିତ ଫିଡେ କଂଗ୍ରେସ ସମୟରେ ବିଶ୍ୱ ଚେସ୍ ପରିଷଦର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଆନନ୍ଦ ତାଙ୍କ ଉଜ୍ଜ୍ୱଳମୟ କ୍ୟାରିୟରରେ ଅନେକ ଟାଇଟଲ ଓ ସମ୍ମାନ ପାଇଛନ୍ତି। ବର୍ତ୍ତମାନ ସେ ଟୁର୍ନାମେଣ୍ଟ ଖେଳିବା କମାଇଦେବା ସହ କୋଚିଂ ଉପରେ ଧ୍ୟାନ ଦେଉଛନ୍ତି। ବାଲ୍ୟକାଳରୁ ସେ ତାଙ୍କ ପ୍ରତିଭାର ପରିଚୟ ଦେଇଥିଲେ। ବିଶ୍ୱ ଜୁନିୟର ଟାଇଟଲ ଜିତିବା ପରେ ସେ ଭାରତର ପ୍ରଥମ ଗ୍ରାଣ୍ଡମାଷ୍ଟର ହୋଇଥିଲେ। ଏହାପରଠାରୁ ସେ ଚେସ୍‌ରେ ବିଶ୍ୱସ୍ତରରେ ଭାରତର ନେତୃତ୍ୱ ନେଇ ଆସୁଛନ୍ତି। ସେ ଆହୁରି ମଧ୍ୟ ୫ଟି ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଶେଷଥର ସେ ୨୦୧୭ରେ ବିଶ୍ୱ ରାପିଡ୍ ଟାଇଟଲ ଜିତିଥିଲେ। ବର୍ତ୍ତମାନ ଅଲିମ୍ପିଆଡ୍ ଖେଳୁଥିବା ଦଳରେ ଯଦିଓ ସେ ସାମିଲ ହୋଇନାହାନ୍ତି ତେବେ ଭାରତୀୟ ଦଳର ଖେଳ ଉପରେ ନଜର ରଖିଛନ୍ତି।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଲଗାଣ ବର୍ଷା ଯୋଗୁ ବ୍ରହ୍ମପୁର ସହର ଉପକଣ୍ଠ ନିମଖଣ୍ଡି ପଞ୍ଚାୟତରେ ଥିବା ଜମିରେ ଧାନ ରୁଆ ହେଉଛି। (ଫଟୋ- ସମୀର)

# ୭୮୦କେଜି ଗୁଟ୍‌ଖା ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୭।୮

ବ୍ରହ୍ମପୁର ବଡବଜାର ପୋଲିସ ଶନିବାର ରାତିରେ ଗଣେଶ ମାର୍କେଟର ଏକ ଗୋଦାମରେ ବେଆଇନ ଭାବେ ଗୁଟ୍‌ଖା ଗଚ୍ଛିତ ଥିବା ଖବର ପାଇଥିଲା। ସେଠାରେ ଚଢ଼ାଉ କରି ଗୋକୁଳ ଡିଲକ୍ସ ମିକ୍ସ ୭୮୦ କେଜି ଜବତ କରିଥିଲା। ସେଠାରୁ ଗୁରୁମୂର୍ତ୍ତି ସାହିର ଗୁକୁନା ସାହୁ(୪୦)ଙ୍କୁ କାବୁ କରିଥିଲା। ଗୁକୁନାଙ୍କୁ ଥାନାରେ ଜେରା ବେଳେ ଏହି ଗୁଟ୍‌ଖା ସ୍ଥାନୀୟ ଗୁରୁମୂର୍ତ୍ତି ସାହି ଓ ସୁକୁଣ୍ଡା ନିକଟ ଗୋଲାଗାଁରେ ଦୁଇଟି ଘରେ ପ୍ରସ୍ତୁତ ହେଉଥିବା କାରଖାନା ସମ୍ପର୍କରେ ସେ କହିଥିଲେ। ମାମଲା ନମ୍ବର ୨୦୧/୨୨ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଏକ ପ୍ରେସ୍ ନୋଟରେ ସୂଚନା ଦେଇଛନ୍ତି। ଏହି ବେଆଇନ ଗୁଟ୍‌ଖା କାରବାର ଚଳାଇଥିବା କିଙ୍ଗପିନ ନାରାୟଣ ସାହୁ ପୋଲିସକୁ ଚକମା ଦେଇ ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ପୋଲିସ ଉଭୟ କାରଖାନାରେ ଚଢ଼ାଉ କରି ବିପୁଳ ପରିମାଣର ଗୁଟ୍‌ଖା ପ୍ରସ୍ତୁତି ପାଇଁ ଗଚ୍ଛିତ ଥିବା କଞ୍ଚାମାଲ, ପ୍ୟାକିଂ ମେଶିନ, ଓଜନ ମେଶିନ ଆଦି ଜବତ କରିଥିଲା। ପୋଲିସ ଉଭୟ ଗୁଟ୍‌ଖା ପ୍ରସ୍ତୁତ କାରଖାନା ସିଲ୍ କରିଛି। ନାରାୟଣ ଉଭୟ କାରଖାନାରେ ଗୁଟ୍‌ଖା ପ୍ରସ୍ତୁତି କରି ବ୍ରହ୍ମପୁରରେ ଥିବା ବିଭିନ୍ନ ଗୋଦାମରେ ମହଜୁଦ କରୁଥିଲେ। ପରେ ସେଠାରୁ ଜିଲାର ବିଭିନ୍ନ ସ୍ଥାନକୁ ଉକ୍ତ ବ୍ରାଣ୍ଡର ଗୁଟ୍‌ଖା ବିକ୍ରି ପାଇଁ ଚାଲାଣ କରୁଥିବା ଗୁକୁନାଙ୍କୁ ଜେରା ବେଳେ ଜାଣିବାକୁ ପାଇଛି। ଘଟଣାର ତଦନ୍ତ ଜାରି ରହିଛି। ଫେରାର ଗୁଟ୍‌ଖା ବ୍ୟବସାୟୀ ନାରାୟଣଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।



ଜବତ ଗୁଟ୍‌ଖା

## ସଂକ୍ଷେପରେ

### ବନ୍ଧୁତ୍ୱ ଦିବସରେ ଚାରା ରୋପଣ, ଶୁଖିଲା ଖାଦ୍ୟ ବଣ୍ଟନ



ବ୍ରହ୍ମପୁର ଅଫିସ,୭।୮-ସନ ଆଣ୍ଡ ନିଲ ଫାଉଣ୍ଡେଶନ ପକ୍ଷରୁ ରବିବାର ବନ୍ଧୁତ୍ୱ ଦିବସ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ଗାନ୍ଧୀନଗରର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଥିଲା। ଏଥିସହ ପୁରୁଣା ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନରେ ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିରେ ଫାଉଣ୍ଡେଶନ ଅଧ୍ୟକ୍ଷ ଧର୍ମା ରାଓଙ୍କ ସମେତ ଚିଟି ବାବୁ, ଆଇନଜୀବୀ କୃଷ୍ଣ ଚନ୍ଦ୍ର ପଣ୍ଡା, ଦିନେଶ କୁମାର, ସୁଶୀଳା, ସମୀର ଓ ସନ୍ଧ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର ଅଫିସ,୭।୮:
ବିପଦର ବନ୍ଧୁ ଓଡ଼ିଶା ସଂଗଠନ ଓ ମେଡ୍ କ୍ୟୁର ହେଲ୍‌ଥ କେୟାର ମିଳିତ ଆନୁକୂଲ୍ୟରେ ଗୋଷାଣୀନୂଆଗାଁ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ରବିବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ମହାନଗର ନିଗମ ୨୭ ନଂ. ୱାର୍ଡ କର୍ପୋରେଟର ନୀଳକଣ୍ଠ ସାହୁ, ଗୋପାଳକୃଷ୍ଣ ରଙ୍ଗମଞ୍ଚ ସଭାପତି କୁରେଶ ଚନ୍ଦ୍ର ପାତ୍ର, ମେଡ୍ କ୍ୟୁର ହେଲ୍‌ଥ କେୟାର ଅଧ୍ୟକ୍ଷ ରାଜୀବ ମିଶ୍ର ଓ ବିପଦର



ବନ୍ଧୁ ଓଡ଼ିଶା ଅନୁଷ୍ଠାନର ସଭାପତି ରବୀନ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ୪୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ହୃଦ୍‌ରୋଗ, ସ୍ନାୟୁରୋଗ, ଅସ୍ଥି ଶଲ୍ୟ, ମଧୁମେହ ଓ ରକ୍ତଚାପ ପରୀକ୍ଷା କରାଯାଇଥିଲା।

# ରକ୍ତଦାନ ଶିବିରରେ ୧୫୦ୟୁନିଟ ରକ୍ତ ସଂଗ୍ରହ

**ଜିଲା ମହିଳା ବିଜେଡ଼ିର ବନ୍ଧୁତ୍ୱ ଦିବସ**

ବ୍ରହ୍ମପୁର ଅଫିସ,୭।୮

ଗଞ୍ଜାମ ଜିଲା ମହିଳା ବିଜେଡ଼ି ପକ୍ଷରୁ ରବିବାର ସଂସ୍କୃତି ଭବନ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ବିଜେଡ଼ି ସଭାନେତ୍ରୀ ତଥା ମେୟର ସଂଘମିତ୍ରା ଦଳାଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ଼.ଗୋପବନ୍ଧୁ ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ପୂର୍ବତନ ବିଧାୟକ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାଷ ମହାରଣା, ଡ଼େପୁଟି ମେୟର ଇ.ବିବେକ ରେଡ୍ଡୀଙ୍କ ସମେତ ସମସ୍ତ ୱାର୍ଡ଼ କର୍ପୋରେଟର ଓ ମହିଳା ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ। ବନ୍ଧୁତ୍ୱ ଦିବସ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହାସହ ସମସ୍ତ କର୍ମଚାରୀ ପରସ୍ପରକୁ ବନ୍ଧୁତ୍ୱ ଦିବସର ଶୁଭେଚ୍ଛା ଜଣାଇବା ସହ ହ୍ୟାଣ୍ଡ ବ୍ୟାଣ୍ଡ ବାନ୍ଧିଥିଲେ।



ବନ୍ଧୁତ୍ୱ ଦିବସ ଅବସରରେ ମେୟର ସଂଘମିତ୍ରା ଦଳେଇ ଓ ଅନ୍ୟମାନେ କେକ୍ କାଟି ଖୁସି ମନାଉଛନ୍ତି ।

# ଜେଲ ଗଲେ କୋଟିପତି କ୍ରୀଡ଼ା ଶିକ୍ଷକ

**ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ବ୍ରହ୍ମପୁର ଅଫିସ,୭।୮

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜୟନ୍ତୀପୁରସ୍ଥିତ ଦିବ୍ୟସିଂହ ବିଦ୍ୟାପୀଠ କ୍ରୀଡ଼ା ଶିକ୍ଷକ ଦନାର୍ଦ୍ଦନ ସାହୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଧରାପଡିଥିଲେ। ସେ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ୪ କୋଟିରୁ ଅଧିକ ସମ୍ପତ୍ତି ରହିଛି। ଭିଜିଲାନ୍ସ ମାମଲା ନଂ. ୧୩/୨୨ରେ ତାଙ୍କୁ ଶନିବାର ରାତିଅଧିଆ କୋର୍ଟ ଚାଲାଣ କରାଯାଇଛି। ଦନାର୍ଦ୍ଦନଙ୍କ ଜାମିନ ପାଇଁ ତାଙ୍କ ଓକିଲ ଆବେଦନ କରିଥିଲେ। ଭିଜିଲାନ୍ସ ଜାମିନ ଆବେଦନର ଶୁଣାଣି ପାଇଁ ସୋମବାର ଦିନ ଧାର୍ଯ୍ୟ କରିଥିବା ସରକାରୀ ପିପି ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଫଳରେ ଶନିବାର ରାତିରେ ତାଙ୍କୁ ଭିଜିଲାନ୍ସ ଜଜ୍ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ଆୟ ଅନୁସାରେ ସେ ଓ ତାଙ୍କ ପରିବାରବର୍ଗ ଅଧିକ ୪କୋଟି ଟଙ୍କା ସମ୍ପତ୍ତିର ମାଲିକ ବୋଲି ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି। ଏହି ୪କୋଟି ୧ଲକ୍ଷ ୨୭ହଜାର ଟଙ୍କା ସମ୍ପତ୍ତିର ହିସାବ ସେ ଦେଇପାରି ନ ଥିବାରୁ ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ପ୍ରକାଶ ଯେ, କ୍ରୀଡ଼ା ଶିକ୍ଷକ ଦନାର୍ଦ୍ଦନଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ହୋଇଥିଲା। ଏଣୁ ବ୍ରହ୍ମପୁର ଭିଜିଲାନ୍ସ ତରଫରୁ ଗତ ୫ତାରିଖରେ ତାଙ୍କ ବ୍ରହ୍ମପୁର ଅନନ୍ତନଗର ବାସଭବନ ଓ ଜୟନ୍ତୀପୁର ବାସଭବନ ସମେତ ୧୩ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା।

# ନାରୀ ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ ଲାଗି ଆହ୍ୱାନ




ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ସମ୍ମିଳନୀର କର୍ମକର୍ତ୍ତା ।

**ଗଣତାନ୍ତ୍ରିକ ମହିଳା ସମିତିର ଜିଲା ସମ୍ମିଳନୀ**

ବ୍ରହ୍ମପୁର ଅଫିସ,୭।୮

କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାର ଲୋକଙ୍କୁ ସ୍ୱପ୍ନ ଦେଖାଇ ଲୁଟ୍ କରିବାରେ ଲାଗିଛନ୍ତି। ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ଦର ବୃଦ୍ଧି ଘଟିଛି। ଦେଶତମାମ ମହିଳାଙ୍କ ଉପରେ ଅତ୍ୟାଚାର ବଢି ଚାଲିଛି। ଏଣୁ ମହିଳାଙ୍କୁ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ରବିବାର ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍ ପରିସରରେ ଗଣତାନ୍ତ୍ରିକ ମହିଳା ସମିତିର ୮ମ ଗଞ୍ଜାମ ଜିଲା ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ଏଥିରେ ସମିତିର ଜିଲା ସଭାନେତ୍ରୀ ଜୟନ୍ତୀ ବାଳା ମିଶ୍ର ସଭାପତିତ୍ୱ କରିଥିଲେ। ସଂଗଠନ ସର୍ବଭାରତୀୟ ସହସମ୍ପାଦିକା ତାପସୀ ପ୍ରହରାଜ ଯୋଗ ଦେଇ ରାମ ରାଜ୍ୟର ପ୍ରହେଳିକା ସୃଷ୍ଟି କରି ଶାସନଗାଦିକୁ ସୁଦୃଢ଼ କରିବାରେ ସରକାର ନିମଗ୍ନ ରହିଛନ୍ତି। ଫଳରେ ଗଣତନ୍ତ୍ର ଆଜି ବିପନ୍ନ ବୋଲି ସେ କହିଥିଲେ। ଅଧ୍ୟାପିକା ବାସନ୍ତୀ ଆଚାର୍ଯ୍ୟ କୁସଂସ୍କାର, ଅନ୍ଧବିଶ୍ୱାସ, ନାରୀ ନିର୍ଯାତନା ଓ ସାମାଜିକ ବୈଷମ୍ୟ ବିରୋଧରେ ମହିଳାମାନେ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସଂଗଠନ ସମ୍ପାଦିକା ବିଷ୍ଣୁ ପ୍ରିୟା ସାହୁଙ୍କ ଆଗତ ରିପୋର୍ଟ ଉପରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳାମାନେ ଆଲୋଚନା କରିବା ସହ ମହିଳା ସଂଗଠନକୁ ସୁଦୃଢ଼ କରିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜୁ ସାହୁ, ଗାୟତ୍ରୀ ନାଥ, କୁନି ବ୍ରହ୍ମା, ଗାୟତ୍ରୀ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୭।୮

ସରକାରୀ ରେଲବାଇ ପୋଲିସ (ଜିଆରପି) ହଳଦିଆପଦର ଓଭରବ୍ରିଜ ଦେଇ ଯାଇଥିବା ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୫ ହେବ ବୋଲି ପୋଲିସ କହିଛି। ଏନେଇ ନଂ.୫୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ସଂରକ୍ଷଣ ଗୃହରେ ସଂରକ୍ଷିତ ରଖାଯାଇଛି। ଟ୍ରେନରୁ ଖସି ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି। ରେଳଧାରଣାରେ ଏକ ମୃତଦେହ ପଡ଼ିଥିବା ନେଇ ଜିଆରପି ପୋଲିସ ଖବର ପାଇଥିଲା। ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରାଯାଇଥିଲା ବୋଲି ପୋଲିସ କହିଛି।

# ନମୁନା ପଞ୍ଜୀକରଣ ଯୋଜନାରେ ମୋବାଇଲ ଆପ୍ ସମ୍ପର୍କିତ ପ୍ରଶିକ୍ଷଣ

ବ୍ରହ୍ମପୁର ଅଫିସ, ୭।୮

ଭାରତ ସରକାରଙ୍କ ଜନଗଣନା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଶାଖା ପକ୍ଷରୁ ରବିବାର ରାଜସ୍ୱ ଡାକବଙ୍ଗଳା ପରିସରରେ ନମୁନା ପଞ୍ଜୀକରଣ ବ୍ୟବସ୍ଥାରେ ମୋବାଇଲ ଆପ୍‌ର ବ୍ୟବହାର ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଓ ଗଜପତି ଜିଲାର ସାମୟିକ ଗଣନାକାରୀମାନେ ଯୋଗ ଦେଇଥିଲେ। ଗଞ୍ଜାମ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାମୟିକ ଗଣନାକାରୀମାନେ ପଞ୍ଜୀକରଣ ବ୍ୟବସ୍ଥାରେ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ସହ ଏହାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ରହ୍ମପୁର ସହରରେ ମଧ୍ୟ ଗଣନାକାରୀମାନେ ମୋବାଇଲ ଆପ୍‌ର ବ୍ୟବହାର କରି କିଭଳି ସମ୍ପାଦନ କରିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷକ ରାଜଦୀପ ନାୟକ ଓ ବୁଲେଟ୍ କୁମାର ପରିଡା ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଶାଖା ଆସିଷ୍ଟାଣ୍ଟ ଡାଇରେକ୍ଟର ପ୍ରଫୁଲ୍ଲ କୁମାର ଦାଶ ଓ ଜିଲା ନୋଡାଲ ଅଫିସର ସନ୍ତୋଷ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ।



ଶିବିରରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

# ଟାଏକୋଣ୍ଡୋ ଏକାଡେମୀର ଦିନିକିଆ ତାଲିମ ଶିବିର



ଟାଏକୋଣ୍ଡୋ ଏକାଡେମୀରେ ଦୁଇ ପ୍ରଶିକ୍ଷାର୍ଥୀଙ୍କ ଅଭ୍ୟାସ ।

ବ୍ରହ୍ମପୁର ଅଫିସ,୭।୮

ବ୍ରହ୍ମପୁର ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ରବିବାର ହିଲପାଟଣାସ୍ଥିତ ସାଂସ୍କୃତିକ ଭବନଠାରେ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାଡେମୀ ସମ୍ପାଦକ ସତ୍ୟନାରାୟଣ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଟାଏକୋଣ୍ଡୋ ଏକାଡେମୀ ଅଫ୍ ଗଜପତି ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମହାପାତ୍ର ଓ କୋଚ୍ ଗଣେଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦେଇଥିଲେ। ଏଥିରେ ୫୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରରେ ଟାଏକୋଣ୍ଡୋ କୋରିଆନ ୱାରର ନୂତନ କଳା ଓ କୌଶଳ ସହ ଅନ୍ତର୍ଜାତୀୟସ୍ତରରେ ଟାଏକୋଣ୍ଡୋ ପ୍ରତିଯୋଗିତାର ନୂତନ ନିୟମାବଳୀ ସମ୍ପର୍କରେ କହିଥିଲେ।

# ଗୋପାଳପୁର ଉପରେ ବିଜେଡିର କଡ଼ା ନଜର

- ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ
- ଭାଜପା ଦୁର୍ଗ ଭାଙ୍ଗିବାକୁ ରଣନୀତି

ବ୍ରହ୍ମପୁର ଅଫିସ,୭।୮

ଗଞ୍ଜାମ ଜିଲା ରାଜନୀତିରେ ଏବେ ଗୋପାଳପୁର ନିର୍ବାଚନମଣ୍ଡଳୀ ଚର୍ଚ୍ଚିତ ହୋଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ରଣନୀତି ପ୍ରସ୍ତୁତ କରୁଛି। ବିଧାନସଭା କ୍ଷେତ୍ର ଉପରେ ଶାସକ ଦଳ କଡ଼ା ପଦକ୍ଷେପ ନେଉଛି ଏବଂ ସକ୍ରିୟ ଥିବା ଭାଜପା ଦୁର୍ଗ ଭାଙ୍ଗିବାକୁ ଗୁରୁତ୍ୱ ଦେଇଛି। ପର୍ଯ୍ୟାୟକ୍ରମେ ଭାଜପା କର୍ମୀଙ୍କୁ ଶଙ୍ଖ ଆଡ଼କୁ ମୁହାଁଇବାର ଉଦ୍ୟମ ଚାଲିଛି। ଜୁଲାଇ ଶେଷ ସପ୍ତାହରେ ଦୁଇ ଶହରୁ ଅଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିବା ଦଳର ଭୁବନେଶ୍ୱରସ୍ଥ ମୁଖ୍ୟ କାର୍ଯ୍ୟାଳୟରୁ ଖବର ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସଙ୍କ ଉପସ୍ଥିତିରେ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସେମାନଙ୍କୁ ସ୍ୱାଗତ କରିଥିବା କୁହାଯାଇଛି।

ସୂଚନାଯୋଗ୍ୟ, ଗୋପାଳପୁର ବିଜେଡି ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଦଳରୁ ଦେଢ଼ ବର୍ଷ ତଳେ ବହିଷ୍କାର କରାଯାଇଛି। ସେଠାର ସାଙ୍ଗଠନିକ ଦାୟିତ୍ୱ ପ୍ରଥମେ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଦିଆଯାଇଥିଲା। କିଛି ମାସ ପରେ ତାଙ୍କୁ ହଟାଇ ଗୋପବନ୍ଧୁଙ୍କୁ ନ୍ୟସ୍ତ କରାଯାଇଛି। ସେ କେବଳ ସଂଗଠନ ନୁହେଁ, ସମସ୍ତ ବିକାଶ କାର୍ଯ୍ୟ ମଧ୍ୟ ତଦାରଖ କରୁଛନ୍ତି। ପ୍ରତି ମାସର ଅଧିକାଂଶ ଦିନ ନିର୍ବାଚନମଣ୍ଡଳୀରେ ବୁଲୁଛନ୍ତି। ତାଙ୍କୁ କୁଆଡ଼େ ବିଧାୟକ ପ୍ରାର୍ଥୀ ଭାବେ ଆଗୁଆ ପ୍ରୋଜେକ୍ଟ କରାଯାଇଥିବା ନିର୍ବାଚନମଣ୍ଡଳୀର କେତେକ ନେତା କହୁଛନ୍ତି। ଅପରପକ୍ଷରେ ରାଜନୀତି ଦୃଶ୍ୟପଟରେ ଏବେ ନ ଥିବା ଆଉ ଜଣଙ୍କ ପାଇଁ ଗୋପବନ୍ଧୁ କ୍ଷେତ୍ର ପ୍ରସ୍ତୁତ କରୁଥିବା ବିଭିନ୍ନ ମହଲ ଚର୍ଚ୍ଚା କରୁଛନ୍ତି। ତେବେ ସେହି ଜଣଙ୍କ ମହିଳା ନା ପୁରୁଷ ସେନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ପ୍ରଦୀପ ୨୦୦୯ ନିର୍ବାଚନରେ ପ୍ରଥମେ ବିଜେଡିରୁ ଲଢ଼ି ନିର୍ବାଚିତ ହୋଇଥିଲେ। ପୂର୍ବରୁ ସେହି ବିଧାନସଭା କ୍ଷେତ୍ର ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଥିଲା। ନିର୍ବାଚନମଣ୍ଡଳୀ ପୁନର୍ଗଠନ, ସୀମା ନିର୍ଦ୍ଧାରଣ ଓ ସାଧାରଣ ବର୍ଗଙ୍କ ଲାଗି ଉଦ୍ଦିଷ୍ଟ ହେବାରୁ ପାଣିଗ୍ରାହୀଙ୍କ ସହ ଭାଜପା ନେତା ବିଭୂତି ଜେନା ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ପରବର୍ତ୍ତୀ ୨୦୧୪ ନିର୍ବାଚନରେ ପ୍ରଦୀପ ଓ ବିଭୂତିଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ୨୦୦୯ ଓ ୧୪ ନିର୍ବାଚନ ବେଳେ ସେଠାରେ ଭାଜପା ସଂଗଠନ ସେତେ ସକ୍ରିୟ ନ ଥିଲା। ୧୯ ନିର୍ବାଚନରେ ବିଜେଡିକୁ କଡ଼ା ଟକ୍କର ଦେଇଥିଲା ଭାଜପା। ପ୍ରଦୀପ ମାତ୍ର ୨୦୦୦ରୁ ଅଧିକ ଭୋଟରେ ଜିତିଥିଲେ। ତେଣୁ ବିଜେଡି ସଂଗଠନ ଭୁଶୁଡ଼ିଥିବା ସ୍ପଷ୍ଟ ହୋଇଥିଲା। ଏଭଳି ସ୍ଥିତିରେ ୨୦୨୦ ଶେଷ ବେଳକୁ ସେ ଦଳରୁ ବହିଷ୍କାର ହୋଇଥିଲେ।

ଦଳରୁ ବିତାଡ଼ିତ ହେବା ପରେ ଦେଢ଼ ବର୍ଷ ଧରି ପାଣିଗ୍ରାହୀ ନିର୍ବାଚନମଣ୍ଡଳୀକୁ ଆସୁ ନ ଥିଲେ। ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ମଧ୍ୟ ବିନିଯୋଗ କରି ନ ଥିଲେ। ଇତିମଧ୍ୟରେ ସେ ବିଭିନ୍ନ ସମୟରେ ଆସୁଛନ୍ତି ଏବଂ ତାଙ୍କ ସମର୍ଥକଙ୍କ ସହ ମିଶୁଛନ୍ତି। ଲଗାତର ଭାବେ ୩ ଥର ଜିତି ହ୍ୟାଟ୍ରିକ ଅର୍ଜନ କରିଥିବା ପାଣିଗ୍ରାହୀ ଏବେ ସ୍ୱାଧୀନ ବୋଲି ସ୍ୱୀକାର କରିଛନ୍ତି। ଅପରପକ୍ଷରେ ଗୋପାଳପୁର ଆସନରୁ ଭାଜପା ପ୍ରାର୍ଥୀ ଜେନା ୨୦୦୯ରୁ ୧୯ ମଧ୍ୟରେ ୩ ଥର ପରାଜିତ ହୋଇଥିଲେ ମଧ୍ୟ ଦଳର ସଂଗଠନ ବିସ୍ତାର ହୋଇଥିବା ୧୯ ନିର୍ବାଚନରେ ପ୍ରତିଫଳିତ ହୋଇଛି। ତେଣୁ ଆଗାମୀ ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତ ହେଉଛି। ଭାଜପା ଦୁର୍ଗ ଭାଙ୍ଗିବା ଲାଗି ପଦକ୍ଷେପ ନେଇଛି। ଭାଜପାର କୌଣସି କର୍ମୀ ବିଜେଡି ଯାଇ ନ ଥିବା ଦର୍ଶାଇ ଏହା ବିଭ୍ରାନ୍ତିକର ପ୍ରଚାର କରାଯାଉଥିବା ଭାଜପା ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଆଜି ଜିଲାପାଳଙ୍କ ଜନଶୁଣାଣି ଶିବିର

ଖଣ୍ଡପଡ଼ା,୭।୮(ସ୍ୱ.ପ୍ର.): ନୟାଗଡ଼ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ପୂର୍ବାହ୍ନ ୧୦ଟା ସମୟରେ ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଜିଲାପାଳ ଡ. ପୋମା ଟୁଡୁ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିବେ। ତେଣୁ ଖଣ୍ଡପଡ଼ା ବ୍ଲକ୍ ଅଧୀନ ୨୨ ପଞ୍ଚାୟତ ଓ ଖଣ୍ଡପଡ଼ା ସହରାଞ୍ଚଳର ଅଭିଯୋଗକାରୀମାନେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

### ରାଜ୍ୟସ୍ତରୀୟ କଳା ପ୍ରତିଯୋଗିତା

ଦଶପଲ୍ଲା,୭।୮(ଡି.ଏନ.ଏ.): ରାଜ୍ୟବ୍ରାହ୍ମଣ ମହାସଂଘ ପକ୍ଷରୁ ଏକ ରାଜ୍ୟସ୍ତରୀୟ କଳା ପ୍ରତିଯୋଗିତା ଶନିବାର ସନ୍ଧ୍ୟାରେ ଅନ୍‌ଲାଇନ୍ ମାଧମରେ ଅନୁଷ୍ଠିତ ହୋଇଯାଇଛି। ଚିତ୍ରାଙ୍କନରେ ୧୭ ଜଣ, ପୁରାତନ ରଚନାରୁ ସଙ୍ଗୀତ ଗାନ ବିଭାଗରେ ୧୪ ଜଣ ତଥା ଶ୍ରୀମଦ୍‌ଭଗବ ଗୀତା ପାଠ ବିଭାଗରେ ୩୦ ପ୍ରତିଯୋଗୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଭାଗନେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରାକ୍ତନ ବନପାଳ ପ୍ରଫୁଲ୍ଲ କୁମାର ଦାଶ ପ୍ରତିଯୋଗୀମାନଙ୍କ ପ୍ରତିଭା ଅନ୍ୱେଷଣ କରିଥିଲେ। ପ୍ରିୟବ୍ରତ ଷଡ଼ଙ୍ଗୀ ସଭା ସଞ୍ଚାଳନ କରିଥିଲେ। ସେହିପରି ପୁରାତନ ରଚନାରୁ ସଙ୍ଗୀତ ଗାନ ପ୍ରତିଯୋଗିତାରେ ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀପ୍ରସାଦ ମହାପାତ୍ର ଏବଂ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧକ୍ଷ ତଥା କଳା ଶିକ୍ଷକ ଦେବୀ ପ୍ରସାଦ ଦାଶ ନିର୍ଣ୍ଣାୟକ ଭୂମିକାରେ ଥିବାବେଳେ ସାନୁଜ ରାମ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶ୍ରୀମଦ୍‌ଭଗତ ଗୀତା ପାଠ ପ୍ରତିଯୋଗିତାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ବେଦଭାଷ୍ୟ ଅଧାପକ ଡା. ଦୁର୍ଗା ଶରଣ ରଥ ଓ ପୁରୀର ବୈଦିକ ଆଚାର୍ଯ୍ୟ ଡ଼ା. ଜଗନ୍ନାଥ ରଥ ଯୋଗଦେଇଥିଲେ। ଇଂ. ଜିତେଶ କୁମାର ଦାଶ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆସନ୍ତା ସପ୍ତାହରେ ହେବାକୁ ଥିବା ରାଜ୍ୟସ୍ତରୀୟ କଳା ମହୋତ୍ସବରେ କୃତିପ୍ରତିଯୋଗିମାନଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ସୌମ୍ୟ ରଞ୍ଜନ ମହାପାତ୍ର କହିଛନ୍ତି।

### ସଚେତନତା ଶିବିର



ଦଶପଲ୍ଲା, ୭।୮ (ଡି.ଏନ.ଏ.): ଦଶପଲ୍ଲା ବ୍ଲକ ମଧଖଣ୍ଡ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧଖଣ୍ଡ ପଞ୍ଚାୟତର ୨୫ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ୧୨୧ ଜଣ ମହିଳା ଭାଗ ନେଇଥିଲେ। ସ୍ୱୟଂ ସହାୟକ ମହିଳାମାନଙ୍କ ନିମନ୍ତେ ବିଭିନ୍ନ ସହାୟତା ଓ ସେ ସବୁର ସଫଳ ରୂପାୟନ ଉପରେ ଆଲୋଚନା କରାଯାଇଥିଲା। ନୟାଗଡ଼ ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜେନେରାଲ ମ୍ୟାନେଜର ପି. କେ. ନାୟକ, ଦଶପଲ୍ଲା ଡିପିଓ ଏମ.କେ. ନାୟକ, ବିବିସି ପ୍ରଭାକର ଦାସ, ସରପଞ୍ଚ ସସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ହୋଟେଲରେ ମହିଳାଙ୍କ ଆତ୍ମହତ୍ୟା

ନୟାଗଡ଼ ଅଫିସ,୭।୮: ନୟାଗଡ଼ ସହରର ହୋଟେଲ ତ୍ରିନାଥ ପରିସରରେ ଜଣେ ମହିଳା ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସିଲି ବାଘସିଂ (୩୨)। ଘର ନୟାଗଡ଼ ଜିଲା ଫତେଗଡ଼ ଥାନା ବାଇଗୁଣିଆ ପଞ୍ଚାୟତ ଖୁଣ୍ଟୁବନ୍ଧ ଗାଁରେ। ସ୍ୱାମୀ ଓ ୧୧ ବର୍ଷର ପୁଅ ସହ ସିଲି ତ୍ରିନାଥ ହୋଟେଲରେ ରହୁଥିଲେ। ରବିବାର ଅପରାହ୍ନରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ବଜାରରୁ ସ୍ୱାମୀ ହୋଟେଲକୁ ଫେରିବା ପରେ ସିଲି କବାଟ ଖୋଲି ନ ଥିଲେ। ପରେ ପୋଲିସରେ ଅଭିଯୋଗ କରିବା ପରେ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ଘରଟିକୁ ଲକ୍ କରି ରଖିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ପୋଲିସ ୧୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ସାହାଜେପଙ୍ଗା ନାଳରେ ବନ୍ୟା

ନୟାଗଡ଼ ଅଫିସ,୭।୮



ଚଢ଼େୟାପଲ୍ଲୀ ଗହୀରରେ ବନ୍ୟା ଜଳ।

- ତାମୁଣ୍ଡି, ଭିରୁଡା ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ
- ୩ ଶହ ଏକର ଧାନ ଜମିରେ ପାଣି
- ପୋଲ ନିର୍ମାଣ ଦାବି ଜୋର ଧରିଲା

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀର ସାହାଜେପଙ୍ଗା ନାଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲଗାଣବର୍ଷା ଯୋଗୁ ଚଢ଼େୟାପଲ୍ଲୀ ଗାଁର ୩୦୦ ଏକର ଜମିରେ ବନ୍ୟା ଜଳ ମାଡି ରହିଛି। ସେହିପରି ତୁମୁଣ୍ଡି ଓ ଭିରୁଡା ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଏହି ଦୁଇ ଗାଁକୁ ପଡିଥିବା ରାସ୍ତାରେ ସାହାଜେପଙ୍ଗା ନାଳ ପଡୁଥିବାରୁ ବର୍ଷା ଋତୁରେ ନଦୀରେ ବନ୍ୟା ଆସିଲେ ଏପରି ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ନାଳ ଉପରେ ପୋଲ କରିବା ପାଇଁ ଦାବି ଉଠିଛି।

ସୂଚନା ଅନୁଯାୟୀ, ତାମୁଣ୍ଡି ଗାଁରେ ୧୭ ପରିବାରର ୧୦୨ ଓ ଭିରୁଡା ଗାଁରେ ୧୦ ପରିବାରର ୮୦ ଆଦିବାସୀ ପରିବାର ବାସ କରନ୍ତି। ଗାଁକୁ ସବୁଦିନିଆ ରାସ୍ତା ନାହିଁ। ୨ଗାଁ ପାହାଡ଼ ଉପରେ ରହିଛି। ଏଣୁ ନାଳରେ ପୋଲ କରିବା ପାଇଁ ଉଭୟ ଗାଁର ଲୋକେ ଦାବି କରି ଆସୁଥିଲେ ମଧ ପ୍ରଶାସନ ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଚଢ଼େୟାପଲ୍ଲୀ ଗାଁର ଧରମା ନାୟକ କୁହନ୍ତି, ମୁଁ ସାଢ଼େ ୪ ଏକର ଜମିରେ ଧାନ ଫସଲ କରିଛି। ଲଘୁଚାପ ବର୍ଷା ଯୋଗୁ ଧାନ ଜମିରେ ପାଣି ଜମି ରହିଛି। ଅଧିକାଂଶ ଜମି ବାଲିଚର ହୋଇଛି। ବନ୍ୟା ଜଳ କମିବା ପରେ ବାଲିଚର ସମ୍ପର୍କରେ ସ୍ପଷ୍ଟ ଜଣାପଡିବ। ସେହିପରି ଶକ୍ତିକାନ୍ତ ନାୟକ କୁହନ୍ତି, ପୂର୍ବରୁ ଉକ୍ତ ନାଳରେ ଏକ ପୋଲ ଥିଲା। ସାହାଜେପଙ୍ଗା ମୁଣ୍ଡିଆର ପାଣି ଆମ ଗାଁ ମୁଣ୍ଡ ଦେଇ ରାସ୍ତାରେ ଯାଉଛି। ପୋଲଟି ଠିକ ଭାବେ ତିଆରି ହୋଇ ନ ଥିବାରୁ ମୁଣ୍ଡିଆର ବର୍ଷା ଜଳ ପୋଲକୁ ୪ ବର୍ଷ ତଳେ ଭାଙ୍ଗି ଭସାଇ ନେଇଥିଲା। ନୂଆ ପୋଲ କରିବାକୁ ହେଲେ ଜଳ ନିଷ୍କାସନର ସୁବିଧା କରିବାକୁ ପଡିବ। ନଚେତ୍ ପୁଣି ପୋଲ ଭାଙ୍ଗିଯିବ। ଭୋଳେଶ୍ୱର ନାୟକ କୁହନ୍ତି, ଶନିବାର ରାତି ୧୨ଟାରୁ ବର୍ଷା ହେଉଛି। ମଝିରେ ମଝିରେ ବର୍ଷା ଛାଡୁଥିଲେ ମଧ ଜଳସ୍ତର ହ୍ରାସ ପାଉନାହିଁ। ଏଣୁ ଜମିରେ ପାଣି ଜମି ରହିବା ସହ ୨ ଆଦିବାସୀ ଗାଁର ଲୋକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛନ୍ତି। ତାମୁଣ୍ଡି ଗାଁର ଉଗ୍ରସେନ ଜାନୀ କୁହନ୍ତି, ତାମୁଣ୍ଡି ଓ ଭିରୁଡା ଗାଁ ପାଇଁ ରାସ୍ତା ନାହିଁ। ପୁଣି ବର୍ଷା ହେଲେ ନାଳରେ ପାଣି ଯୋଗୁ ଜଳବନ୍ଦୀ ଜୀବନ ବିତାଇବାକୁ ପଡୁଛି। ବର୍ଷାଋତୁରେ ଆମେ ଜଳବନ୍ଦୀ ଜୀବନ ଅତିବାହିତ କରୁ। ଏଣୁ ଆମ ଗାଁର ଯୁବତୀମାନେ ବିବାହ କରିବା କାଠିକର ପାଠ ହେଉଛି। ଅନ୍ୟଗାଁର ଯୁବକମାନେ ବିବାହ କରିବାକୁ ରାଜି ହେଉ ନାହାନ୍ତି। ଗାଁ ପାଇଁ ରାସ୍ତା ଓ ପାନୀୟ ଜଳର ବ୍ୟବସ୍ଥା ସରକାର ତୁରନ୍ତ କରିବା ଦରକାର। ହେଲେ ଆମ ଗାଁର ଦାବି ସରକାର ଓ ପ୍ରଶାସନ ଶୁଣୁ ନାହାନ୍ତି। ତାମୁଣ୍ଡି ଗାଁର ରବି ଜାନୀ କୁହନ୍ତି, ଗାଁକୁ ଘେରି ରହିଛି ୪ଟି ମୁଣ୍ଡିଆ। ସାହାଜେପଙ୍ଗା ମୁଣ୍ଡିଆ ଉପରେ ଆମର ଘର। ଘାଟି ରାସ୍ତାରେ ଆମକୁ ଯିବା କଷ୍ଟକର ହେଉଥିଲେ ହେ ଯିବାକୁ ବାଧ। ଗାଁର ବିକାଶ ପାଇଁ ଟଙ୍କାର ଅଭାବ ନ ଥିବା ସରକାର କହୁଥିବା ବେଳେ ଆମ ଗାଁ ରାସ୍ତା ଓ ନାଳରେ ପୋଲ କରିବା ପାଇଁ କାହାର ଶୁଭଦୃଷ୍ଟି ପଡୁନାହିଁ ବୋଲି ସେ କହିଛନ୍ତି। ଗାଁର ସୀତା ଜାନୀ କୁହନ୍ତି, ପାହାଡ଼ ଉପରେ ରହୁଛି ବୋଲି ଆମ ଗାଁକୁ ଅଣଦେଖା କରିବା ଅନୁଚିତ। ସରକାର ଚାହିଁଲେ ପାହାଡ଼ ଉପର ଗାଁର ରୂପରେଖ ବଦଳିଯିବ। ଗାଁକୁ ରାସ୍ତା ଓ ପୋଲ ନିର୍ମାଣ ହୋଇ ପାରିବ ବୋଲି କହିଛନ୍ତି।

### ନୟାଗଡ଼ରେ ଗଠିତ ହେଲା ସିଭିଲ ସୋସାଇଟ୍

ନୟାଗଡ଼ ଅଫିସ,୭।୮

ନୟାଗଡ଼ ଜିଲା ସଦର ମହକୁମାରେ ସିଭିଲ ସୋସାଇଟି ନାମରେ ଏକ ସାମାଜିକ ଅନୁଷ୍ଠାନ ରବିବାର ଠାରୁ କାର୍ଯ୍ୟକ୍ଷମ ହୋଇଛି। ଏହାର ପ୍ରତିଷ୍ଠାତା ତଥା ଅଧକ୍ଷ ଗୋଦାବରୀଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗ ଦେଇ ସମାଜ ସେବାକୁ ଅଣଦେଖା କରିବା ଉଚିତ ନୁହେଁ ବୋଲି କହିଥିଲେ। ରାଜନୀତି ସମାଜସେବାର ମାଧମ ହୋଇଥିଲା। ସେଥିପାଇଁ ସମାଜସେବା ପ୍ରତି ସମସ୍ତେ ଆଗ୍ରହୀ ହେବା ଉଚିତ। ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ସିଭିଲି ସୋସାଇଟ୍‌ର ମୁଖ୍ୟ ପରାମର୍ଶଦାତା ଶ୍ରୀକାନ୍ତ ଖଟେଇ ଓ ଭାଇସ୍ ଚେୟାରମ୍ୟାନ ଭାଗବତ ପଟ୍ଟନାୟକ, ନୟାଗଡ଼ ମ୍ୟୁନିସିପାଲିଟିର ଅଧକ୍ଷା ନିରୁପମା ଖଟେଇ ଓ ଉପାଧକ୍ଷ ଗୁରୁ ପ୍ରସାଦ ଜେନା, ଜିଲା ପରିଷଦ ସଭ୍ୟ ଆଶିଷ ଅଗ୍ରୱାଲା, ସୁବାସ କଅଁର, କ୍ଷୀରୋଦ ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଏକାଧିକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଖଣ୍ଡପଡ଼ା ରାସ୍ତାରେ କାଉଡ଼ିଆଙ୍କ ଭିଡ଼।

# ବିଭିନ୍ନ ନଦୀକୂଳରେ କାଉଡ଼ିଆଙ୍କ ଭିଡ଼

## ଆଜି ଶ୍ରାବଣର ଶେଷ ସୋମବାର

ଖଣ୍ଡପଡ଼ା,୭।୮(ସ୍ୱ.ପ୍ର.)

କେବଳ ଜାତୀୟ ରାଜପଥ ନୁହେଁ। ଗାଁ ଗହଳିର ଅଙ୍କାବଙ୍କା ରାସ୍ତା ବି କମ୍ପୁଛି କାଉଡିଆଙ୍କ ଓଁ ନମଃ ଶିବାୟର ଧ୍ୱନିରେ। ଶିବଙ୍କୁ ଜଳ ଅର୍ପଣ କରି ନିଜର, ପରିବାରର ତଥା ସମାଜର ମଙ୍ଗଳ କାମନା କରୁଛନ୍ତି ଶୈବ ଭକ୍ତମାନେ। ବୋଲବମ୍ ଯାତ୍ରାକୁ ନେଇ ଏବେ ସବୁଠି ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଗତ ୩ ପାଳି ହେବ ଭକ୍ତମାନେ କଣ୍ଟିଲୋ ନୀଳମାଧବ ପୀଠ ମହାନଦୀ ଘାଟ ସମେତ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ନଦୀରୁ ବାହୁଙ୍ଗିରେ ଜଳଭାର ନେବା ପାଇଁ ଆସିଥିଲେ। ଆସନ୍ତାକାଲି ଶ୍ରାବଣର ଶେଷ ସୋମବାର। ଏଥିପାଇଁ ବହୁ ସଂଖ୍ୟାରେ ବୋଲବମ୍ ଭକ୍ତ ନୀଳମାଧବ ଜୀଉଙ୍କ ପାଦଦେଶରେ ପ୍ରବାହିତ ମହାନଦୀ ଘାଟରୁ ପାଣିଭାର ନେବା ପାଇଁ ଭିଡ଼ ଜମାଇଛନ୍ତି। ଏହି ଯାତ୍ରାରେ ଯୁବତୀ,ଯୁବକଙ୍କ ସହ ବହୁ ମହିଳା, କଲେଜ ପଢୁଆ ଛାତ୍ରୀମାନେ ବି ସାମିଲ ହୋଇଥିବା ଦେଖିବାକୁ ମିଳିଛି। ବୋଲବମ୍ ଏକ ଶ୍ରଦ୍ଧା ଓ ବିଶ୍ୱାସର ଯାତ୍ରା। ମାତ୍ର ଆଜିକାଲିର ଯୁବପିଢ଼ି ରଙ୍ଗବେରଙ୍ଗ ପୋଷାକ ପିନ୍ଧିବାକୁ ପ୍ରାଧାନ୍ୟ ଦେଉଛନ୍ତି। ନାଚ, ଗୀତରେ ଏହି ଯାତ୍ରା ଚାଲିଛି। ବାହୁଙ୍ଗୀରେ ଘଣ୍ଟି ଘାଗୁଡି ଓ ବ୍ୟାଟେରି ଚାଳିତ ଆଲୋକମାଳା ସଜ୍ଜିତ କରାଯାଉଛି। କେହି କେହି ମୁଣ୍ଡରେ ରଙ୍ଗବେରଙ୍ଗ ମୁକୁଟ ପିନ୍ଧିବାକୁ ଭୁଲୁ ନାହାନ୍ତି। କେତେଜଣ କାଉଡିଆ ଗାଁଦାଣ୍ଡରେ ଯିବା ସମୟରେ ବିଭିନ୍ନ ଅପ୍ରାସଙ୍ଗିକ ବୋଲି କହୁଛନ୍ତି। ଏହା ଆଧ୍ୟାତ୍ମିକ ପରିବେଶ ପରିବର୍ତ୍ତେ ଏକ ଅପସଂସ୍କୃତି ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ରାଜ୍ୟ ଓ କେନ୍ଦ୍ର ସରକାର ପଲିଥିନ ବ୍ୟବହାରକୁ ବାରଣ କରାଯାଇଥିବା ବେଳେ ପ୍ରାୟ ସମସ୍ତ କାଉଡିଆ ନଦୀଘାଟକୁ ପୂଜା ସାମଗ୍ରୀମାନ ବିଭିନ୍ନ ପଲିଥିନରେ ଆଣୁଛନ୍ତି। ସେମାନେ ଶୈବ ପୀଠକୁ ଯାତ୍ରାରମ୍ଭ କରିବା ପୂର୍ବରୁ ସେହି ପଲିଥିନକୁ ନଦୀ କୂଳରେ ଫୋପାଡ଼ିବା ଯୋଗୁ ପରିବେଶ ପ୍ରଦୂଷିତ ହେଉଛି ବୋଲି ପରିବେଶବିତ୍‌ମାନେ କହିଛନ୍ତି।

# ବର୍ଷା କବିତା ଆସର

ନୟାଗଡ଼ ଅଫିସ,୭।୮

ନୟାଗଡ଼ର କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଏକ ବର୍ଷା କବିତା ଆସର ରବିବାର ପୂର୍ବାହ୍ନରେ ସ୍ଥାନୀୟ କେସି କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବର୍ଣ୍ଣାଢ଼୍ୟ ପରିବେଶରେ ଆୟୋଜିତ ଏହି କବିତା ଆସର ଏବଂ ସାହିତ୍ୟ ସଭାରେ ପରିଷଦ ସଭାପତି କବି ନିର୍ମଳ ଚନ୍ଦ୍ର ସୁରଦେଓ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ବିଶିଷ୍ଟ ସାହିତ୍ୟିକ,ଗବେଷକ ତଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଅଧାପକ ଡ.କୈଳାସ ଚନ୍ଦ୍ର ବାଣ୍ଠ ଓ ମୁଖ୍ୟବକ୍ତା ଭାବେ ଆକାଶବାଣୀ କଟକ କେନ୍ଦ୍ରର ସ୍ୱୀକୃତି ପ୍ରାପ୍ତ ଗୀତିକାର ତଥା ନାଟ୍ୟକାର ବିରଞ୍ଚିନାରାୟଣ ତ୍ରିପାଠୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଜିଲା ଲେଖକ ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବକ୍ତାମାନେ ବୈଷ୍ଣବ କବି ସଦାନନ୍ଦ ବ୍ରହ୍ମାଙ୍କ ସାହିତ୍ୟାକୃତି ସମ୍ପର୍କରେ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କୁ ଧୂପ,ପୁଷ୍ପ ଅର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ କବି ପ୍ରଶାନ୍ତ କୁମାର ଦାଶ ସଭାର ଅଭିମୁଖ୍ୟ ଏବଂ କବିସୂର୍ଯ୍ୟଙ୍କ କାର୍ଯ୍ୟାବଳୀ ଏବଂ ରଚନାବଳୀ ସମ୍ପର୍କରେ ଆଲୋଚନା କରିବା ସହିତ ଆଗାମୀ ଦିନରେ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ବିଲୁପ୍ତ ହୋଇଯାଉଥିବା ସାହିତ୍ୟାକୃତି ସମ୍ପର୍କରେ ଏକ ଗ୍ରନ୍ଥାବଳୀ ପ୍ରକାଶ କରିବା ପାଇଁ ସୂଚନା ଦେଇଥିଲେ। ଅନୁଷ୍ଠାନର ଗଣମାଧମ ସଂଯୋଜକ ଲକ୍ଷ୍ମୀଧର ସାହୁ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଦସ୍ୟ ଶେଖ ଅବଦୁଲ ଖାଲିକ ଧନ୍ୟବାଦ ପ୍ରଦାନ କରିଥିଲେ। କବି ନୀଳିମା ନନ୍ଦ ଏବଂ କାଦମ୍ବିନୀ ମହାପାତ୍ରଙ୍କ ମିଳିତ ସଂଯୋଜନାରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୬୮ ଜଣ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।




ବର୍ଷା କବିତା ଆସରରେ ମଞ୍ଚାସୀନ ଅତିଥି।

# ପୋଲିସକୁ ଟେକାପଥର ମାଡ଼, ଗାଡ଼ି ଭଙ୍ଗାରୁଜା

ନୟାଗଡ଼ ଅଫିସ, ୭।୮






ଉତ୍ତ୍ୟକ୍ତ ଲୋକମାନେ ପୋଲିସ ଗାଡ଼ି ଭଙ୍ଗାରୁଜା କରୁଛନ୍ତି।

- ରାସ୍ତା ଅବରୋଧ ପରେ ଉତ୍ତେଜନା
- ନାଏବ ସରପଞ୍ଚ ସମେତ ୩ ଜେଲ ଗଲେ
- ବନ୍ଦ ହେଲାନି ଭାରିଯାନ ଚଳାଚଳ

ଶରଣକୁଳ ଥାନା ଗୁଞ୍ଜୁବାରଣ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ କରାଯାଇଥିଲା। ହେଲେ କେତେଜଣ ଲୋକ ପୋଲିସକୁ ହାତ କରି ଭାରିଯାନ ଚଳାଚଳ କରାଇବାରୁ ରବିବାର ସ୍ଥାନୀୟ ଲୋକେ ଗଛ ଡାଳ ପକାଇ ରାସ୍ତା ଅବରୋଧ କରିଥିଲେ। ଏହା ପରେ ସେଠାରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକ ଭାରିଯାନ କର୍ମଚାରୀଙ୍କୁ ଛାଡି ପୋଲିସ ସହ କଥାକଟା କଟି ଓ ଯୁକ୍ତି ତର୍କ କରିଥିଲେ। ଏପରି କି ପୋଲିସ ଉପରକୁ ଟେକାପଥର ମାଡ଼ କରାଯିବା ସହିତ ଗାଡ଼ି ଭଙ୍ଗାରୁଜା କରିଥିଲେ। ଶରଣକୁଳ ପଞ୍ଚାୟତର ନାଏବ ସରପଞ୍ଚ ରୁବି ମହାପାତ୍ରଙ୍କ ନେତୃତ୍ୱରେ କେତେଜଣ ମହିଳା ପୁରୁଷ ପୋଲିସକୁ ପନକି ଧରି ଆକ୍ରମଣ କରିଥିବା ଅନୁରୂପ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ୨ଟି ମାମଲା ରୁଜୁ କରି ନାଏବ ସରପଞ୍ଚ ରୁବି ମହାପାତ୍ର(୨୯),ଚାନ୍ଦପୁରର ମିନତୀ ମଲିକ(୨୭) ଓ ପୂଜା ମଲିକ(୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ୩ଜଣଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗାଁରେ ଉତ୍ତେଜନା ବଢ଼ିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ପୁଆଣିଆ କ୍ରସରରୁ ବଜୁରି, ମେଣ୍ଟାଲ, ଡ଼ିମା, ସାଇଜ୍ ପ୍ରଭୃତି ପୁଆଣିଆଁରୁ ଗୁଞ୍ଜୁବାରଣ ରାସ୍ତା ଦେଇ ନୂଆଜଗନ୍ନାଥ ସଡ଼କର ଆଙ୍ଗସିଙ୍ଗି ସେତୁ ଦେଇ ବିଭିନ୍ନ ଅଞ୍ଚଳକୁ ଯାଉଛି। ଦିନ ରାତି ରାସ୍ତାରେ ମାଲ ବୋଝେଇ ଭାରିଯାନ ଯାତାୟତ କରିବା ଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିଲା। ଏଥିପାଇଁ ରାସ୍ତା ଖାଲଖମା ହୋଇ ବିପଦସଙ୍କୁଳ ପାଲଟିଥିଲା। ଏଭଳିସ୍ଥଳେ ଛାତ୍ରୀଛାତ୍ରଙ୍କ ସ୍କୁଲକୁ ଯିବା, ବଜାରରୁ ସଉଦା ଆଣିବା, ଗାଁଦାଣ୍ଡରେ ପିଲାମାନେ ଖେଳକୁଦ କରି ନ ପାରିବା ପରେ ଅଭିଭାବକ ନିରାପଦ ମଣିଲେନି। ଏଣୁ ଗୁଞ୍ଜୁବାରଣର କେତେଜଣ ଲୋକ ରାସ୍ତାରେ ଭାରି ଯାନ ଚଳାଚଳକୁ ବିରୋଧ କଲେ। ଏପରିକି ଭାରିଯାନ ଚଳାଚଳକୁ ବନ୍ଦ କରାଇଲେ। ଯେହେତୁ କ୍ରସର ପୁଆଁଣିଆରେ ରହିଛି ଭାରିଯାନ ମାଲିକ ପୋଲିସ ସହାୟତାରେ ଯିବା ଆସିବା କରିବାକୁ ପଦକ୍ଷେପ ନେଇଥିଲେ। ପୋଲିସର ହସ୍ତକ୍ଷେପ ପରେ ଗାଁଲୋକ ୩୧ ତାରିଖରେ ଭାରିଯାନର ଡ୍ରାଇଭରଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ରାସ୍ତାରେ ଆଉ ଗାଡ଼ି ଆଣିଲେ ପରିସ୍ଥିତି ଭଲ ହେବ ନାହିଁ ଚେତାବନୀ ଦେଇଥିଲେ। ଏନେଇ ଭାରିଯାନ ମାଲିକ ରବିବାର ଶରଣକୁଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରିବାକୁ ଗୁଞ୍ଜୁବାରଣରେ ପହଞ୍ଚିଥିଲା। ପୋଲିସ ପହଞ୍ଚିଲା ବେଳକୁ ରାସ୍ତାରେ ଡାଳ ପକାଇ ରାସ୍ତା ଅବରୋଧ ହୋଇଛି। ପୋଲିସ ଡାଳ ରାସ୍ତାରୁ ହଟାଇବା ପରେ ଲାଞ୍ଚ ଖାଇ ପୋଲିସ ଗାଡି ମାଲିକଙ୍କୁ ସହଯୋଗ କରୁଛି ବୋଲି ଆନ୍ଦୋଳନକାରୀ କହିଥିଲେ। ଏଭଳିସ୍ଥଳେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧରେ ବିବାଦ ଦେଖା ଦେଇଥିଲା। କେତେଜଣ ମହିଳା ଓ ପୁରୁଷ ପୋଲିସକୁ ପିନିକିରେ ଆକ୍ରମଣ କରିଥିଲେ। ପରେ ଟେକାପଥର ମାଡ ହୋଇଥିଲା। ପୋଲିସ ନାଏବ ସରପଞ୍ଚ ସମେତ ୩ଜଣଙ୍କୁ ଗିରଫ କରିବା ପରେ ଉତ୍ତେଜନା ବଢ଼ିଥିଲା। ପୋଲିସ ଗାଡିକୁ ଭଙ୍ଗାରୁଜା କରାଯାଇଥିଲା। ଏନେଇ ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ଏଏସଆଇ ସନ୍ଧ୍ୟାରାଣୀ ସେଠୀ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ବେଳେ ଆକ୍ରମଣ ହୋଇଥିଲା। ଏଣୁ ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ଗିରଫଦାରି କରିଥିଲା। ମିଲ ମାଲିକ ପ୍ରସନ୍ନ ରଥଙ୍କ ଅଭିଯୋଗ କ୍ରମେ ଏକ ମାମଲା(ନଂ.୧୦୦/୨୨) ରୁଜୁ ହୋଇଛି। ଏଏସଆଇ ସନ୍ଧ୍ୟାରାଣୀ ସେଠୀଙ୍କ ଅଭିଯୋଗ କ୍ରମେ ୩୩୨, ୩୫୩, ୧୮୬, ୩୪୧, ୨୯୪, ୩୦୭, ୫୦୬, ୩ପିଡିପିପି ଆକ୍ଟ ଦଫାରେ ୧୦୧/୨୨ରେ ମାଲା ରୁଜୁ ହୋଇଛି। ୩ଜଣ ଗିରଫ ହୋଇଛନ୍ତି। ଏଥିରେ ସଂପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

**୧୦୭ ବିଦ୍ୟାଳୟକୁ ଜମି ପଟ୍ଟା ବଣ୍ଟନ**

**ଫୁଲବାଣୀ ଅଫିସ/ଫିରିଙ୍ଗିଆ:** କନ୍ଧମାଳ ଜିଲା ଫିରିଙ୍ଗିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ବିଦ୍ୟାଳୟ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନମିତା କହଁର, ତହସିଲଦାର ପୁନମ ରାଉତ ପ୍ରମୁଖ ଯୋଗଦେଇ ୧୦୭ଟି ବିଦ୍ୟାଳୟର ଜମି ପଟ୍ଟା ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ତପନ କୁମାର ମଲ୍ଲିକ, ବ୍ଲକ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଲ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର ମିଶ୍ର, ରାଜସ୍ୱ ନିରୀକ୍ଷକ ମଧୁସ୍ମିତା ନାୟକ, ପ୍ରଧାନଶିକ୍ଷକ କୈଳାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ୨୫ରୁ ପେନସନ ଅଦାଲତ

**ଛତ୍ରପୁର,୭।୮(ଡିଏନଏ ):** ପ୍ରଧାନ ମହାଲେଖାଗାର (ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ)ଙ୍କ ଦ୍ୱାରା ସାଧାରଣ ପ୍ରଶାସନ ସହଯୋଗ କ୍ରମେ ଗଞ୍ଜାମ ଜିଲାରେ ପେନସନ ଅଦାଲତ ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଯେଉଁମାନଙ୍କର ପେନସନ ସମ୍ବନ୍ଧୀୟ କିଛି ଆପତ୍ତି ଅଭିଯୋଗ ରହିଛି ସେମାନେ ଛତ୍ରପୁର ସ୍ଥିତ ଜିଲା ସଂସ୍କୃତି ଭବନଠାରେ ଉପସ୍ଥିତ ରହିବେ। ସେମାନଙ୍କ ଅଭିଯୋଗ ଶୁଣାଣି କରାଯାଇ ଫୈସଲା ହେବ । ଏଣୁ ଏହି ସୁଯୋଗକୁ ହାତଛଡା ନ କରିବା ସକାଶେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳ ଅବଗତ କରାଇଛନ୍ତି ।

### ବିଦ୍ୟାଳୟରେ ପୁସ୍ତକ ବିତରଣ

**ବାଲିଗୁଡା, ୭।୮(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ କୁଡୁତୁଲି ସରକାରୀ ଉଚ୍ଚବିଦ୍ୟାଳୟରେ ପୁସ୍ତକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଡୁତୁଲି ସରପଞ୍ଚ ଶ୍ରୀଚନ୍ଦ୍ର ମଲିକ ଯୋଗଦେଇ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ ପୁସ୍ତକ ବଣ୍ଟନ କରିଥିଲେ। ସ୍କୁଲ ସଭାପତି ସୁଜିତ ବେହେର ଦଳାଇ, ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ଚାରା ରୋପଣ କାର୍ଯ୍ୟକ୍ରମ

**ଆସିକା,୭।୮(ଡି.ଏନ.ଏ.):** ବିଜେଡିର ୨୫ ବର୍ଷ ପୂର୍ତ୍ତି ଅବସରରେ ଶନିବାର ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ଛାତ୍ର ବିଜେଡି ପକ୍ଷରୁ ଆସିକା ବ୍ଲକର ମୁନିଗାଡି, ବାଙ୍ଗରଡ଼ା, କେନ୍ଦୁପଦର, ନିମିନା, ବାଲିସିରା ଓ କମାଗଡ ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାରା ରୋପଣର ଆବଶ୍ୟକତା ସମ୍ପର୍କରେ ସୂଚନା ଦେବା ସହ ସମସ୍ତେ ସେଥିରେ ସାମିଲ ହେବା ଲାଗି ନିବେଦନ କରିଥିଲେ । ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଆସିକା ବ୍ଲକ ଯୁବ ବିଜେଡି ସଭାପତି ଶିବ ନାହାକ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ତଥା ଜିଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା, ତନ୍ମୟୀ ନାହାକ, ରାଜେଶ ପଟ୍ଟନାୟକ, ଅଭିମନ୍ୟୁ ନାହାକ, ବିଦ୍ୟାନ୍ତ କୁମାର ଚର୍ଚ୍ଚି, ଶଶାଙ୍କ ଚର୍ଚ୍ଚିଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ସାମିଲ ଥିଲେ।

### କଡକନାଥ କୁକୁଡ଼ା ପାଳନ ତାଲିମ ଶିବିର

**ଫୁଲବାଣୀ ଅଫିସ, ୭।୮:** ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହରେ ଶନିବାର କଡକନାଥ କୁକୁଡ଼ା ପାଳନ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ଯୋଗଦେଇ କଡକନାଥ କୁକୁଡା ମାଂସର ଚାହିଦା ଏବେ ବାଜରରେ ଢ଼େର ଉଚ୍ଚା ରହିଛି । ଏହାକୁ ପାଳନ କରି ବିକ୍ରି କଲେ ଅଧିକ ଲାଭ ମିଳିବା ସହ ଆଦିବାସୀ ଭାଇମାନେ ଆର୍ଥିକ ସ୍ୱାବଲମ୍ବି ହୋଇପାରିବେ ବୋଲି କହିଥିଲେ। ତାଲିମଦାତା ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା.ମନୋଜ କୁମାର ସାହୁ, ଡା. ସଂଗ୍ରାମ କେଶରୀ ସାହୁ ଯୋଗଦେଇ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଚାଷୀମାନେ ଚାହିଁଲେ ବିଭଗ ପକ୍ଷରୁ କୁକୁଡା ଚିଆଁ ଏବଂ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଆଦିବାସୀ ନେତା ସୁଦର୍ଶନ କହଁର ଚାଷୀମାନଙ୍କୁ ବୁଝାଇଥିଲେ । ଆଇଟିଡିଏ ପକ୍ଷରୁ ଜୀବିକା ବିଶେଷଜ୍ଞ ବୈଦ୍ୟନାଥ ଖଟୁଆ, ପ୍ରକଳ୍ପ ପରିଚାଳକ ପି.ମୁରଲୀ ମୋହନ, ଶୁଭଶ୍ରୀ ମହାନ୍ତି ବିଭାଗ ପକ୍ଷରୁ ମିଳୁଥିବା ସହାୟତା ଉପରେ ଅବଗତ କରିଥିଲେ । ଶିବିରରେ ୪୫ ଜଣ ଚାଷୀ ଯୋଗ ଦେଇଥିଲେ ।

### ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ

**ବଲସକୁମ୍ପା,୭।୮:** କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୁତିମେଣ୍ଡି ପଞ୍ଚାୟତର ଲମ୍ବାଗୁଡ଼ି ସରକାରୀ ସେବାଶ୍ରମ ସ୍କୁଲରେ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରୀଛାତ୍ରମାନଙ୍କୁ ପ୍ରଧାନ ଶିକ୍ଷକ କୁମାର ଚନ୍ଦ୍ର ପାଢ଼ୀଙ୍କ ନେତୃତ୍ୱରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦୁତିମେଣ୍ଡି ପଞ୍ଚାୟତର ସରପଞ୍ଚ ଦମୟନ୍ତୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସ୍କୁଲର ସଭାପତି ଚତୁର୍ଭୁଜ ମଲ୍ଲିକ, ପୀତାମ୍ବର କହଁର ଯୋଗଦେଇଥିଲେ। ସ୍କୁଲର ସମସ୍ତ କର୍ମଚାରୀ ସନ୍ଧ୍ୟାରାଣୀ ମହାପାତ୍ର, ବୈଦ୍ୟନାଥ ପାଟଯୋଶୀ, ରୋହିତ କୁମାର ବେହେରା, ସୁକାନ୍ତ କୁମାର ସାହୁ, ରତ୍ନପୂର୍ଣ୍ଣା ରଥ, ସ୍ନିଗ୍ଧାରାଣୀ ବେହେରା, ସ୍ୱାତିତନ୍ମୟା ପଣ୍ଡା ଯୋଗଦେଇ ପୋଷାକ ବିତରଣରେ ସହଯୋଗ କରିଥିଲେ।

# ବିଏସ୍ଏନ୍ଏଲ୍ ସେବା ବିଭ୍ରାଟ

**ପୁରୁଷୋତ୍ତମପୁରରେ ୫ ମାସରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ଶୋଷଣ ଅଭିଯୋଗ**

**ପୁରୁଷୋତ୍ତମପୁର,୭।୮(ଡି.ଏନ.ଏ.)**

ଭାରତ ସଞ୍ଚାର ନିଗମ ଟେଲିକମ୍ ସଂସ୍ଥା (ବିଏସ୍ଏନ୍ଏଲ୍) ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଉଦାସୀନତା ଯୋଗୁ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଅଞ୍ଚଳରେ ଦୀର୍ଘ ୫ ମାସରୁ ଊର୍ଦ୍ଧ୍ୱ ହେଲା ସେବା ବିଭ୍ରାଟ ଘଟି ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି। ପୁରୁଷୋତ୍ତମପୁର ଟେଲିକମ୍ ଏକ୍ସଚେଞ୍ଜଟି ମୁଖ୍ୟ ହୋଇଥିବା ହେତୁ ଏହାଉପରେ ତିନି ଗୋଟି ଏକ୍ସଚେଞ୍ଜ ଶୋଳଘର, ଜାମୁନି, ଭାଟକୁମରଡ଼ା ଆଦି ନିର୍ଭର କରୁଥିବା ବେଳେ ଏହା ସହ ୯ ମୋବାଇଲ ସେବା (ବିଟିଏସ୍) ପୁରୁଷୋତ୍ତମପୁର, କୁମାରୀ, ଶୋଳଘର, ପାଣ୍ଡିଆ, ତାରାତାରିଣୀ ଛକ, ଭାଟକୁମରଡା, ଜାମୁନି, ବିଏନ ପୁର, ଶିକୁଳା ଟାୱାର ନିର୍ଭର କରୁଛି। ମାତ୍ର ଏହି ପୁରୁଷୋତ୍ତମପୁର ଏକ୍ସଚେଞ୍ଜରେ ଦୀର୍ଘ ୫ମାସରୁ ଊର୍ଦ୍ଧ୍ୱ ହେଲା ବ୍ୟାଟେରି ନଷ୍ଟ ହୋଇଯାଇଛି। ଫଳରେ ବିଦ୍ୟୁତ୍ ଚାଲିଯିବା କ୍ଷଣି ବିଏସ୍ଏନ୍ଏଲ୍ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇପଡୁଛି। ଯାହାଦ୍ୱାରା ଇଣ୍ଟରନେଟ୍ ସେବା ଫେଲ ହୋଇ ବ୍ୟାଙ୍କଗୁଡ଼ିକରେ କାରବାର ବନ୍ଦ ହୋଇପଡୁଥିବା ବେଳେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟମାନ ବନ୍ଦ ହୋଇପଡୁଛି। ଯାହାଦ୍ୱାରା ବିଭିନ୍ନ କାର୍ଯ୍ୟଲାଗି ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି। ଅନ୍ୟପକ୍ଷରେ ମୋବାଇଲ ସେବା ମଧ୍ୟ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇପଡୁଛି। ଫଳରେ ଅଞ୍ଚଳର ହଜାର ହଜାର ଗ୍ରାହକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଏସ୍ଏନ୍ଏଲ୍ ଠିକ୍ ସମୟରେ ଗ୍ରାହକଙ୍କ ଠାରୁ ବିଲ୍ ଓ ରିଚାର୍ଜର ଟଙ୍କା ନେଉଥିବା ବେଳେ ଏଭଳି ଦୀର୍ଘ ଦିନ ହେଲା ଠିକ୍ ଭାବରେ ସେବା ନ ଦେଇ ଗ୍ରାହକଙ୍କୁ ଶୋଷଣ କରିବାରେ ଲାଗିଥିବା ଅଭିଯୋଗ ହୋଇଛି। ଗ୍ରାହକମାନେ ପୁରୁଷୋତ୍ତମପୁର ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କଲେ କର୍ମଚାରୀମାନେ ନିଃସହାୟ ପ୍ରକାଶ କରି ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇଛୁ ମାତ୍ର ବ୍ୟାଟେରି ଦିଆଯାଉ ନ ଥିବା କହୁଛନ୍ତି। ଏହାକୁ ନେଇ ଏଠାରେ ଜନଅସନ୍ତୋଷ ଦେଖା ଦେଇଛି। ଏଣୁ ତୁରନ୍ତ ବିଏସ୍ଏନ୍ଏଲ୍ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାଲାଗି ଗ୍ରାହକଙ୍କ ସହ ଜନସାଧାରଣ ଦାବି କରିଛନ୍ତି।

## ଛତୁଆ ମାନ ଯାଞ୍ଚ କଲେ ତହସିଲଦାର, ସିଡିପିଓ

**ଶେରଗଡ଼,୭।୮(ଡି.ଏନ୍.ଏ.)**

ଶେରଗଡ଼ ବ୍ଲକର କୁମାରପାଣି ଗ୍ରାମରେ ଚାଲିଥିବା ମହାମାୟୀ ଛତୁଆ କେନ୍ଦ୍ରକୁ ଶନିବାର ତଦସିଲଦାର ଡ. ଦୟାସିନ୍ଧୁ ପରିଡ଼ା ଓ ସିଡିପିଓ ଗୀତାଞ୍ଜଳି ରାଉଳ ପରିଦର୍ଶନ କରି ଛତୁଆର ମାନ ଯାଞ୍ଚ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର, ସିଡିପିଓ ଏବଂ ଦୁଇ ସୁପରଭାଇଜରଙ୍କ ସହ ଶେରଗଡ଼ ଥାନାଧିକାରୀ ମନୋଜ କୁମାର ପ୍ରଧାନ କୁମାରପାଣି ଓ ଅଲାରିଗଡ଼ ଛତୁଆ କେନ୍ଦ୍ରରେ ଛତୁଆର ମାନ ପରଖିଛନ୍ତି। ଓଜନ କରିବା ପରେ ମାନ ପରଖିବା ପାଇଁ ଜିଲା କାର୍ଯ୍ୟାଳୟକୁ ପ୍ରେରଣ କରାଯିବ ବୋଲି ସିଡିପିଓ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସବିଶେଷ ରିପୋର୍ଟ ଆସିଲା ପରେ ଫଳାଫଳ ଜଣାପଡ଼ିବ ବୋଲି ତହସିଲଦାର କହିଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ



ବିଡ଼ିଓ ଏବଂ ବ୍ଲକ ଅଧ୍ୟକ୍ଷା ଭିନ୍ନକ୍ଷମମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି ।

**ଦିଗପହଣ୍ଡି,୭।୮(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବିଡ଼ିଓ ହଳଧର ଶବରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ସୁନୀତା କୁମାରୀ ସେଠୀ ଏହାର ଉଦଘାଟନ କରିଥିଲେ। ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ଏବଂ ସେମାନଙ୍କୁ ଉପଯୁକ୍ତ ସହାୟତା ଯୋଗାଇବା ସହ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଏଭଳି କାର୍ଯ୍ୟକ୍ରମର ବନ୍ଦୋବସ୍ତ କରିଛନ୍ତି। ଶିବିରରେ ୪୬ ଜଣ ଦୃଷ୍ଟିହୀନ, ବିକଳାଙ୍ଗ ୪୫, ମୁକବଧିର ୫୨, ବହୁମୁଖୀ ଅସାମର୍ଥ୍ୟ ୧୪, ମାନସିକ ଅନଗ୍ରସର ୫ ଓ ଅକର୍ମଣ୍ୟ ୧୮୫ ଙ୍କ ସମେତ ଅନେକ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ। ପୂର୍ବରୁ ଚିହ୍ନଟ ହିତାଧିକାରୀଙ୍କୁ ୩୦ଟି ଟ୍ରାଇ ସାଇକେଲ ଓ ୨୦ଟି ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା। ଦିଗପହଣ୍ଡି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପୁଷ୍ପାଞ୍ଜଳୀ ଶତପଥୀ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କୃଷ୍ଣଚନ୍ଦ୍ର ସେଠୀ, ବ୍ଲକ କର୍ମଚାରୀ ଭଗବାନ ବେହେରା, ପ୍ରେମାନନ୍ଦ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ମହାପାତ୍ର, ବି. କ୍ରିଷ୍ଣାରାଓ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ।

# ଆସିକାରେ ତ୍ରିରଙ୍ଗା ଶୋଭାଯାତ୍ରା



ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

**ଆସିକା,୭।୮(ଡି.ଏନ୍.ଏ.)**

ଆସିକା ଡାକମଣ୍ଡଳ ପକ୍ଷରୁ ରବିବାର ଆସିକା ସହରରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ହରିହର ହାଇସ୍କୁଲର ସ୍କାଉଟ କ୍ୟାଡେଟ ଓ ଡାକ ବିଭାଗ କର୍ମଚାରୀ ସାମିଲ ଥିଲେ ।ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ହର ଘର ତ୍ରିରଙ୍ଗା ଆହ୍ୱାନ ପ୍ରତି ସାଧାରଣରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଶୋଭାଯାତ୍ରା କରାଯାଇଥିବା ଆସିକା ଡାକମଣ୍ଡଳ ଅଧୀକ୍ଷକ ଗୋପେଶ ଦାସ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଡାକ ଅଧୀକ୍ଷକ ଭାଗ୍ୟଧର ଦାସ, ହେଡପୋଷ୍ଟ ମାଷ୍ଟର ଜିତେନ୍ଦ୍ର କୁମାର ସ୍ୱାଇଁ, ବ୍ୟବସାୟୀକ ଅଧୀକାରୀ ପ୍ରତାପ ଚନ୍ଦ୍ର ସ୍ୱାଇଁ, ଦୀପକ ରଞ୍ଜନ ପାଣିଗ୍ରାହୀଙ୍କ ସମେତ ଡାକ କର୍ମଚାରୀ ସାମିଲ ଥିଲେ। ଅଦ୍ୟାବଧି ଆସିକା ଡାକଘର ପକ୍ଷରୁ ୫ ହଜାର ଜାତୀୟ ପତାକା ବିକ୍ରି ହୋଇଥିବା ବ୍ୟବସାୟିକ ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି ।

## ଗର୍ଭବତୀଙ୍କ ଚିକିତ୍ସା ବ୍ୟବସ୍ଥା କଲା ଗାଁ କଲ୍ୟାଣ ସମିତି

**ଧରାକୋଟ,୭।୮(ଡି.ଏନ୍.ଏ.)**

ଧରାକୋଟ ବ୍ଲକ ଅନ୍ତର୍ଗତ ଗୋଲା ଦାମୋଦରପଲ୍ଲୀ ପଞ୍ଚାୟତ କମାଶାସନ ଗ୍ରାମର ଗାଁ କଲ୍ୟାଣ ସମିତି ମାତୃମୃତ୍ୟୁ ରୋକିବାକୁ ପ୍ରୟାସ ଚଳାଇଛି। କମାଶାସନ ଗ୍ରାମ ଦଳିତ ସାହିର ଜଣେ ଚାରି ମାସର ଗର୍ଭବତୀ ରକ୍ତହୀନତାର ଶିକାର ହୋଇଥିଲେ । ପ୍ରଥମେ ତାଙ୍କ ନାମ ଗ୍ରାମ୍ୟ ସ୍ୱାସ୍ଥ୍ୟ ପୋଷଣ କେନ୍ଦ୍ରରେ ପଞ୍ଜୀକରଣ କରି ରକ୍ତହୀନତା ପରୀକ୍ଷା କରାଯିବାରେ ସେ ବିପଦସଂକୁଳ ଅବସ୍ଥାରେ ରହିଥିବା ଜଣାପଡ଼ିଥିଲା। ତାଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଅଧିକ ଚିକିତ୍ସା କରୁ ନ ଥିଲେ। ଗାଁ କଲ୍ୟାଣ ସମିତି ଏହା ଜାଣିବା ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବିନାୟକ ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ସବିତା କୁମାରୀ ମହାନ୍ତି, ରଶ୍ମିତା ସେଠୀ, ଆଶା କର୍ମୀ ବନିତା ବେହେରା, ୱାର୍ଡ ସଭ୍ୟ ନମିତା ରେଡ୍ଡୀ, ସୀମାଞ୍ଚଳ ରେଡ୍ଡୀ ପ୍ରମୁଖ ତାଙ୍କ ପରିବାର ସହ ଆଲୋଚନା କରି ମାଗଣା ଗାଡି, ଔଷଧ, ରକ୍ତ ବ୍ୟବସ୍ଥା କରିବା ସହ ପୃଷ୍ଟିକର ଖାଦ୍ୟ ପାଇଁ ୫୦୦ ଟଙ୍କା ପ୍ରଦାନ କରିଛନ୍ତି। ଗାଁ କଲ୍ୟାଣ ସମିତିର ଏହି ଅଭିନବ ପ୍ରୟାସକୁ ଜିଲା ଗାଁ କଲ୍ୟାଣ ପରିଚାଳକ ଆଶିଷ କୁମାର ମିଶ୍ର ପ୍ରଶଂସା କରିଛନ୍ତି ।

## ମୃତକଙ୍କ ପରିବାରକୁ ଭେଟିଲେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ

**ଗୋପାଳପୁର,୭।୮(ଡି.ଏନ.ଏ.)**

ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଲନ୍ଥରା ଗ୍ରାମରେ ମୃତ୍ୟୁବରଣ କରିଥିବା ଦୁଇ ପରିବାରକୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ.ଗୋପବନ୍ଧୁ ଦାସ ସାକ୍ଷାତ କରି ସମବେଦନା ଜଣାଇଛନ୍ତି। ଗୋଲନ୍ଥରା ଗ୍ରାମରେ ପହଞ୍ଚି ରିତେଶ ଜେନା ଗତ ୧୦ ଦିନ ହେଲା ବ୍ରେନ୍ ମ୍ୟାଲେରିଆ ଓ ଅନ୍ୟ ରୋଗରେ ପୀଡ଼ିତ ହୋଇ ଶୁକ୍ରବାର ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଉକ୍ତ ଗ୍ରାମର ବାୟା ଜେନା ମଧ୍ୟ ଅସୁସ୍ଥତା କାରଣରୁ ଗତ ୬ ଦିନ ପୂର୍ବେ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ମୃତକଙ୍କ ଦୁଇ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ମଧ୍ୟାହ୍ନରେ ଡ଼. ଦାସ ମୃତକଙ୍କ ପରିବାରଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଉଭୟ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ଓ ଅନ୍ୟାନ୍ୟ ସ୍ତରରେ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଜିଲା ପରିଷଦ ଉପସଭାନେତ୍ରୀ ରାଜେଶ୍ୱରୀ ଦୋରା, ବ୍ଲକ ଉପାଧ୍ୟକ୍ଷ ଅନିତା ମହାକୁଡ଼, ଗୋପାଳପୁର ଏନ୍ଏସି ଅଧ୍ୟକ୍ଷ ଜାନକୀ ରାମ, ବିଶ୍ୱନାଥପୁର ସମିତିସଭ୍ୟ ବିଷ୍ଣୁପ୍ରିୟା ନାୟକ, ବ୍ଲକ ଓଏସ୍ଡି ପ୍ରତାପ ଚନ୍ଦ୍ର ପଟ୍ଟନାୟକ ବ୍ଲକ ବିଜେଡି ସଭାପତି ଅଜିତ ଦାଶ, ସନ୍ତୋଷ ପ୍ରଧାନ, ଭଗବାନ ଜେନା, ଅଶୋକ ଜେନା, ପ୍ରକାଶ ଜେନା, ନରେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପିପୁଲ୍ସ କଲେଜ ପକ୍ଷରୁ ଶ୍ରମମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ବୁଗୁଡ଼ା,୭।୮(ଡି.ଏନ.ଏ.)**

ବୁଗୁଡା ପିପୁଲ୍ସ କଲେଜ ପକ୍ଷରୁ ସ୍ୱପରିସରରେ ରବିବାର ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରଜନୀକାନ୍ତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଓଡ଼ିଶା ସରକାରଙ୍କ ଶ୍ରମ, ନିଯୁକ୍ତି ଓ ରାଜ୍ୟ ବୀମା କର୍ମଚାରୀ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ କଲେଜ ତରଫରୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ବୁଗୁଡ଼ା ଏନ୍ଏସି ନଗରପାଳ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, କଲେଜର ନୂତନ ପରିଚାଳନା କମିଟି ସଭାପତି ରଜନୀକାନ୍ତ ଭଞ୍ଜଙ୍କ ସମେତ ସମସ୍ତ ସଭ୍ୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପକ ପ୍ରଦୀପ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପରିଶେଷରେ ଆତ୍ମପ୍ରକାଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ।

## ବନ୍ଧ ଛକ, ନୂଆହାଟରେ ପରିସ୍ରାଗାର ଉଦ୍ଘାଟନ

**ଜି.ଉଦୟଗିରି,୭।୮(ଡି.ଏନ.ଏ.)**

ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଚକରା ବିଷୋୟୀ ଛକ ବା ବନ୍ଧ ଛକଠାରେ ଏକ ପରିଶ୍ରାଗାର ନିର୍ମାଣ ସରିବା ସରିବା ପରେ ଶନିବାର ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଛି। ପ୍ରତିଦିନ ଏହି ଛକ ଦେଇ ବହୁସଂଖ୍ୟାରେ ଯାତ୍ରୀବାହୀ ବସ ଯାତାୟାତ କରୁଥିବା ବେଳେ ଯାତ୍ରୀ ପରିଶ୍ରା କରିବାକୁ ନେଇ ରହିଥିଲା ସମସ୍ୟା। ଏହାର ସମାଧାନ ନିମନ୍ତେ ଜନସାଧାରଣଙ୍କ ବହୁଦିନରୁ ଦାବି ରହିଥିଲା। ଯାହାକୁ ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନା ମାଧ୍ୟମରେ ଏନଏସି ତରଫରୁ ଚକରା ବିଶୋୟୀ ଛକ ବା ବନ୍ଧ ଛକ ଠାରେ ନିର୍ମାଣ କରାଯାଇଛି। ଏଥି ସହିତ ନୂଆଁହାଟ ଠାରେ ସପ୍ତାହର ପ୍ରତ୍ୟେକ ଶନିବାର ହେଉଥିବା ସାପ୍ତାହିକ ହାଟକୁ ଆସୁଥିବା ବ୍ୟବସାୟୀ, ଗ୍ରାହକମାନଙ୍କ ନିମନ୍ତେ ମାଁ ବରାଳିନି ମିଶନ ଶକ୍ତି ଗ୍ରୁପ ମାଧ୍ୟମରେ ‘ଲୁ’ ଶୌଚାଳୟ ନିର୍ମାଣ ମଧ୍ୟ ମୁକ୍ତା ଯୋଜନା ଦ୍ୱାରା ନିର୍ମାଣ ହୋଇଛି। ମୁକ୍ତା ଯୋଜନା ଦ୍ୱାରା ନିର୍ମିତ ହୋଇଥିବା ୨ ଟି ପ୍ରକଳ୍ପକୁ ଏନ୍ଏସି ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ, ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ଜାକେସ କୁମାର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ସସ୍ମିତା ବେହେରା, ପ୍ରୋଗ୍ରାମ କୋଡ଼ିନେଟର ପ୍ରଭାତ ରଞ୍ଜନ ସାହୁ, ମୁକେଶ ରଞ୍ଜନ ନାୟକ, ନିଶିକଳା ମହାନ୍ତି ଓ ଏନ୍ଏସିର କର୍ମଚାରୀମାନେ ଯୋଗ ଦେଇଥିଲେ।



ପରିସ୍ରାଗାର ସହ ଶୌଚାଳୟ ଉଦ୍ଘାଟନ ଅବସରରେ ଉପସ୍ଥିତ ଅତିଥି ।

# ‘ପରିଶ୍ରମ କରି ଲକ୍ଷ ସ୍ଥଳରେ ପହଞ୍ଚି ହେବ’



ଉତ୍ସବରେ ମଞ୍ଚାସୀନ ଅତିଥି ।

**ଗଞ୍ଜାମ,୭।୮(ଡି.ଏନ.ଏ.)**

ଗଞ୍ଜାମ ମହାବିଦ୍ୟାଳୟର ୫୪ତମ ପ୍ରତିଷ୍ଠା ଉତ୍ସବ ରବିବାର ଅଡିଟୋରିୟମ ହଲ୍‌ରେ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର (ଓଏସ୍ଏ -୧)ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଡ. ଗୋପବନ୍ଧୁ ଦାଶ, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗୀୟ ମୁଖ୍ୟ ଡ. ସୁଧାକର ପାତ୍ର ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ଡ.ପ୍ରବୀଣ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କଲେଜରେ ରହିଥିବା ବିଭିନ୍ନ ସମସ୍ୟା ନେଇ ଅତିଥିମାନଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଛାତ୍ର ଜୀବନ ଅତ୍ୟନ୍ତ ମୂଲ୍ୟବାନ ସମୟ। ଏହି ସମୟରେ ପରିଶ୍ରମ କରି ଜ୍ଞାନ ଆହରଣ ପୂର୍ବକ ନିଜକୁ ପ୍ରସ୍ତୁତ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗୀୟ ମୁଖ୍ୟ ଲକ୍ଷ୍ମୀ ନାରାୟଣ ପଣ୍ଡା ସଂଯୋଜନା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସନ୍ଦେଶ ଉପସ୍ଥାପନ କରିଥିଲେ ଡ. ସ୍ୱର୍ଣିକା ହୋତା।

## ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ଭଞ୍ଜନଗର,୭।୮(ଡି.ଏନ୍.ଏ.)**

ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ଚଳିତମାସ ବୈଠକ ରବିବାର ସ୍ଥାନୀୟ ନାୟକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୋମନାଥ ନାୟକ ବୈଠକରେ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ସରକାର କରୋନା ମହାମାରୀ ଆଳରେ ବରିଷ୍ଠ ନାଗରିକମାନଙ୍କୁ ରେଳ ଟିକଟରେ ମିଳୁଥିବା ରିହାତି ଉଚ୍ଛେଦ କରିଦେଇଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ପୁନଃ ଉକ୍ତ ସୁବିଧା ଚାଲୁ କରିବା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖାଯିବ। ବରିଷ୍ଠ ନାଗରିକ ମାନଙ୍କୁ ସର୍ବନିମ୍ନ ଦୁଇହାଜର ମାସିକ ବାର୍ଦ୍ଧକ୍ୟ ଭତ୍ତା ଦେବା, ଓଡିଶାର ପ୍ରତ୍ୟେକ ନାଗରିକ ମଞ୍ଚକୁ ଚିତ୍ତ ବିନୋଦନ କେନ୍ଦ୍ର ଯୋଗାଇଦେବା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକାରୀ ସଭ୍ୟ ଅଭିମନ୍ୟୁ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩ ମାସରେ ୧୬୮ଙ୍କୁ ଆତ୍ମନିଯୁକ୍ତି ତାଲିମ

**ଫୁଲବାଣୀ ଅଫିସ, ୭।୮**

ଜିଲାସ୍ତରୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟି ବୈଠକ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାଟିଲ୍ ଆଶିଷ ଇଶ୍ୱର ଅଧ୍ୟକ୍ଷତା କରି ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଚନ୍ଦ୍ରଶେଖର ପ୍ରଧାନ ଯୋଗଦେଇ ଚଳିତ ବର୍ଷ ଏପ୍ରିଲରୁ ଜୁନ୍ ମଧ୍ୟରେ ହାଲୁକା ଯାନ ଚାଳନା, ମହିଳା ଟେଲର୍, ମହୁମାଛି ଚାଷ, ଛତୁ ଚାଷ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ୯୦ ଦିନରେ ୧୬୮ ଜଣଙ୍କୁ ଆତ୍ମନିଯୁକ୍ତି ତାଲିମ ପ୍ରଦାନ କରାଯାଇଛି। ଏମାନେ ସମସ୍ତେ ଜାତୀୟ ଗ୍ରାମୀଣ ଜିବିକା ମିଶନ ତରଫରୁ ମନୋନୀତ ହୋଇଥିଲେ। ଏଥିପାଇଁ ଖାଦ୍ୟ, କିଟ୍ ଓ ପାରିତୋଷିକ ବାବଦକୁ ୫ଲକ୍ଷ ୬୭ହଜାର ୫୮୫ଟଙ୍କା ବ୍ୟୟ କରାଯାଇଛି। ସେହିପରି ବିଦ୍ୟୁତ୍, ଟେଲିଫୋନ୍, ପୋଷ୍ଟେଜ୍, ଟ୍ରାଭେଲିଂ, ଷ୍ଟେସନାରୀ, ମରାମତି, ବହିପତ୍ର ଓ ମାଗାଜିନ୍ ଏବଂ ଅନ୍ୟାନ୍ୟ ବାବଦରେ ୩ ଲକ୍ଷ ୨୨ ହଜାର ୯୬୨ ଟଙ୍କା ବ୍ୟୟ କରାଯାଇଛି। ଏହା ବ୍ୟତୀତ ଦରମା ଓ ସେବା କର ବାବଦରେ ୨ ଲକ୍ଷ ୬୩ ହଜାର ୯୪୯ଟଙ୍କା ବ୍ୟୟ ହୋଇଛି। ଜୁନ୍ ୨୦୨୨ ସୁଦ୍ଧା ସମୁଦାୟ ତାଲିମ ପାଇଥିବା ଯୁବତୀ ଯୁବକମାନଙ୍କ ମଧ୍ୟରୁ ୭୭ ପ୍ରତିଶତ ଆତ୍ମନିଯୁକ୍ତି ପାଇଥିବା ବେଳେ ୬୩ ପ୍ରତିଶତ କ୍ରେଡିଟ୍ ଲିଙ୍କେଜ୍ ହୋଇପାରିଛି ବୋଲି ସୂଚନା ଦେଇଥିଲେ।

ସମୀକ୍ଷା ବୈଠକରେ ପିଡି ଡିଆରଡିଏ ବିଶ୍ୱରଞ୍ଜନ ନାୟକ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏଜିଏମ୍ ମୋହିତ ଅଗ୍ରୱାଲ୍, ନାବାର୍ଡର ଜିଲା ଉନ୍ନୟନ ପରିଚାଳକ ଏସ୍.କେ.ମହାନ୍ତି, ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ପ୍ରଶାନ୍ତ କୁମାର ବେହେରା, ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ବିଷ୍ଣୁ କୁମାର ସାହାଣୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ବନ୍ଧୁତ୍ୱ ଦିବସରେ ୨ ବନ୍ଧୁଙ୍କ ଜୁଇ ଜଳିଲା

ଭାପୁର,୭।୮ (ଡି.ଏନ.ଏ.)

ରବିବାର ବନ୍ଧୁତ୍ୱ ଦିବସରେ ଦୁଇ ସାଙ୍ଗଙ୍କ ଜୁଇ ଜଳିଛି। ଏଭଳି ଦୁଃଖଦ ଘଟଣା ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ପଥରଚକଡା ପଞ୍ଚାୟତ ମାଧପୁର ଗ୍ରାମରେ ଘଟିଛି। ମାଧପୁର ଗ୍ରାମର ପ୍ରଦୀପ କୁମାର ସାହୁ(୫୦) ଓ ଘନଶ୍ୟାମ ବାରିକ (୫୦) ଦୁଇ ସାଙ୍ଗ। ଗୋଟିଏ ସ୍କୁଲରେ ପଢୁଥିବା ଏହି ଦୁଇ ସାଙ୍ଗ ଏକାଠି ଖେଳକୁଦ, ବୁଲାବୁଲି କରୁଥିଲେ। ବିବାହ ପରେ ପ୍ରଦୀପ ବଲାଙ୍ଗୀରରେ ଏକ ତେଜରାତି ଦୋକାନ କରି ପରିବାର ସହ ସେଠାରେ ରହୁଥିଲେ। ସେହିପରି ଘନଶ୍ୟାମ ତେଲେଙ୍ଗାନାରେ ଏକ କମ୍ପାନୀରେ କାମ କରୁଥିଲେ। ଦୁଇ ସାଙ୍ଗ ସବୁବେଳେ


ଘନଶ୍ୟାମ ବାରିକ

ଫୋନରେ କଥାବାର୍ତ୍ତା ହୁଅନ୍ତି , ନିଜର ସୁଖଦୁଃଖକୁ ପରସ୍ପର ମଧ୍ୟରେ ବାଣ୍ଟନ୍ତି।


ପ୍ରଦୀପ କୁମାର ସାହୁ

ଘନଶ୍ୟାମ କିଛିଦିନ ତଳେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ତେଲେଙ୍ଗାନାରେ ଚିକିତ୍ସା ସତ୍ତ୍ୱେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ରବିବାର ପ୍ରଦୀପ କିଡନୀଜନିତ ରୋଗରେ ଗୁରୁତର ହୋଇ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ହେଲେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ଉଭୟଙ୍କ ମୃତଦେହ ମାଧପୁର ଗ୍ରାମରେ ରବିବାର ଅପରାହ୍ନରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ଉଭୟଙ୍କ ମୃତଦେହ ଦାହ କରାଯାଇଥିଲା। ସ୍ଥାନୀୟ ସରପଞ୍ଚଙ୍କ ସୂଚନା ଅନୁଯାୟୀ ୨ ଜଣ ପିଲାଦିନୁ ଭଲ ବନ୍ଧୁ ଥିଲେ। ଏକାଠି ଖାଇବା,ଖେଳକୁଦ କରିବାକୁ ଭଲ ପାଉଥିଲେ। ହେଲେ ରବିବାର ବନ୍ଧୁତ୍ୱ ଦିବସରେ ଏକାଠି ଆରପାରିକୁ ଚାଲିଗଲେ।

# କରବର ପଞ୍ଚାୟତରେ ପହଞ୍ଚିଲେ ଡାକ୍ତରୀ ଟିମ୍

ଭାପୁର,୭।୮ (ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ କରବର ପଞ୍ଚାୟତରେ ଶନିବାର ଜଣେ ଚାଷୀ ଝାଡ଼ା ଓ ଜ୍ୱରରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ଗ୍ରାମରେ ଶତାଧିକ ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ ହୋଇଥିବା ଧରିତ୍ରୀରେ ରବିବାର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଉକ୍ତ ପଞ୍ଚାୟତରେ ପହଞ୍ଚି ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ସମିତି ସଭ୍ୟ ତପନ କୁମାର ମହାପାତ୍ର ଏ ସଂକ୍ରାନ୍ତରେ କହିଛନ୍ତି, ରବିବାର ସକାଳେ ଡାକ୍ତର ପ୍ରଦୀପ୍ତ କୁମାର ପାଇକରାୟ, ଡାକ୍ତର ପୂର୍ଣ୍ଣବାସୀ ଦାସ, ସୁପରଭାଇଜର ନାରାୟଣ ଶୁକ୍ଲା ,ନିରକାର ସାହୁ ,ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ବିଶ୍ୱାଳ, ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀ ପ୍ରତି ଘରକୁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ। ଏହି ଅବସରରେ ଏହି ଟିମ୍ ଲୋକଙ୍କ କୋଭିଡ୍ ଟେଷ୍ଟ କରିଥିଲେ।


କରବର ପଞ୍ଚାୟତରେ ପହଞ୍ଚିଥିବା ଡାକ୍ତରୀ ଟିମ୍।

# ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ

**ନୂଆଗଡ଼,୭।୮:** ନୂଆଗଡ଼ ବ୍ଲକ୍ ସଦମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି କିଶୋର ଗୌଡ଼ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମର ସରସଂଘ ପ୍ରମୁଖ ଯାଦବ ଦଳାଇ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଓ ପୁରୀ ଜିଲା ବଜରଙ୍ଗ ଦଳ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ କାର୍ଜୀ, ପରିଷଦ ସାଧାରଣ ସମ୍ପାଦକ ନାରାୟଣ ରଇତ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମନୋଜ ପାଇକ ପରିଚାଳନା କରିଥିବା ବେଳେ ଆର୍‌ଏସଏସ କାର୍ଯ୍ୟବାହ ରବୀନ୍ଦ୍ରନାଥ ପାଇକ, ବନବାସୀ କଲ୍ୟାଣ ଆଶ୍ରମର ଜିଲା ସଭାପତି ଭୀମ ବଡ ରଇତ, ବଜରଙ୍ଗ ଦଳର ଶିବା ଗୌଡ଼, ଆଖଣ୍ଡଳ ଗୌଡ଼, ପଞ୍ଚାନନ ବେହର୍ଦ୍ଦଳାଇ, ରିଙ୍କୁ ପଣ୍ଡା, ପ୍ରତାପ ଚନ୍ଦ୍ର କାର୍ଜି ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀ ନିଖୋଜ: କେନାଲ ହୁଡ଼ାରୁ ମିଳିଲା ଚପଲ, ଗାମୁଛା

ବୁଗୁଡ଼ା,୭।୮ (ଡି.ଏନ୍.ଏ.)

ବୁଗୁଡ଼ା ଥାନା ଭାମଶିଆଳି ଗାଁ ତେଲେଙ୍ଗା ସାହିର ସନ୍ତୋଷ ରାଉତ ଶନିବାର ସକାଳେ ବିଲକୁ କାମ କରିବାକୁ ଯାଇ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘର ଲୋକେ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇନଥିଲେ। ରବିବାର ସକାଳେ ଗାଁ କେନାଲ ହୁଡ଼ାରେ ସନ୍ତୋଷଙ୍କ ଚପଲ ଓ ଗାମୁଛା ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ କେନାଲକୁ ଶୌଚ ପାଇଁ ଯାଇଥିବା ବେଳେ ସନ୍ତୋଷ ଭାସିଯାଇଥିବା ସନ୍ଦେହ କରି ତାଙ୍କର ସ୍ତ୍ରୀ ଶାନ୍ତି ରାଉତ ବୁଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଓ ଦମକଳବାହିନୀ ପହଞ୍ଚି କେନାଲରେ ଖୋଜିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିପାରିନାହିଁ। ସୋମବାର ପୁଣି ଖୋଜାଖୋଜି ଜାରି ରହିବ ବୋଲି ଥାନା ଆଇଆଇସି ଚିତରଞ୍ଜନ ବେହେରା କହିଛନ୍ତି।

# ପ୍ରଶାସନ ପକ୍ଷରୁ ଦୁଇଟି ଏତଲା, ଜଣେ ଅଟକ

ପାତ୍ରପୁର, ୭।୮ (ଡି.ଏନ.ଏ.)

**ତହସିଲଦାରଙ୍କୁ ମାଡ଼ ଘଟଣା**

ଜରଡ଼ା ଥାନା ଇଲାକା ବୁଢ଼ିଘାଟୀ ଗ୍ରାମରେ ଶନିବାର ନକଲି ମଦ ଧରପଗଡ ବେଳେ ଶତାଧିକ ଆଦିବାସୀ ପାତ୍ରପୁର ତହସିଲଦାର ଅମିତ କୁମାର ନାୟକଙ୍କ ସମେତ ଅବକାରୀ ବିଭାଗ, ପୋଲିସ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ୧୨ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ୨ଟି ମାମଲା ନଂ ୨୩୧, ୨୩୨/୨୨ ରୁଜୁ କରାଯାଇଛି। ପୋଲିସ ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି।

# ଜିଲାସ୍ତରୀୟ ବକ୍ତୃତା, କୁଇଜ୍ ପ୍ରତିଯୋଗିତା

ଛତ୍ରପୁର,୭।୮ (ଡି.ଏନ୍.ଏ.)

ଆଜାଦୀ କି ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରବିବାର ଅନୁଷ୍ଠିତ କନିଷ୍ଠବର୍ଗ ବକ୍ତୃତା ପ୍ରତିଯୋଗିତାରେ ଲିପ୍‌ସାରାଣୀ ଗୌଡ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରଯୁକ୍ତାରାଣୀ ମହାନ୍ତି, ସରକାରୀ ବିଜ୍ଞାନ ଜୁନିୟର କଲେଜ ଓ ସୌମିତ୍ ମହାନ୍ତି ଅନସ୍ଲୋ ଶିକ୍ଷାନୁଷ୍ଠାନ ଦ୍ୱିତୀୟ ସ୍ଥାନ ଏବଂ ବିଷ୍ଣୁ ପ୍ରସାଦ ଶତପଥୀ, କାରମେଲ ସିନିୟର ସେକେଣ୍ଡାରୀ ସ୍କୁଲ ଓ ଅନୁଶ୍ରୀ ସାହୁ, ସରସ୍ୱତୀ ଶିଶୁ ମନ୍ଦିର ଛତ୍ରପୁର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବରିଷ୍ଠ ବର୍ଗ ବକ୍ତୃତା ପ୍ରତିଯୋଗିତାରେ ସୋନାଲିକା ପଟ୍ଟନାୟକ, ଛତ୍ରପୁର ମହିଳା ଡିଗ୍ରୀ କଲେଜ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆର୍. ଧବଳେଶ୍ୱର ରେଡ୍ଡୀ, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । କନିଷ୍ଠ ବର୍ଗ କୁଇଜ ପ୍ରତିଯୋଗିତାରେ ସାହିସ୍ତା ଖାତୁନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ, ଆଦର୍ଶ ନାୟକ କାର୍ମେଲ ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଲୀସା ନାୟକ ଛତ୍ରପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବରିଷ୍ଠ ବର୍ଗ କୁଇଜ ପ୍ରତିଯୋଗିତାରେ ସନ୍ତୋଷ କୁମାର ବେହେରା ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୋନାଲିକା ପଟ୍ଟନାୟକ ଛତ୍ରପୁର ମହିଳା ମହାବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନାରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ଅଶୋକ କୁମାର ଚୌଧୁରୀ, ଅରୁଣ ଶତପଥୀ, ରାମକୃଷ୍ଣ ସାହୁ ଓ କୁଇଜ ପ୍ରତିଯୋଗିତାର ବିଚାରକ ଭାବେ କୁଇଜ ମାଷ୍ଟର ରାମକୃଷ୍ଣ ପଣ୍ଡା ସହଯୋଗ କରିଥିଲେ । ପ୍ରତିଯୋଗିତା ଆୟୋଜନରେ ଶ୍ୟାମଘନ ପାତ୍ର, ଏମ. ଶ୍ରାବନ୍ତୀ, ରବି ନାରାୟଣ ରାଉତରାୟ, ରାଜାକ ହୋସେନ, ଭାଗ୍ୟଲକ୍ଷ୍ମୀ ପାତ୍ର, କିରଣ କୁମାର ପଲେଇ, ରାମମୂର୍ତ୍ତୀ ଆଚାରୀ, ପଦ୍ମ ଚରଣ ନାୟକ ସହଯୋଗ କରିଥିଲେ।


ପ୍ରତିଯୋଗିତାରେ ଉପସ୍ଥିତ ବିଚାରକ ।

# ମନ୍ଦିର ଲାଗି ଶୋଭାଯାତ୍ରାରେ ଆସିଲେ ବିଗ୍ରହ

ପୁରୁଷୋତ୍ତମପୁର,୭।୮ (ଡି.ଏନ.ଏ.)

ପୁରୁଷୋତ୍ତମପୁର ସହରର ରଥସାହିରେ ଅବହେଳିତ ଅବସ୍ଥାରେ ପଡିରହିଥିବା ସର୍ବ ପୁରାତନ ଜଗନ୍ନାଥ ମନ୍ଦିରର ବିକାଶ କରାଯାଉଛି। ମନ୍ଦିର ବିକାଶ ଲାଗି ଗଠିତ ଉନ୍ନୟନ ପରିଷଦ ପକ୍ଷରୁ ନିର୍ମାଣାଧୀନ ସିଂହଦ୍ୱାର ଓ କାଶୀ ବିଶ୍ୱନାଥ ମନ୍ଦିରର ପାର୍ଶ୍ୱ ଦେବତାଙ୍କ ବିଗ୍ରହ ମୂର୍ତ୍ତି ସହ ଶିବଲିଙ୍ଗ ରବିବାର ପହଞ୍ଚିଛି। ବିଗ୍ରହ ସହରରେ ପହଞ୍ଚିବା ଖବରପାଇ ରଥସାହି ବାସିନ୍ଦାଙ୍କ ସମେତ ସହରର ବହୁ ଭକ୍ତ ନିକଟସ୍ଥ କୁମାରୀ ଛକ ନିକଟରେ ପହଞ୍ଚି ବିଭିନ୍ନ ବାଦ୍ୟବାଜଣାରେ ଶୋଭାଯାତ୍ରାରେ ସହର ପରିକ୍ରମା କରି ମନ୍ଦିର ପରିସରକୁ ଆଣିଥିଲେ। ଯାହାକି ଏଠାରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏହି ବିଗ୍ରହ ମୂର୍ତ୍ତି ଙ୍କୁ ଦେଖିବା ଲାଗି ପ୍ରବଳ ଭିଡ ଜମିଛି। ଏହି ଉନ୍ନୟନମୂଳକ କାର୍ଯ୍ୟକୁ ମନ୍ଦିର ଉନ୍ନୟନ ପରିଷଦର ସଭାପତି ସୁରେଶଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସୀମାଞ୍ଚଳ ମିଶ୍ର, କୈଳାସ ଚନ୍ଦ୍ର ସାମଲ, ଦୂର୍ଗା ଚରଣ ଦାଶ, ମୁନା ପାତ୍ର, ଶିଶିର ପଣ୍ଡା, ନିରଞ୍ଜନ ମହାପାତ୍ର, ରମାକାନ୍ତ ଦାଶ, ରଘୁନାଥ ଦାଶ, ଟୁନା ମହାପାତ୍ର, ବଳରାମ ପାଢୀ, ଅଜୟ କୁମାର ପଣ୍ଡାଙ୍କ ସମେତ ମନ୍ଦିର ସେବାୟତ, ରଥସାହି ଓ ସହରର ସମସ୍ତ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ଶୋଭାଯାତ୍ରା ବିଗ୍ରହମାନଙ୍କୁ ଅଣାଯାଉଛି।


**ZILLA SWASTHYA SAMITI, ANGUL**
**O/o- CDM & PHO cum District Mission Director, Angul**
**TENDER CALL NOTICE FOR HIRING OF VEHICLES**

**No. 1350** **Date: 04.08.2022**

No.E-378:- Sealed tenders are invited from the Registered Agencies or Individuals for hiring of commercial light diesel/petrol vehicles with & without A/C towards engagement for **BPMU & RBSK-MHT** under **National Health Mission, Angul** and **Mobile Vision Centre** under **SUNETRA** on monthly basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website ie. **www.angul.nic.in**. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

**Sd./- CDM & PHO Cum District Mission Director, Angul**
OIPR-10174/11/0005/2223

**TENDER NOTICE FOR HIRING OF VEHICLES FOR OMECL**

No. CAD-1412: **Odisha Mineral Exploration Corporation Limited (OMECL), a State PSU** invites sealed tenders from different agencies / sole proprietors for providing Mahindra Bolero (A/C) on monthly hiring basis for movement in Mineral exploration block areas in different parts of Odisha like Kesinga, Bonai, Khandadhar, Barbil, Koraput vide OMECL NIT No.02/OMECL/2022-23 dtd. 06.08.2022. The details of the tender schedule, eligibility criteria, terms & Conditions and application process etc. are available in OMECL website, tender section **www.omecl.in**. The document can be downloaded by the interested bidders on or after 07.08.2022. There will be no manual sale of the tender paper.

**Sd./- General Manager, OMECL**
**OIPR-30024/11/0004/22223**

**OFFICE OF THE DIRECTOR**
**ACHARYA HARIHAR POST GRADUATE INSTITUTE OF CANCER, CUTTACK**

**No. 3477/AHPGIC, Cuttack** **Dated the 05.08.2022**
**E-31/2020-22**

No. E-377: As per recommendation of the Staff Selection Committee and after careful consideration, the advertisement No. AHRCC/E-09/2022 with regards to appointment to the post of Lab. Technician (Central Laboratory) stands cancelled with immediate effect.

OIPR-10171/11/0009/2223 **Sd./- Director**

**DIRECTORATE OF MINES, ODISHA, BHUBANESWAR**
**REQUEST FOR PROPOSAL (RFP)**

**No. 6811/DM** **Date: 06.08.2022**

No. G-28: The Director of Mines, Odisha invites response from eligible, reputed, qualified System Integrator (SI) for 'Installation, Commissioning & Maintenance of API Management Solution' for i3MS Application. The complete response to this RFP should be received in a sealed envelope on or before 29.08.2022 by 12 Noon. For details refer to our website **www.odishaminerals.gov.in**.

**Sd./- Director of Mines, Odisha**
**OIPR-30004/11/0022/2223**

**ADVERTISEMENT**

No. AA-06: Applications are invited from eligible candidates for appointment to the post of Director (Finance) in OHPC Ltd., a PSU functioning under Department of Energy, Govt. of Odisha. Last date of receipt of application is 30.09.2022. For further details please visit **https://energy.odisha.gov.in**.

**ବିଜ୍ଞାପନ**

ଶକ୍ତି ବିଭାଗ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା OHPC Ltd.ରେ DIRECTOR (FINANCE) ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଦରଖାସ୍ତ ଆହ୍ୱାନର ଶେଷ ତାରିଖ ତା୩୦।୦୯।୨୦୨୨ରିଖ ଅଟେ। ସବିଶେଷ ବିବରଣୀ **https://energy.odisha.gov.in**ରୁ ପ୍ରାପ୍ତ କରାଯାଇପାରେ।

**OIPR-04001/11/0002/2223**

**OFFICE OF THE CDM & PHO cum DISTRICT MISSION DIRECTOR**
**DISTRICT PROGRAMME MANAGEMENT & SUPPORT UNIT, NHM**
**HEALTH & FAMILY WELFARE DEPARTMENT, GOVT. OF ODISHA**
**MALKANGIRI, ODISHA, 764045**

**E-MAIL: cdmomkg@gmail.com** **Phone: 06861-231543**
**Letter No.: 7163** **Dated: 04.08.2022**

**IN HOUSE RECRUITMENT UNDER NHM, MALKANGIRI**

No. E-381:- Applications are invited for the following positions from In-House contractual employees of NHM working in the same post under OSH&FW Society in other districts desiring to be posted in Malkangiri District. The Post are **AYUSH MO (MHT) RBSK, AYUSH MO (MHU), AYUSH MO (Collocated Unit-PHC/ CHC), Block Accounts Manager, Pharmacist cum Logistic Assistant, Psychiatric Nurse under-NMHP, Ophthalmic Assistant & Junior Engineer**. Interested in-house candidates are requested to apply in the prescribed format with NOC and certificate for last uninterrupted service in the same post under the society from the concerned CDM&PHO-cum-DMD. The application format and other details are available in the website www.malkangiri.nic.in. The application should reach to the Chief District Medical & Public Health Officer, Malkangiri (Near-Old DHH, DNK, Malkangiri-764048) by Regd Post/ Speed Post/ Courier Service to the undersigned latest by 20.08.2022, 05.00 PM. The authority reserves the right of accepting/ rejecting any application and modifies/cancel the advertisement without assigning any reason thereof.

OIPR-10086/11/0003/2223 **Sd./- CDM&PHO, MALKANGIRI**

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
No. CAD-1409
OMC ODISHA NEW OPPORTUNITIES

**E-Procurement Notice**
**NIT No. OMC/E-PROC/CMC/78/2022 Dated: 06.08.2022**

| | | |
|---|---|---|
| 1 | Name of Work | Rendering of Security Services (through e-tendering) |
| 2 | Availability of tender documents on the e- tendering portal of Government of Odisha | Date: 08-Aug-2022; Time: 06.00 P.M. |
| 3 | Last date for sending queries to OMC | Date: 19-Aug-2022; Time: 05.00 P.M.; queries may be sent by email to **cmc@odishamining.in** |
| 4 | Pre-Bid meeting | Date: 23-Aug-2022; Time:3.30 P.M. Venue: Videoconferencing |
| 5 | Issue of responses to pre-bid queries, addendum/ corrigendum, if required | Date: 25-Aug-2022 |
| 6 | Bid Due Date | Date: 07-Sep-2022; Time: 05:00 P.M. |
| 7 | Opening of Techno-Commercial Bid | Date: 07-Sep-2022; Time: 05:30 P.M. |
| 8 | Opening of Price Bid | To be informed to the Technically Qualified Bidders |
| 9 | Tender Document Cost (non-refundable) including GST | Amount: INR 1,18,000 (Rupees One Lakh and eighteen thousand only) including GST @18% Payable online on the e-tender portal of Government of Odisha **(www.tendersodisha.gov.in)** |
| 10 | Earnest Money Deposit (EMD) | Amount: INR 52,50,000 (Rupees Fifty Two Lakhs Fifty thousand only) Payable online on the e-tender portal of Government of Odisha **(www.tendersodisha.gov.in)** or by the way of Bank Guarantee as per Annexure-12 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC **(www.omcltd.in)**. OMC reserves the right to reject any or all bids without assigning any reason thereof.

**OIPR-30005/11/0097/2223** **Advisor (C&P)**

**DIRECTORATE OF GEOLOGY (O), BHUBANESWAR**
**DEPARTMENT OF STEEL & MINES**
**GOVERNMENT OF ODISHA**
**TENDER NOTICE**

**File No. GIII(K) 1/2022/4718/DG** **Dated: 05.08.2022**

No. G-27: Bids in sealed cover are invited under two-bid system from reputed and experienced manpower service providers having valid GSTN for providing the services of four (4) Drivers & one (1) mechanic for a period of one year on contract basis to carry out driving the Govt. vehicles and repairing of fuel pumps, engines, hydraulics for drilling purposes at different zonal offices/fields under Directorate of Geology, Odisha, Bhubaneswar with maximum monthly consolidated remuneration of Rs.11,100/- (Driver) and Rs.12,500/- (Mechanic) for each excluding EPF, ESI and other taxes and charges as fixed vide Finance Department Circular No. 28090 dated 22.09.2017, Circular No. 11835 dated 31.03.2018 and No. 30722/F dated 06.11.2021.

The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1 | Date of availability of Tender Document in Govt. website | 10.08.2022 |
| 2 | Last date of submission of Bid | 29.08.2022 (05.30 P.M.) |
| 3 | Date of opening of Technical Bids | 30.08.2022 (11.30 A.M.) |
| 4 | Date of Opening of Financial Bids | 30.08.2022 (12.30 P.M.) |

Bidders are required to submit the technical and financial bids separately. The bids in sealed cover-I containing **"Technical Bid"** and sealed Cover-II containing **"Financial Bid"** should be placed in a third sealed cover super-scribed **"Bid document for Outsourcing of Four Drivers and One Mechanic"** must reach the undersigned on or before 29.08.2022 (05.30 P.M.) by Speed Post/Registered Post/Courier.

The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from website: **https://odishaminerals.gov.in**.

**Sd./- Director of Geology, Odisha**
**OIPR-30003/11/0010/2223**